




# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store







RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୧୪ Vol. 22 No-114 24 JULY 2025 THURSDAY, BHUBANESWAR ଗୁରୁବାର, ୨୪ ଜୁଲାଇ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ଦିଲ୍ଲୀରେ ଦଳୀୟ ସାଂସଦଙ୍କୁ ଭେଟିଲେ ମନମୋହନ

ନୂଆଦିଲ୍ଲୀ, ୨୩।୭: ନୂଆଦିଲ୍ଲୀ ଗସ୍ତରେ ଯାଇଥିବା ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଦଳୀୟ ସାଂସଦଙ୍କୁ ଭେଟି ଆଲୋଚନା କରିଛନ୍ତି। ମଙ୍ଗଳବାର ରାତିରେ ଜଣେ ସାଂସଦଙ୍କ ବାସଭବନରେ ଏହି ଭେଟଘାଟ୍ ହୋଇଥିଲା। ଏଥିରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଉଭୟ ଲୋକସଭା ଓ ରାଜ୍ୟସଭାର ୧୮ ସାଂସଦ ଏଥିରେ ଯୋଗ ଦେଇଥିଲେ। ଆଲୋଚନା ସମୟରେ ରାଜ୍ୟ ପ୍ରଭାରୀ ଓ ସଂଗଠନ ସଂପାଦକ ମଧ୍ୟ ଉପସ୍ଥିତ ଥିଲେ।

### ୩ ଜିଲ୍ଲାରେ ଝାଡ଼ାବାନ୍ତି ସ୍ଥିତି ସଙ୍ଗୀନ

ଭୁବନେଶ୍ୱର, ୨୩।୭ (ଭାସ୍କର ନ୍ୟୁଜ): ରାଜ୍ୟର ମୟୂରଭଞ୍ଜ, ଗଞ୍ଜାମ ଓ ନୂଆପଡ଼ାରେ ଝାଡ଼ାବାନ୍ତି ସ୍ଥିତି ସଙ୍ଗୀନ ହୋଇଛି। ମୟୂରଭଞ୍ଜ ଠାକୁରମୁଣ୍ଡା ବ୍ଲକ ପତ୍ରପୋଡ଼ା ଆଶ୍ରମ ସ୍କୁଲର ୩୬ଜଣ ଛାତ୍ରଛାତ୍ରୀ ଆକ୍ରାନ୍ତ ହୋଇଥିବାବେଳେ ଗଞ୍ଜାମ ସାନଖେମୁଣ୍ଡିରେ ୩ଜଣଙ୍କର ମୃତ୍ୟୁ ହୋଇଛି। ସେହିପରି ନୂଆପଡ଼ା ନଙ୍ଗଲବୋର୍ଡରେ ୩ଦିନ ଧରି ଝାଡ଼ାବାନ୍ତି ବ୍ୟାପିଥିବା ସୂଚନା ଦିଆଯାଇଛି।

### ପାହାଡ଼ ଉପରେ ଫସିଲେ ପର୍ଯ୍ୟଟକ

ପଦ୍ମପୁର, ୨୩।୭(ଭାସ୍କର ନ୍ୟୁଜ): ଛତିଶଗଡ଼ରୁ ଆସିଥିବା ୧୭ଜଣ ପର୍ଯ୍ୟଟକ ପ୍ରବଳ ବର୍ଷା ଯୋଗୁ ରାସ୍ତା ଭୁଲି ଏକ ପାହାଡ଼ ଉପରେ ଫସିଥିବା ସୂଚନା ମିଳିଛି। ନୃସିଂହନାଥଙ୍କଠାରୁ ୫ କିଲୋମିଟର ଦୂର କପିଳଧାର ଜଳପ୍ରପାତ ନିକଟ ପାହାଡ଼ରେ ଫସିଥିବାବେଳେ ସେମାନଙ୍କୁ ଉଦ୍ଧାର କରିବା ପାଇଁ ଡିଭିଏଫ, ପୋଲିସ, ଅଗ୍ନିଶମବାହିନୀ ଓ ବନବିଭାଗ କର୍ମଚାରୀମାନେ ଘଟଣାସ୍ଥଳକୁ ଯାଇଛନ୍ତି।

ସେନ୍‌ସେକ୍ସ: ୮୨,୭୨୬.୬୪
ସର୍ବାଧିକ: ୩୩ ଡିଗ୍ରୀ
ସର୍ବନିମ୍ନ: ୨୭ ଡିଗ୍ରୀ

**୨୩।୭।୨୦୨୫ ର ମତାମତ**

ଏଫଏମ୍ କଲେଜ ଘଟଣାରେ କ୍ରାଇମବ୍ରାଞ୍ଚ ତଦନ୍ତ ଉପରେ ଭରସା ରଖିବା ଉଚିତ୍ ନୁହେଁ କି?




**ଆଜିର ପ୍ରସଙ୍ଗ**

ରାଜ୍ୟରେ ବଢି ଚାଲିଥିବା ଦୁଷ୍କର୍ମ, ଗଣଦୁଷ୍କର୍ମରେ ରୋକ୍ ଲାଗି ପାରିବ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ତୀର୍ଯ୍ୟକ

### ଅର୍ଚ୍ଚିତ ଅନିର୍ବାଣ



ଦିଲ୍ଲୀ ଯାଇଛନ୍ତି ଶ୍ରୀ ମନମୋହନ
ଆଣିବେ ସେଠାରୁ ଲଡୁ,
କିମିତିକା ଲଡୁ ଆଣିବେ ବୋଲିକି
ମନ ଏଠି ଗୁଡୁବୁଡୁ !
ଡେଙ୍ଗା, ପତଳା, ଗେଡୁ
ସବୁ ପରକାର କର୍ମୀ ଭାବୁଛନ୍ତି
ଆମ ଭାଗ୍ୟେ କିଛି ପଡୁ !!

## ରାଜ୍ୟପାଳଙ୍କ ନୂଆ ଫଣ୍ଡା

# କମିବ ସରକାର- ଲୋକଙ୍କ ଭିତରେ ଦୂରତା



- ପ୍ରତିମାସରେ ବିଭିନ୍ନ ମନ୍ତ୍ରୀଙ୍କୁ ଭେଟିବେ
- ବିଭାଗୀୟ କାର୍ଯ୍ୟର କରିବେ ସମୀକ୍ଷା
- ପ୍ରତିମାସରେ ମୁଖ୍ୟମନ୍ତ୍ରୀ ଭେଟି ଜଣାଇବେ ସ୍ଥିତି
- ବିରୋଧୀଦଳ ନେତା, ବିଧାୟକଙ୍କୁ ବି ଭେଟିବେ
- ବିକାଶ ନେଇ କେନ୍ଦ୍ରକୁ ଯିବ ରିପୋର୍ଟ

ଭୁବନେଶ୍ୱର, ୨୩।୭(ଭାସ୍କର ନ୍ୟୁଜ): କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସଂପର୍କରେ ଓଡ଼ିଶାର ଜନସାଧାରଣ ସଂପୂର୍ଣ୍ଣ ଅଜ୍ଞ। ଏପରିକି ସରକାରୀ ଅଧିକାରୀମାନେ ମଧ୍ୟ ଯୋଜନା ସଂପର୍କରେ ଅବଗତ ନୁହନ୍ତି। ତେଣୁ କେନ୍ଦ୍ରୀୟ ଯୋଜନାଗୁଡ଼ିକ କାର୍ଯ୍ୟକାରୀ ହେବାରେ ବହୁ ପ୍ରତିବନ୍ଧକ ଦେଖାଦେଉଛି। ତେଣୁ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ ପାଟି ଏ କ୍ଷେତ୍ରରେ ଏକ ନୂଆ ତରିକା ଆପଣାଇଥିବା ଦେଖିବାକୁ ମିଳିଛି। ସମସ୍ତ ପ୍ରୋଟକଲ ଭାଙ୍ଗି ରାଜ୍ୟପାଳ ନିଜେ ମନ୍ତ୍ରୀମାନଙ୍କୁ ଭେଟି ବିଭାଗୀୟ କାର୍ଯ୍ୟର ସମୀକ୍ଷା କରିବା ଘଟଣାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଗତ ସୋମବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜଭବନ ଯାଇ ରାଜ୍ୟପାଳଙ୍କୁ ଭେଟିବା ସହ ରାଜ୍ୟର ବର୍ତ୍ତମାନର ସ୍ଥିତି, ବିକାଶକାର୍ଯ୍ୟର ଅଗ୍ରଗତି ଏବଂ ରୋଡ ମ୍ୟାପ ନେଇ ଅବଗତ କରାଇଥିଲେ। ଉଭୟଙ୍କ ମଧ୍ୟରେ ପ୍ରାୟ ଦୀର୍ଘ ୧ ଘଣ୍ଟା ଧରି ରାଜ୍ୟର ବିକାଶ ଉପରେ ଆଲୋଚନା କରାଯାଇଥିଲା। ତେବେ ମୁଖ୍ୟମନ୍ତ୍ରୀ ଫେରିବାର କିଛି ସମୟ ମଧ୍ୟରେ ରାଜ୍ୟପାଳ ନିଜେ ପୂର୍ତ୍ତ ଓ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଭେଟି ବିକାଶମୂଳକ କାର୍ଯ୍ୟ ତଥା ବିଭାଗୀୟ କାର୍ଯ୍ୟର ଅଗ୍ରଗତି ନେଇ ପଚାରି ବୁଝିଥିଲେ। ସେହିପରି ମଙ୍ଗଳବାର ଦିନ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ମଧ୍ୟ ରାଜଭବନ ଯାଇ ରାଜ୍ୟପାଳଙ୍କୁ ଭେଟିବା ସହ ତାଙ୍କ ବିଭାଗର କାର୍ଯ୍ୟ ସଂପର୍କରେ ଅବଗତ କରାଇଥିଲେ। ନିଜେ ରାଜ୍ୟପାଳ ଏଣିକି ପ୍ରତିମାସରେ ସବୁ ମନ୍ତ୍ରୀଙ୍କୁ ଭେଟି ସେମାନଙ୍କ ବିଭାଗୀୟ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରିବେ। ରାଜ୍ୟପାଳ ଆଶା କରୁଛନ୍ତି ଯେ ଏପରି କରାଗଲେ ସରକାର ଓ ଜନସାଧାରଣଙ୍କ ମଧ୍ୟରେ ଦୂରତା ହ୍ରାସ ସହ ଉତ୍ତମ ସମନ୍ୱୟ ରହିପାରିବ। ଏଣିକି ପ୍ରତିମାସରେ ମୁଖ୍ୟମନ୍ତ୍ରୀ ରାଜ୍ୟପାଳଙ୍କୁ ଭେଟି ରାଜ୍ୟର ସ୍ଥିତି ଓ ବିକାଶର ଚିତ୍ର ନେଇ ଅବଗତ କରାଇବେ। ଏଥିପୂର୍ବରୁ ରାଜ୍ୟପାଳ ନିଜେ ବିଭିନ୍ନ ଜିଲ୍ଲା ଗସ୍ତ କରି ଲୋକଙ୍କ ସମସ୍ୟା ବୁଝିବା ସହ ସେମାନଙ୍କ ସୁଖ ଦୁଃଖରେ ସାମିଲ ହୋଇଛନ୍ତି। ନିକଟରେ ରାଜଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସେ କ୍ଷୋଭ ପ୍ରକାଶ କରି କହିଥିଲେ ଯେ ରାଜ୍ୟର ସାଧାରଣ ଲୋକଙ୍କ କଥା ଛାଡନ୍ତୁ, ଏପରିକି ଅଧିକାରୀମାନେ କେନ୍ଦ୍ର ଯୋଜନା ସଂପର୍କରେ ଅବଗତ ନୁହନ୍ତି। ତେଣୁ ଏହିସବୁ ଯୋଜନା କିପରି ଲୋକଙ୍କ ନିକଟରେ ପହଞ୍ଚିପାରିବ ଏବଂ ସରକାର ଓ ଜନସାଧାରଣଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ସ୍ଥାପନ କରାଯାଇପାରିବ ସେ ନେଇ ରାଜ୍ୟପାଳ ଏଭଳି ଯୋଜନା କରିଥିବା ରାଜନୈତିକ ପର୍ଯ୍ୟବେକ୍ଷକ ଆକଳନ କରୁଛନ୍ତି। ଏପରିକି ରାଜ୍ୟପାଳ • ପୃଷ୍ଠା ୫ ଦେଖନ୍ତୁ

## ୩ ଧର୍ମପୀଠ ବିକାଶ କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# ଏକାମ୍ର କ୍ଷେତ୍ର ଭାରତ ବର୍ଷର ପ୍ରାଚୀନ ଶୈବପୀଠ



- ଘଟଗାଁ ତାରିଣୀ ପୀଠ ପାଇଁ ୩୦୦ କୋଟିର ପ୍ରକଳ୍ପ
- ମା ବିରଜାଙ୍କ ପରିକ୍ରମା ପ୍ରକଳ୍ପର ଚତୁର୍ଥ ପର୍ଯ୍ୟାୟ ଆରମ୍ଭ
- ଆଧ୍ୟାତ୍ମିକ ପରିବେଶ ବଜାୟ ରଖିବାକୁ ପ୍ରୟାସ

ଭୁବନେଶ୍ୱର, ୨୩।୭ (ଭାସ୍କର ନ୍ୟୁଜ): ଏକାମ୍ର କ୍ଷେତ୍ର ହେଉଛି ଭାରତ ବର୍ଷର ଏକ ପ୍ରାଚୀନ ଶୈବପୀଠ। ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ମନ୍ଦିର ଚତୁଃପାର୍ଶ୍ୱରେ ଥିବା ଛୋଟବଡ଼ ମନ୍ଦିରଗୁଡ଼ିକର ସୌନ୍ଦର୍ଯ୍ୟକରଣ ପାଇଁ ସରକାର ଚିନ୍ତା କରୁଛନ୍ତି। ବୁଧବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘଟଗାଁର ମା ତାରିଣୀ ପୀଠ, ଯାଜପୁରର ମା ବିରଜା ମନ୍ଦିରର ପରିକ୍ରମା ପ୍ରକଳ୍ପ ଏବଂ ଏକାମ୍ର କ୍ଷେତ୍ର ବିକାଶ କାର୍ଯ୍ୟର ସମୀକ୍ଷା କରିବା ପରେ ଏହା କହିଛନ୍ତି। ସେ କହିଛନ୍ତି, ଘଟଗାଁ ମା ତାରିଣୀ ମନ୍ଦିରର ବିକାଶ କାର୍ଯ୍ୟ ୫୯ଏକର ପରିମିତ ଅଞ୍ଚଳରେ ୪ଟି ପର୍ଯ୍ୟାୟରେ କାର୍ଯ୍ୟକାରୀ କରାଯାଉଛି। ଏଥିପାଇଁ ୩୦୦ କୋଟି ଟଙ୍କାର ବ୍ୟୟ ଅଟକଳ ରହିଛି। ଅଢେଇବର୍ଷ ମଧ୍ୟରେ ଏହି ଉନ୍ନତି ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ସଂପୂର୍ଣ୍ଣ କରାଯିବାର ଲକ୍ଷ୍ୟ ରଖାଯାଇଛି। ଘଟଗାଁ ମା ତାରିଣୀ ପୀଠରେ ୨୦୦ ଶଯ୍ୟା ବିଶିଷ୍ଟ ଏକ • ପୃଷ୍ଠା ୫ ଦେଖନ୍ତୁ

## ■ ଉପରାଷ୍ଟ୍ରପତି ନିର୍ବାଚନ ■

# ପ୍ରକ୍ରିୟା ଆରମ୍ଭ କଲେ କମିଶନ




ନୂଆଦିଲ୍ଲୀ, ୨୩।୭: ଉପରାଷ୍ଟ୍ରପତି ପଦବୀରୁ ଜଗଦୀପ ଧନଖଡ଼ ଇସ୍ତଫା ଦେବାପରେ ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ତତ୍ପରତା ପ୍ରକାଶ ପାଇଛି। ୬୦ ଦିନ ଭିତରେ ଏହି ନିର୍ବାଚନ ହେବା ନେଇ ସମ୍ବିଧାନରେ ଉଲ୍ଲେଖ କରାଯାଇଥିବାବେଳେ ସମ୍ବିଧାନର ଅନୁଚ୍ଛେଦ ୬୮ ଅନୁଯାୟୀ ଖୁବ୍‌ଶୀଘ୍ର ନିର୍ବାଚନ କରିବା ନିମନ୍ତେ ନିର୍ବାଚନ କମିଶନ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଇଲେକ୍ଟୋରାଲ ରୋଲ ସମେତ ଗତ ଉପରାଷ୍ଟ୍ରପତି ନିର୍ବାଚନର ସମୀକ୍ଷା ନେଇ ମଧ୍ୟ ସ୍ଥିର ହୋଇଥିବା ସୂଚନା ଦିଆଯାଇଛି। ତେବେ ଉପରାଷ୍ଟ୍ରପତି କିଏ ହେବେ ସେ ନେଇ ନିର୍ଦ୍ଦିଷ୍ଟ ସୂଚନା ମିଳିନଥିଲେ ମଧ୍ୟ ୩ରୁ ୪ ନେତା ଏହି ଦୌଡ଼ରେ ଥିବା ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ପଦବୀରୁ ଇସ୍ତଫା ଦେବାପରେ ଧନଖଡ଼ ଉପରାଷ୍ଟ୍ରପତି ଭବନ ଖୁବ୍‌ଶୀଘ୍ର ଖାଲି କରିବେ ବୋଲି ସୂଚନା ଦେଇଛନ୍ତି। ସେ ତାଙ୍କ ନିଜ ସାମଗ୍ରୀ ପ୍ୟାକ୍ କରିବା ଆରମ୍ଭ କରିଛନ୍ତି। ୭୪ ବର୍ଷୀୟ ଧନଖଡ଼ ୨୦୨୨ ଅଗଷ୍ଟରୁ ଉପରାଷ୍ଟ୍ରପତି ଭାବେ ଦାୟିତ୍ୱ ନେଇଥିବାବେଳେ ତାଙ୍କ କାର୍ଯ୍ୟକାଳ ୨୦୨୭ ପର୍ଯ୍ୟନ୍ତ ରହିଥିଲା। ତେବେ ତାଙ୍କର ଅଚାନକ ଇସ୍ତଫା ରାଜନୈତିକ ମହଲରେ ଅନେକ ପ୍ରଶ୍ନ ସୃଷ୍ଟି କରିଛି। ଧନଖଡ଼ ତାଙ୍କ ଇସ୍ତଫାପତ୍ରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତି ସହଯୋଗ ଓ ସମର୍ଥନ ପାଇଁ କୃତଜ୍ଞତା ଜ୍ଞାପନ କରିଛନ୍ତି। ତେବେ ବିରୋଧୀ ଏହି ଇସ୍ତଫାକୁ ଅତ୍ୟନ୍ତ ଅପ୍ରତ୍ୟାଶିତ ବୋଲି ଉଲ୍ଲେଖ କରିଛନ୍ତି । ଏହାପଛରେ ସ୍ୱାସ୍ଥ୍ୟକାରଣ ବ୍ୟତୀତ ଅନ୍ୟ କିଛି କାରଣ ଥାଇପାରେ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। କଂଗ୍ରେସର ବରିଷ୍ଠ ନେତା ଜୟରାମ ରମେଶ କହିଛନ୍ତି ଯେ ଗତ ସୋମବାର ଧନଖଡ଼ ରାଜ୍ୟ ସଭାରେ ସଭାପତିତ୍ୱ କରୁଥିବାବେଳେ • ପୃଷ୍ଠା ୫ ଦେଖନ୍ତୁ

## ଏମ୍ସର ସୂଚନା

# ବଳଙ୍ଗା ପୀଡ଼ିତା ଗୁରୁତର



- ପୋଡ଼ି ଯାଇଥିବା ଅଂଶରେ ଅସ୍ତ୍ରୋପଚାର
- ଏବେ ବି ଅକ୍ସିଜେନ ସପୋର୍ଟରେ
- ସ୍ୱତନ୍ତ୍ର ଡାକ୍ତରୀଦଳ କରୁଛନ୍ତି ଚିକିତ୍ସା
- ୩ଜଣଙ୍କୁ ଉଠାଇନେଲା ପୋଲିସ
- ଏମ୍ସରେ ପୀଡ଼ିତାଙ୍କୁ ଭେଟିଲେ ଉପମୁଖ୍ୟମନ୍ତ୍ରୀ

ନିମାପଡ଼ା/ନୂଆଦିଲ୍ଲୀ, ୨୩।୭ (ବ୍ୟୁରୋ): ବହୁ ଚର୍ଚ୍ଚିତ ପୁରୀଜିଲ୍ଲା ବଳଙ୍ଗା ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ଏ ନେଇ ବୁଧବାର ଏମ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଏବେ ବି ପୀଡ଼ିତା ଅକ୍ସିଜେନ ସର୍ପୋଟରେ ରହିଛନ୍ତି। ବୁଧବାର ତାଙ୍କର ପୋଡ଼ି ଯାଇଥିବା ଅଂଶରେ ଅସ୍ତ୍ରୋପଚାର କରାଯାଇଛି। ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ତାଙ୍କର ଚିକିତ୍ସା କରୁଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏମ୍ସ ଯାଇ ପୀଡ଼ିତାଙ୍କୁ ଭେଟିବା ସହ ଡାକ୍ତରମାନଙ୍କ ସହିତ ଆଲୋଚନା କରିଛନ୍ତି। ଅନ୍ୟପକ୍ଷରେ ନିମାପଡ଼ା ନାବାଳିକା ପୋଡ଼ି ଘଟଣା ଦିନକୁ ଦିନ ଭିନ୍ନ ମୋଡ଼ ନେଉଥିବା ବେଳେ ପ୍ରତ୍ୟକ୍ଷଦର୍ଶୀ ଦୁଃଖୀଶ୍ୟାମ ସେନାପତିଙ୍କ ବୟାନକୁ ନେଇ ବିଭିନ୍ନ ସ୍ତରରେ • ପୃଷ୍ଠା ୫ ଦେଖନ୍ତୁ

### ସୌମ୍ୟାଶ୍ରୀ ଆତ୍ମାହୁତି ମାମଲା

## ୨ ସାକ୍ଷୀଙ୍କ ବୟାନ ରେକର୍ଡ

ବାଲେଶ୍ୱର, ୨୩।୭(ଭାସ୍କର ନ୍ୟୁଜ): ବହୁଚର୍ଚ୍ଚିତ ବାଲେଶ୍ୱର ଫକୀରମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ମାମଲାରେ କ୍ରାଇମବ୍ରାଞ୍ଚ ତା'ର ତଦନ୍ତ ଜାରି ରଖିଛି। ବୁଧବାର କ୍ରାଇମବ୍ରାଞ୍ଚ ଦୁଇଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରିଛି। ଜେଏମଏଫସିଙ୍କ ଅଦାଲତରେ ଭାରତୀୟ ନ୍ୟାୟସଂହିତାର ଧାରା ୧୮୩ ଅନୁଯାୟୀ ଏହି ବୟାନ ରେକର୍ଡ ହୋଇଛି। ତେବେ ଏହି ଦୁଇଜଣ କିଏ ସେ ନେଇ କିଛି ସ୍ପଷ୍ଟ ସୂଚନା ମିଳିପାରି ନାହିଁ। ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ବେଳେ ଏହି ଦୁଇଜଣ ଉପସ୍ଥିତ ଥିବା ନେଇ ସୂଚନା ଦିଆଯାଇଛି। ତେବେ କଲେଜ କର୍ତ୍ତୃପକ୍ଷ ହ୍ୱାଟ୍ସଆପ୍‌ରେ ଫଟୋ ସେୟାର କରି ଦୁଇଜଣଙ୍କ ପରିଚୟ ଖୋଜୁଥିବା ଜଣାପଡ଼ିଛି।

## ପାଣିପାଗ ବିଭାଗର ସୂଚନା

# ଆସୁଛି ପ୍ରବଳ ବର୍ଷା



ଭୁବନେଶ୍ୱର, ୨୩।୭ (ଭାସ୍କର ନ୍ୟୁଜ): ଉତ୍ତର ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଯାଉଛି ଏକ ଘୂର୍ଣ୍ଣିବଳୟ। ୨୪ ଘଣ୍ଟା ମଧ୍ୟରେ ଏହା ଲଘୁଚାପ କ୍ଷେତ୍ରରେ ପରିଣତ ହେବ। ଏହାର ପ୍ରଭାବରେ ସାରା ରାଜ୍ୟରେ ପ୍ରବଳ ବର୍ଷାର ସମ୍ଭାବନା ଥିବା ନେଇ ସୂଚନା ଦେଇଛନ୍ତି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି। ସେ କହିଛନ୍ତି, ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ବର୍ଷାର ପ୍ରଭାବ ଜାରି ରହିଛି। ଏହି ସମୟରେ ସମୁଦ୍ର ଅଶାନ୍ତ ରହିବାର ସମ୍ଭାବନା ଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ନଯିବା ପାଇଁ କୁହାଯାଇଛି। ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ ଓ କେନ୍ଦୁଝରକୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଥିବାବେଳେ ୧୪ ଜିଲ୍ଲାପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି। ୨୫ ତାରିଖରୁ ବର୍ଷାର ପରିମାଣ ବୃଦ୍ଧି • ପୃଷ୍ଠା ୫ ଦେଖନ୍ତୁ

## ଅପରେସନ ସିନ୍ଦୂରକୁ ନେଇ ସଂସଦ ଅଧିବେଶନ ସରଗରମ

# ୧୬ ଘଣ୍ଟିଆ ଡିବେଟ୍ ପାଇଁ ନିଷ୍ପତ୍ତି

ନୂଆଦିଲ୍ଲୀ, ୨୩।୭: ଅପରେସନ ସିନ୍ଦୂରକୁ ନେଇ ସଂସଦର ମୌସୁମୀ ଅଧିବେଶନ ବେଶ୍ ସରଗରମ ହୋଇଛି। ବିରୋଧୀ ଏହି ପ୍ରସଙ୍ଗରେ ସରକାରଙ୍କୁ ଘେରିବା ସହ ଏ ନେଇ ବିସ୍ତୃତ ଆଲୋଚନା କରିବାକୁ ଦାବିକରି ଆସୁଛନ୍ତି। ଗତ ସୋମବାରଠାରୁ ଆରମ୍ଭ ହୋଇଥିବା ଅଧିବେଶନରେ ଅପରେସନ ସିନ୍ଦୂର ତାତିକୁ ନେଇ ବାରମ୍ବାର ଗୃହ ମୁଲତବୀ ହୋଇଛି। ଏପରିକି ବିରୋଧୀଦଳ ପ୍ରବଳ ହଟ୍ଟଗୋଳ କରିଛନ୍ତି। ବିରୋଧୀଦଳ ନେତା ରାହୁଲ ଗାନ୍ଧୀ ଅଭିଯୋଗ କରିଛନ୍ତି ଯେ ଲୋକସଭାରେ ବିରୋଧୀଦଳ ସଦସ୍ୟଙ୍କୁ କହିବା ପାଇଁ ସୁଯୋଗ ଦିଆଯାଉନାହିଁ। ତେବେ ବୁଧବାର ଅପରେସନ ସିନ୍ଦୂରକୁ ନେଇ ବିଜିନେସ ଆଡଭାଇଜରି କମିଟି ଏକ ବଡ଼ ନିଷ୍ପତ୍ତି ନେଇଛି। ଅପରେସନ ସିନ୍ଦୂର ଉପରେ ସଂସଦରେ ୧୬ ଘଣ୍ଟିଆ ଡିବେଟ୍ କରାଯିବ। ଆସନ୍ତା ସପ୍ତାହରେ ଏହି ଡିବେଟ ହେବ ବୋଲି କମିଟି ସୂଚନା ଦେଇଛି। ଯେହେତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଦେଶ ଗସ୍ତରେ ଯାଉଛନ୍ତି, ତେଣୁ ଆସନ୍ତା ସପ୍ତାହ ପାଇଁ ଦିନଧାର୍ଯ୍ୟ କରାଯାଇଛି। ବିରୋଧୀ ପ୍ରଧାନମନ୍ତ୍ରୀଙ୍କଠାରୁ ଉତ୍ତର ଦାବି କରୁଥିବାରୁ ଏହି ଡିବେଟକୁ ଆସନ୍ତା ସପ୍ତାହକୁ ରଖାଯାଇଛି। ବିରୋଧୀଦଳର ଦାବିକୁ ସମ୍ମାନ ଦେଇ ସରକାର ସମୟ ଧାର୍ଯ୍ୟ କରିଛନ୍ତି। ସୂଚନାଯୋଗ୍ୟ ଯେ ଗତ ଏପ୍ରିଲ ୨୨ ତାରିଖରେ ଜାମ୍ମୁ କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କୀ ଆକ୍ରମଣରେ ୨୬ଜଣ ପର୍ଯ୍ୟଟକଙ୍କ



ମୃତ୍ୟୁ ହୋଇଥିଲା। ଏହାପରେ ଅପରେସନ ସିନ୍ଦୂର କାର୍ଯ୍ୟକାରୀ କରାଯାଇଥିଲା। ଏଥିରେ ପାକିସ୍ତାନରେ ଥିବା ବହୁ ଆତଙ୍କୀ ଆଡ୍ଡାକୁ ଧ୍ୱଂସ କରି ଦିଆଯାଇଥିଲା। ତେବେ ବିରୋଧୀ ଭାରତ ପକ୍ଷରୁ କରାଯାଇଥିବା କାର୍ଯ୍ୟାନୁଷ୍ଠାନ ନେଇ ଚର୍ଚ୍ଚା କରିବାକୁ ଦାବି କରିଥିଲେ। କଂଗ୍ରେସ ଏହି ପ୍ରସଙ୍ଗକୁ ନେଇ ସ୍ୱତନ୍ତ୍ର ଅଧିବେଶନ ଡାକିବା ପାଇଁ ମଧ୍ୟ ଦାବି ଉପସ୍ଥାପନ କରିଥିଲା। ତେଣୁ ପ୍ରଧାନମନ୍ତ୍ରୀ ଆଗାମୀ ସପ୍ତାହରେ ଏହା ଉପରେ ଆଲୋଚନା କରିବେ ବୋଲି ସୂଚନା ଦିଆଯାଇଛି। ପ୍ରଧାନମନ୍ତ୍ରୀ ଆସନ୍ତା ୨୯ ତାରିଖରେ ରାଜ୍ୟସଭାକୁ ସମ୍ବୋଧିତ କରିବେ। ଅପରେସନ ସିନ୍ଦୂର ଉପରେ ଲୋକସଭାରେ ୧୬ ଘଣ୍ଟା ଓ ରାଜ୍ୟସଭାରେ ୯ ଘଣ୍ଟା ଚର୍ଚ୍ଚା ନେଇ ନିଷ୍ପତ୍ତି ନିଆଯାଇଛି।

## ବଜ୍ରପାତରେ ୯ ମୃତ

ଭୁବନେଶ୍ୱର, ୨୩।୭(ଭାସ୍କର ନ୍ୟୁଜ): ବୁଧବାର ରାଜ୍ୟର ବିଭିନ୍ନ ସ୍ଥାନରେ ବଜ୍ରପାତ ଘଟି ୯ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୩ଜଣ ଆହତ ହୋଇଛନ୍ତି। ପ୍ରଥମ ଘଟଣାଟି ଡେଲାଙ୍ଗ କଅଁଳପଡ଼ାରେ ଘଟିଛି। ବିଲକୁ କାମ କରିବା ପାଇଁ ଯାଉଥିବାବେଳେ ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେହିପରି ଢେଙ୍କାନାଳ ସଦରଥାନା ମହୁଲପଡ଼ାରେ ଥିବା ପଥର ଖଣିରେ କାମ କରୁଥିବାବେଳେ ୨ ଶ୍ରମିକ ମୃତ୍ୟୁବରଣ କରିଥିବାବେଳେ ଦୁଇଜଣ ଗୁରୁତର ହୋଇଛନ୍ତି। କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ହଳଦିଆପଦାରେ ଜଣକର ମୃତ୍ୟୁ ହୋଇଥିବାବେଳେ ଜଣେ ଆହତ ହୋଇଥିବା ସୂଚନା ମିଳିଛି। ସେହିପରି କଟକ ଚୌଦ୍ୱାର ବ୍ରହ୍ମପୁର ପଞ୍ଚାୟତର କାଞ୍ଜିଆ ଗାଁରେ ବଜ୍ରପାତ ଘଟି ଜଣେ ମହିଳାଙ୍କର ମୃତ୍ୟୁ ହୋଇଛି। ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଖାରିଗୁଡ଼ାରେ ଗାଈ ଚରାଉଥିବାବେଳେ ବଜ୍ରପାତ ହେବାରୁ ଜଣକର ଜୀବନ ଯାଇଛି। ସେହିପରି ନୟାଗଡ଼ ଜିଲ୍ଲା ଶରଣକୁଳ ଥାନା ଶିଖରପୁର ଗାଁରେ ବଜ୍ରପାତରେ ଜଣକର ମୃତ୍ୟୁ ହୋଇଛି। ସେହିପରି ଅନୁଗୋଳ ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ରାଇଝରଣରେ ୨ଜଣଙ୍କର ମୃତ୍ୟୁ ହୋଇଛି।



ଫୁଲନଖରା, (ଭାସ୍କର ନ୍ୟୁଜ): ସିଡିଏ ସ୍ଥିତ ଏସ୍‌ଜିବିଏଲ୍ ମାର୍ଟରେ ଥିବା ପେଣ୍ଟାଓ୍ୱାନ୍ ହେଲଥକେୟାର ପକ୍ଷରୁ ଅତ୍ୟାଧୁନିକ ଏଆଇ ଫିଚର ବିଶିଷ୍ଟ ଅଲଟ୍ରାସାଉଣ୍ଡ ମେସିନ୍ ସାମ୍ସଙ୍ଗ ଭି-୮ ଉପଲବ୍ଧ ହୋଇଛି। ଏହି ମେସିନ୍‌ରେ ରୋଗ ନିରୂପଣ ଅତ୍ୟନ୍ତ ନିଖୁଣ ଭାବେ ହୋଇ ପାରିବା ସହ ସଠିକ୍ ଚିତ୍ର ଉତ୍ତୋଳନ ଓ ଇକୋ ସୁବିଧା ରହିଛି। ପେଣ୍ଟାଓ୍ୱାନ ହେଲଥ୍ ମାଧ୍ୟମରେ ଗୋଟିଏ ଛାତ ତଳେ ସମସ୍ତ କେୟାର ରୋଗ ପାଇଁ ପରୀକ୍ଷା ଓ ନିରୂପଣ ସୁଲଭ ମୂଲ୍ୟରେ ଅତ୍ୟାଧୁନିକ କୌଶଳରେ ଉପଲବ୍ଧ ହେଉଛି। ୨୦ବର୍ଷର ଅଭିଜ୍ଞତା ଥିବା ପାଥୋଲୋଜିଷ୍ଟ ଡାକ୍ତର ସୁନୀଲ ଅଗ୍ରୱାଲଙ୍କ ନେତୃତ୍ୱରେ ସମସ୍ତ ଅଭିଜ୍ଞ ଟେକ୍ନିସିଆନ୍‌ଙ୍କ ମାଧ୍ୟମରେ ରୋଗୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି। ଉତ୍ତମ ପରିବେଶ,ଆଡଭାନସ୍ଡ ମେସିନ୍ ମାଧ୍ୟମରେ ବଜାର ମୂଲ୍ୟରୁ ଯଥେଷ୍ଟ କମ୍‌ରେ ଉପଲବ୍ଧ ସ୍ୱାସ୍ଥ୍ୟସେବାର ଲାଭ ଉଠାଇବାକୁ ଏହାର ମୁଖ୍ୟ ପ୍ରମୋଟର ଅନିଲ ଗୁପ୍ତା ପ୍ରକାଶ କରିଛନ୍ତି। ଏହା ସହିତ ସଂସ୍ଥା ପକ୍ଷରୁ ବାର୍ଷିକ ମେମ୍ବରସିପ୍ କାର୍ଡ ଉପଲବ୍ଧ ହେଉଛି, ଯେଉଁଥିରେ ରୋଗୀମାନେ ୩୦% ପର୍ଯ୍ୟନ୍ତ ରିହାତି ପାଇପାରିବେ।

## ଘାଟିରେ ଓଲଟିଲା ଟ୍ରକ, ଅଳ୍ପକେ ବର୍ତ୍ତିଲେ ଚାଳକ

ଝରିଗାଁ, (ଭାସ୍କର ନ୍ୟୁଜ): ଝରିଗାଁ-ଚନ୍ଦାହାଣ୍ଡି ଘାଟିରେ ଭାରସାମ୍ୟ ହରାଇ ଏକ ଟ୍ରକ ଓଲଟି ପଡିଥିବା ବେଳେ ଚାଳକ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡିଛି। ସୂଚନା ପ୍ରକାରେ ଉମରକୋଟ ଠାରୁ ରାୟପୁର ଯାଉଥିବା ଏକ ଧାନ ବୋଝେଇ ଟ୍ରକ ଝରିଗାଁ ଦେଇ ଚନ୍ଦାହାଣ୍ଡି ଯାଉଥିବା ବେଳେ ପ୍ରାୟ ଆଜି ଦିନ ଏକ ଘଣ୍ଟା ସମୟରେ ଭାରସାମ୍ୟ ହରାଇ ଝରିଗାଁ-ଚନ୍ଦାହାଣ୍ଡି ଘାଟିର ରାସ୍ତା କଡ଼ରେ ଓଲିଟି ପଡିଥିଲା। ତେବେ ଗାଡ଼ିରେ ଜଣେ ଚାଳକ ସମେତ ଅନ୍ୟ ଦୁଇଜଣ ମଧ୍ୟ ଅଳ୍ପକେ ବର୍ତ୍ତି ଯାଇ ଥିବା ସୂଚନା ମିଳିଛି। ଖବର ପାଇ ଝରିଗାଁ ପୋଲିସ ପକ୍ଷରୁ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

## ଗାଳିପୋଲ ନିର୍ମାଣ ତ୍ରୁଟି ପାଇଁ ଦାବିପତ୍ର ପ୍ରଦାନ



ବ୍ୟାସନଗର, (ଭାସ୍କର ନ୍ୟୁଜ): ଯାଜପୁର ରୋଡ୍ କେନ୍ଦୁଝର ରେଳଷ୍ଟେସନ ନିକଟ ଗଳିପୋଲ ନିର୍ମାଣରେ ତ୍ରୁଟି ଯୋଗୁଁ ଗାଳିପୋଲରେ ଆଣ୍ଠୁଏ ଲେଖାଏଁ ପାଣି ଜମିଥିବାରୁ ଜନସାଧାରଣଙ୍କ ଯାତାୟାତରେ ବାଧାପ୍ରାପ୍ତ ହେଉଛନ୍ତି। ଏହି ଗାଳିପୋଲ ନିର୍ମାଣ ପାଇଁ ୫ କୋଟି ୧୬ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। କିନ୍ତୁ ରେଳବିଭାଗର ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁଁ ନିର୍ମାଣରେ ନିମ୍ନମାନର କାର୍ଯ୍ୟ କରାଯାଇଛି। ଫଳରେ ଗାଳିପୋଲ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଜନସାଧାରଣ। ଏହି ପୋଲ ନିର୍ମାଣ ତ୍ରୁଟି ପାଇଁ ଯାଜପୁର ରୋଡ୍ ଏଡିଏମ୍ ଏହି କାର୍ଯ୍ୟ ପାଇଁ ସମ୍ପୂର୍ଣ୍ଣ ଦାୟୀ। ଏନେଇ କୋରେଇ ସଂଗ୍ରାମ ସମିତିର ସଭାପତି ବିଦ୍ୟାଧର ମହାନ୍ତିଙ୍କ ନେତୃତ୍ୱରେ ସମ୍ପାଦକ ଅଭିମନ୍ୟୁ ମିଶ୍ର, କୋଷାଧ୍ୟକ୍ଷ ପ୍ରଦ୍ୟୁମ୍ନ ବୋଇତେଇ, ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ କୁମାର ପାତ୍ର, ଜିଲ୍ଲା ବଜରଙ୍ଗଦଳ ପୂର୍ବତନ ସଭାପତି ପ୍ରତାପ ନାୟକ ଓ ବିଦ୍ୟାଧର ମଲିକ ପ୍ରମୁଖ ମିଳିତ ଭାବେ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଦାବିପତ୍ର ରେଳ ବିଭାଗ ଆରପିଏଫ ଆରକ୍ଷୀ ଅଧିକାରୀ ଖିରବ କୁମାର ଭଞ୍ଜ ଓ ଷ୍ଟେସନ ମ୍ୟାନେଜରଙ୍କ ଜରିଆରେ ପୂର୍ବତଟ ପ୍ରବନ୍ଧକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ତେବେ ଏହି ଗଳିପୋଲ ନିର୍ମାଣ ତ୍ରୁଟିକୁ ଯଥାଶୀଘ୍ର ତଦନ୍ତ କରାଯାଇ ପୂର୍ଣ୍ଣ ନିର୍ମାଣ କରାଯିବାକୁ କୋରେଇ ସଂଗ୍ରାମ ସମିତି ଦାବି କରିଛି।

## ନାବାଳକ ପୁତୁରାକୁ ମାଡ଼ ଘଟଣା : ଦାଦା ଥାନାରେ ଅଟକ



କାଳିଆପାଣି, (ଭାସ୍କର ନ୍ୟୁଜ): ଯାଜପୁର ଜିଲ୍ଲା କାଳିଆପାଣି ଥାନା ଅନ୍ତର୍ଗତ କାଳିଆପାଣି ଗ୍ରାମରେ ମଙ୍ଗଳବାର ରାତି ୧୧ଟାରେ ବାପ ଛେଉଣ୍ଡ ନାବାଳକ ପୁତୁରାକୁ ନୃଶଂଶ ଭାବେ ଚପଲରେ ବାଡେଇବା ଘଟଣାର ଭିଡିଓ ସୋସିଆଲ ମିଡ଼ିଆରେ ଭାଇରାଲ ହେବା ପରେ ଯାଜପୁର ଶିଶୁ ସୁରକ୍ଷା ଅଧିକାରୀଙ୍କ ନିଦ ହଜିଯାଇ ଥିଲା। ବୁଧବାର ଦିନ ସକାଳେ କାଳିଆପାଣି ଥାନାରେ ପହଞ୍ଚି କେସ ଦେବା ପରେ କାଳିଆପାଣି ପୋଲିସ ଅଭିଯୁକ୍ତ ଦାଦାକୁ ଥାନାକୁ ଆଣି ଅଟକ ରଖିଥିବା ଜଣାପଡିଛି। ଘଟଣାରୁ ପ୍ରକାଶ କାଳିଆପାଣି ଗ୍ରାମର ଗୋପି ମହାରଣା ଭାଇ ଦେହାନ୍ତ ପରେ ଭାଇର ଦୁଇ ପୁଅ ଓ ଭାଉଜଙ୍କୁ ନିଜ ହେପାଜତରେ ରଖି ଦୁଇ ପୁତୁରାଙ୍କୁ ପାଠ ପଢ଼ାଇବା ସହ ଭରଣପୋଷଣ କରୁଥିଲେ। ବୁଧବାର ଦିନ ପୁତୁରା ନନ୍ଦ ମହାରଣା(୧୩) ୧୧ଟା ପର୍ଯ୍ୟନ୍ତ ଘରକୁ ନଆସିବାରୁ ଦାଦା ଗୋପି ଗ୍ରାମରେ ଖୋଜିବାରୁ ବାହାରେ ବୁଲୁଥିବା ଦେଖିବାକୁ ପାଇଲା ଏବଂ ଏତେ ରାତିରେ ବୁଲୁଛୁ କହି ଗ୍ରାମ ରାସ୍ତାରେ ଚପଲରେ ଅତି ନୃଶଂଶ ଭାବେ ବାଡେଇବାଡେଇ ଘରକୁ ଆଣୁଥିବା ବେଳେ ଜଣେ ଯୁବକ ପ୍ରତିରୋଧ କରିବା ସହିତ ଭିଡ଼ିଓ ଉତ୍ତୋଳନ କରିଥିଲା ଏବଂ ସୋସିଆଲ ମିଡ଼ିଆରେ ଭାଇରଲ ହୋଇଥିଲା। ଖବର ପାଇ ଜିଲ୍ଲା ଶିଶୁସୁରକ୍ଷା ଅଧିକାରି ନିରଞ୍ଜନ କର କାଳିଆପାଣି ଥାନାରେ ଏକ କେସ ଦେଇଥିଲେ। କାଳିଆପାଣି ପୋଲିସ ଅଭିଯୁକ୍ତ ଦାଦା ଗୋପିକୁ ଥାନାକୁ ଆଣି ଅଟକ ରଖିଥିବା ଜଣାପଡିଛି। ନନ୍ଦ ମହାରଣା ସ୍ୱରସ୍ୱତୀ ଶିଶୁ ମନ୍ଦିର କାଳରଙ୍ଗିଆରେ ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିବା ବେଳେ ବଡ଼ ଭାଇ କାଳିଆ(୧୭) ବର୍ଷ ଓ ମା ମିନତୀ ମହାରଣା ମାନସିକ ବିକୃତ ଥିବା ଜଣାପଡିଛି। ଅଭିଯୁକ୍ତ ଦାଦା ଗୋପିକୁ ଆସନ୍ତାକାଲି କୋର୍ଟ ଚାଲାଣ କରାଯିବ ବୋଲି ଥାନା ପକ୍ଷରୁ ସୂଚନା ମିଳିଛି। ବଡ଼ ଭାଇ କାଳିଆ କୌଣସି କାମଧନ୍ଦା କରୁ ନଥିବା ବେଳେ ମାଆ କେତେବେଳେ କେମିତି ବିଲ କାମ କିମ୍ବା ଜଙ୍ଗଲକୁ କାଠ ଆଣି ଚଳନ୍ତି।

## ହିଣ୍ଡାଲକୋ ତରଫରୁ ଡାକ୍ତରଙ୍କ ସେବା ଆରମ୍ଭ



ଭୁବନେଶ୍ୱର, (ଭାସ୍କର ନ୍ୟୁଜ): ହିଣ୍ଡାଲକୋ ହୀରାକୁଦ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ତରଫରୁ ହୀରାକୁଦ ଅଞ୍ଚଳର ସ୍ୱାସ୍ଥ୍ୟସେବା ପାଇଁ ଅନ୍ୟ ଏକ ପଦକ୍ଷେପ ସ୍ୱରୂପ ହୀରାକୁଦ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜନ ସାଧାରଣଙ୍କୁ ବିଶେଷଜ୍ଞ ଡାକ୍ତର ତଥା କର୍ଣ୍ଣ, ନାଶା, ଗଳା (ଇଏନଟି) ସେବା ପ୍ରଦାନ କରାଗଲା। ହିଣ୍ଡାଲକୋର (ଇଏନଟି) ବିଶେଷଜ୍ଞ ଡାକ୍ତର ପୂଜା ଶ୍ରୀବାସ୍ତବ ଏହି ସେବା ପ୍ରଦାନ କରିବେ। ଡାକ୍ତର ପୂଜା ସପ୍ତାହର ପ୍ରତେକ ବୁଧବାର ଦିନ ସକାଳ ୧୦ ଘଟିକାରୁ ଅପରାହ୍ନ ୧ ଘଣ୍ଟା ପର୍ଯ୍ୟନ୍ତ ଚିକିତ୍ସା କରିବେ। ପ୍ରକାଶ ଥାଉକି ହିଣ୍ଡାଲକୋ ତରଫରୁ ପୂର୍ବରୁ ହୀରାକୁଦ ସିଏଚ୍‌ସି ଠାରେ ମେଡିସିନ, ଶିଶୁରୋଗ, ସ୍ତ୍ରୀ ଏବଂ ପ୍ରସୂତି ବିଶେଷଜ୍ଞ ଡାକ୍ତର ଗୁରୁବାର, ଶୁକ୍ରବାର ଓ ରବିବାର ସନ୍ଧ୍ୟା ସମୟରେ ଚିକିତ୍ସା ପ୍ରଦାନ କରୁଛନ୍ତି। ପୂର୍ବରୁ ରୋଗୀମାନେ ବିଶେଷଜ୍ଞ ଚିକିତ୍ସା ପାଇଁ ଘରୋଇ ମେଡିକାଲ ଓ ଅନ୍ୟ ସରକାରୀ ମେଡିକାଲକୁ ଯାଉଥିଲେ। ଏବେ ହୀରାକୁଦରେ ସେମାନଙ୍କୁ ସ୍ୱାସ୍ଥ୍ୟ ସେବା ଉପଲବ୍ଧ ହେବ। ଆଜି ଡାକ୍ତର ପୂଜା ଶ୍ରୀବାସ୍ତବଙ୍କୁ ସିଏଚ୍‌ସିର ମେଡ଼ିକାଲ ସୁପେରିଟେଣ୍ଡେଣ୍ଟ ଡାକ୍ତର ଅନମୋଲ ମିଞ୍ଜ, ଡାକ୍ତର ସ୍ନିଗ୍ଧା ପରିମିତା ରାଉତ, ଫାର୍ମାସିଷ୍ଟ ବୈକୁଣ୍ଠ କରୁଆ ସ୍ୱାଗତ କରିଥିଲେ। ଡାକ୍ତର ଅନମୋଲ ମିଞ୍ଜ କହିଲେ (ଇଏନଟି) ବିଶେଷଜ୍ଞ ଡାକ୍ତର ସେବା ଏଠି ନହେବାରୁ ହୀରାକୁଦ ଜନ ସାଧାରଣ ଏହାର ସୁଯୋଗ ନେଇ ପାରିବେ। ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ସିଏସଆର ବିଭାଗର ସୁକାନ୍ତ କୁମାର ମହାପାତ୍ର, ଆନନ୍ଦ ଚକ୍ରବର୍ତ୍ତୀ, ଜୟଶ୍ରୀ ରାଓ, ସନ୍ତୋଷ ତ୍ରିପାଠୀ, ମିଳନ କୁମାର ସାହୁ, ସରକାରୀ ଡାକ୍ତରଖାନାର ବହୁ ସାସ୍ଥ୍ୟ ବିଭାଗ କର୍ମଚାରୀ ଗଣ ଉପସ୍ଥିତ ଥିଲେ।

## ବଜ୍ରପାତରେ ମହିଳା ମୃତ

ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ବ୍ରହ୍ମପୁର ପଞ୍ଚାୟତ କାଞ୍ଚିଆ ଗ୍ରାମର ମହିଳା ବୁଲି ସାମଲ (୪୦) ବିଲରେ ଚଷି ହୋଉଥିବା ବେଳେ ହଠାତ୍ ବଜ୍ରପାତ ହୋଇଥିଲା। ଏହି ବଜ୍ରପାତ ମହିଳାଙ୍କ ଉପରେ ପଡିବାରୁ ବିଲରେ ହିଁ ସେ ଟଳି ପଡ଼ିଥିଲେ। ଖବରପାଇ ତାଙ୍କ ସ୍ୱାମୀ ନକୁଳ ସାମଲ ଓ ଗ୍ରାମବାସୀ ମହିଳାଙ୍କୁ ଉଦ୍ଧାର କରିବାବେଳେ ମହିଳା ଜଣଙ୍କ ମୃତ୍ୟୁବରଣ କରିଥିବା ନେଇ ଗ୍ରାମବାସୀ ଜାଣିବାକୁ ପାଇଥିଲେ। ପରେ ସେ ଚୌଦ୍ୱାର ଥାନା ଓ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ଖବର ପାଇ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିବା ସହ ମୃତ ଶରୀରକୁ ଶବ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନା ପଠାଇଥିବା ଜଣାପଡ଼ିଛି। ବୁଲି ସାମଲ ଜଣେ ଦିନ ମଜୁରିଆ ହୋଇଥିବା ବେଳେ ତାଙ୍କର ବଜ୍ରପାତ ଜନିତ ମୃତ୍ୟୁ ପାଇଁ ସରକାରଙ୍କ ପକ୍ଷରୁ ଆର୍ଥିକ ସାହାଯ୍ୟ ଯୋଗାଇ ଦେବା ପାଇଁ ଗ୍ରାମବାସୀ ମାନେ ଅନୁରୋଧ କରିଛନ୍ତି।

## ଦୁଇ ବାଇକ୍ ମୁହାଁମୁହିଁ : ଜଣେ ମୃତ, ଜଣେ ଗୁରୁତର



ନିମାପଡ଼ା, (ଭାସ୍କର ନ୍ୟୁଜ): ଦ୍ରୁତ ଗାଡ଼ି ଚାଳନା କାରଣରୁ ନିମାପଡ଼ା ଉପକଣ୍ଠରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ଆଉ ଜଣେ ଯୁବକ ଗୁରୁତର ଆହତ ହୋଇ ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତରିତ ହୋଇଛନ୍ତି। ପୋଲିସ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ପହଂଚି ଘଟଣାର ଅନୁସନ୍ଧାନ ଜାରି ରଖିଛି। ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ଅପରାହ୍ନ ସମୟରେ ପୁରୀ ଜିଲ୍ଲା ଚାରିଛକ ଥାନା ଅଗରଖାଇ ଗ୍ରାମର ତୋଫାନ କାଣ୍ଡି (୨୭) ନାମକ ଯୁବକ କିଣିଥିବା ଏକ ନୂଆ ବାଇକରେ ଗୋପ ପଟୁ ଦ୍ରୁତ ଗତିରେ ଆସୁଥିବା ବେଳେ ନିମାପଡ଼ା ପଟୁ ଯାଉଥିବା ବାଗମାଳ ପଂଚାୟତ ବରିମୁଣ୍ଡ ଗ୍ରାମର ଦେବାଶିଷ ପଣ୍ଡା (୨୯) ମଧ୍ୟ ବାଇକରେ ଯାଉଥିଲେ। ନିମାପଡ଼ା-ଗୋପ ରାସ୍ତା ସର୍ବାପଡ଼ା ଛକ ନିକଟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଦୁଇଟି ଯାକ ବାଇକ୍ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ବେଳେ ଦୁଇ ବାଇକ୍ ଚାଳକ ଯୁବକ ରାସ୍ତାରେ ପଡ଼ି ଯାଇଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକମାନେ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିବା ବେଳେ ଡାକ୍ତର ବରିମୁଣ୍ଡ ଗ୍ରାମର ଦେବାଶିଷ ପଣ୍ଡାଙ୍କୁ ମୃତ ଘୋଷଣା କରିଛନ୍ତି। ଗୁରୁତର ଆହତ ତୋଫାନ କାଣ୍ଡିଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିବା ବେଳେ ତୋଫାନଙ୍କ ଅବସ୍ଥା ଗୁରୁତର ରହିଛି। ଦେବାଶିଷ ପଣ୍ଡାଙ୍କ ପରିବାର ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଦୁର୍ଘଟଣା ସ୍ଥଳରେ ପୋଲିସ ପହଂଚି ଦୁଇଟି ଯାକ ବାଇକ୍ ଜବତ କରିଥିବା ଜଣାପଡ଼ିଛି।

## ଦଳିତ ମହିଳାଙ୍କୁ ଅସଦାଚରଣ ଘଟଣା

## ଫେରାର ଅଭିଯୁକ୍ତ ଗିରଫ

ନିଆଳି, (ଭାସ୍କର ନ୍ୟୁଜ): ନିଆଳି ଥାନା ଅଧିନସ୍ଥ ବାହାରଣା ପଂଚାୟତ ବାହାରଣା ଗ୍ରାମରେ ଜଣେ ଦଳିତ ମହିଳାଙ୍କୁ ସେହି ଗ୍ରାମର ସୁରେଶ ସାହୁଙ୍କ ପୁଅ ବାବୁନି ସାହୁ (୨୧) ମହିଳାଙ୍କ ଘରେ ପଶି ଜୋର ଜବରଦସ୍ତ ଧର୍ଷଣ ଉଦ୍ୟମ କରୁଥିବା ବେଳେ, ହୋଟେଲରେ ବସ୍ତ ଶାରୀରିକ ସମ୍ପର୍କ ରଖିବା ବେଳେ ମହିଳାଙ୍କ ପୁତୁରା ଦେଖିଦେବାରୁ ବାବୁନି ସେଠାରୁ ଫେରାର ହୋଇଯାଇଥିଲା। ଘଟଣାକୁ ନେଇ ନିଆଳି ଥାନାରେ ଦଳିତ ମହିଳା ଜଣଙ୍କ ଅଭିଯୋଗ କରିଥିଲେ। ନିଆଳି ଥାନାରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ଜାଗାରେ ଚଢ଼ାଉ କରିଥିଲେ। ଅଭିଯୁକ୍ତଙ୍କୁ ଜିଲ୍ଲା ବାହାରୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରାଯାଇଥିବା ସଦର ଏସଡିପିଓ କିରଣ ହେମ୍ବ୍ରମ ଓ ନିଆଳି ଥାନା ଆଇଆଇସି ବିଜୟ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

## ବିଷାକ୍ତ ସାପ କାମୁଡ଼ାରେ ବୃଦ୍ଧା ମୃତ

ଆସିକା, (ଭାସ୍କର ନ୍ୟୁଜ): ଗଞ୍ଜାମ ଜିଲ୍ଲା ଆସିକା ଥାନା ଝଗଡେଇ ଗ୍ରାମରେ ବିଷାକ୍ତ ସାପ କାମୁଡ଼ାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଥିବା ଘଟଣା ସାମ୍ନାକୁ ଆସିଛି। ମୃତକ ଜଣକ ହେଲେ ଝଗଡେଇ ଗ୍ରାମର ୬୬ ବର୍ଷୀୟ ଜୟନ୍ତୀ ପ୍ରଧାନ ସ୍ୱାମୀ ବିପ୍ର ପ୍ରଧାନ ହୋଇଥିବା ଜଣାପଡିଛି। ପ୍ରକାଶ ଥାଉକି ଜୟନ୍ତୀ ପ୍ରତ୍ୟେକ ଦିନ ପରି ଆଜି ମଧ୍ୟ ଝଗଡେଇ ସ୍ଥିତ ଜହାଡ଼ ମାଳ ନିଜ ଧାନ ବିଲରେ ଧାନ ଦେଖିବା ସହ ଘାସ କାଟିବା ପାଇଁ ଯାଇଥିବା ସମୟରେ ବିଲ ହୁଡାରେ ତାଙ୍କ ବାମ ହାତ ଆଙ୍ଗୁଠିକୁ ଗୋଟିଏ ନାଗ ସାପ କାମୁଡ଼ି ଥିଲା। ସେ ସାପ କାମୁଡ଼ିବ ଜାଣି ସଙ୍ଗେ ସଙ୍ଗେ ନିଜ ଘରକୁ ଆସି ପରିବାର ଲୋକଙ୍କୁ ସବୁ କଥା କହିବା ପରେ ପରିବାର ଲୋକେ ତାଙ୍କୁ ଚିକିତ୍ସା ନିମନ୍ତେ ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଡାକ୍ତରଙ୍କ ପରାମର୍ଶ କ୍ରମେ ବ୍ରହ୍ମପୁର ଏମକେସିଜି ନେବାପାଇଁ ପ୍ରସ୍ତୁତ ହେଉଥିବା ବେଳେ ୧୦୮ଆମ୍ବୁଲାନ୍ସ ଆସିବାରେ ଡେରି ହେବାରୁ ଏହି ସମୟରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ଦେଖିବାକୁ ମିଳିଥିଲା। ଖବରପାଇ ଆସିକା ପୋଲିସ ମେଡିକାଲରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନତର କରିଛି। ଜୟନ୍ତୀ ଜଣେ ଅତି ଗରିବ ଶ୍ରେଣୀର ମହିଳା ଅଟନ୍ତି।

## ବାଉଁଶ କାଟିବାକୁ ଯାଇ ଯୁବକ ମୃତ, କାରଣ ଅସ୍ପଷ୍ଟ

ଆଳି, (ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ଭୂଇଁପୁର ଗ୍ରାମପଂଚାୟତ ଅଧୀନ କଳମଡା ଶାସନ ଗ୍ରାମର ଜଣେ ଯୁବକ ବାଉଁଶ କାଟିବା ନିମନ୍ତେ ବିଲକୁ ଯାଇଥିବା ବେଳେ ଦୀର୍ଘସମୟ ଧରି ନଫେରିବାରୁ ଖୋଜାଖୋଜି ପରେ ମୃତଦେହ ଉଦ୍ଧାର କରାଯାଇଛି। ଖବରସୂତ୍ରରୁ ପ୍ରକାଶ ଆଳି ଥାନାରେ କଳମଡା ଶାସନ ଗ୍ରାମର ବାମଦେବ ମଲିକଙ୍କ ବଡ଼ ପୁଅ ସୁଶାନ୍ତ ମଲିକଙ୍କ ଏତଲା ଅନୁଯାୟୀ ତାଙ୍କ ସାନଭାଇ ପ୍ରଶାନ୍ତ (୩୮) ଦିବା ୧୦ ଘଟିକା ସମୟରେ ବିଲକୁ ବାଉଁଶ କାଟିବାକୁ ଯାଇ ଦୀର୍ଘସମୟ ଧରି ଫେରି ନ ଥିଲେ। ବହୁ ସମୟ ଖୋଜା ଖୋଜି କରିବା ପରେ ପ୍ରଶାନ୍ତଙ୍କୁ ଅଚେତ ଅବସ୍ଥାରେ ପାଇଥିଲେ। ପରେ ପରେ ତାଙ୍କୁ ସ୍ଥାନୀୟ ଲୋକେ ଏକ ଗାଡିରେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରଶାନ୍ତଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ଶବ ବ୍ୟବଚ୍ଛେଦ ହେଲା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

## ଗୁଟ୍‌କା ଉପରେ ପ୍ରଶାସନ ପକ୍ଷରୁ ଚଢ଼ଉ




ନିମାପଡ଼ା, (ଭାସ୍କର ନ୍ୟୁଜ): ନିମାପଡ଼ା ଅଂଚଳରେ ଅବାଧରେ ଗୁଟ୍‌କା କାରବାର ଚାଲିଥିବା ବେଳେ ଗୁଟ୍‌କା ସେବନ କରି ଅନେକ ଯୁବଗୋଷ୍ଠୀ କ୍ୟାନସର ଭଳି ରୋଗରେ ପୀଡ଼ିତ ହେଉଛନ୍ତି। ଗୁଟ୍‌କା ଓ ପଲିଥିନ୍ ଜରି ଉପରେ ରାଜ୍ୟ ସରକାରଙ୍କ ପକ୍ଷରୁ କଟକଣା ଲାଗୁ କରାଯାଇଥିଲେ ମଧ୍ୟ ଏହି କଟକଣା କାର୍ଯ୍ୟକାରୀ କରାଯାଉ ନାହିଁ। ସ୍କୁଲ ନିକଟରେ କେତେକ ବ୍ୟକ୍ତି ଦୋକାନ ଖୋଲି ଗୁଟ୍‌କା ଓ ସିଗାରେଟ୍ କାରବାର ବେଧଡ଼କରେ ଚଳାଇଥିବା ବେଳେ ବୁଧବାର ପୂର୍ବାହ୍ନରେ ପ୍ରଶାସନ ପକ୍ଷରୁ ଚଢ଼ଉ କରାଯାଇଛି। ଏହି ମିଳିତ ଚଢ଼ଉରେ ଡ୍ରଗ୍ ଇନ୍ସପେକ୍ଟର, 'ଫୁଡ୍ ସେଫ୍ଟି ଅଧିକାରୀ, ଅବକାରୀ ଅଧିକାରୀ, ସ୍ୱାସ୍ଥ୍ୟ ଅଧିକାରୀଙ୍କ ସମେତ ସ୍ଥାନୀୟ ପୋଲିସ ସାମିଲ ହୋଇଥିଲେ। ନିମାପଡ଼ା ବଜାରର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ବ୍ୟାପକ ମାତ୍ରାରେ ଜୋରିମାନା ଆଦାୟ କରାଯାଇଥିବା ଜଣାପଡ଼ିଛି। ବ୍ୟବସାୟୀମାନେ ସ୍କୁଲ ନିକଟରେ ଗୁଟ୍‌କା ଓ ସିଗାରେଟ୍ କାରବାର କଲେ ଆଗାମୀ ଦିନରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅଧିକାରୀମାନେ ପ୍ରକାଶ କରିଛନ୍ତି। ଗୁଟକା ଓ ସିଗାରେଟ୍ ବ୍ୟବହାର ନ କରିବା ପାଇଁ ମଧ୍ୟ ସଚେତନ କରାଯାଇଛି। ନିମାପଡ଼ା ଅଂଚଳରେ ଅନେକ ପ୍ରତିଷ୍ଠିତ ବ୍ୟବସାୟୀ ବସ୍ତା ବସ୍ତା ଗୁଟ୍‌କା ଗଚ୍ଛିତ ରଖି ଛୋଟ ଛୋଟ ଦୋକାନୀମାନଙ୍କୁ ଲଗାଉଛନ୍ତି। ଏହି ବ୍ୟବସାୟୀମାନେ ଏତେ ପରିମାଣରେ କେଉଁଠାରୁ ଗୁଟ୍‌କା ଆଣୁଛନ୍ତି ସେମାନଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ପ୍ରତ୍ୟେକ ଦୋକାନରେ ବିଭିନ୍ନ କିସମର ଗୁଟ୍‌କା ସାଙ୍ଗକୁ ଗମରା ପତି ବିକ୍ରି କରାଯାଉଛି।

## ଘରୁ ଟଙ୍କା, ଅଳଙ୍କାର ଲୁଟ୍

ଆସିକା, (ଭାସ୍କର ନ୍ୟୁଜ): ଆସିକା ଥାନା ଅନ୍ତର୍ଗତ ଗୁଣ୍ଡପଡା ପଞ୍ଚାୟତର ସୁମନ୍ତପଲ୍ଲୀ ଗ୍ରାମରେ କୌଣସି ଦୁର୍ବୃତ୍ତ ବାରି ଘର କବାଟ ଭାଙ୍ଗି ଘରେ ପଶି ଟଙ୍କା ଅଳଙ୍କାର ଲୁଟ୍ ହୋଇଥିବା ନେଇ ଆସିକା ଥାନାରେ ଲିଖିତ ଅଭିଯୋଗ ହୋଇଛି। ପ୍ରକାଶ ଥାଉକି ସୁମନ୍ତପଲ୍ଲୀ ଗ୍ରାମର ତ୍ରିନାଥ ସେଠି(୬୦)ପିତା ମୋଚିଆ ସେଠିଙ୍କ ଘରେ କେହି ନଥିବାର ସୁଯୋଗ ନେଇ କେହି ଦୁର୍ବୃତ୍ତ ଅପରାହ୍ନରେ ଘରର ବାରି କବାଟକୁ ଭାଙ୍ଗି ୦୩ ଭରି ଓଜନର ସୁନାର କାନ ଫୁଲ, ନାକୁ ଏବଂ ନଗଦ ୩୫ ହଜାର ଟଙ୍କା ଚୋରି କରି ନେଇଯାଇଥିବା ବିଷୟରେ ଆସିକା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଆସିକା ପୋଲିସ ଅଭିଯୋଗକୁ ଭିତ୍ତି କରି ଥାନାରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଥାଉକି ତ୍ରିନାଥ ସେଠିଙ୍କ ୩ପୁଅ ସୁରତରେ କାମ କରନ୍ତି। ଘରେ କେହି ନଥିବା ସୁଯୋଗ ନେଇ କେହି ଦୁର୍ବୃତ୍ତ ଏହାଭଳି କାଣ୍ଡ ଭିଆଇ ଥିବା ଅନୁମାନ କରାଯାଉଛି।

## ବ୍ୟାଙ୍କ ଅଫ୍ ବରୋଦାର ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର, (ଭାସ୍କର ନ୍ୟୁଜ): ଭାରତର ଅନ୍ୟତମ ଅଗ୍ରଣୀ ରାଷ୍ଟ୍ରାୟତ ବ୍ୟାଙ୍କ- ବ୍ୟାଙ୍କ ଅଫ୍ ବରୋଦା ପକ୍ଷରୁ ୧୧୮ତମ ପ୍ରତିଷ୍ଠା ଦିବସ ପାଳନ କରାଯିବା ସହିତ ବିଶ୍ୱାସ, ନବସୃଜନ ଓ ନିରନ୍ତର ଅଭିବୃଦ୍ଧି ପ୍ରତି ଏହା ନିଜର ପ୍ରତିବଦ୍ଧତା ଦୋହରାଇଛି। 'ନବସୃଜନ ଦ୍ୱାରା ସଶକ୍ତ ବିଶ୍ୱାସ' ବିଷୟବସ୍ତୁ ଉପରେ ଆଧାରିତ ଏହି ପ୍ରତିଷ୍ଠା ଦିବସ ବ୍ୟାଙ୍କ ଦୀର୍ଘସ୍ଥାୟୀ ଗ୍ରାହକ ବିଶ୍ୱାସ ଉପରେ ଆଲୋକପାତ କରୁଥିବା ବେଳେ ବ୍ୟାଙ୍କର ଭବିଷ୍ୟତକୁ ଆକାର ପ୍ରଦାନ କରୁଛି। ବ୍ୟାଙ୍କର ପ୍ରତିଷ୍ଠା ଦିବସ ସମାରୋହରେ ଆର୍ଥିକ ସେବା ବିଭାଗର ସଚିବ ଏମ୍ ନାଗରାଜୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବ୍ୟାଙ୍କ୍ ଅଫ୍ ବରୋଦା ପକ୍ଷରୁ ଡିଜିଟାଲ୍ ଓ ପ୍ରଯୁକ୍ତି, ନିରନ୍ତର ବ୍ୟାଙ୍କିଂ ଓ ଗ୍ରିନ୍ ଫାଇନାନ୍ସକୁ ନେଇ ଅଭିନବ ଉତ୍ପାଦ ଓ ଅଭିଯାନ ଆରମ୍ଭ କରାଯାଇଛି। ବ୍ୟାଙ୍କର ପ୍ରମୁଖ ଅଭିଯାନ ମଧ୍ୟରେ ରହିଛି ବିଓବି ଓ୍ୱାର୍ଲଡ ବିଜନେସ୍ ଆପ୍ ଯାହା ହେଉଛି ଏମ୍‌ଏସ୍‌ଏମ୍‌ଇ, ମର୍ଚ୍ଚାଣ୍ଟ ଓ କର୍ପୋରେଟ୍ ଗ୍ରାହକ ମାନଙ୍କ ପାଇଁ ଏକ ନୂଆ ତଥା ବ୍ୟାପକ ମୋବାଇଲ୍ ବ୍ୟାଙ୍କିଙ୍ଗ ଆପ୍ଲିକେସନ୍-ଏଆଇ ଓ ୩ଡି ହୋଲୋଗ୍ରାଫିକ୍ ପ୍ରଯୁକ୍ତିର ଶକ୍ତି ଥିବା ଅତ୍ୟାଧୁନିକ ଭର୍ଚୁଆଲ୍ ଫ୍ରଣ୍ଟ ଅଫିସ୍, ବିଶ୍ୱସ୍ତରୀୟ ୟୁପିଆଇ ସେବା ବିଓବି ପେଫ ଇଣ୍ଟରନ୍ୟାସନାଲ୍, ବିଓବି ଇନସାଇଟ୍ ବ୍ରେଲି ଡେବିଟ୍ କାର୍ଡ ଏବଂ ଗ୍ରିନ୍ ଫାଇନାନ୍ସ ସ୍କିମ୍ ହେଉଛି ବ୍ୟାଙ୍କ ଆରମ୍ଭ କରିଥିବା ବିଭିନ୍ନ ପ୍ରମୁଖ ଅଭିଯାନ। ଗ୍ରିନ୍ ଫାଇନାନ୍ସ ସ୍କିମ୍ ଅଧୀନରେ ବ୍ୟାଙ୍କ ପକ୍ଷରୁ ବିଓବି ଗ୍ରିନ୍ କୃଷି, ବିଓବି ଏମ୍‌ଏସ୍‌ଇ ସ୍ୱାଇସ, ବିଓବି ଇକୋ ସାରଥୀ ଶିକ୍ଷା ଋଣ, ବିଓବି ଗ୍ରିନ ଗୃହ ଋଣ ଓ ବିଓବି ଗ୍ରିନ୍ ହ୍ୱିଲସ୍‌କୁ ଶୁଭାରମ୍ଭ କରାଯାଇଛି। ପାର୍ଟନରସିପ୍ ଫର୍ କାର୍ବନ ଆକାଉଣ୍ଟିଂ ଫାଇନାନ୍ ସିଆଲ (ପିସିଏଏଫ) ସହିତ ମଧ୍ୟ ବ୍ୟାଙ୍କ ହାତ ମିଳାଇଛି। ସେହିପରି ଋଣ ଓ ଜମା ସ୍କିମ୍ ମଧ୍ୟରେ ବିଓବି ମେଡି ଇଲାଇଟ୍ ସ୍କିମ୍, ବିଓବି ମାଷ୍ଟରଷ୍ଟ୍ରୋକ୍ ଲାଇଟ୍ ସଂଚୟ ଖାତା ଓ ବିଓବି ଆସ୍ୱାୟାର ଏନ୍‌ଆରଇ ସଂଚୟ ଖାତାକୁ ବ୍ୟାଙ୍କ ଆରମ୍ଭ କରିଛି। ଏହି ଅବସରରେ ବ୍ୟାଙ୍କ ଅଫ ବରୋଦାର ପରିଚାଳନା ନିର୍ଦ୍ଦେଶକ ଏବଂ ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ଦେବଦତ୍ତ ଚାନ୍ଦ କହିଛନ୍ତି ଯେ, 'ଏକ ଶତାବ୍ଦୀରୁ ଅଧିକ ସମୟ ଧରି ବ୍ୟାଙ୍କ ଅଫ୍ ବରୋଦା ନିଜ ଗ୍ରାହକଙ୍କ ଆକାଂକ୍ଷାକୁ ସମର୍ଥନ କରି ସେମାନଙ୍କ ବିଶ୍ୱାସ ଅର୍ଜନ କରିଛି। ଏହି ବିଶ୍ୱାସ କେବଳ ଆମର ଇତିହାସର ଏକ ଅଂଶ ନୁହେଁ, ଏହା ଆମକୁ ସାହସିକ ଏବଂ ଦାୟିତ୍ୱପୂର୍ଣ୍ଣ ଭାବରେ ନବସୃଜନ କରିବାକୁ ପ୍ରେରଣା ଦେଉଛି ଯାହା ବ୍ୟାଙ୍କିଂକୁ ସରଳ, ସୁରକ୍ଷିତ ଏବଂ ଅଧିକ ଲୋକାଭିମୁଖୀ କରିଛି। ଆମର ୧୧୮ତମ ପ୍ରତିଷ୍ଠା ଦିବସରେ ଆଜି ଘୋଷଣା ହୋଇଥିବା ପ୍ରୟାସଗୁଡ଼ିକ ମାଧ୍ୟମରେ ଆମେ ଆମ ଗ୍ରାହକ ଏବଂ ଏକ ଅଧିକ ଅନ୍ତର୍ଭୁକ୍ତୀକରଣ, ସ୍ଥାୟୀ ଏବଂ ଡିଜିଟାଲ୍ ଭାବରେ ସଶକ୍ତ ଭାରତ ଗଠନରେ ଏକ ସ୍ଥିର ସହଯୋଗୀ ହେବା ପାଇଁ ରାଷ୍ଟ୍ର ପ୍ରତି ଆମର ପ୍ରତିଶ୍ରୁତିକୁ ଦୋହରାଉଛୁ।'

## ନାବାଳିକା ଗଣଦୁଷ୍କର୍ମ ମାମଲାରେ ୨ କୋର୍ଟ ଚାଲାଣ

ଜଗତସିଂହପୁର, (ଭାସ୍କର ନ୍ୟୁଜ): ଗତ ୨୧ତାରିଖ ରାତି ୧୦ଟା ସମୟରେ ଜଗତସିଂହପୁର ଥାନା ଅଧିନ ଚାନ୍ଦଗଡ଼ ଠାରେ ସଂଗଠିତ ନାବାଳିକା ଗଣ ଦୁଷ୍କର୍ମ ମାମଲା ଜିଲ୍ଲାରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ମାତ୍ର ଜଗତସିଂହପୁର ପୋଲିସ ୨୪ ଘଣ୍ଟା ମଧ୍ୟରେ ଗଣ ଦୁଷ୍କର୍ମ ମାମଲାରେ ଲିପ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଜଗତସିଂହପୁର ଏସପି ବିଜେଡିର ପ୍ରତିନିଧିମାନଙ୍କୁ ୨୪ ଘଣ୍ଟାରେ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଦେଇଥିବା ପ୍ରତିଶ୍ରୁତି ସଫଳ ହୋଇଛି। ଡାକ୍ତରୀ ମାଇନା ପରେ ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ ହୋଇଛନ୍ତି। ମିଳିଥିବା ସୂଚନା ଅନୁସାରେ ୨୧ ତାରିଖ ସନ୍ଧ୍ୟା ସମୟରେ ଗଣ ଦୁଷ୍କର୍ମର ଶିକାର ହୋଇଥିବା ନାବାଳିକା ଜଣକ ସାଙ୍ଗର ଜନ୍ମଦିନ କେକେ କାଟିବା ପାଇଁ ଯାଇଥିଲେ। ଫେରିବା ସମୟରେ ଉକ୍ତ ନାବାଳିକାର ଅନ୍ୟଜଣେ ସାଙ୍ଗ ମୁଖ୍ୟ ରାସ୍ତାରେ ନଜିବା ପାଇଁ ବାରଣ କରି ଅନ୍ୟ ଏକ ରାସ୍ତାରେ ନେଇଯାଇଥିଲେ। ପୀଡ଼ିତା ଯୁବତୀର ପିତା କରିଥିବା ଅଭିଯୋଗ ଅନୁସାରେ ୨ ଜଣ ଯୁବକ ସମ୍ପୃକ୍ତ ନାବାଳିକାକୁ ଟେକିନେଇ ଗଣଦୁଷ୍କର୍ମ କରିଥିଲେ। ଅଭିଯୋଗ ପାଇବା ପରେ ୩ଟି ପୋଲିସ ଟିମ ତଦନ୍ତ ତ୍ୱରାନ୍ୱିତ କରାଯାଇଥିଲା ଓ ମୁଖ୍ୟ ଅଭିଯୁକ୍ତ କୋଦଳ ପଳାସା ଗ୍ରାମର ପ୍ରତିରଞ୍ଜନ ବେହେରାକୁ କଟକ ଜିଲ୍ଲାରୁ ଗିରଫ କରାଯାଇଥିଲା। ୨୨ତାରିଖ ରାତିରେ ଜଗତସିଂହପୁର ପୋଲିସ ଦ୍ୱିତୀୟ ଅଭିଯୁକ୍ତ କାର୍ତ୍ତିକ ମାଝିଙ୍କୁ ବିରିଡି ଥାନା ଅଞ୍ଚଳରୁ ଗିରଫ କରାଯାଇଛି। ଉଭୟଙ୍କୁ ଡାକ୍ତରୀ ମାଇନା ପରେ କୋର୍ଟଚାଲାଣ କରାଯାଇଛି।

MUTHOOT FINCORP LTD. | ସୁନା ନିଲାମୀ ନୋଟିସ୍

Regd. Office: Muthoot Centre, TC No 27/3022, Punnen Road, Thiruvananthapuram, Kerala, India - 695001.
CIN: U65929KL1997PLC011518, Ph: +91 471 4911400, 2331427

ଏତଦ୍ୱାରା ଜଣାଇଦିଆଯାଉଛି ବନ୍ଧା ରଖାଯାଇଥିବା ସୁନା ଗହଣା ଅତିଦେୟ ଯାହା ଅବଧି up to 30.09.2024 & MSGL, SPL 16, One Plus, Guide prepaid, Super value, ADGL and all other 6 months tenure gold loans upto 31.12.2024 and MSGB, SME Suvarna & EMI due upto 30.06.2025. Also those gold loans where interest is due and not paid up to 30.06.2025 are also included in this auction. ପର୍ଯ୍ୟନ୍ତ କମ୍ପାନୀର ଉଲ୍ଲେଖିତ ଶାଖା ଦ୍ୱାରା ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ, ବର୍ତ୍ତମାନ ସୁଦ୍ଧା ମୁକୁଳାଯାଇନାହିଁ, ସମସ୍ତ ସମ୍ବନ୍ଧିତ ପକ୍ଷଙ୍କ ସୂଚନା ପାଇଁ ଜଣାଇଦିଆଯାଉଛି 14.08.2025 ସକାଳ 10 ଟା ସମୟରୁ ନିଲାମ ପ୍ରକ୍ରିୟା ଆରମ୍ଭ କରାଯିବ ।

**BOUDH DISTRICT-BOUDHGARH:** 4267000006, 4267000007, 4267000009, 4267000010, 4267000013, 4267000025, 4267000029, 4267000035, 4267000044, 4267000046, 4267000047, 4267000058, 4267000067, 4267000076, 4267000079, 4267000085, 4267000090, 4267000094, 4267000099, 4267000100, 4267000105, 4267000110, 4267000111, 4267000112, 4267000116, 4267000119, 4267000127, 4267000128, 4267000129, 4267000133, 4267000137, 4267000143, 4267000145, 4267000148, 4267000150, 4267000152, 4267000153, 4267000154, 4267000167, 4267000168, 4267000170, 4267000173, 4267000174, 4267000177, 4267000179, 4267000194, 4267000197, 4267000202, 4267000208, 4267000218, 4267000219, 426701226, 426701270, 426701273, 426701299, 426701300, 426701309, 426701331, 426701333, 426701348, 426701370, 426701380, 426701387, 426701395, 426701464, 426701544, 426701569, 426701589, 426701612, 426701613, 426701617, 426701618, 426701641, 426701642, 426701646, 426701664, 426701668, 426701669, 426701674, 426701675, 426701682, 426701688, 426701690, 426701698, 426701700, 426701702, 426701705, 426701710, 426701711, 426701715, 426701719, 426701721, 426701722, 426701723, 426701730, 426701748, 426701749, 426701758, 426701759, 426701763, 426701767, 426701771, 426701778, 426701781, 426701787, 426701790, 426701791, 426701794, 426701795, 426701805, 426701809, 426701811, 426701814, 426701816, 426701820, 426701821. **KALAHANDI DISTRICT-BHAWANIPATNA:** 4275000004, 4275000006, 4275000007, 4275000011, 4275000016, 4275000018, 4275000019, 4275000022, 4275000025, 4275000027, 4275000040, 4275000041, 4275000059, 4275000061, 4275000071, 4275000073, 4275000077, 4275000081, 4275000083, 4275000092, 4275000094, 4275000096, 4275000097, 4275000100, 4275000108, 4275000111, 4275000115, 4275000119, 4275000120, 4275000126, 4275000128, 4275000143, 4275000148, 4275000158, 4275000159, 4275000160, 4275000162, 4275000165, 4275000170, 4275000175, 4275000187, 4275000190, 4275000206, 4275000210, 4275000215, 4275000239, 427500827, 427500874, 427501261, 427501271, 427501276, 427501301, 427501374, 427501378, 427501386, 427501390, 427501393, 427501408, 427501412, 427501432, 427501448, 427501476, 427501482, 427501483, 427501504, 427501541, 427501595, 427501601, 427501612, 427501622, 427501629, 427501643, 427501650, 427501654, 427501656, 427501660, 427501662, 427501664, 427501676, 427501685, 427501696, 427501698, 427501702, 427501703. **KESINGA:** 4272000014, 4272000028, 4272000034, 4272000052, 4272000065, 4272000072, 4272000075, 4272000081, 4272000089, 4272000092, 4272000093, 4272000094, 4272000095, 4272000105, 4272000108, 4272000114, 4272000118, 4272000128, 4272000129, 4272000134, 4272000135, 4272000143, 4272000178, 4272000189, 4272000216, 427201338, 427201387, 427201393, 427201395, 427201424, 427201443, 427201477, 427201487, 427201515, 427201533, 427201565, 427201587, 427201632, 427201666, 427201684, 427201693, 427201714, 427201716, 427201744, 427201745, 427201770, 427201849, 427201854, 427201890, 427201914, 427201962, 427202052, 427202071, 427202072, 427202073, 427202075, 427202088, 427202089, 427202096, 427202107, 427202108, 427202121, 427202131, 427202153, 427202156, 427202197, 427202249, 427202251, 427202258, 427202261, 427202272, 427202282, 427202288, 427202289, 427202294. **SONEPUR DISTRICT-SONEPUR:** 4336000001, 4336000007, 4336000010, 4336000017, 4336000028, 4336000029, 4336000033, 4336000042, 4336000054, 4336000059, 4336000078, 4336000093, 4336000097, 4336000099, 4336000101, 4336000102, 4336000103, 4336000109, 4336000113, 4336000114, 4336000117, 4336000119, 4336000120, 4336000125, 4336000127, 4336000132, 4336000134, 4336000135, 4336000141, 4336000144, 4336000149, 4336000153, 4336000155, 4336000157, 4336000169, 4336000174, 4336000182, 4336000186, 4336000191, 4336000192, 4336000198, 4336000204, 4336000212, 4336000213, 4336000215, 4336000230, 4336000349, 433600185, 433600743, 433601108, 433601179, 433601228, 433601281, 433601310, 433601401, 433601418, 433601435, 433601443, 433601504, 433601507, 433601569, 433601585, 433601629, 433601665, 433601700, 433601702, 433601713, 433601723, 433601724, 433601726, 433601729, 433601730, 433601737, 433601749, 433601755, 433601756, 433601764, 433601778, 433601794, 433601796, 433601800, 433601802, 433601809, 433601816, 433601823, 433601824, 433601831, 433601833, 433601835, 433601837, 433601861, 433601863, 433601867, 433601874, 433601881, 433601890, 433601894. **SUNDARGARH DISTRICT-KOEL NAGAR:** 4426000205, 4426000207, 4426000225, 4426000249, 4426000308, 4426000335, 4426000384, 4426000386, 4426000387, 4426000400, 4426000439, 4426000442, 4426000451, 4426000456, 4426000462, 4426000472, 4426000477, 4426000482, 4426000497, 4426000531, 4426000547, 4426000569, 4426000583, 4426000603, 4426000612, 4426000613, 4426000617, 4426000618, 4426000619, 4426000625, 4426000629, 4426000633, 4426000639, 4426000644, 4426000647, 4426000652, 4426000665, 4426000677, 4426000684, 4426000687, 4426000688, 4426000703, 4426000704, 4426000713, 4426000714, 4426000717, 4426000729, 4426000736, 4426000739, 4426000745, 4426000749, 4426000756, 4426000772, 4426000775, 4426000777, 4426000780, 4426000793, 4426000810, 4426000817, 4426000820, 4426000833, 4426000840, 4426000845, 4426000846, 4426000850, 4426000853, 4426000854, 4426000866, 4426000872, 4426000882. **RAJGANGPUR:** 4399000095, 4399000101, 4399000108, 4399000112, 4399000120, 4399000138, 4399000184, 4399000199, 4399000200, 4399000207, 4399000235, 4399000238, 4399000247, 4399000256, 4399000257, 4399000260, 4399000268, 4399000270, 4399000273, 4399000321, 4399000322, 4399000323, 4399000340, 4399000354, 4399000372, 4399000375, 4399000384, 4399000386, 4399000395, 4399000398, 4399000401, 4399000404, 4399000414, 4399000423, 4399000426, 4399000445, 4399000450, 4399000457, 4399000462, 4399000487, 4399000494, 4399000495, 4399000507, 4399000514, 4399000532, 4399000533. **ROURKELA:** 4093000007, 4093000009, 4093000013, 4093000016, 4093000025, 4093000029, 4093000030, 4093000047, 4093000055, 4093000056, 4093000057, 4093000063, 4093000065, 4093000077, 4093000078, 4093000084, 4093000090, 4093000091, 4093000101, 4093000116, 4093000118, 4093000123, 4093000126, 4093000128, 4093000131, 4093000134, 4093000149, 4093000151, 4093000154, 4093000155, 4093000158, 4093000160, 4093000168, 4093000170, 4093000184, 4093000191, 4093000199, 4093000212, 4093000215, 4093000230, 4093000248, 4093000251, 4093000269, 4093000271, 4093000274, 4093000358, 4093000413, 409301244, 409301283, 409301331, 409301354, 409301438, 409301464, 409301468, 409301475, 409301500, 409301518, 409301519, 409301524, 409301526, 409301570, 409301575, 409301582, 409301586, 409301650, 409301653, 409301664, 409301673, 409301695, 409301700, 409301726, 409301737, 409301744, 409301752, 409301761, 409301778, 409301786, 409301790, 409301814, 409301821, 409301845, 409301885, 409301886, 409301902, 409301905, 409301928, 409301929, 409301931, 409301941, 409301958, 409301960, 409301979, 409302003, 409302019, 409302034, 409302064, 409302094, 409302106, 409302108, 409302115, 409302129, 409302141, 409302146, 409302161, 409302177, 409302180, 409302184, 409302194, 409302199, 409302201, 409302204, 409302230, 409302232, 409302235, 409302239, 409302261, 409302288, 409302289, 409302295, 409302303, 409302307, 409302309, 409302316, 409302318, 409302319, 409302321, 409302323, 409302337, 409302345, 409302349, 409302357, 409302360, 409302370, 409302375, 409302390, 409302404, 409302409, 409302418, 409302424, 409302427, 409302432, 409302435, 409302445, 409302448, 409302449, 409302450, 409302451, 409302455, 409302461, 409302463, 409302467, 409302474, 409302492, 409302500, 409302512, 409302514, 409302516, 409302535, 409302539, 409302547, 409302550, 409302559, 409302561, 409302566, 409302573, 409302581, 409302589, 409302593, 409302598, 409302599, 409302615, 409302617, 409302618, 409302623, 409302634, 409302640, 409302648, 409302649, 409302650, 409302652, 409302657, 409302669, 409302678, 409302679, 409302685, 409302687, 409302694, 409302702, 409302705, 409302708, 409302711, 409302726, 409302752, 409302758, 409302759, 409302760, 409302761, 409302763, 409302771, 409302774, 409302786, 409302792, 409302793, 409302800, 409302801, 409302803, 409302817, 409302820. **SUNDARGARH:** 4168000004, 4168000005, 4168000008, 4168000009, 4168000010, 4168000013, 4168000018, 4168000021, 4168000024, 4168000025, 4168000031, 4168000034, 4168000035, 4168000037, 4168000040, 4168000041, 4168000044, 4168000047, 4168000053, 4168000055, 4168000056, 4168000087, 4168000099, 4168000135, 4168000136, 4168000139, 4168000167, 4168000170, 4168000176, 4168000181, 4168000182, 4168000188, 4168000189, 4168000191, 4168000200, 4168000205, 4168000206, 4168000209, 4168000249, 4168000277, 416801158, 416801163, 416801179, 416801223, 416801226, 416801241, 416801242, 416801299, 416801304, 416801378, 416801437, 416801449, 416801458, 416801461, 416801469, 416801472, 416801495, 416801514, 416801515, 416801517, 416801531, 416801534, 416801569, 416801594, 416801596, 416801598, 416801601, 416801610, 416801612, 416801629, 416801632, 416801643, 416801650, 416801654, 416801658, 416801668, 416801669, 416801680, 416801682, 416801683, 416801684, 416801685, 416801686, 416801692, 416801693, 416801694, 416801699, 416801700, 416801707, 416801711, 416801723, 416801731, 416801733, 416801735, 416801736, 416801737, 416801738, 416801741, 416801745, 416801746, 416801756, 416801763, 416801768, 416801777, 416801778, 416801780, 416801783, 416801786, 416801796, 416801797, 416801803, 416801817, 416801821, 416801826, 416801827, 416801829, 416801845, 416801856, 416801861, 416801873, 416801874.

ନିଲାମ ସମ୍ବନ୍ଧିତ ଆୟୋଜନ ଶାଖାରେ କରାଯିବ, ଯଦି କୌଣସି କାରଣ ବଶତଃ ନିଲାମୀ ହୋଇନପାରିଲା, ତେବେ 28.08.2025 ସକାଳ 10 **KESINGA:** First Floor, Plot No: 364/816, Khata No.135/15, 135/341, Ward No: 12, Near Durga Mandap Chowk, Kesinga Nazul, Kesinga, Odisha - 766012 Phone: 06670-296027. **SONEPUR:** First Floor, Plot No 2887, Khata No 984, P.s No 76, Unit No 76, Holding No 70, Ward No 8, Sonepur, Odisha - 767017. **BOUDHGARH:** First Floor, No. 1564/2350, Boudhgarh First Floor, Plot No 1564/2350, Khata No 997, Boudhgarh Nazul, Boudhgarh, Odisha - 762014. **SUNDARGARH:**2. Plot No. 46, Khata No. 516/1192, 1St Floor, Mission Road, Beside Andhra Bank, Sundargarh, Odisha – 770001. ରେ ଆୟୋଜନ କରାଯିବ । ନିଲାମୀଦାତାଙ୍କୁ ଅନୁରୋଧ ସେମାନେ ନିଜ ଫଟୋ ଆଇଡି କାର୍ଡ, ପ୍ୟାନ୍ କାର୍ଡ ଜମା କରାନ୍ତୁ । ସଫଳ ନିଲାମୀଦାତା ଆର୍‌ଟିଜିଏସ୍ ମାଧ୍ୟମରେ ରାଶି ହସ୍ତାନ୍ତର କରିବାକୁ ଅନୁରୋଧ ।

ମୁଥୁଟ୍ ଫିନ୍‌କର୍ପ ଲିମିଟେଡ୍



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସୁରକ୍ଷିତ ଓ ମର୍ଯ୍ୟାଦାପୂର୍ଣ୍ଣ କର୍ମକ୍ଷେତ୍ର ପାଇଁ ଆମ ସରକାର ପ୍ରତିବଦ୍ଧ ଅଛନ୍ତି ବୋଲି ଯୌନ ଉତ୍ପୀଡନ (ପ୍ରତିରୋଧ, ନିଷେଧ ଓ ପ୍ରତିକାର) ଆଇନ, ୨୦୧୩ (ପୋଶ) ସମ୍ପର୍କରେ ଲୋକସେବା ଭବନ କର୍ମଚାରୀମାନଙ୍କ ଦିଗଦର୍ଶନ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମତ ପ୍ରକାଶ କରିଛନ୍ତି। ବୁଧବାର ଲୋକସେବା ଭବନ କନଭେନସନ ସେଣ୍ଟରରେ ଆୟୋଜିତ ଯୌନ ଉତ୍ପୀଡନ (ପ୍ରତିରୋଧ, ନିଷେଧ ଓ ପ୍ରତିକାର) ଆଇନ, ୨୦୧୩ (ପୋଶ) ସମ୍ପର୍କରେ ଲୋକସେବା ଭବନ କର୍ମଚାରୀମାନଙ୍କ ଦିଗଦର୍ଶନ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଲୋକସେବା ଭବନ କର୍ମଚାରୀମାନଙ୍କୁ ଲିଙ୍ଗଗତ ଉତ୍ପୀଡନ ବିରୋଧରେ ସ୍ୱର ଉଠେଇବା ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ ଆଇନଜୀବୀ ମାନସୀ ପାଢୀ, ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶିକା ମୋନିଶା ବାନାର୍ଜୀ ଓ ବିଭାଗୀୟ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ ।

### ଛତିଶଗଡ଼ ସହିତ ମହାନଦୀ ଜଳବିବାଦର ସମାଧାନ ପାଇଁ ଉଚ୍ଚସ୍ତରୀୟ ବୈଠକ

## ଆପୋଷ ଆଲୋଚନା ଜରିଆରେ ସମାଧାନ ହେବ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକରେ ବୁଧବାର ମୁଖ୍ୟମନ୍ତ୍ରୀ ମାହନ ଚରଣ ମାଝୀ ଛତିଶଗଡ଼ ସହିତ ଚାଲିଥିବା ମହାନଦୀ ଜଳବିବାଦର ଆପୋଷ ସମାଧାନ ଉପରେ ଗୁରୁତ୍ୱାରୋପ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କେନ୍ଦ୍ରୀୟ ଜଳ କମିଶନରେ ସମସ୍ୟା ସମାଧାନ ପାଇଁ ହେଉଥିବା ଉଦ୍ୟମ ମନ୍ଥର ଗତିରେ ଚାଲିଥିବାରୁ କେନ୍ଦ୍ର ସରକାରଙ୍କ ସହଯୋଗରେ ଉଭୟ ରାଜ୍ୟ ମଧ୍ୟରେ ଆପୋଷ ଆଲୋଚନା କରାଯାଇ ଏହି ସମସ୍ୟାର ସମାଧାନ କରାଯାଇପାରିବ । ଏଥିରେ କେନ୍ଦ୍ର ଜଳ କମିଶନ ବୈଷୟିକ ସହଯୋଗ ପ୍ରଦାନ କରିପାରିବ। ଏହାଦ୍ୱାରା ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଥିବା ଦୀର୍ଘଦିନର ବିବାଦ ସମାଧାନ ହୋଇପାରିବ ଏବଂ ଉଭୟ ରାଜ୍ୟ ମଧ୍ୟରେ ସୁସମ୍ପର୍କ ବୃଦ୍ଧି ପାଇବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ସୂଚନାଯୋଗ୍ୟ ଯେ, ପୂର୍ବରୁ ଫେବୃୟାରୀ ମାସରେ ରାଜସ୍ଥାନରେ ହୋଇଥିବା ସର୍ବଭାରତୀୟ ରାଜ୍ୟ ଜଳ ସମ୍ପଦ ମନ୍ତ୍ରୀମାନଙ୍କର ସମ୍ମିଳନୀ ଅବସରରେ ଏବଂ ମାର୍ଚ୍ଚ ମାସରେ ଭୁବନେଶ୍ୱରରେ ହୋଇଥିବା ବିଶ୍ୱ ଜଳଦିବସ ଅବସରରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଶ୍ରୀ ବିଷ୍ଣୁଦେଓ ସାଏ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ମଧ୍ୟରେ ଏ ବିଷୟରେ ଆଲୋଚନା ହୋଇଥିଲା । ଉଭୟ ମୁଖ୍ୟମନ୍ତ୍ରୀ ଏହାର ଆପୋଷ ସମାଧାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହା ସହିତ ଦୁଇ ରାଜ୍ୟର ଉଚ୍ଚସ୍ତରୀୟ ପଦାଧିକାରୀ ମାନଙ୍କ ମଧ୍ୟରେ ଏ ସମ୍ପର୍କରେ ଆଲୋଚନା ଜାରି ରହିଛି ବୋଲି ବୈଠକରୁ ଜଣାଯାଇଛି । ବୈଠକରେ ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ତଥା ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ଜଳ ସମ୍ପଦ ବିଭାଗର ବରିଷ୍ଠ ଅଧିକାରୀ ଓ ଇଞ୍ଜିନିୟରମାନେ ଉପସ୍ଥିତ ଥିଲେ ।

## କୃତିତ୍ୱ ହାସଲ କରିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କଲେ ରାଜ୍ୟପାଳ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଭିନ୍ନ କ୍ଷେତ୍ରରେ ଅସାଧାରଣ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିଙ୍କୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ ପାଟି ସମ୍ବର୍ଦ୍ଧିତ କରିଛନ୍ତି । ବୁଧବାର ଦିନ ରାଜଭବନରେ ନ୍ୟୁ ଅଭିଷେକ ହଲ୍ ଠାରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଚଳିତ ବର୍ଷ ପଦ୍ମଶ୍ରୀ ପୁରସ୍କାର ବିଜେତା, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ବିଜେତା, ଆନ୍ତର୍ଜାତୀୟ କ୍ରୀଡା ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ବିଜେତା ଏବଂ ୨୦୨୪ ମସିହା ଇଣ୍ଡିଆନ୍ ସିଭିଲ୍ ସର୍ଭିସ୍ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ରାଜ୍ୟର କୃତୀ ପ୍ରତିଭା ତଥା ସେମାନଙ୍କ ଗର୍ବିତ ପିତାମାତାଙ୍କୁ ରାଜ୍ୟପାଳ ସମ୍ବର୍ଦ୍ଧିତ କରିଥିଲେ। ରାଜ୍ୟର ପ୍ରଥମ ମହିଳା ଜୟଶ୍ରୀ କମ୍ଭମ୍ ପାଟି ଏହି ସମାରୋହରେ ଉପସ୍ଥିତ ଥିଲେ। ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ରୂପା ରୋଶନ ସାହୁଙ୍କ ସମେତ ରାଜଭବନର ଅଧିକାରୀ ଓ କର୍ମଚାରୀ ମଧ୍ୟ ଏହି ସମାରୋହରେ ଉପସ୍ଥିତ ଥିଲେ । ସମାବେଶକୁ ସମ୍ବୋଧନ କରି ରାଜ୍ୟପାଳ କହିଥିଲେ ଯେ 'ଏହା କେବଳ ଏକ ସମ୍ବର୍ଦ୍ଧନା ଉତ୍ସବ ନୁହେଁ, ଏହା କଠିନ ପରିଶ୍ରମ, ଉତ୍କର୍ଷତା, ଶୃଙ୍ଖଳା, ସୃଜନଶୀଳତା ଏବଂ ଜାତୀୟ ଗର୍ବ ଭଳି ମୂଲ୍ୟବୋଧର ଉତ୍ସବ' । ପଦ୍ମଶ୍ରୀ ବିଜେତାମାନଙ୍କୁ ରାଜ୍ୟପାଳ ଅଭିନନ୍ଦନ ଜଣାଇ ସେମାନଙ୍କର ଜୀବନବ୍ୟାପୀ ପ୍ରତିବଦ୍ଧତାକୁ ପ୍ରଶଂସା କରିବା ସହ ଏହା ରାଜ୍ୟ ପାଇଁ ଅପାର ଗର୍ବ ଆଣିଛି ବୋଲି କହିଥିଲେ । କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ବିଜେତାମାନଙ୍କୁ ସେମାନଙ୍କର ସାହିତ୍ୟିକ ପ୍ରତିଭା ପାଇଁ ରାଜ୍ୟପାଳ ପ୍ରଶଂସା କରିଥିଲେ ଏବଂ ସେମାନଙ୍କର ଅବଦାନ ଓଡ଼ିଶାର ସାଂସ୍କୃତିକ ଐତିହ୍ୟକୁ ସମୃଦ୍ଧ କରି ଆଗାମୀ ପିଢ଼ିକୁ ପ୍ରେରଣା ଯୋଗାଇବ ବୋଲି କହିଥିଲେ । ଆନ୍ତର୍ଜାତୀୟ କ୍ରୀଡା ପ୍ରତିଯୋଗିତାରେ ଉତ୍କର୍ଷତା ହାସଲ କରିଥିବା କ୍ରୀଡ଼ାବିତଙ୍କ ସଫଳତାକୁ ଶୃଙ୍ଖଳା ଏବଂ ଦେଶପ୍ରେମର ପ୍ରତୀକ ଭାବେ ଅଭିହିତ କରି ସେମାନଙ୍କର ସଫଳତା ଓଡିଶାକୁ ବିଶ୍ୱ କ୍ରୀଡା ମାନଚିତ୍ରରେ ସ୍ଥାନିତ କରିଛି ବୋଲି ରାଜ୍ୟପାଳ କହିଥିଲେ ।

## ବିଜେଡି ଅନାସ୍ଥା ଆଣୁ କଂଗ୍ରେସ ସମର୍ଥନ କରିବ: ଭକ୍ତ ଦାସ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ କହିଛନ୍ତି ଯେ ପ୍ରତ୍ୟହ ନାରୀ ନିର୍ଯାତନା ପାଇଁ ରାଜ୍ୟର ଜନତା ମର୍ମାହତ ଏବଂ ଲଜ୍ଜିତ। କିନ୍ତୁ ରାଜ୍ୟ ସରକାର କିଛି ହୃଦୟଙ୍ଗମ କଲାଭଳି ଦେଖାଯାଉ ନାହିଁ। ସରକାର ନା କିଛି କରୁଛନ୍ତି ନା ଗାଦି ଛାଡୁଛନ୍ତି। ତେଣୁ ମୁଖ୍ୟ ବିରୋଧି ଦଳ ହିସାବରେ ବିଜେଡ଼ି ଅନାସ୍ଥା ପ୍ରସ୍ତାବ ଆଣୁ ଏବଂ କଂଗ୍ରେସ ତାକୁ ସମର୍ଥନ କରିବ। ଯଦି ନ ଆଣୁଛି ତେବେ କଂଗ୍ରେସ ଅନସ୍ଥା ପ୍ରସ୍ତାବ ଆଣିବ ଏବଂ ବିଜେଡ଼ି ସମର୍ଥନ କରୁ। ଯଦି ବିଜେଡ଼ି କିଛିବି କରେନାହିଁ ତେବେ ନାରୀଙ୍କ ନ୍ୟାୟ ପାଇଁ ମୂଲ୍ୟହୀନ ପ୍ରହସନ ରାଜରାସ୍ତାରେ ବନ୍ଦ କରୁ । ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଲେ ଯେ ସ୍ୱାଧୀନତାକୁ ୭୫ବର୍ଷ ବିତିଯାଇଥିଲେ ସୁଦ୍ଧା ଏଭଳି ଲଜ୍ଜାଜନକ ଘଟଣା ସବୁ ଘଟୁଛି ଏବଂ ଆଇନ ଶୃଙ୍ଖଳାକୁ ସମ୍ଭାଳିବାରେ ସରକାର ବିଫଳ ହେଉଛନ୍ତି । ଓଡ଼ିଶାର ବିଜେପି ସରକାର ବିରୋଧରେ କଂଗ୍ରେସ ଯେଉଁ ଅଭିଯୋଗ ଆଣିଥିଲା ସୁପ୍ରିମକୋର୍ଟ ତାଙ୍କ ବକ୍ତବ୍ୟ ମାଧ୍ୟମରେ ଆଜି ମୋହର ଲଗାଇଛନ୍ତି । ମାନ୍ୟବର ସୁପ୍ରିମକୋର୍ଟଙ୍କ ଭତ୍ସନାପରେ ସରକାର ଅନ୍ତତଃ ଇସ୍ତଫା ଦେଇଦେବା ଉଚିତ । ଏହା ସହିତ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଲେ ଯେ ସ୍ୱତଃପ୍ରବୃତ ଭାବେ ଓଡ଼ିଶାର ଜନସାଧାରଣ ଯେଉଁଭଳି ଶାନ୍ତିପୂର୍ଣ୍ଣ ବନ୍ଦକୁ ସଫଳ କଲେ ଏହା ଜଣାଇ ଦେଉଛି ଯେ ଓଡ଼ିଶାର ଜନସାଧାରଣ ଅନ୍ୟାୟ, ଅତ୍ୟାଚାରକୁ ବରଦାସ୍ତ କରିବେ ନାହିଁ । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପିସିସି ଉପ ସଭାପତି ତାରା ପ୍ରସାଦ ବାହିନୀପତି,ଦେବାଶିଷ ପଟ୍ଟନାୟକ, ଲଲାଟେନ୍ଦୁ ମହାପାତ୍ର,ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି,ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ ଓ ପିସିସି ମୁଖପାତ୍ର ନିଶିକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଓଡ଼ିଶା ଡିଜିପିଙ୍କୁ ଭେଟିଲେ ୨୬ ଆଇପିଏସ୍ ପ୍ରଶିକ୍ଷାର୍ଥୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ୭୭ତମ ବ୍ୟାଚର ୨୬ ଜଣ ଆଇପିଏସ୍ ପ୍ରଶିକ୍ଷାର୍ଥୀମାନେ ଓଡ଼ିଶା ଭ୍ରମଣରେ ଆସି ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଓ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବା ସହ ବିଭିନ୍ନ ପ୍ରସଙ୍ଗରେ ବିସ୍ତୃତ ଭାବେ ଆଲୋଚନା କରିଛନ୍ତି। ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଖୁରାନିଆ ପ୍ରଶିକ୍ଷାର୍ଥୀମାନଙ୍କୁ ନିଜ କାର୍ଯ୍ୟ କ୍ଷେତ୍ରରେ ନିଷ୍ଠାର ସହ କର୍ତବ୍ୟ ସମ୍ପାଦନ କରିବା ସହ ସାଧାରଣ ଲୋକଙ୍କୁ ଉତ୍କୃଷ୍ଟ ସେବା ପ୍ରଦାନ କରିବା ଦିଗରେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଏହା ସହ ସେ ପ୍ରଶିକ୍ଷାର୍ଥୀମାନଙ୍କ ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରିଥିଲେ।

## ଉଠା ଜଳସେଚନ ନିଗମର ନିର୍ଦ୍ଦେଶକ ମଣ୍ଡଳୀ ପରିଷଦ ବୈଠକ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଓଡ଼ିଶା ଉଠା ଜଳ ସେଚନ ନିଗମ (ଓଏଲ୍ଆଇସି)ର ୨୦୯ତମ ନିର୍ଦ୍ଦେଶକ ମଣ୍ଡଳୀ ପରିଷଦ ବୈଠକରେ ଅଧ୍ୟକ୍ଷତା କରିଥିଲେ । ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟର ଯେଉଁସବୁ ବ୍ଲକରେ ୩୫ ପ୍ରତିଶତରୁ କମ୍ ଜଳସେଚନ କ୍ଷମତା ରହିଛି, ସେସବୁ ଅଞ୍ଚଳରେ ଅଧିକ ଜଳସେଚନ ପାଇଁ ପଦକ୍ଷେପ ନିଆଯିବା ସହ ୯ ଲକ୍ଷ ହେକ୍ଟରକୁ ନୂଆ ଜଳସେଚନ ସାମର୍ଥ୍ୟ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଓଏଲଆଇସି ତରଫରୁ ୫ ବର୍ଷିଆ ମାଷ୍ଟର ପ୍ଲାନ୍ ଉପସ୍ଥାପନ କରାଯାଇଥିଲା । ଆହୁରି ମଧ୍ୟ ବୈଠକରେ ୧୦,୩୮୦ ଟି ଗୋଷ୍ଠୀ ଉଠାଜଳସେଚନ ପ୍ରକଳ୍ପ (କ୍ଲିପ୍ସ) ଏବଂ ୧,୫୦,୫୦୦ଟି ଗଭୀର ବୋରକୂପ ସ୍ଥାପନ ସହିତ ସେସବୁର ନିରନ୍ତରତା ଭିତିରେ କାର୍ଯ୍ୟକ୍ଷମ ହେବା ଲକ୍ଷ୍ୟରେ ସୌରଶକ୍ତି ଦ୍ୱାରା ପରିଚାଳିତ ହେବା ସଂପର୍କରେ ବୈଠକରେ ଆଲୋଚନା କରାଯାଇଥିଲା । ନିର୍ଦ୍ଦେଶକ ମଣ୍ଡଳୀ ପରିଷଦ ଓଏଲଆରସିର କାର୍ଯ୍ୟ ପରିଚାଳନା ବୃଦ୍ଧି ପାଇଥିବା ଅନୁଭବ କରିଥିଲେ । ଉନ୍ନୟନ କମିଶନର ତଥା ବୋର୍ଡର ଅଧ୍ୟକ୍ଷା ଓଏଲଆଇସିକୁ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ, ଉଦ୍ୟାନ କୃଷି ଓ ଅନ୍ୟ ବିଭାଗ ସହିତ ସମ୍ମିଳିତ ପ୍ରୟାସରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ନିଗମର କାର୍ଯ୍ୟ ନିରନ୍ତରତା ଭିତିରେ ଲକ୍ଷ୍ୟ ରଖି କରାଯିବା, ଶକ୍ତିର ଉପଯୁକ୍ତ ବ୍ୟବହାର, ଫସଲ ବିବିଧିକରଣ, ମହିଳା କୃଷକ ସଶକ୍ତିକରଣ ଓ ବୈଷୟିକ ଜ୍ଞାନ କୌଶଳର ଉପଯୋଗ କରି ଓଏଲଆରସି ପରିଚାଳନାରୁ ଆହୁରି ସୁଦୃଢ଼ କରିବାକୁ ଉନ୍ନୟନ କମିଶନର ଗୁରୁତ୍ୱ ଦେଇଛନ୍ତି ।

### କମିଶନରେଟ ପୋଲିସ ପଞ୍ଝାରେ ହାଇ ପ୍ରୋଫାଇଲ ଠକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ୧୮ କୋଟିରୁ ଅଧିକ ଟଙ୍କା ଠକେଇ ଅଭିଯୋଗରେ ଠକକୁ ଗିରଫ କରିଛି କମିଶନରେଟ୍ ପୋଲିସ୍‌ର ସ୍ପେଶାଲ କ୍ରାଇମ ୟୁନିଟ। ବ୍ୟାଙ୍କର ନିଲାମ ସୁନାକୁ ଅକ୍ସନରେ ଆଣି ବାହାରେ ବିକ୍ରି କରୁଥିଲା ଠକ। ସୁନା ଅକ୍ସନ ଆଣିବା ପାଇଁ କହି ଲୋକଙ୍କ ଠାରୁ କୋଟି କୋଟି ଟଙ୍କା ଠକି ଥିବା ଅଭିଯୋଗ ହୋଇଥଲା। ଏହି ଠକେଇ ଅଭିଯୋଗ ରେ ଠକ ରମେଶ ମାଝୀ ନାମକ ଯୁବକକୁ ସ୍ପେଶାଲ କ୍ରାଇମ ୟୁନିଟ ଗିରଫ କରିଛି। ରମେଶ ୧୮କୋଟିରୁ ଅଧିକ ଟଙ୍କା ଠକେଇ କରିଥିବା ତଦନ୍ତରୁ ଜଣା ପଡିଛି। ପୋଲିସ ରମେଶକୁ ଗିରଫ କରି କୋର୍ଟ ଚାଲାଣ କରିଛି। ରମେଶକୁ ରିମାଣ୍ଡ ରେ ଆଣିବାକୁ ଯୋଜନା କରିଛି ସ୍ପେଶାଲ କ୍ରାଇମ ୟୁନିଟ।

### ଉତ୍କଳ ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତି ନିଯୁକ୍ତି ରଦ୍ଦ

କଟକ(ଭାସ୍କର ନ୍ୟୁଜ୍): ଉତ୍କଳ ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତି ନିଯୁକ୍ତିକୁ କୁଳାଧିପତି ତଥା ରାଜ୍ୟପାଳ ରଦ୍ଦ କରିଛନ୍ତି। ଆଗକୁ ନୂଆ କୁଳପତି ନିଯୁକ୍ତି ନେଇ ନୂଆ ଅଧ୍ୟାଦେଶ ଅଣାଯିବ। ଏନେଇ ଓଡ଼ିଶା ଉଚ୍ଚ ନ୍ୟାୟଳୟକୁ ଜଣାଇଛନ୍ତି ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ। ଉତ୍କଳ ବିଶ୍ୱବିଦ୍ୟାଳୟରେ ଭାରପ୍ରାପ୍ତ କୁଳପତି ନିଯୁକ୍ତି ବେଆଇନ୍ ଦର୍ଶାଇ ଆଇନଜୀବୀ ପ୍ରବୀର୍ ଦାସ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାୟର କରିଥିଲେ।

## ଅତ୍ୟାଧୁନିକ ସମନ୍ୱିତ ମତ୍ସ୍ୟ ଚାଷୀ ପ୍ରଶିକ୍ଷଣ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅତ୍ୟାଧୁନିକ ସମନ୍ୱିତ ମତ୍ସ୍ୟ ଚାଷୀ ତାଲିମ କେନ୍ଦ୍ରର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଭୁବନେଶ୍ୱର କୌଶଲ୍ୟାଗଙ୍ଗ ସରକାରୀ ମାଛ ଯାଆଁଳ ଉତ୍ପାଦନ କେନ୍ଦ୍ରଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ତଥା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏହାର ଭିତିପ୍ରସ୍ତର ସ୍ଥାପନ ଅବସରରେ କହିଛନ୍ତି, ମତ୍ସ୍ୟଚାଷୀ, ଉଦ୍ୟୋଗୀ ଏବଂ ମତ୍ସ୍ୟ ଅଧିକାରୀମାନଙ୍କୁ ଉନ୍ନତ ମତ୍ସ୍ୟ ପ୍ରଯୁକ୍ତିବିଦ୍ୟା ଓ ଆଧୁନିକ କୌଶଳ ବିଷୟରେ ଏହି କେନ୍ଦ୍ରରେ ପ୍ରଶିକ୍ଷଣ ଦିଆଯିବ। ଫଳରେ ମାଛ ଉତ୍ପାଦନ ବହୁଗୁଣିତ ହେବା ସହ ମତ୍ସ୍ୟଚାଷୀଙ୍କ ଜୀବନ-ଜୀବିକା ଅଧିକ ସୁରକ୍ଷିତ ହୋଇପାରିବ। ମାଛ ଚାଷରେ ଓଡିଶାକୁ ଏକ ନମ୍ବର ରାଜ୍ୟ ଭାବେ ପ୍ରତିପାଦିତ କରିବା ଲକ୍ଷ୍ୟ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ କ୍ରମେ 'ଅତ୍ୟାଧୁନିକ ସମନ୍ୱିତ ମତ୍ସ୍ୟ ଚାଷୀ ତାଲିମ କେନ୍ଦ୍ର'ର ଭିତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ଦୂରଦୃଷ୍ଟିକୁ ସାକାର କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ପ୍ରାୟ ୧୫ କୋଟି ଟଙ୍କା ଅନୁଦାନ ମଞ୍ଜୁର କରିଛନ୍ତି। ଏହି ପ୍ରଶିକ୍ଷଣ କେନ୍ଦ୍ରର କାର୍ଯ୍ୟ ଆସନ୍ତା ୨ ବର୍ଷ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରହିଛି। ଚାଷୀଙ୍କ ଦକ୍ଷତା ବିକାଶ ଏବଂ ଉନ୍ନତ ମାଛ ଚାଷ ମାଧ୍ୟମରେ ମତ୍ସ୍ୟଚାଷୀଙ୍କ ସଶକ୍ତୀକରଣ ଦିଗରେ ଏହା ସହାୟକ ହେବ ବୋଲିମନ୍ତ୍ରୀ ଶ୍ରୀ ମଲ୍ଲିକ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ମତ୍ସ୍ୟ ନିର୍ଦ୍ଦେଶକ ମହମ୍ମଦ ସାଦିକ୍ ଆଲମ୍, ବିଭାଗୀୟ ଅଧିକାରୀ, ମତ୍ସ୍ୟ ଚାଷୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଭିଜିଲାନ୍ସ ଜାଲରେ ବିଏମ୍‌ସି କାର୍ଯ୍ୟନିର୍ବାହୀ ଯନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭିଜିଲାନ୍ସ ଜାଲରେ ବିଏମସି କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ । ଆୟ ବହିର୍ଭୁତ ସମ୍ପତି ଠୁଳ କରିବା ଅଭିଯୋଗରେ ଭୁବନେଶ୍ୱର ବିଏମସିର କାର୍ଯ୍ୟନିର୍ବାହୀ ଇଂଜିନିୟର ଜଗନ୍ନାଥ ପଟ୍ଟନାୟକ । ଆୟ ବହିର୍ଭୁତ ସଂପତି ଠୁଳ ଅଭିଯୋଗରେ ୪ଟି ସ୍ଥାନରେ ଚଢାଉ କରିଛି ଭିଜିଲାନ୍ସ। ଭୁବନେଶ୍ୱର ବଡ଼ଗଡ଼ ବାସଭବନ ସମେତ ୪ଟି ସ୍ଥାନ ଯଥା ବାଲିଅନ୍ତା ତହସିଲ ସ୍ଥିତ ଫାର୍ମ ହାଉସ, ରାୟଗଡା ଜିଲ୍ଲାର ପୈତୃକ ଘର, ରାୟଗଡା ଗୁଣୁପୁରର ଅନ୍ୟ ୨ଟି ସ୍ଥାନରେ ଚଢାଉ ହୋଇଛି। ଚଢାଉ ବେଳେ ଏକଜିକ୍ୟୁଟିଭ୍ ଇଂଜିନିୟରଙ୍କର ଅମାପ ସମ୍ପତି ଠାବ କରିଛି ଭିଜିଲାନ୍ସ। ଭୁବନେଶ୍ୱର ସ୍ଥିତ ବଡ଼ଗଡ଼ ବ୍ରିଟ କଲୋନୀର ଅଞ୍ଚଳରେ ତିନି ମହଲା କୋଠା ରହିଥିବା ବେଳେ ଘରୁ ୨୦୦ ଗ୍ରାମର ସୁନା ଅଳଙ୍କାର ସହଅନେକ ମୂଲ୍ୟବାନ ଆସବାବପତ୍ର ସିଜ କରିଛି ଭିଜିଲାନ୍ସ ଟିମ। ଘରେ ନଗଦ ଟଙ୍କା କମ୍ ଥିଲେ ମଧ୍ୟ କୁବେର ଇଂଜିନିୟର ଜଗନ୍ନାଥଙ୍କ ୬ ଟି ସେଭିଂ ବ୍ୟାଙ୍କ ଆକାଉଣ୍ଟ ସହ ୧ ଏଫଡ଼ି, ୨୮ ଲକ୍ଷ ୪୪ ହଜାର ୩ଶହ ଟଙ୍କାର ମିଚ୍ୟୁଆଲ ଫଣ୍ଡରେ ଇନଭେଷ୍ଟ କରିଥିବା ସୂଚନା ମିଳିଛି। ଅନ୍ୟପଟେ ବାଲିଅନ୍ତା ତହସିଲ ସ୍ଥିତ ରଣପୁର ମୌଜା ଅଂଚଳରେ ୧.୫୭ ଏକରର ଫାର୍ମ ହାଉସରେ ମଧ୍ୟ ଭିଜିଲାନ୍ସ ଟିମ ଛାନଭିନ କରିବା ସହ ବାବୁଙ୍କ ମାଛ ପୋଖରୀ, ନଡ଼ିଆ ଗଛ, ଫଳ ବଗିଚା, କୁକୁଡ଼ା ଫାର୍ମର ମୂଲ୍ୟ ଆକଳନ କରୁଛି। ଖାଲି ସେତିକି ନୁହେଁ ଏହି କୁବେର ଇଂଜିନିୟରଙ୍କ ଖଣ୍ଡଗିରି ଅଞ୍ଚଳରେ ଏକ ତିନି ମହଲା କୋଠା ଘର ରହିଥିବା ବେଳେ ବଡ଼ଗଡ଼ ବ୍ରିଟ ଅଞ୍ଚଳର ଏହି ପିଆର୧୨ ନମ୍ବର ନିଜସ୍ୱ ଘର ସହ ଆଉ ଏକ ଘର ଥିବାର ମଧ୍ୟ ସୂଚନା ଦେଇଛି ଭିଜିଲାନ୍ସ। ଭୁବନେଶ୍ୱର ଭିଜିଲାନ୍ସର ସ୍ୱତନ୍ତ୍ର ବିଚାରପତିଙ୍କ ୱାରେଂଟ ବଳରେ ଭୁବନେଶ୍ୱର ଓ ଗୁଣୁପୁରର ୪ଟି ସ୍ଥାନରେ ଏକସଙ୍ଗରେ ଚଢାଉ କରାଯାଇଛି ।ଏହି ରେଡ୍‌ରେ ୬ଜଣ ଡିଏସପି, ୧୦ ଇନସପେକ୍ଟର ଓ ଅନ୍ୟ ସହଯୋଗୀ ଷ୍ଟାଫ୍ ମାନେ ସାମିଲ ଅଛନ୍ତି ।

## ନାରୀ ନ୍ୟାୟ ବାହିନୀ ଆପ୍ ଉନ୍ମୋଚିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟ କଂଗ୍ରେସର ସମସ୍ତ ଶକ୍ତି ନାରୀ ନ୍ୟାୟ ପାଇଁ ସମର୍ପିତ ବୋଲି ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତି। ବୁଧବାର ନାରୀ ନ୍ୟାୟ ବାହିନୀ ଆପ ଉନ୍ମୋଚନ ଅବସରରେ ଭକ୍ତ କହିଛନ୍ତି, ଯୁଗ ଯୁଗରେ ନାରୀ ପ୍ରତି ଅତ୍ୟାଚାର ହୋଇ ଆସିଛି। ଏବେବି ବିଭିନ୍ନ ସ୍କୁଲ, କଲେଜରେ, ରାସ୍ତା, ଘାଟରେ ନାରୀ ପ୍ରତି ଅନ୍ୟାୟ ହେଉଛି। ରାହୁଲ ଗାନ୍ଧୀ, ଖଡ଼ଗେ ଓଡିଶା ଆସି ନାରୀ ନ୍ୟାୟ ଦେବା ପାଇଁ ଆହ୍ୱାନ ଦେଲେ ବୋଲି ପିସିସି ସଭାପତି ଭକ୍ତ କହିଥିଲେ। ଏହି ଅବସରରେ ସମାଜସେବୀ ରଞ୍ଜିତା କୁମାରୀ ବେହେରା ନାରୀ ନ୍ୟାୟ ଆପ ଉଦଘାଟନ କରି କହିଥିଲେ, ଏବେବି ବହୁ ନାରୀଙ୍କ ନିର୍ଯାତନା ମାମଲା ଲୋକଲୋଚନକୁ ଆସି ପାରୁନି। ଆମେ ବ୍ଲକ ସ୍ତରରେ ସଚେତନ କାର୍ଯ୍ୟକ୍ରମ କରିବୁ। ନାରୀ ନ୍ୟାୟ ବାହିନୀ ଆବାହକ ତଥା ସଂଯୋଜିକା ଗାୟତ୍ରୀ ବିଶ୍ୱାଳ କହିଥିଲେ, ସମାଜରେ ଏବେକାର ବ୍ୟବସ୍ଥାରେ ବହୁ ନାରୀ ହିଂସାର ଶିକାର ହେଉଛନ୍ତି। ଦୁଷ୍କର୍ମ, ଗଣ ଦୁଷ୍କର୍ମ ବଢ଼ି ଚାଲିଛି। ବହୁ ସମୟରେ ନାରୀଟିଏ ଅତ୍ୟାଚାର ହେବା ପରେ କେଉଁଠି ଅଭିଯୋଗ କରିବେ, ତାହା ଜାଣି ପାରୁନାହାନ୍ତି। ତେଣୁ ଗାଁକୁ ଯିବ ନାରୀ ନ୍ୟାୟ ବାହିନୀ। ଆଇନଜୀବୀ ସୂର୍ଯ୍ୟସ୍ମିତା ପଣ୍ଡା କହିଲେ, ନାରୀଙ୍କୁ ସଶକ୍ତିକରଣ କରିବା ପାଇଁ ପୁରୁଷ ମନରେ ଚିନ୍ତାର ପରିବର୍ତ୍ତନ ଆବଶ୍ୟକ। ପୁରୁଷମାନେ ଆଗକୁ ଆଗେଇ ଆସିଲେ ନାରୀକୁ ନ୍ୟାୟ ନିଶ୍ଚୟ ମିଳିବ ବୋଲି ସୂର୍ଯ୍ୟସ୍ମିତା କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ଶେଫାଳି ଶର୍ମା, ସୃଷ୍ଟି ସୋମେନ୍, ନିବେଦିତା ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।

## ରାଜଧାନୀରୁ ନିଖୋଜ ଦୁଇ ଶିଶୁ ପୁତ୍ର ପୁରୀରେ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜଧାନୀରେ କାର୍ଯ୍ୟରତ ମହିଳା କବିତା ରେଡ୍ଡୀଙ୍କ ୨ ଶିଶୁ ପୁତ୍ର ନିଖୋଜ ଘଟଣା । ପୁରୀରୁ ୨ ପୁତ୍ର ମିଳିଥିବା ନେଇ କବିତା ସୂଚନା ଦେଇଛନ୍ତି । ଶନିବାର ଘର ନିକଟରୁ ୨୦୦ ମିଟର ଦୂରରେ ଦୁଇ ଭାଇ ଖେଳୁଥିଲେ ତା ପରଠୁ ଆଉ ପାଇ ନଥିଲେ ମା। ବହୁ ଖୋଜା ଖୋଜି ପରେ ଥାନାରେ ଏତଲା ଦେଇଥିଲେ। ପରେ ପୁରୀରେ ପିଲା ଥିବାର ସୂଚନା ମିଳିବା ପରେ ପୁରୀ ପୋଲିସ ତାଙ୍କୁ ଅବଗତ କରେଇବା ପରେ ଆଜି ମା, ବାପା ପୁରୀ ଯିବେ। ପୁରୀରେ ଥାନା ଅଧିକାରୀଙ୍କ ନିକଟରେ ପିଲା ନାହିଁ। ଯିଏ ଅଭିଯୁକ୍ତ ତା ପାଖେ ପିଲା ଥିବା ମା ସୂଚନା ଦେଇଛନ୍ତି । ସେ ଏବେ ଏକ ଲକ୍ଷ ଟଙ୍କା ମାଗୁଥିବା ମା କବିତା ରେଡ୍ଡୀ ଅଭିଯୋଗ କରିଛନ୍ତି। ଆଜି ପୁରୀ ଯିବେ କବିତା ଓ ତାଙ୍କ ପରିବାର।

### ରାଜଧାନୀରୁ ମାରାତ୍ମକ ସିନ୍ଥେଟିକ୍ ଡ୍ରଗ୍ସ ଠାବ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜଧାନୀରୁ ମାରାତ୍ମକ ସିନ୍ଥେଟିକ୍ ଡ୍ରଗ୍ସ ଠାବ ହୋଇଛି। ଏହି ମାମଲାରେ ଜଣେ ୨୩ ବର୍ଷୀୟ ଇଂଜିନିୟରିଂ ଛାତ୍ରଙ୍କୁ ଗିରଫ କରିଛି ନାର୍କୋଟିକସ୍ କଣ୍ଟ୍ରୋଲ ବ୍ୟୁରୋ ବା ଏନ୍‌ସିବି। ଗିରଫ ଅଭିଯୁକ୍ତ ହେଲେ ଆର୍ଯ୍ୟମାନ ପଟ୍ଟନାୟକ। ସେ ନୋଏଡାରୁ ଇଞ୍ଜିନିୟରିଂ ପାସ କରିଥିବା ଏନ୍‌ସିବି ସୂଚନା ଦେଇଛି। ତାଙ୍କ ପାଖକୁ ଏହି ପାର୍ସଲ ଆସିଥିବା ଖବର ମିଳିବା ପରେ ଏନସିବି ଚଢାଉ କରିଥିଲା। ଏହି ହାଇ ପ୍ରୋଫାଇଲ ଡ୍ରଗ୍ସ ବିଦେଶରେ ବ୍ୟବହାର ହୁଏ । ଓଡ଼ିଶାରେ ପ୍ରଥମ ଥର ଏଭଳି ମାମଲା ସାମ୍ନାକୁ ଆସିଛି।

TPCODL | TPNODL | TPSODL | TPWODL
(Joint Ventures of Tata Power and Government of Odisha)

PUBLIC NOTICE

Installation of smart meters for new electricity connection and replacement of existing meters is in post paid mode by default. Pre-paid mode is optional and enabled only on consumer's request.

For any queries or service requests related to smart meters or other electricity services, please call on 24x7 toll-free number at 1912 or contact your nearest Customer Care Centre.

ଭାରତୀୟ ବାୟୁ ସେନା
ଅଭିଜିତ ହୁଅନ୍ତୁ ...
ହୁଅନ୍ତୁ ଅଗ୍ନିବୀରବାୟୁ
(ଇଣ୍ଟେକ୍ 02/2026)
02 ଜୁଲାଇ 2005 ରୁ 02 ଜାନୁଆରୀ 2009 ମଧ୍ୟରେ ଜନ୍ମିତ (ଉଭୟ ତାରିଖ ଅନ୍ତର୍ଭୁକ୍ତ) ଯୋଗ୍ୟ ଅବିବାହିତ ଭାରତୀୟ ପୁରୁଷ ଓ ମହିଳା ପ୍ରାର୍ଥୀଙ୍କ ଠାରୁ ଅନଲାଇନ୍ ଆବେଦନ ଆହ୍ୱାନ।
ଅନଲାଇନ୍ ପରୀକ୍ଷା:
25 ସେପ୍ଟେମ୍ବର 2025 ରୁ ଆରମ୍ଭ
ଅନଲାଇନ୍ ରେଜିଷ୍ଟ୍ରେସନ୍:
11 ଜୁଲାଇ 2025 ରୁ
31 ଜୁଲାଇ 2025 ପର୍ଯ୍ୟନ୍ତ
DETAILED NOTIFICATION
ଅନଲାଇନ୍ ପଞ୍ଜୀକରଣ:
https://agnipathvayu.cdac.in/
DSPL -184
OIPR 12001/13/0014/2526



"ମାତୃଭୂମି ମାତୃଭାଷାରେ ମମତା ଯା'ହୃଦେ
ଜନମି ନାହିଁ, ତାକୁ ଯଦି ଜ୍ଞାନୀ ଗୁଣିରେ
ଗଣିବା ଅଜ୍ଞାନୀ ରହିବେ କାହିଁ।"
- ସ୍ୱଭାବ କବି ଗଙ୍ଗାଧର ମେହେର



"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ
ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ ।"
-ସନ୍ଥକବି ଭୀମଭୋଇ



## ବିହାର ଭୋଟର ତାଲିକାକୁ ନେଇ ଝଡ଼

# ସଡ଼କରୁ ସଂସଦ ମୁହାଁମୁହିଁ ସ୍ଥିତି

ରାଜନୈତିକ ଦୃଷ୍ଟିକୋଣରୁ ଯଥେଷ୍ଟ ଗୁରୁତ୍ୱ ବହନ କରୁଥିବା ବିହାର ବିଧାନସଭା ନିର୍ବାଚନକୁ ଆଉ ମାତ୍ର ତିନି ମାସ ବାକି ଥିବାବେଳେ ସେହି ରାଜ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ସମୀକ୍ଷା ପାଇଁ ନିର୍ବାଚନ ଆୟୋଗଙ୍କ ପଦକ୍ଷେପ ଜାତୀୟ ରାଜନୀତିରେ ଝଡ଼ ସୃଷ୍ଟି କରିଛି। ଏଥିନେଇ ସର୍ବୋଚ୍ଚ ନ୍ୟାୟାଳୟ ଓ ମୁଖ୍ୟ ନିର୍ବାଚନ ଆୟୋଗଙ୍କ ମଧ୍ୟରେ ମତପାର୍ଥକ୍ୟ ଦେଖାଦେବା ସହିତ ସଂସଦ ଅଧିବେଶନରେ ମଧ୍ୟ ଶାସକ ଏବଂ ବିରୋଧୀ ଦଳ ମୁହାଁମୁହିଁ ସ୍ଥିତିରେ ପହଞ୍ଚିଛନ୍ତି। ମଙ୍ଗଳବାର ଏହି ପ୍ରସଙ୍ଗରେ ଆଲୋଚନା ନିମନ୍ତେ ବିରୋଧୀ ଦଳର ସାଂସଦମାନେ ଅଡ଼ି ବସିବା ସହ ପ୍ରବଳ ହଟ୍ଟଗୋଳ କରିବାରୁ ଦୁଇ ସଦନରେ ସ୍ୱାଭାବିକ କାର୍ଯ୍ୟ ପରିଚାଳନା ସମ୍ଭବ ହୋଇନଥିଲା। ବିଧାନସଭା ନିର୍ବାଚନର ଠିକ୍ ପୂର୍ବରୁ ନିର୍ବାଚନ ଆୟୋଗ ଭୋଟର ତାଲିକାରେ ଏଭଳି ସଂଶୋଧନ ପ୍ରକ୍ରିୟା ଜାରି କରିବା ଫଳରେ ଗରିବ ଓ ଦଳିତ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହେଉଛି ବୋଲି ବିରୋଧୀ ସାଂସଦମାନେ ଅଭିଯୋଗ କରିଥିଲେ। ଏହାଦ୍ୱାରା ବିହାରର ଲକ୍ଷ ଲକ୍ଷ ଭୋଟରଙ୍କ ମୌଳିକ ଅଧିକାର ଏବେ ଆଶଙ୍କା ମଧ୍ୟରେ ରହିଛି ଏବଂ ଅନେକ ଯୋଗ୍ୟ ଭୋଟର ସେମାନଙ୍କ ମତଦାନ ଅଧିକାରରୁ ବଞ୍ଚିତ ହେବେ ବୋଲି ସେମାନେ ଦର୍ଶାଇଥିଲେ। ବିହାର ଭୋଟର ତାଲିକାର ସ୍ୱତନ୍ତ୍ର ଯାଞ୍ଚ ସମୟରେ ମୁଖ୍ୟତଃ ଭୋଟର ପରିଚୟ ଓ ଭାରତୀୟ ନାଗରିକତ୍ୱକୁ ପ୍ରମାଣ ରୂପେ ଖୋଜା ଯାଉଛି। ମାତ୍ର ଏହି ଯାଞ୍ଚ କାର୍ଯ୍ୟରେ ଭୋଟରଙ୍କ ପରିଚୟର ପ୍ରମାଣ ସ୍ୱରୂପ ଆଧାର କାର୍ଡ, ରେସନ କାର୍ଡ ଓ ଭୋଟର ପରିଚୟପତ୍ରକୁ ଗ୍ରହଣ କରିବା ପାଇଁ ଭାରତର ସର୍ବୋଚ୍ଚ ନ୍ୟାୟାଳୟ (ସୁପ୍ରିମକୋର୍ଟ) ଯେଉଁ ପରାମର୍ଶ ଦେଇଥିଲେ, ନିର୍ବାଚନ ଆୟୋଗ ତାକୁ ଅଗ୍ରାହ୍ୟ କରି ଦେଇଛନ୍ତି। ସୁପ୍ରିମକୋର୍ଟ ନିକଟରେ ନିର୍ବାଚନ ଆୟୋଗ ଦାଖଲ କରିଥିବା ସତ୍ୟପାଠରେ ସ୍ପଷ୍ଟ ଜଣାଇ ଦେଇଛନ୍ତି ଯେ, ନାଗରିକ ପରିଚୟ ପ୍ରମାଣ ପାଇଁ ଆମେ କେବଳ ଆଧାର କାର୍ଡ ଉପରେ ଭରସା କରିପାରିବୁ ନାହିଁ। ସେହିପରି ଦେଶରେ ବହୁସଂଖ୍ୟାରେ ଜାଲ୍ ରେସନ୍ କାର୍ଡ ପ୍ରଚଳନ ହେଉଥିବାରୁ ତାକୁ ମଧ୍ୟ ଭରସା କରିହେବ ନାହିଁ। ବିହାର ଭୋଟର ତାଲିକା ଯାଞ୍ଚ ପ୍ରକ୍ରିୟାକୁ ନେଇ ସଡ଼କରୁ ସଂସଦ ପର୍ଯ୍ୟନ୍ତ ଏଭଳି ହଙ୍ଗାମା ଲାଗି ରହିଥିବା ବେଳେ ନିର୍ବାଚନ ଆୟୋଗଙ୍କ ପକ୍ଷରୁ କିଛି ରୋଚକପୂର୍ଣ୍ଣ ତଥ୍ୟ ପ୍ରକାଶ କରାଯାଇଛି। ସ୍ୱତନ୍ତ୍ର ଯାଞ୍ଚ ପ୍ରକ୍ରିୟା ଦ୍ୱାରା ଏହି ରାଜ୍ୟରେ ୫୨ଲକ୍ଷ ଅବୈଧ ଭୋଟରଙ୍କୁ ତାଲିକାରୁ ବାଦ୍ ଦିଆଯାଇଛି। ଅନ୍ୟ ଅର୍ଥରେ ଆଗାମୀ ବିଧାନସଭା ନିର୍ବାଚନରେ ୫୨ ଲକ୍ଷ ଭୋଟର ମତଦାନ ଅଧିକାରରୁ ବଞ୍ଚିତ ହେବାକୁ ଯାଉଛନ୍ତି। ସେହିପରି ତାଲିକାରେ ଥିବା ୧୮ଲକ୍ଷ ଭୋଟରଙ୍କ ଇତିମଧ୍ୟରେ ମୃତ୍ୟୁ ଘଟି ସାରିଛି ଓ ସେମାନଙ୍କ ନାମକୁ ତାଲିକାରୁ ବାଦ୍ ଦେବାକୁ ପଡ଼ିବ। ରାଜ୍ୟର ସାତ ଲକ୍ଷ ଭୋଟର ନିଜର ନାମକୁ ଦୁଇଟି ସ୍ଥାନରେ ପଞ୍ଜିକୃତ କରାଇଥିବା ତଥ୍ୟ ମଧ୍ୟ ନଜରକୁ ଆସିଛି। ଏହି ତଥ୍ୟ ଆହୁରି ଦର୍ଶାଉଛି ଯେ, ୨୬ଲକ୍ଷ ଭୋଟର ବିଭିନ୍ନ ନିର୍ବାଚନ କ୍ଷେତ୍ରକୁ ଚାଲିଯାଇଛନ୍ତି। ଯାଞ୍ଚ ପ୍ରକ୍ରିୟା ଚୂଡ଼ାନ୍ତ ହେବା ପରେ ଅଗଷ୍ଟ ପହିଲାରେ ଯୋଗ୍ୟ ତଥା ବୈଧ ଭୋଟରଙ୍କ ଚିଠା ତାଲିକା ପ୍ରକାଶ ପାଇବାକୁ ଥିବାବେଳେ ଏହା ଉପରେ ଆପତ୍ତି ଜଣାଇବାର ଶେଷ ଦିବସ ସେପ୍ଟେମ୍ବର ୧ ତାରିଖକୁ ଧାର୍ଯ୍ୟ ହୋଇଛି। ତେବେ ଭୋଟର ତାଲିକାର ଏଭଳି ସ୍ୱତନ୍ତ୍ର ଯାଞ୍ଚ ପ୍ରକ୍ରିୟା ସ୍ୱାଗତଯୋଗ୍ୟ ହୋଇଥିଲେ ହେଁ ନିର୍ବାଚନର ଏତେ କମ୍ ସମୟ ପୂର୍ବରୁ ଏହା କରାଯିବା କିଛିଟା ସନ୍ଦେହ ସୃଷ୍ଟି କରିବା ସ୍ୱାଭାବିକ। ସେହିଦୃଷ୍ଟିରୁ ନିର୍ବାଚନ ଆୟୋଗ ଏ କ୍ଷେତ୍ରରେ ସମସ୍ତଙ୍କ ସହମତିରେ ଆସ୍ଥାଭାଜନ ହେଲା ଭଳି ପଦକ୍ଷେପ ଗ୍ରହଣ କରିବା ବିଜ୍ଞତାର କାର୍ଯ୍ୟ ହେବ।

## ନୀତିବାଣୀ



**ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ,**
**ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ।**
**ପରିତ୍ରାଣାୟ ସାଧୁନାଂ ବିନାଶାୟ ଚ ଦୁଷ୍କୃତାମ୍,**
**ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ॥**

**ଭାବାର୍ଥ :** ଯେତେବେଳେ ପୃଥିବୀ ପୃଷ୍ଠରେ ଧର୍ମର ଲୋପ ହୁଏ, ଅଧର୍ମ ବଢ଼ିଯାଏ, ସେତେବେଳେ ଅଧର୍ମର ବିନାଶ ପାଇଁ ମୁଁ ପ୍ରକଟ ହୁଏ । ସାଧୁଙ୍କ ରକ୍ଷା, ଦୁଷ୍ଟଙ୍କ ବିନାଶ ପାଇଁ ଧର୍ମର ସ୍ଥାପନା ଉଦ୍ଦେଶ୍ୟରେ ମୁଁ ସବୁ ଯୁଗରେ ପ୍ରକଟ ହୁଏ ।

# ଧନଖଡ଼ଙ୍କ ଇସ୍ତଫା: ସ୍ୱାସ୍ଥ୍ୟଗତ କାରଣରୁ ନା ଅନ୍ୟ କିଛି ?



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେବାର ପ୍ରଥମ ଦିନ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ତାଙ୍କ ଇସ୍ତଫା ପତ୍ର ରାଷ୍ଟ୍ରପତିଙ୍କ ପାଖକୁ ପଠାଇ ଦେଇଥିଲେ ଓ ତାଙ୍କ ଇସ୍ତଫାକୁ ରାଷ୍ଟପତି ସ୍ୱୀକାର କରିନେଇଛନ୍ତି। ଧନଖଡ଼ଙ୍କ କାର୍ଯ୍ୟକାଳ ପୂରିବାକୁ ୨ବର୍ଷ ବାକିଥିଲା। ଯେଭଳି ଅକସ୍ମାତ ଭାବରେ ଧନଖଡ଼ ଇସ୍ତଫା ଦେଲେ ତାକୁ ନେଇ ଅନେକ ପ୍ରକାରର ଅଟକଳ କରାଯାଇଛି। କିନ୍ତୁ ଧନଖଡ଼ ସ୍ୱାସ୍ଥ୍ୟଗତ କାରଣରୁ ଇସ୍ତଫା ଦେଇଛନ୍ତି ବୋଲି କହୁଛନ୍ତି। ଧନଖଡ଼ ସ୍ୱାସ୍ଥ୍ୟଗତ କାରଣରୁ ଇସ୍ତଫା ଦେବା କଥାକୁ ଅନେକେ ଗ୍ରହଣ କରିପାରୁ ନାହାଁନ୍ତି। ଉପରାଷ୍ଟ୍ରପତି ଧନଖଡ଼ ନ୍ୟାୟପାଳିକାକୁ ସମାଲୋଚନା କରୁଥିଲେ ଓ ସଂସଦ ସବୁଠାରୁ ଉର୍ଦ୍ଧ୍ୱରେ ବୋଲି କହୁଥିଲେ। ରାଷ୍ଟ୍ରପତି ଏବଂ ରାଜ୍ୟପାଳଙ୍କୁ ନେଇ ମାନ୍ୟବର ସୁପ୍ରିମକୋର୍ଟ ଯେଉଁ ନିଷ୍ପତ୍ତି ଶୁଣାଇଥିଲେ ତା'ପର ଠାରୁ ଧଡ଼ଖଡ଼ କ୍ରମାଗତ ଭାବେ ସୁପ୍ରିମକୋର୍ଟଙ୍କ ରାୟ ବା ନିଷ୍ପତ୍ତିକୁ ବିରୋଧ କରୁଥିଲେ। ପ୍ରୟାଗରାଜ (ଏହ୍ଲାବାଦ) ହାଇକୋର୍ଟର ବିଚାରପତି ଶେଖର ଯାଦବ ଙ୍କ ପ୍ରସଙ୍ଗରେ ବିରୋଧୀ ସାଂସଦମାନଙ୍କ ପକ୍ଷରୁ ମହାଭିଯୋଗର ପ୍ରସ୍ତାବ ଦିଆଯାଇଥିଲା କିନ୍ତୁ ଧନଖଡ଼ ଏହା ଉପରେ କୌଣସି ପର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ। ସାଂସଦ ମାନଙ୍କ ଦସ୍ତଖତକୁ ଏପର୍ଯ୍ୟନ୍ତ ଚିହ୍ନଟ ବା ପ୍ରମାଣିତ କରାଯାଇ ପାରିଲା ନାହିଁ ଓ ଶେଖର ବାବଦ ମାମଲା ସେମିତି ରହିଗଲା। ଏହାପରେ ଆସିଲା ଦିଲ୍ଲୀ ହାଇକୋର୍ଟରୁ ପ୍ରୟାଗରାଜ ହାଇକୋର୍ଟକୁ ବଦଳି ହୋଇଥିବା ବିଚାରପତି ଯଶବନ୍ତ ବର୍ମାଙ୍କ ବିରୋଧରେ ମହାଭିଯୋଗ। ଏହି ମହାଭିଯୋଗକୁ ସ୍ୱୀକାର କରାଯାଇ କାର୍ଯ୍ୟାନୁଷ୍ଠାନ ଆଗକୁ ବଢ଼ିଲା। ଲୋକସଭା ଏବଂ ରାଜ୍ୟସଭାର ୨୧୫ ଜଣ ସାଂସଦ ଯଶବନ୍ତ ବର୍ମାଙ୍କ ବିରୁଦ୍ଧରେ ମହାଭିଯୋଗ ପ୍ରସ୍ତାବରେ ହସ୍ତାକ୍ଷର କରିଥିଲେ। ଉଭୟ ସଦନରେ ମଧ୍ୟ ଏହାକୁ ସ୍ୱୀକାର କରାଗଲା। ଧଡ଼ଖଡ଼ ସବୁବେଳେ କହୁଥିଲେ ଯେ ସଂସଦ ସର୍ବୋପରି। ରାଷ୍ଟ୍ରପତି ଯେଉଁ ୧୪ଟି ପ୍ରସଙ୍ଗ ଉପରେ ସୁପ୍ରିମ୍‌କୋର୍ଟଙ୍କ ପ୍ରଧାନ ବିଚାରପତିଙ୍କ ପରାମର୍ଶ ମାଗିଥିଲେ ତା'ଉପରେ ସୁପ୍ରିମକୋର୍ଟଙ୍କ ୫ଜଣ ବିଚାରପତିଙ୍କ ପୀଠ ଶୁଣାଣି ଆରମ୍ଭ କରିବା ପାଇଁ ଅଧିସୂଚନା ଜାରି କରିଥିଲେ। ଏଥିସହ ସବୁରାଜ୍ୟ ଚାହିଁଲେ ଏ ମାମଲାରେ ପକ୍ଷ ରଖି ପାରିବେ ବୋଲି କହିଥିଲେ ମାନ୍ୟବର ସୁପ୍ରିମ୍‌କୋର୍ଟ। ଏହାକୁ ନେଇ ସରକାର ଏବଂ ସୁପ୍ରିମ୍‌କୋର୍ଟଙ୍କ ମଧ୍ୟରେ ତିକ୍ତତା ଏକ ନିର୍ଣ୍ଣାୟକ ଅବସ୍ଥାରେ ପହଞ୍ଚିଛି ଓ ଏଥିପାଇଁ ସରକାର ମଧ୍ୟ ଅସୁବିଧାରେ ପଡିପାରନ୍ତି।

ରାଜନୈତିକ ବିଶ୍ଳେଷକମାନଙ୍କ ମତରେ ବିଗତ କିଛିଦିନ ହେବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ସହ ଧନଖଡ଼୍ଙ୍କ ସମ୍ପର୍କରେ ତିକ୍ତତା ବଢ଼ିବାରେ ଲାଗିଥିଲା। ରାଜ୍ୟସଭା ଟିଭିକୁ ନେଇ ସରକାର ଏବଂ ଧନଖଡ଼ଙ୍କ ମଧ୍ୟରେ ମତାନ୍ତର ଆରମ୍ଭ ହୋଇଥିଲା। ରାଜ୍ୟସଭାରେ ମୌସୁମୀ ଅଧିବେଶନର ପ୍ରଥମ ଦିନ ଅପରେସନ ସିନ୍ଦୂର ପ୍ରସଙ୍ଗରେ ସଦନରେ ବିରୋଧୀଦଳ ନେତା ମଲ୍ଲିକାର୍ଜୁନ ଖଡ଼ଗେଙ୍କୁ କହିବା ପାଇଁ ଧନଖଡ଼େ ସୁଯୋଗ ଦେଇଥିଲେ ଓ ତା'ପରେ ବିଜେପି ଅଧ୍ୟକ୍ଷ ତଥା ରାଜ୍ୟସଭା ସାଂସଦ ଜେପି ନଡ୍ଡାଙ୍କୁ ତାଙ୍କ ବକ୍ତବ୍ୟ ପାଇଁ କୁହାଯାଇଥିଲା। ନଡ୍ଡା ତାଙ୍କ ଭାଷଣରେ କହିଥିଲେ ଯେ "ସେ ଯାହା କହୁଛନ୍ତି ତାକୁ ରେକର୍ଡ କରାଯିବ"। ନଡ୍ଡା ଏପରି କହି ପ୍ରକାରାନ୍ତରେ ଧନଖଡ଼େଙ୍କୁ ଆଦେଶ ଦେଇଥିଲେ। ରାଜ୍ୟସଭାରେ ନଡ୍ଡାଙ୍କ ଏଭଳି ମନ୍ତବ୍ୟ ଏକପ୍ରକାର ଧନଖଡ଼ଙ୍କ ପାଇଁ ଅପମାନଜନକ ଥିଲା ନିଶ୍ଚୟ କୁହାଯାଉଛି ଯେ ନଡ୍ଡାଙ୍କ ମନ୍ତବ୍ୟକୁ ବିରୋଧୀ ସାଂସଦମାନେ ବିରୋଧ ମଧ୍ୟ କରିଥିଲେ। ଏହା ପରେ ସଂସଦରେ ହୋ ହାଲ୍ଲା ବଢ଼ିଥିଲା।

କୁହାଯାଉଛି ଯେ ଧନଖଡ଼େଙ୍କ ଉପରେ ଚାପ ପକାଯାଇ ତାଙ୍କୁ ଇସ୍ତଫା ଦେବା ପାଇଁ ବାଧ୍ୟ କରାଯାଇଛି। ଏପରିକି ଇସ୍ତଫା ପତ୍ର ପ୍ରସ୍ତୁତ କରାଯାଇ ତାଙ୍କ ଆଗରେ ପେଶ କରାଯାଇଛି। ଧନଖଡ଼ ଇସ୍ତଫା ପତ୍ରରେ ଦସ୍ତଖତ କରିବା ପାଇଁ ପ୍ରଥମେ ରାଜିନଥିଲେ କିନ୍ତୁ ତାଙ୍କୁ ଏମିତି ଏକ ଫାଇଲ ଦେଖାଇ ଦିଆଯାଇଥିଲା ଯାହାପରେ ଧନଖଡ୍ ଇସ୍ତଫା ପତ୍ରରେ ଦସ୍ତଖତ କରିଥିଲେ। ୨୧ ତାରିଖ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସବୁକିଛି ସାଧାରଣ ଥିଲା କିନ୍ତୁ ସନ୍ଧ୍ୟା ୬ଟା ପରେ ରାଜନୀତିରେ ହଲଚଲ ଆରମ୍ଭ ହୋଇଯାଇଥିଲା। ରାତି ସାଢେ ୯ଟା ବେଳେ ଜଣାପଡିଲା ଯେ ସ୍ୱାସ୍ଥ୍ୟଗତ କାରଣରୁ ଧନଖଡ଼ ଇସ୍ତଫା ଦେଇଛନ୍ତି। ସୁପ୍ରିମ୍‌କୋର୍ଟଙ୍କ ବିରୁଦ୍ଧରେ ଯେପରି ଭାବେ ଧନଖଡ଼ ମନ୍ତବ୍ୟ ଦେଉଥିଲେ ସେଥିପାଇଁ ସରକାର ଅସୁବିଧାରେ ପଡୁଥିଲେ। ସରକାର ଧନଖଡ଼ଙ୍କ ମଧ୍ୟରେ ତିକ୍ତତା/ ଦୂରତା ବଢ଼ିବାରେ ଲାଗିଥିଲା। ଉପରାଷ୍ଟ୍ରପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କୁ ରାଜ୍ୟସଭାରେ ଅପରେସନ ସିନ୍ଦୂର ପ୍ରସଙ୍ଗରେ କହିବା ପାଇଁ ସୁଯୋଗ ଦେବା ଦ୍ୱାରା ଶାସକଦଳ ଅସନ୍ତୁଷ୍ଟ ହୋଇଥିଲେ। ସଂସଦରେ ଜେପିନଡ୍ଡା ମଧ୍ୟ ତାଙ୍କ ପ୍ରତିକ୍ରିୟା ସୂଚାଇ ଦେଇଥିଲେ। ନଡ୍ଡାଙ୍କ 'ସେ ଯାହା କହୁଛନ୍ତି ତାକୁ ରେକର୍ଡ କରାଯିବ' ମନ୍ତବ୍ୟ ପରେ ଧନଖଡ଼େ ଅସନ୍ତୋଷ ପ୍ରକାଶ କରିଥିଲେ। କିନ୍ତୁ ସରକାର ଏହାକୁ ଧନଖଡ଼େଙ୍କ ସରକାର ବିରୋଧୀ ମାନସିକତା ବୋଲି ଗ୍ରହଣ କରିନେଇଥିଲେ ଓ ସନ୍ଧ୍ୟା ୬ଟାରୁ ରାତି ୯ଟା ପର୍ଯ୍ୟନ୍ତ ୩ଘଣ୍ଟା ସରକାର ମାତ୍ରାଧିକ ସକ୍ରିୟ ହୋଇଯାଇଥିଲେ।

ଏବେ କୁହାଯାଉଛି ଯେ ଧନଖଡ଼ଙ୍କ ଇସ୍ତଫା ପ୍ରତିରକ୍ଷାମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପ୍ରସ୍ତୁତ କରାଯାଇଥିଲା ଓ ଚାପ ସୃଷ୍ଟି କରାଯିବାରୁ ଧନଖଡ଼ ଏଥିରେ ସ୍ୱାକ୍ଷର କରିଥିଲେ। ରାଷ୍ଟ୍ରପତି ମଧ୍ୟ ଧନଖଡ଼ଙ୍କ ଇସ୍ତଫାପତ୍ରକୁ ତୁରନ୍ତ ସ୍ୱୀକାର କରିନେଇଥିଲେ। ଏହାପରେ ଗଣମାଧ୍ୟମଙ୍କ ଇସ୍ତଫା ବାବଦରେ ସୂଚନା ଦିଆଯାଇଥିଲା। ଭାରତୀୟ ରାଜନୀତିରେ ଏହାକୁ ଏକ ବଡ଼ ପରିବର୍ତ୍ତନ ଏବଂ ଧମାକା ବୋଲି ମଧ୍ୟ ଅନେକେ ଅଭିହିତ କରୁଛନ୍ତି। କିନ୍ତୁ ସବୁଠାରୁ ମଜାଦାର କଥା ହେଉଛି ବିଗତ ଦୁଇତିନ ମାସ ହେବ ସରକାର ଯେଉଁ ନିଷ୍ପତ୍ତି ନେଉଛନ୍ତି ତାହା ତାଙ୍କ ପାଇଁ ବୁମେରାଂ ସାଜୁଛି। ବିହାରରେ ଭୋଟର ତାଲିକାର ସଘନ ସଂଶୋଧନ ଅଭିଯାନ ମଧ୍ୟ ନିର୍ବାଚନ କମିଶନ ଏବଂ ସରକାରଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ସରକାର ଏବଂ ନ୍ୟାୟପାଳିକା ମଧ୍ୟରେ ଯେପରି ଦୂରତା ବଢ଼ିବାରେ ଲାଗିଛି ତାକୁ ନେଇ ଅନେକ ଆଶଙ୍କା ମଧ୍ୟ ରାହିଛି। କିନ୍ତୁ ମୌସୁମୀ ଅଧିବେଶନର ପ୍ରଥମଦିନ ଉପରାଷ୍ଟ୍ରପତି ଯେଭଳି ଭାବରେ ଅଚାନକ ଇସ୍ତଫର ଦେଲେ ତାକୁ ନେଇ ରାଜନୀତି ମଧ୍ୟ ସରଗରମ ହେବାରେ ଲାଗିଛି। ଆଗକୁ କ'ଣ ହେବ ସେକଥା ଭଗବାନ ହିଁ ଜାଣନ୍ତି।

ଏସବୁ ପରେ ସବୁଠାରୁ ଦୁର୍ଭାଗ୍ୟର କଥା ହେଉଛି ଧନଖଡ଼ଙ୍କ ଇସ୍ତଫା ପରେ ତାଙ୍କୁ ବିଦାୟ ଦେବା ପାଇଁ କୌଣସି ସମାରୋହର ଆୟୋଜନ କରାଯିବ ନାହିଁ କିମ୍ବା ତାଙ୍କୁ ବିଦାୟୀ ଭାଷଣ ପାଇଁ ସୁଯୋଗ ଦିଆଯିବ ନାହିଁ। ସାଧାରଣତଃ ଉଚ୍ଚ ପଦାସୀନ ବ୍ୟକ୍ତି ତାଙ୍କ ପଦବୀରୁ ବିଦାୟ ନେବା ପରେ ତାଙ୍କର ପ୍ରଶଂସା କରାଯାଇଥାଏ। କିନ୍ତୁ ଏକଥା ଦେଖିବାକୁ ମିଳୁନାହିଁ। ଏଣୁ ପ୍ରଶ୍ନ ଉଠିବା ସ୍ୱାଭାବିକ୍ ଯେ ଧନଖଡ଼ଙ୍କ ଇସ୍ତଫା ସ୍ୱାସ୍ଥ୍ୟଗତ କାରଣରୁ ନା ଅନ୍ୟକଛି ?

# କଲ୍ୟାଣ ଗଙ୍ଗାର ସନ୍ଥ - ତନୁ ବାବା



ଅକ୍ଷୟ କୁମାର ରାଉତ
ପାରାଦ୍ୱୀପଗଡ, କୁଜଙ୍ଗ, ଜଗତସିଂହପୁର
ମୋ:୯୯୩୭୬୯୧୪୭୫

ସମୟର ବୈଚିତ୍ର୍ୟରେ ମୁହୁର୍ମୁହୁଃ ପରିବର୍ତ୍ତନ। ବିଶ୍ୱ ନିୟନ୍ତାଙ୍କର ନିର୍ଦ୍ଦେଶରେ ମଣିଷ, ପଶୁ, ପକ୍ଷୀ, ବୃକ୍ଷଲତା, କୀଟପତଙ୍ଗ, ଉଡା, ବୁଡା, ଚଳ, ନିଶ୍ଚଳ ସମସ୍ତେ କାଳର କରାଳ ଗତିରେ ଧାବମାନ। ପ୍ରକୃତିର ଅପୂର୍ବ ଶୋଭା ସୂର୍ଯ୍ୟ, ଚନ୍ଦ୍ର, ତାରା, ଗ୍ରହମଣ୍ଡଳ, ନଦନଦୀ, ସାଗର ଓ ପାହାଡ଼ ପର୍ବତ। ଏହିସବୁ ସୁନ୍ଦର ମଧ୍ୟରୁ ଈଶ୍ୱରଙ୍କର ସର୍ବଶ୍ରେଷ୍ଠ ମନୁଷ୍ୟ ସମାଜ। ସମସ୍ତ ପଦାର୍ଥ ଓ ଜୀବନ୍ତ ପ୍ରାଣୀମାନଙ୍କର ଆକୃତି, ପ୍ରକୃତି, ଆକାର ପ୍ରତ୍ୟକଙ୍କ ଠାରୁ ଭିନ୍ନ ଭିନ୍ନ। ସେହି ଭିନ୍ନ ଭିନ୍ନ ପରିମାପ କରିବାକୁ ରହିଛି ଅନନ୍ତ ଆକାଶ। ଅନିତ୍ୟ, ଅସାର କ୍ଷଣଭଙ୍ଗୁର ମାୟାମୋହ ସଂସାର ସାଗରକୁ ପାରିକରିବା ପାଇଁ ସଦ୍‌ଗୁରୁ ହିଁ ବାଟ ଦେଖାଇଥାନ୍ତି। ସେହି ସଦ୍‌ଗୁରୁଙ୍କ କୃପାରୁ ଆମେ ସମସ୍ତେ ଦୁଇ ପାଦ ଆଗେଇ ଥାଉ। ତାଙ୍କ ଦୟାରୁ ବ୍ରହ୍ମ ଓ ଈଶ୍ୱରଙ୍କ ସତ୍ତାର ଅନୁଭବ ହୋଇଥାଏ। ସଦ୍‌ଗୁରୁଙ୍କ ଦୟାରୁ ଧରା ଶୃଙ୍ଖଳିତ। ସେ ଦୂର ଦିଗ୍‌ବଳୟ ଆରପାରିର ଚନ୍ଦ୍ରମା। ତାଙ୍କରି ଜ୍ୟୋସ୍ନାରେ ଆଲୋକିତ ମହୋକିତ ଉଲ୍ଲସିତ ଧରାପୃଷ୍ଠ।

ସାଧୁସନ୍ଥ ମହାନ ସିଦ୍ଧ ସାଧକ ତନୁ ବାବା କୁଜଙ୍ଗର ତାଳଦଣ୍ଡା କାଳିଆପାଟ ଗ୍ରାମର ପିତା - ନିଳମଣି ବେହେରା, ମାତା- ଭାରତୀ ବେହେରାଙ୍କ କୋଳ ମଣ୍ଡନ କରି କାର୍ତ୍ତିକ ଦୀପାବଳି ଅମାବାସ୍ୟା (୧୯୮୧) ସୋମବାର ଦିନ ଜନ୍ମ ନିଅନ୍ତି । ସେ ଥିଲେ ଘରର ବଡ଼ପୁଅ, ତାଙ୍କ ତଳେ ଦୁଇ ଭାଇ ଓ ଗୋଟିଏ ଭଉଣୀ। ସେ ଜନ୍ମର ଅଳ୍ପଦିନ ପରେ ମା'ଙ୍କୁ ହରାଇ ବହୁ କଷ୍ଟରେ ବଢିଥିଲେ। ତାଙ୍କର ସାଧନା ଆହାର, ବିହାର ବ୍ୟକ୍ତିଗତ ଉନ୍ନତି ପାଇଁ ନଥିଲା। ସେ ପିଲା ବେଳୁ ନାମସଂକୀର୍ତ୍ତନ କରି ଈଶ୍ୱରପ୍ରେମୀ ହୋଇଥିଲେ। ତାଙ୍କର ପରୋପକାର ଏକ ମାନବୀୟ ମହତ୍ୱ ଗୁଣ।



ତାଙ୍କ ପାଖରେ ଧନୀ-ନିର୍ଦ୍ଧନୀ , ଉଚ୍ଚ-ନୀଚର ବୈଷମ୍ୟତା ନଥିଲା। ସେ ସାଧନା ବଳରେ ବୃକ୍ଷ ହୋଇ ଫଳ ଦେବା, ମେଘ ହୋଇ ଶସ୍ୟ ଦେବା ଜାଣିଥିଲେ। ଛୋଟ ବେଳରୁ ନାମ ବ୍ରହ୍ମକୁ ଜପ କରି ବାଲି ରଥରୁ ନଡିଆ ଗୋଟମା ରଥ। ତା'ପରେ ବଡ଼ ବଡ଼ ତିନୋଟି ରଥରେ ପ୍ରଭୁ ଜଗନ୍ନାଥ, ବଳଦେବ, ସୁଭଦ୍ରା ଓ ସୁଦର୍ଶନଙ୍କୁ ରଖି ରଥଯାତ୍ରା ତାଙ୍କ ହରିହର କ୍ଷେତ୍ରରେ ଆରମ୍ଭ କରିଥିଲେ। ସାଧନାର ପୀଠ ହରିହର କ୍ଷେତ୍ରରେ ଅନ୍ନ ପ୍ରସାଦ ବହୁ ଲୋକଙ୍କୁ ଖୁଆଉ ଥିଲେ। ମା' ଅନ୍ନପୂର୍ଣ୍ଣାଙ୍କ ଦୟାରୁ କେବେ ଅନ୍ନପ୍ରସାଦ ଅଭାବ ରହୁ ନଥିଲା।

ପିଲାଟି ଦିନରୁ ସେ ଘର ଛାଡି କେଉଁଆଡେ କିଛିଦିନ ପାଇଁ ଚାଲିଯାଇଥିଲେ କାହାକୁ ଜଣା ନଥିଲା। ପ୍ରାୟ ୧୫ ବର୍ଷ ବୟସରେ ହରିହର କ୍ଷେତ୍ରକୁ ଫେରି ନାମସଂକୀର୍ତ୍ତନ ଓ ମା'ଙ୍କ ସାଧନାରେ ବ୍ୟସ୍ତ ରହିଲେ। ଦିନକୁ ଦିନ ତାଙ୍କର ଭାବ - ଭକ୍ତି ଓ ଈଶ୍ୱରଙ୍କ ପ୍ରେମ ତାଙ୍କ ଚମ୍ବକାରୀତାର କାହାଣୀ ଚାରିଆଡ଼େ ପ୍ରଚାର ହେଲା। ତାଙ୍କ କ୍ଷେତ୍ରରେ ବହୁ ଲୋକ ବିଭିନ୍ନ ଆଶା ଓ ଭରସା ନେଇ ଆସନ୍ତି। ଲୋକମାନଙ୍କର ଉପକାର କରିବା ଓ ବିଭିନ୍ନ ରୋଗ, ମାନସିକ ଯନ୍ତ୍ରଣାରୁ ଉଦ୍ଧାର କରିବା ତାଙ୍କର କାର୍ଯ୍ୟ ଥିଲା। ସେ ବିଭିନ୍ନ ଶାସ୍ତ୍ର, ପୁରାଣ, ଗୀତା ଓ ଭାଗବତ ଉପରେ ଗଭୀର ଜ୍ଞାନ ଅର୍ଜନ କରିଥିଲେ। ସେ ସମାଜର ଜଣେ ଯୋଗ ଜନ୍ମା ମହାପୁରୁଷ ଥିଲେ। ସେ ପିଲାବେଳେ ପାଠ ପଢିବା ସମୟରେ ବିଦ୍ୟାଳରେ ଚମତ୍କାରିତା ଦେଖାଉ ଥିଲେ। ତୁଳସୀ ଦୁଇ ପତ୍ରରୁ ବାସେ, ତାଙ୍କର ଗୁଣ ଶୈଶବରୁ ପରିଲକ୍ଷିତ ହେଉଥିଲା। ତାଙ୍କର ସାଧନା ଓ ମହତ ଗୁଣ ତାଙ୍କୁ ସିଦ୍ଧ ସାଧୁର ମର୍ଯ୍ୟାଦା ଦେଇଥିଲା।

ତନୁ ବାବା ଉଦୟ ବଟରେ କିଛି ବର୍ଷ ରହିଲା ବେଳେ ଧର୍ମ ଗୁରୁ ଭାବେ ଭଗବାନ ଦାସଙ୍କୁ ବରଣ କରିଥିଲେ। ପରେ ସେ ଉଦୟ ବଟର ମହାନ ସନ୍ଥ ସ୍ୱାଧୀନତା ସଂଗ୍ରାମୀ ରାଜୀବ ଲୋଚନ ଦାସଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ନାମ କୀର୍ତ୍ତନରେ ମଗ୍ନ ହେଲେ। ଗୁରୁ ଭଗବାନ ଦାସ ତାଙ୍କର ନାମ ଭାବଗ୍ରାହୀ ଦାସ(ତନୁ ବାବା) ରୂପେ ନାମକରଣ କରିଥିଲେ। ଭଗବାନ ଦାସଙ୍କ ଠାରୁ ମା'ଅନ୍ନପୂର୍ଣ୍ଣାଙ୍କ ସାଧନା ଶିକ୍ଷା କରି ବହୁ ଚମତ୍କାରିତା ଦେଖାଇ ଥିଲେ।

ଗୋଟିଏ ଦିନ ତାଙ୍କର ଯଜ୍ଞ ଚାଲିଥାଏ, ବହୁଲୋକ ସମାଗମ ହଠାତ୍ ମେଘ ପବନ ବହିଲା। ବାବା ପ୍ରକୃତି ଦେବୀଙ୍କ ନାମରେ ଯଜ୍ଞ କୁଣ୍ଡରେ ତିନି ଆହୁତି ଦେବାରୁ ତାଙ୍କ ମଠ ବା ହରିହର କ୍ଷେତ୍ର ବାହାରେ ମେଘ ପବନ ହେଲା କିନ୍ତୁ ଯଜ୍ଞ ସ୍ଥାନରେ ବର୍ଷା ହେଲା ନାହିଁ । ଏହା ତାଙ୍କର ଅଲୌକିକତା ଥିଲା । ସେହିପରି ଗୋଟିଏ ଦିନ ୨୦୦ ଶିଷ୍ୟଙ୍କ ଗହଣରେ ବାବା ଉଦୟବଟ ବାହାରିଲେ। ତନୁ ବାବା କହିଲେ ତୁମ୍ଭେମାନେ ନିଜ ନିଜ ଗାଡିରେ ଉଦୟବଟ ଧାମକୁ ଯାଅ, ମୁଁ ତୁମମାନଙ୍କ ପୂର୍ବରୁ ପହଞ୍ଚିବି ! ସତକୁ ସତ ବାବା ସମସ୍ତଙ୍କ ଆଗରେ ପହଞ୍ଚି ଥିଲେ। ଏକ ବର୍ଷା ଦିନେ ସନ୍ଧ୍ୟା ସମୟରେ ବାବାଙ୍କ ସହିତ ପ୍ରାୟ ୩୦ ଜଣ ଶିଷ୍ୟ ଥାଅନ୍ତି। ଏହି ସମୟରେ ଏକ ଶ୍ୱେତ ନାଗ ଆସି ବାବା ଓ ଶିଷ୍ୟଙ୍କ ମଝିରେ ଉପସ୍ଥିତ ହେଲା। ବାବା ସର୍ପକୁ ନମସ୍କାର କରି ଆଜ୍ଞା ଦେଲେ ହେ ସର୍ପରାଜ ତୁମ୍ଭ ବାଟରେ ତୁମ୍ଭେ ଚାଲିଯାଅ। ହଠାତ୍ ସର୍ପ ସେଠାରୁ ଉଭାନ ହୋଇଗଲା।

ଏହିଭଳି ଏକ ସିଦ୍ଧ ସାଧୁ ଶ୍ରୀଜଗନ୍ନାଥଙ୍କ ଚତୁର୍ଦ୍ଧା ମୂର୍ତ୍ତି ତିଆରି କରି ବିଭିନ୍ନ ମନ୍ଦିରକୁ ଦେଉଥିଲେ। ତାଙ୍କର ହରିହର କ୍ଷେତ୍ରରେ ଶ୍ରୀବଳଦେବ, ସୁଭଦ୍ରା ମା' ଓ ସୁଦର୍ଶନଙ୍କୁ ତିଆରି କଲା ପରେ, ଜଗନ୍ନାଥଙ୍କୁ ନିର୍ମାଣ ନକରି, ତାଙ୍କ ଦାରୁଙ୍କୁ ରଖି ଦେଇ ଯାଇଛନ୍ତି। ସେ କହିଛନ୍ତି ସେ ପୁନର୍ବାର ଆସିବେ। ସେହିଭଳି ଜଣେ ପରୋପକାରୀ ସାଧୁଙ୍କର ୪୨ବର୍ଷ ବୟସରେ ଶ୍ରାବଣ ମାସ ଅମାବାସ୍ୟା ସୋମବାର (୨୦୨୩)ରେ ସାଧନାମୟ ଜୀବନର ଅବସାନ ଘଟିଲା। ଆଶ୍ଚର୍ଯ୍ୟର କଥା ତାଙ୍କର ଜନ୍ମ ଓ ପରଲୋକ ଗମନ ଅମାବାସ୍ୟା ଓ ସୋମବାର ଥିଲା। ସେ ସ୍ୱର୍ଗରେ ଥାଇ ମଧ୍ୟ ଆମ୍ଭମାନଙ୍କୁ ଆଶୀର୍ବାଦ କରୁଥିବେ। ତାଙ୍କ ସୁନାମର ସୁମନ, ସୁବାସ ମହକିତ କରୁଥିବ ଏ ମାଟିକୁ।

# ମହିଳା ସୁରକ୍ଷା - ଏକ ଅଧିକାର ଓ ସାମାଜିକ ଦାୟିତ୍ୱ



ରେଣୁବାଳା ମହାପାତ୍ର
ଅନୁଗୋଳ

ବର୍ତ୍ତମାନ ସମାଜରେ ନାରୀ ସୁରକ୍ଷା ଏକ ସମ୍ବେଦନଶୀଳ ଓ ଚିନ୍ତାର ବିଷୟ ହୋଇଯାଇଛି। ମହିଳାମାନେ ଆଜି ଶିକ୍ଷା, କାର୍ଯ୍ୟକ୍ଷେତ୍ର, ବ୍ୟବସାୟ, ରାଜନୀତି ଓ ବିଭିନ୍ନ ପ୍ରତିଷ୍ଠାନରେ ସକ୍ରିୟ ଅଂଶଗ୍ରହଣ କରୁଛନ୍ତି କିନ୍ତୁ ସେମାନଙ୍କ ସୁରକ୍ଷାକୁ ନେଇ ଏଯାବତ୍ ଅନେକ ପ୍ରଶ୍ନ ଉଠୁଛି। ଦୁଃଖ ଓ ପରିତାପର ବିଷୟ ଏହିକି ଯେ, ସମାଜରେ ଦେଖାଯାଉଥିବା କେତେକ ଅନ୍ଧବିଶ୍ୱାସ ଓ କୁସଂସ୍କାର ମହିଳା ମାନଙ୍କ ପ୍ରତି ଅବିଚାର ରୂପେ ଉଭା ହେଉଛି। ଏକବିଂଶ ଶତାବ୍ଦୀର ଦ୍ୱିତୀୟ ଦଶନ୍ଧି ଅତିକ୍ରମ କରି ମଣିଷ ପ୍ରଯୁକ୍ତି ବିଦ୍ୟା ଓ ଯୁକ୍ତିବକ୍ଷଦର ଏକ ନୂଆ ଦୁନିଆରେ ଅବତୀର୍ଣ୍ଣ ହୋଇଥିଲେ ମଧ୍ୟ ନାରୀକୁ ପ୍ରତ୍ୟେକ କ୍ଷେତ୍ରରେ ଯଥାର୍ଥ ନେତୃତ୍ୱ ମିଳି ପାରୁନଥିବାରୁ ଏ ଚର୍ଚ୍ଚା ମଧ୍ୟ ଥମୁନି। ଅଧିକାଂଶ କ୍ଷେତ୍ରରେ ମହିଳା ଗୌଣ ହୋଇ ରହୁଛନ୍ତି ଯାହାକି ଆମ ଦେଶର ସବୁଠାରୁ ବଡ଼ ସମସ୍ୟା। ତାପରେ ଆଧୁନିକତାର ଏଭଳି ଗୋଟିଏ ଶତାବ୍ଦୀରେ ଲିଙ୍ଗଗତ ପାର୍ଥକ୍ୟ ଅତ୍ୟନ୍ତ ଲଜ୍ଜାଜନକ ବିଷୟ। ଅସୁରକ୍ଷିତ ବଳୟ ଭିତରେ ଥାଇ ମହିଳାଙ୍କୁ ପୁରୁଷଙ୍କ ଭଳି ସମାନ ଅଧିକାର ମିଳୁଥିବା କଥା ସମ୍ପୂର୍ଣ୍ଣ ମିଥ୍ୟା।

ସଂପ୍ରତି ଭରତୀୟ ମହିଳା ବହୁଳ ଭାବରେ ଶୋଷଣ ଓ ଅତ୍ୟାଚାରର ଶିକାର ହେଉଛନ୍ତି। ସବୁଠୁ ବଡ଼ ଆଶ୍ଚର୍ଯ୍ୟର କଥା ହେଉଛି, ନିଜ କର୍ମକ୍ଷେତ୍ରରେ ଲିଙ୍ଗଗତ ପାତରଅନ୍ତର ଅଧିକ ମାତ୍ରାରେ ଦେଖାଯାଉଛି। ଛାତି ଥରାଇ ଦେଲା ଭଳି ଘଟଣା ଖବରକାଗଜ ଓ ସାମାଜିକ ଗଣମାଧ୍ୟମରେ ପ୍ରକାଶ ପାଉଛି। ଆଜିର ସଭ୍ୟ ସମାଜରେ କନ୍ୟାଭ୍ରୁଣ ହତ୍ୟା, ବଳାତ୍କାର, ପାରିବାରିକ ହିଂସା, କର୍ମକ୍ଷେତ୍ରରେ ଭିନ୍ନତା, ଅପହରଣ ଏସବୁ ବହୁ ମାତ୍ରାରେ ବଢ଼ି ଚାଲିଛି। ସମାଜରେ ମହିଳାମାନେ କେତେ ସୁରକ୍ଷିତ ତାହା ସରକାରୀ କ୍ରାଇମ୍ ରେକର୍ଡରୁ ହିଁ ଜଣାପଡୁଛି।

NCRB ରିପୋର୍ଟ ଅନୁସାରେ, ୨୦୧୪ରୁ ୨୦୨୨ ମଧ୍ୟରେ ଆମ ରାଜ୍ୟରେ ୧୪୭୧୩ ବଳାତ୍କାର କେସ୍ ରିପୋର୍ଟ ହୋଇଥିଲା ବେଳେ, ଭାରତରେ ସମୁଦାୟ ୨,୯୯,୫୨୦ ବଳାତ୍କାର ମାମଲା ରୁଜୁ ହୋଇଥିଲା। ସେଇ ୨୦୨୨ ମସିହାର ଏନ୍.ସି.ଆର୍.ବି ରିପୋର୍ଟ ଅନୁସାରେ, ଭାରତରେ ମୋଟ ୮୩,୩୫୦ ନିଖୋଜ ପିଲାଙ୍କ ମଧ୍ୟରୁ ୬୨,୯୪୬ଜଣ ଝିଅ ଥିଲେ। ଅର୍ଥାତ୍ ନିଖୋଜ ପିଲାଙ୍କ ମଧ୍ୟରୁ ୭୫%ରୁ ଅଧିକ ଝିଅ ଥିଲେ। ପୁଣି ଏନ୍.ସି.ଆର୍.ବି ରିପୋର୍ଟ ଅନୁସାରେ, ଅପହରଣ ହୋଇଥିବା ଯୁବତୀଙ୍କ ସଂଖ୍ୟା ୧,୦୨,୩୧୮, ସେଥିରୁ ୬୩,୫୧୩ ଜଣଙ୍କୁ ଜୀବନ୍ତ ଉଦ୍ଧାର କରା ଯାଇଥିଲାବେଳେ ୫୯୦ ଯୁବତୀଙ୍କୁ ମୃତ ଅବସ୍ଥାରେ ଉଦ୍ଧାର କରାଯାଇ ଥିଲା ଏଂ ୩୮,୨୧୫ ଜଣଙ୍କୁ ଉଦ୍ଧାର କରାଯାଇପାରିନଥିଲା। ସେହିପରି ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ସାଇବର ମର୍ଫିଂର ସର୍ବାଧିକ ୨୭୩ଟି ମାମଲା ରୁଜୁ ହୋଇଥିବାବେଳେ, ଉତ୍ତରାଖଣ୍ଡ ୭୫ଟି ମାମଲା ସହିତ ଦ୍ୱିତୀୟ ଏବଂ ତାମିଲନାଡୁ ୨୪ଟି ମାମଲା ସହିତ ତୃତୀୟ ସ୍ଥାନରେ ଥିଲା।

ବିଶାଳ ଜନ ବହୁଳ ରାଷ୍ଟ୍ର ଭାରତରେ ମହିଳାଙ୍କ ସୁରକ୍ଷା ସମ୍ବନ୍ଧିତ ସମସ୍ୟା ସବୁଠାରୁ ଅଧିକ।୨୦୧୨ରେ ନିର୍ଭୟା କେସ୍ ପରେ ୨୦୧୯ ରେ ଜଣେ ୨୬ ବର୍ଷୀୟ ଭେଟେନାରୀ ଡାକ୍ତରଙ୍କର ବଳାତ୍କାର ଓ ତାପରେ ମର୍ଡର ହୋଇଥିଲା। ୨୦୨୦ରେ ହାଥରସ୍ କେସ୍‌ରେ ଜଣେ ୧୯ ବର୍ଷୀୟ ଦଳିତ ମହିଳାଙ୍କର ବଳାତ୍କାର ହେଲା। ୨୦୨୪ରେ କୋଲକତାର ଆର୍.ଜେ. ହସ୍ପିଟାଲରେ ଜଣେ ମହିଳା ଡ଼ାକ୍ତରଙ୍କର ବଳାତ୍କାର ହେଲା। କୋଲକତା ପରେ ଉତ୍ତରାଖଣ୍ଡର ଜଣେ ନର୍ସଙ୍କର ବଳାତ୍କାର କେସ୍ ସାମ୍ନାକୁ ଆସିଲା। ମହାରାଷ୍ଟ୍ରର ଗୋଟିଏ ସ୍କୁଲ୍‌ରେ ସେଇ ସ୍କୁଲ୍‌ର ସଫେଇ କର୍ମଚାରୀଙ୍କ ଦ୍ୱାରା ଜଣେ ୫ବର୍ଷୀୟ ଓ ୨ବର୍ଷୀୟ ବାଳିକା ନିର୍ଯାତନାର ଶିକାର ହୋଇଥିଲେ। ବର୍ତ୍ତମାନ ୨୦୨୫ରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ସୌମ୍ୟାଶ୍ରୀ ଆତ୍ମଦାହ କେସ୍, ପୁଣି ବଲଙ୍ଗାରେ ନାବାଳିକାକୁ ପୋଡ଼ି ମାରିବା ଉଦ୍ୟମ ଭଳି ଲୋମହର୍ଷଣକାରୀ ଘଟଣା ସାମ୍ନାକୁ ଆସିଛି। ଆଜିର ଡିଜିଟାଲ୍ ଯୁଗରେ ସାଇବର୍ ଅପରାଧ ମଧ୍ୟ ବୃଦ୍ଧିପାଇଛି। ନାରୀମାନେ ସାଇବର ଉତ୍ପୀଡନ, ଅପମାନଜନକ ଟିପ୍ପଣୀ, ଏବଂ ଅନ୍ୟାନ୍ୟ ଡିଜିଟାଲ୍ ଅତ୍ୟାଚାରର ସମ୍ମୁଖୀନ ହେଉଛନ୍ତି, ଯାହାକି ସେମାନଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ମଧ୍ୟ ପଡୁଛି।




ସଂପ୍ରତି ଦେଶରେ ଏପରି କୌଣସି ସ୍ଥାନ ନାହିଁ ଯେଉଁଠି ମହିଳାଟିଏ ନିଜକୁ ସଂପୂର୍ଣ୍ଣ ସୁରକ୍ଷିତ ବୋଲି ଭାବିପାରିବ। ଆଜିର ସମାଜରେ ଜଣେ ୬୦ବର୍ଷର ମହିଳା ହୁଅନ୍ତୁ ବା ଜଣେ ୪ବର୍ଷର ଶିଶୁ କେହି ମଧ୍ୟ ସୁରକ୍ଷିତ ନୁହଁନ୍ତି। ଗଣମାଧ୍ୟମର ରିପୋର୍ଟ ଅନୁସାରେ, ବାଙ୍ଗାଲୋରରେ ଗୋଟିଏ ୮ମାସର ଶିଶୁକୁ ବଳାତ୍କାର କରଯାଇଥିଲା। ଏସବୁ ମାନସିକତା ଏପରି ହୋଇଗଲାଣି ଯେ, ସାମ୍ବିଧାନିକ ଆଇନ ବ୍ୟବସ୍ଥାକୁ କାହାରି ଖାତିର ନାହିଁ କି ଭୟ ମଧ୍ୟ ନାହିଁ। ଅପରାଧୀଙ୍କର ଧାରଣା ଜେଲ୍ ଯାଇ ପୁଣି ବେଲ୍‌ରେ ବାହାରକୁ ଆସିବେ। ଏସବୁ ମାନସିକତା ପାଇଁ ଆମ ଆଇନ୍ ବ୍ୟବସ୍ଥା ହିଁ ଦାୟୀ। କିନ୍ତୁ ବର୍ତ୍ତମାନ ଏସବୁ ଆଇନ୍‌ର ପରିବର୍ତ୍ତନ ନିହାତି ଜରୁରି। ଆଇନ୍ କୋହଳ ହେଉଥିବାରୁ ଆଇନର ଫାଙ୍କ ଭିତରେ ଅପରାଧୀ ମାନେ ଖସି ଯାଉଛନ୍ତି। ଅନେକ ସ୍ଥାନରେ କେସ୍ ବହୁ ଦିନ ପର୍ଯ୍ୟନ୍ତ ଲାଗିରହି ଧନ ସମ୍ପତ୍ତିରେ ଭାଗ ହେଉ ବା ଭରଣପୋଷଣ ହେଉ ମହିଳାମାନେ ପାଇ ପାରୁନାହାଁନ୍ତି। ସେହିପରି ଆମ ରାଜ୍ୟରେ ପିପିଲି ମାମଲା, କୁନ୍ଧୁଲି , ମମତା ମେହେର ଦୁଷ୍କର୍ମ ମାମଲା ଏ ପର୍ଯ୍ୟନ୍ତ ବନ୍ଦ୍ ଫାଇଲ୍ ମଧ୍ୟରେ ପଡ଼ି ରହିଛି, ଯାହାକି ଏକ ସାଧାରଣ ଘଟଣା ନୁହେଁ।

ଭାରତରେ ମହିଳାଙ୍କ ସୁରକ୍ଷା ଅନ୍ତର୍ଭୁକ୍ତ କିଛି ଆଇନ୍ ଯାହା ତାଙ୍କୁ ଅନ୍ୟାୟ, ଅତ୍ୟାଚାର, ଶୋଷଣ, ହିଂସା ବିରୁଦ୍ଧରେ ଲଢ଼ିବାକୁ ସୁଯୋଗ ଦେଉଛି। ଯୌତୁକ ବିରୋଧ ଆଇନ୍(୧୯୬୧) ଅନୁସାରେ, ଯୌତୁକ ନେବା ଓ ଦେବା ଏବଂ ଯୌତୁକ ପାଇଁ ଦାବି କରିବା ଆଇନତଃ ଅପରାଧ। ପାରିବାରିକ ହିଂସା ନିବାରଣ ଆଇନ୍ (୨୦୦୫) ଅନୁସାରେ, ପରିବାର ଭିତରେ ମହିଳାଙ୍କ ପ୍ରତି ହେଉଥିବା ହିଂସା ଓ ଶୋଷଣ ରୋକାଯାଇ ପାରିବ। ଆଇ. ପି. ସି ର ଧାରା ୩୭୫ /୩୭୬ ଅନୁସାରେ, ଯୌନ ହିଂସା ଜନିତ ଅପରାଧ ରୋକା ଯାଇପାରିବ। କାର୍ଯ୍ୟସ୍ଥଳରେ ଯୌନ ଉତ୍ପୀଡନ ନିରୋଧ ଆଇନ (୨୦୧୩ )(POSH)ଅନୁସାରେ ମହିଳାଙ୍କ ପାଇଁ ଶ୍ରମ ଅଧିକାର ଆଇନ୍ କାର୍ଯ୍ୟ କରୁଛି। ପୋକ୍ସୋ (POCSO) ମହିଳା ଶିଶୁ ସୁରକ୍ଷା ଆଇନ (୨୦୧୨) ଅନୁସାରେ, ଶିଶୁମାନଙ୍କ ଉପରେ ଯୌନ ନିର୍ଯ୍ୟାତନା ବିରୋଧରେ ଆଇନ୍ ପ୍ରଣୟନ କରାଯାଇଛି।

ଏହାପରେ ମଧ୍ୟ ଆଉ ଗୋଟିଏ ପ୍ରଶ୍ନ ମନକୁ ଆସୁଛି। ସମାଜରେ କ'ଣ କେବଳ ମହିଳା ଅତ୍ୟାଚାରର ଶିକାର ହେଉଛନ୍ତି ? ପୁରୁଷ କ'ଣ ଅତ୍ୟାଚାରର ଶିକାର ହେଉନାହାନ୍ତି ? ମହିଳା ମଧ୍ୟ ତାଙ୍କ ପାଇଁ ଥିବା ସାମ୍ବିଧାନିକ ଆଇନ୍‌ର ଅପବ୍ୟବହାର କରୁଛନ୍ତି। ବାଙ୍ଗାଲୋରର ୩୪ ବର୍ଷୀୟ ଅତୁଲ୍ ସୁବାସଙ୍କ ଆତ୍ମହତ୍ୟା କେସ୍ ହେଉ ବା ମିରଟ ଡ୍ରମ୍ କେସ୍ କଥା ହେଉ ବିବାହିତ ମହିଳା ମାନେ ନିଜ ସ୍ୱାର୍ଥ ପାଇଁ ଆଇନ୍‌ର ଅପବ୍ୟବହାର କରୁଛନ୍ତି। ପ୍ରତିଦିନ ଏମିତି କେସ୍ ସାମ୍ନାକୁ ଆସୁଛି। ତା'ହେଲେ କେମିତି ଆଇନ୍‌ର ପରିବର୍ତ୍ତନ ହେବ ? କେମିତି ବ୍ୟବସ୍ଥାର ପରିବର୍ତ୍ତନ ହେବ ?

ଗଣମାଧ୍ୟମର ରିପୋର୍ଟ ଅନୁସାରେ, ଦେଶରେ ପ୍ରତି ୧୫ ମିନିଟ୍‌ରେ ଶିଶୁ ଓ ମହିଳା ଶାରିରୀକ ନିର୍ଯାତନାର ଶିକାର ହେଉଛନ୍ତି। ନିଜକୁ ସଭ୍ୟ, ସଂସ୍କୃତିସମ୍ପନ୍ନ ଓ ପାଶ୍ଚାତ୍ୟ ଲୋକଙ୍କ ଠାରୁ ଚରିତ୍ରବାନ୍ ବୋଲି ଭ୍ରମରେ ଥିବା ଭରତୀୟଙ୍କ ପାଇଁ ନିଶ୍ଚୟ ଲଜ୍ଜାଜନକ। ଆଶ୍ଚର୍ଯ୍ୟର ବିଷୟ ଯେ, ବଳାତ୍କାର ଭଳି ଅମାନବୀୟ ଘଟଣା ବିରୋଧରେ ଯଥାର୍ଥ ପ୍ରତିକ୍ରିୟା ସୃଷ୍ଟି ହେଉନାହିଁ। ତାହେଲେ ଏଭଳି କଠୋର ଆଇନ୍ ଥାଇ ଲାଭ କ'ଣ ? ସେଥିପାଇଁ ନେତୃତ୍ୱରେ ଥିବା ଅଧିକାରୀ ମଧ୍ୟ ସ୍ୱଚ୍ଛ ମନୋଭାବ ରଖିବା ଦରକାର। ଆମ ଗଣତନ୍ତ୍ରର ମନ୍ଦିର ବୋଲାଉଥିବା ସଂସଦରେ ଦିନକୁ ଦିନ ବଢି ଚାଲିଛି ଅପରାଧୀଙ୍କ ସଂଖ୍ୟା। ସେଇ ଜନପ୍ରତିନିଧି ଆଇନ୍ ତିଆରି କରୁଛନ୍ତି, ପୁଣି ନିଜେ ସେଇ ଆଇନ୍‌କୁ ହାତକୁ ନେଇ ନିଜର ପ୍ରତିଛବିକୁ ନଷ୍ଟ କରୁଛନ୍ତି। ଯେତେବେଳେ ଗଣବଳାତ୍କାର ବା ହତ୍ୟାକାଣ୍ଡ ଭଳି ଲୋମହର୍ଷଣକାରୀ ଘଟଣା ଘଟିଯାଉଛି, ଏମାନଙ୍କୁ କୁମ୍ଭୀର କାନ୍ଦଣା ପାଇଁ ମଉକା ମଧ୍ୟ ମିଳିଯାଉଛି। ରାଜ୍ୟ ବିଧାନସଭା ଠାରୁ କେନ୍ଦ୍ର ସଂସଦ ପର୍ଯ୍ୟନ୍ତ ରାଜନୀତି ତୀବ୍ର ରୂପ ନେଉଛି। ଏପରିକି ମହିଳା ପ୍ରତିନିଧି ମାନେ ମଧ୍ୟ ଦଳୀୟ ଦୃଷ୍ଟିଭଙ୍ଗୀରେ ଘଟଣାକୁ ନିଜ ଭାଷାରେ ଉପସ୍ଥାପନ କରୁଛନ୍ତି। ଉତ୍ତରପ୍ରଦେଶର ଉନ୍ନାଓ ଠାରେ ନାବାଳିକା ବଳାତ୍କାର ଅପରାଧରେ ଜଣେ ମାନ୍ୟବର ବିଧାୟକ ଅଦାଲତରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ସେହିପରି କାଶ୍ମୀରର କଠୁଆ ଠାରେ ବଳାତ୍କାରୀ ଅଭିଯୁକ୍ତଙ୍କ ସପକ୍ଷରେ ୨ଜଣ ମନ୍ତ୍ରୀଙ୍କର ବୟାନ ମଧ୍ୟ ସନ୍ଦେହଜନକ। ବିହାରର ମୂଜାଫର୍ ନଗର ସ୍ଥିତ ବାଳାଶ୍ରମ ହେଉ କି ଉତ୍ତରପ୍ରଦେଶର ଦେଓରିଆ ଆଶ୍ରମ ଗୃହ ହେଉ ସେବା ନାଁ ରେ ଚାଲିଥିଲା ଯୌନ ଶୋଷଣ। କ'ଣ ଅପରାଧୀଙ୍କୁ ଧରି ଫାଶୀ ଦଣ୍ଡାଦେଶ ହୋଇଗଲେ ଅପରାଧର ମୂଳୋତ୍ପାଟନ ହୋଇଯିବ ? ଏକ ସୁନ୍ଦର, ସୁସ୍ଥ, ସାମାଜିକ ପରିବେଶ ଓ ଶୁଦ୍ଧପୂତ ଜୀବନଶୈଳୀ ପାଇଁ ନୈତିକ ଓ ଚାରିତ୍ରିକ ଶିକ୍ଷା ମଧ୍ୟ ନିହାତି ଜରୁରି। ଅନୁଶାସନ ବିହୀନ ସଂସ୍କାର, ନିଶାଦ୍ରବ୍ୟ ସେବନ ଉନ୍ମୁକ୍ତ କରିଦେଇଛି ନାରୀ ନିର୍ଯାତନାର ପଥ। ମୋବାଇଲର ମାତ୍ରାଧିକ ବ୍ୟବାହର ଓ ଅଶ୍ଳୀଳତା ଏହି ପଥକୁ ଆହୁରି ସୁଗମ କରିଦେଇଛି। ଯଦି ପିଲାବେଳୁ ପିତାମାତା ଅନୁଶାସନ ସହ ଆମ ପରମ୍ପରା, ମାନବିକ ମୂଲ୍ୟବୋଧ ଓ ଭଗବତ ଚେତନା ଶିକ୍ଷା ଦେବେ, ବୟସ ବଢିବା ସହିତ ସେମାନେ ସମାଜର ଜଣେ ଜଣେ ଉତ୍ତମ ନାଗରିକ ଭାବେ ପ୍ରସ୍ଫୁଟିତ ହେବେ। ଏକ ଶୃଙ୍ଖଳିତ ସମାଜ ଗଠନ ପାଇଁ ଗଣମାଧ୍ୟମର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଲୋଭର ବଶବର୍ତ୍ତୀ ହୋଇ ଗଣମାଧ୍ୟମ ମଧ୍ୟ ଅଶ୍ଳୀଳତାକୁ ବିଜ୍ଞାପନ କରୁଛି। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଯଦି ସମାଜ ପ୍ରତି ନିଜର ପ୍ରାଥମିକ ଦାୟିତ୍ୱ ବୁଝିପାରିବେ, ତା'ହେଲେ ମଧ୍ୟ ବହୁ ମାତ୍ରାରେ ସମାଜର ସୁଧାର ହୋଇପାରିବ। ଅନେକ ସ୍ଥାନରେ ମହିଳାଙ୍କ ଉପରେ ହେଉଥିବା ଅନ୍ୟାୟ, ଉତ୍ପୀଡନ ଓ ଅପମାନର ସଠିକ୍ ପଦକ୍ଷେପ ନିଆଯାଇପାରିବ। କିନ୍ତୁ ସେଥିପାଇଁ ମହିଳାଙ୍କୁ ସୁରକ୍ଷା ଓ ସମ୍ମାନ ଦେବା ପାଇଁ ଆଇନ୍ ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରି ସମାଜରେ ସଚେତନତା ବୃଦ୍ଧି କରିବା ମଧ୍ୟ ଜରୁରି। ସରକାରଙ୍କ ତରଫରୁ ମଧ୍ୟ ଆଇନ୍‌କୁ ତ୍ୱରାନ୍ୱିତ କରିବା ଓ ଅଧିକ କାର୍ଯ୍ୟକ୍ଷମ କରିବା ଦରକାର। ଶେଷରେ ଦେଶର ସାମାଜିକ ସଂଗଠନ ଗୁଡ଼ିକ ମଧ୍ୟ ମହିଳା ସୁରକ୍ଷା ପାଇଁ ମୁଖ୍ୟ ଭୂମିକା ଗ୍ରହଣ କରିବା ଆବଶ୍ୟକ। ସମାଜର ପ୍ରତ୍ୟେକ ସଜାଗ ନାଗରିକ ମହିଳାଙ୍କ ସୁରକ୍ଷା ପ୍ରତି ସଚେତନ ଓ ସମ୍ବେଦନଶୀଳ ହେବା ଉଚିତ୍। ମହିଳା ସୁରକ୍ଷା କେବଳ ଏକ ବିଷୟ ନୁହେଁ, ଏହା ଏକ ଅଧିକାର ଏବଂ ଦାୟିତ୍ୱ। ସମସ୍ତଙ୍କ ସହଯୋଗ ଓ ସଚେତନତା ଦ୍ୱାରା ଏହି ଲକ୍ଷ୍ୟକୁ ହାସଲ କରାଯାଇପାରିବ। ତେଣୁ ମହିଳାଙ୍କ ପ୍ରତି ହେଉଥିବା ମାନସିକ ଅତ୍ୟାଚାର ଓ ଦୁର୍ବ୍ୟବହାରକୁ ଦୂର କରିବା ପାଇଁ ସରକାର ଓ ସମାଜ ମିଳିତ ହୋଇ କାର୍ଯ୍ୟ କଲେ ମହିଳା ମାନେ ଯଥୋଚିତ ସ୍ନେହ, ସମ୍ମାନ, ଆଦର ଓ ସୁରକ୍ଷା ପାଇପାରିବେ।



ବ୍ୟାସନଗର(ଭାସ୍କର ନ୍ୟୁଜ): କେରଳର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସିପିଆଇଏମ ପଲିଟବ୍ୟୁରୋ ସଦସ୍ୟ କମ୍ରେଡ ଭିଏସ୍ ଅଚ୍ୟୁତାନନ୍ଦନଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ସିପିଏମ ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ସାଥୀ ପ୍ରଫୁଲ୍ଲ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶ୍ରଦ୍ଧାଞ୍ଜଳି ସଭାରେ ପନି କିସ୍କୋ, ମାଳତୀ ହାଁସଦା, ଗୁରୁବାରୀ ଲାଗୁରୀ, ସନ୍ତୋଷ କୁମାର ପୃଷ୍ଟି, ବିଦ୍ୟାଧର ବେହେରା, ମନ୍ମଥ ରାୟ, ରାଜେନ୍ଦ୍ର ସ୍ୱାଇଁ, ସନ୍ତୋଷ ବରାଳ ପ୍ରମୁଖ ବକ୍ତବ୍ୟ ରଖିବା ସହ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏଠାରେ ପ୍ରକାଶ ଥାଉକି କମ୍ରେଡ ଭିଏସ ଅଚ୍ୟୁତାନନ୍ଦନ ବାଲ୍ୟାବସ୍ଥାରୁ ନିଜର ପିତାମାତାଙ୍କୁ ହରାଇଥିଲେ। ମାତ୍ର ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିପାରିଥିଲେ। ଏହା ପରେ ସେ ଜଣେ ଦରଜୀ ପାଖରେ କାମ କଲେ ପରେ ଏକ କତା ଫ୍ୟାକ୍ଟ୍ରି ରେ କାମ କରୁଥିଲେ । ସେ ୧୯୪୦ ମସିହାରେ କମ୍ୟୁନିଷ୍ଟ ପାର୍ଟିରେ ଯୋଗ ଦେଇଥିଲେ । ସେ ସାତଥର ବିଧାନସଭାକୁ ନିର୍ବାଚିତ ହେବା ସହ ୨୦୦୬ ମସିହାରୁ ୨୦୧୧ ମସିହା ପର୍ଯ୍ୟନ୍ତ କେରଳର ମୁଖ୍ୟମନ୍ତ୍ରୀ ଭାବେ ଶାସନ ରେ ରହିଥିଲେ। ସିପିଆଇଏମ ଯାଜପୁର ରୋଡ଼ ଆଞ୍ଚଳିକ କମିଟି ପକ୍ଷରୁ ପାର୍ଟି ପତାକାକୁ ଅର୍ଦ୍ଧନମିତ କରି ଶୋକ ପ୍ରକାଶ ପୂର୍ବକ ତାଙ୍କ ଅମ୍ଲାନ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

# ଏସ୍‌ସିବିସି ଓ ଓବିସି ତାଲିକାରେ ଅନ୍ତର୍ଭୁକ୍ତ ପାଇଁ ବରଜିଆ ଜାତିର ସମାବେଶ



ଜଳେଶ୍ୱର(ଭାସ୍କର ନ୍ୟୁଜ୍): ସରକାରଙ୍କ ଜନଗଣନାରେ ତ୍ରୁଟି ଥିବାରୁ କେତେକ ଏସିବିସି ଓ ଓବିସି ଜାତିରୁ ବଞ୍ଚିତ ହୋଇଥିବାରୁ ବିଭିନ୍ନ ସମୟରେ ଆନ୍ଦୋଳନ ହେଉଥିବା ଦେଖିବାକୁ ମିଳେ।ଏଭଳି ଏକ ଘଟଣା ସାମ୍ନାକୁ ଆସିଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏସିବିସି, ଓବିସି ତାଲିକାରେ ଯୋଡ଼ିବା ପାଇଁ ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ଅନର୍ଗତ ଚୋରମରା ଗ୍ରାମର ହରିହର ସାହୁଙ୍କ ବାସଭବନ ରେ ମଙ୍ଗଳବାର ସନ୍ଧ୍ୟାରେ ବରଜିଆ ଜାତିର ଏକ ସମାବେଶ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ସମାବେଶରେ ବରଜିଆ ଜାତି କମିଟିର ସଭାପତି ପ୍ରାକ୍ତନ ଅଧକ୍ଷ ଡକ୍ଟର ଅକ୍ଷୟ କୁମାର ପରିଡ଼ାଙ୍କ ପରିଚାଳନାରେ ପ୍ରାୟ ୫ ଶହ ରୁ ଉର୍ଦ୍ଧ୍ୱ ବରଜିଆ ଜାତିର ପୁରୁଷ ଓ ମହିଳା ଉପସ୍ଥିତ ହୋଇଥିଲେ। କେତେକ ବରଜିଆ ଜାତିଙ୍କ ଜମି ପଟ୍ଟାରେ ବରଜିଆ ଉଲ୍ଲେଖ ଥିବା ବେଳେ କେତେକ ପଟ୍ଟାରେ ବରଜି ଓ ବରିଜି ଉଲ୍ଲେଖ ଅଛି।ସରକାରଙ୍କ ଜାତି ତାଲିକାର ୯ ନମ୍ବର କ୍ରମିକ ସଂଖ୍ୟାରେ ବରିଜି ଥିବା ଯେଉଁ ମାନଙ୍କ ପଟ୍ଟାରେ ଉଲ୍ଲେଖ ଅଛି, ସେହିମାନେ ଓ ତାଙ୍କର ପିଲାମାନେ ସରକାରୀ ସାହାଯ୍ୟ ପାଇ ପାରୁଥିବା ବେଳେ ବରଜି ଓ ବରଜିଆ ଉଲ୍ଲେଖ ଥିବା ଲୋକେ ସରକାରୀ ସାହାଯ୍ୟ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି।କେତେକ ଲୋକଙ୍କ ଘରବାରୀ ପଟ୍ଟାରେ ଜାତି ବରଜିଆ ଥିବା ବେଳେ ଚାଷ ଜମି ପଟ୍ଟାରେ ବରିଜି ଥାଇ ଜାତି ପ୍ରମାଣପତ୍ର ପାଇ ପାରୁନାହାନ୍ତି। ବରଜିଆ, ବରଜି, ବରିଜି, ତାମିଲ ପ୍ରମୁଖ ସମାନ ଜାତି ହୋଇଥିବାରୁ ସରକାର ଉକ୍ତ ଜାତି ଗୁଡିକୁ ଏସିବିସି ଓ ଓବିସିରେ ଅନ୍ତର୍ଭୁକ୍ତ କରିବା ପାଇଁ ବୈଠକରେ ଦାବୀ ହୋଇଥିବା ବେଳେ ଏହାକୁ ଲିଖିତ ଆକାରରେ ସଚିବ, ମୁଖ୍ୟମନ୍ତ୍ରୀ, ପଛୁଆବର୍ଗ ଜାତି ମନ୍ତ୍ରୀ, ଜିଲ୍ଲାପାଳ ପ୍ରମୁଖଙ୍କୁ ପ୍ରେରଣ କରାଯିବ।ଆବଶ୍ୟକ ହେଲେ ନ୍ୟାୟଳୟକୁ ଯିବାକୁ ପଡ଼ିବ ବୋଲି ଆଲୋଚନା କରା ଯାଇଥିଲା।ଉକ୍ତ ସମାବେଶରେ ସଭାପତି ଡକ୍ଟର ଅକ୍ଷୟ କୁମାର ପରିଡ଼ା, କାର୍ଯ୍ୟକାରୀ ସଭାପତି ସନ୍ତୋଷ କୁମାର ସାହୁ, ସମ୍ପାଦକ ସଞ୍ଜୟ କୁମାର ପରିଡ଼ା, ଉପସଭାପତି ରମେଶ ଚନ୍ଦ୍ର ପରିଡ଼ା, ମନୋରଞ୍ଜନ ସାହୁ, ଯୁଗ୍ମ ସମ୍ପାଦକ ମାନସ କୁମାର ପରିଡ଼ା, ପ୍ରମୋଦ କୁମାର ସାହୁ, ଓ କଳାକୃଷ୍ଣ ସାହୁ, ସାଙ୍ଗଠନିକ ସମ୍ପାଦକ ବସନ୍ତ କୁମାର ପରିଡ଼ା, କୋଷାଧକ୍ଷ ଶୁଭେନ୍ଦୁ କୁମାର ପରିଡ଼ା, ଆବାହକ ତପନ କୁମାର ସାହୁ, ପ୍ରବୀର କୁମାର ସାହୁ ଓ ଚିତ୍ତରଞ୍ଜନ ପରିଡ଼ା, ମେଡିଆ ସେଲ ସଦସ୍ୟ ଗଗନ ବିହାରୀ ସାହୁଙ୍କ ସହ ଧନଞ୍ଜୟ ପରିଡ଼ା, ଅଶ୍ୱିନୀ କୁମାର ପରିଡ଼ା, ତରୁଣକାନ୍ତି ନାୟକ ଓ କାର୍ତ୍ତିକ ଚନ୍ଦ୍ର ସାହୁ ପ୍ରମୁଖ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ।ଅନ୍ୟମାନଙ୍କ ମଧ୍ୟରେ ବାଞ୍ଛାନିଧି ସାହୁ, ଦୀନବନ୍ଧୁ ପ୍ରଧାନ, ଭୂପତି କୁମାର ପରିଡ଼ା, ବଳାରାମ ସାହୁ ଓ ଅଜୟ କୁମାର ବେଜ ପ୍ରମୁଖ ଉପସ୍ଥିତ ରହି ବରଜିଆ ଜାତିକୁ ଏସିବିସି ଓ ଓବିସି ତାଲିକାରେ ଅନ୍ତର୍ଭୁକ୍ତ କରିବା ବାବଦରେ ବକ୍ତବ୍ୟ ରଖିଥିଲେ।

# ଏତଲାର ୩୦ ଦିନ ପରେ ବି ନ୍ୟାୟ ପାଇଲେନି ମହିଳା



ବାରିପଦା(ଭାସ୍କର ନ୍ୟୁଜ୍): ଘଟଣାଟି ମୟୂରଭଞ୍ଜ ଜିଲ୍ଲା ସାରସକଣା ଥାନା ଅଞ୍ଚଳର।ସାମ୍ବାଦିକଙ୍କ ଉପରେ ପ୍ରତିଶୋଧ ନେବାକୁ ଯାଇ ତାଙ୍କ ସ୍ତ୍ରୀ ଓ ପରିବାର ନାମରେ ନାନାଦି ଅପଶବ୍ଦ ପ୍ରୟୋଗ କରି ସାମାଜିକ ଗଣମାଧ୍ୟମରେ ଫେକ ଆଇଡି ବ୍ୟବହାର କରି ବଦନାମ କରୁଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରାଯିବା ପାଇଁ ସାମ୍ବାଦିକଙ୍କ ପତ୍ନୀ ଏତଲା ଦେବାର ଗୋଟିଏ ମାସ ପୁରିଯାଇଥିଲେ ସୁଦ୍ଧା ଖୋଲା ଆକାଶ ତଳେ ବାହୁ ଫୁଲାଇ ବୁଲୁଛି ଅପରାଧୀ। ଘଟଣାକୁ ନେଇ ୨୩ ତାରିଖ ଦିନ ମହିଳା ଜଣଙ୍କ ପରିବାର ସହ ଆଇଜି ଅଫିସରେ ଧାରଣରେ ବସିବେ ବୋଲି ଜଣାଇଥିବାବେଳେ, ଆଜି ଆଇଜି ମହିଳାଙ୍କୁ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆଶ୍ୱାସନା ଦେଇଛନ୍ତି। ପ୍ରକାଶ ଥାଉକି ବେଆଇନ ବାଲି ବ୍ୟବସାୟକୁ କେନ୍ଦ୍ର କରି ସାମ୍ବାଦିକ ମଳୟ ନାୟକ ବିଭିନ୍ନ ସମୟରେ ଖବର କରିଥିବା ଯୋଗୁଁ ବାଲି ବ୍ୟବସାୟୀ ଖୋଲା ଭାବରେ ଧମକ ଦେଇଥିଲେ ଏବଂ ତମେ ଯେତେ ଖବର କଲେ କିଛି କରିପାରିବ ନାହିଁ ବୋଲି ଧମକ ଦେଇଥିଲେ। ଏହି ବାର୍ତ୍ତାଳାପ ଧମକର ଏକ ଭିଡିଓ ସାମ୍ବାଦିକ ସୋସିଆଲ ମିଡିଆରେ ଛାଡିଥିଲେ। କିଛି ଦିନ ପରେ ଫେସବୁକରେ ଏକ ଫେକ ଆଇଡି ଖୋଲାଯାଇ ସାମ୍ବାଦିକଙ୍କ ନାମରେ ନାନାଦି ମିଛ କଥା ଲେଖାଯିବା ସହ କୁଭାଷା ପ୍ରୟୋଗ କରି ତାଙ୍କ ସ୍ତ୍ରୀ, ଛୁଆ ଏବଂ ଶ୍ୱସୁରଙ୍କ ନାମରେ ମଧ୍ୟ ଅଶାଳୀନ ଶବ୍ଦ ବ୍ୟବହାର କରି ଚରିତ୍ର ସଂହାର କରାଯାଇଥିଲା। ତେବେ ଏହି ପୋଷ୍ଟକୁ ନେଇ ଗତ ଜୁନ ମାସ ୨୩ ତାରିଖ ଦିନ ମହିଳା ଜଣଙ୍କ ସାଇବର ଥାନାରେ ଜଣାଇଥିଲେ, ୨୪ ତାରିଖ ଦିନ ଝାରପୋଖରୀଆ ଥାନାରେ ୧୬୨/୨୫ ଅନୁସାରେ ମାମଲା ରୁଜୁ ହୋଇଥିଲା। ଥାନାଧିକାରୀ ପ୍ରଭୁକଲ୍ୟାଣ ଆଚାର୍ଯ୍ୟ ୧୨ ରୁ ୧୫ ଦିନ ଭିତରେ ଫେସବୁକ କମ୍ପାନୀରୁ ରିପୋର୍ଟ ଆସିବ ବୋଲି କହିଥିଲେ, ଦୋଷୀକୁ ନିଶ୍ଚିତ ଧରାଯିବ ବୋଲି କହିଥିଲେ, ଝାରପୋଖରୀଆ ଥାନାରୁ ସନ୍ତୋଷ ଜନକ କାର୍ଯ୍ୟାନୁଷ୍ଠାନ ନପାଇ ସାମ୍ବାଦିକଙ୍କ ସ୍ତ୍ରୀ ଓ ସାମ୍ବାଦିକ ଡିଆଇଜି ଅଫିସର ଦ୍ୱାରସ୍ଥ ହୋଇଥିଲେ। ପରେ ଜୁଲାଇ ମାସ ୭ ତାରିଖ ଦିନ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠରେ ପହଞ୍ଚି ଅଭିଯୋଗ ଖୋଦ ମୁଖ୍ୟମନ୍ତ୍ରୀଙ୍କୁ ଶୁଣାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ ମଧ୍ୟ ସିଧାସଳଖ ଏସପିଙ୍କ ସହିତ କଥା ହୋଇଥିଲେ। ସେହିଦିନ ମହିଳା ଜଣଙ୍କ ମହିଳା କମିଶନରେ ମଧ୍ୟ ଲିଖିତ ଜଣାଇଥିଲେ। ଇତି ମଧ୍ୟରେ ଏକମାସ ପୁରିବା ପରେ ମଧ୍ୟ ଅଭିଯୁକ୍ତ ଧରା ନପଡିବା ପରେ ମହିଳା ଜଣଙ୍କ ନିରୁପାୟ ହୋଇ ଚଳିତ ମାସ ୨୧ ତାରିଖ ଦିନ ଥାନାରେ ପହଞ୍ଚି ଆସନ୍ତା ୨୪ ଘଣ୍ଟା ମଧ୍ୟରେ କୌଣସି କାର୍ଯ୍ୟାନୁଷ୍ଠାନ ନହେଲେ ଆଇଜି ଅଫିସ ବାଲେଶ୍ୱରଙ୍କ ସାମ୍ନାରେ ଧାରଣରେ ବସିବେ ବୋଲି ସୂଚାଇ ଥିଲେ। ଆଜି ସାମ୍ବାଦିକ ଓ ମହିଳା ଜଣଙ୍କ ବାରିପଦା ଠାରେ ଡିଆଇଜିଙ୍କୁ ଭେଟିବା ପରେ ଡିଆଇଜି ଡ଼ ସତ୍ୟଜିତ ନାୟକ ଘଟଣାର ତଦନ୍ତ କରି ନିଶ୍ଚିତ ଦୋଷୀକୁ ବାହାର କରାଯିବ କହି ବୁଝାଇବା ପରେ ମହିଳା ଜଣଙ୍କ ୨୩ ତାରିଖ ଧାରଣାରେ ନବସି ଆଉ କିଛି ସମୟ ପୋଲିସ ବିଭାଗକୁ ଦେବେ ବୋଲି ସୂଚନା ଦେଇଛନ୍ତି। ତେବେ ବାଲେଶ୍ୱର ଛାତ୍ରୀ ଆତ୍ମହତ୍ୟା ଘଟଣା ପରେ ପୋଲିସ ପ୍ରତ୍ୟେକ ଘଟଣାକୁ ତତ୍ପରତାର ସହ ଗ୍ରହଣ କରୁଥିବା ବେଳେ ସାମ୍ବାଦିକ ଓ ତାଙ୍କ ପରିବାର ପ୍ରତି ସାମାଜିକ ଗଣମାଧ୍ୟମରେ ହୋଇଥିବା ଷଡଯନ୍ତ୍ରକୁ ପୋଲିସ ଓ ସାଇବର ବିଭାଗ ୩୦ ଦିନ ମଧ୍ୟରେ ବାହାର କରି ନପାରିବା ବିଭାଗର କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସାମ୍ବାଦିକଙ୍କୁ ଆକ୍ରୋଶ ରଖି ପରିବାର ପ୍ରତି ଦୁର୍ବ୍ୟବହାର କରିବା ସମାଜରେ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଅନ୍ୟପଟେ ପୂର୍ବରୁ ସିଧା ସଳଖ ଓ ଅସିଆଲ ମିଡ଼ିଆରେ ଧମକ ଦେଇଥିବା କିଛି ବାଲି ବ୍ୟବସାୟୀ ଘଟଣା ପଛରେ ରହିଥିବା ସାମ୍ବାଦିକ ମଳୟ ନାୟକ ପ୍ରକାଶ କରିଛନ୍ତି। ରାଜନୈତିକ ଚାପ ପାଇଁ ଝାରପୋଖରିଆ ପୋଲିସ କାର୍ଯ୍ୟାନୁଷ୍ଠାନ ମନ୍ଥର ହେଉଥିବା ଅଭିଯୋଗ ଆଣିଛନ୍ତି ମହିଳାଙ୍କ ପରିବାର। ତୁରନ୍ତ କାର୍ଯ୍ୟାନୁଷ୍ଠାନ ନହେଲେ ଆସନ୍ତା ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣିରେ ମହିଳା ଜଣଙ୍କ ଭୁବନେଶ୍ୱର ଠାରେ ଧାରଣାରେ ବସିବେ ବୋଲି ସୂଚନା ଦେଇଛନ୍ତି।

# ବୌଦ୍ଧ ମହାସଭା ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର



କେନ୍ଦୁଝର(ଭାସ୍କର ନ୍ୟୁଜ): ରାଷ୍ଟ୍ରିୟ ବୌଦ୍ଧ ମହାସଭା, କେନ୍ଦୁଝର ଶାଖା ତରଫରୁ ଏକ ସ୍ମାରକପତ୍ର ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଏଥିରେ ବିଟିଏମସି ଆକ୍ଟ ୧୯୪୯କୁ ପ୍ରତ୍ୟାହାର କରି ବୋଧଗୟା ଠାରେ ଥିବା ମହାବୋଧି ମହାବିହାରର ପ୍ରବନ୍ଧନ ବୌଦ୍ଧଧର୍ମର ସଭ୍ୟଙ୍କୁ ସମର୍ପଣ କରାଯିବା ପାଇଁ ଦାବି କରାଯାଇଛି। ଉପର ଲିଖିତ ଆକ୍ଟ ଅନୁଯାୟି ବର୍ତ୍ତମାନ ଏହି ପ୍ରବନ୍ଧନ କମିଟିରେ ଅନ୍ୟ ଧର୍ମାବଲମ୍ବୀ ସଦସ୍ୟ ମାନେ ନିଯୁକ୍ତ ହୋଇ ମହାବିହାରର ପରିଚାଳନା କରୁଛନ୍ତି। ତେଣୁ ଏ ମହାବିହାରର ପରିଚାଳନା ବୌଦ୍ଧ ଧର୍ମ ଅନୁଯାୟୀ ହୋଇ ପାରୁନାହିଁ। ବୁଦ୍ଧଙ୍କ ଦ୍ୱାରା ପ୍ରସାରିତ ସତ୍ୟ, ଅହିଂସା, କରୁଣା, ଦୟା, କ୍ଷମା, ଶାନ୍ତିର ବାର୍ତ୍ତା ସଠିକ ଭାବରେ ପ୍ରସାରିତ ହୋଇ ନାହିଁ। ଅନ୍ୟ ଧର୍ମାବଲମ୍ବୀ ସଦସ୍ୟମାନେ ନିଜ ଧର୍ମ ଅନୁସାରେ ଏହାକୁ ପରିଚାଳନା କରୁଛନ୍ତି। ଏ ମହାବିହାର ବୌଦ୍ଧ ଧର୍ମର ମୁଖ୍ୟ ଉପାସନା କେନ୍ଦ୍ର ଏବଂ ସାରା ପୃଥିବୀରେ ଏକ ପ୍ରମୁଖ ବୌଦ୍ଧ ସ୍ଥଳି ଭାବେ ପରିଚିତ। ତେଣୁ ଏହା ବୌଦ୍ଧ ଧର୍ମର ଉପାସକ ଏବଂ ଉପାସିକାଙ୍କୁ ଆଘାତ ଦେଉଛି। ଆମ ଦେଶର ସମ୍ବିଧାନ ଅନୁଯାୟୀ କୌଣସି ଧର୍ମ ର ଉପାସନା ସ୍ଥଳି ସେହି ଧର୍ମ ର ସଭ୍ୟଙ୍କ ଦ୍ୱାରା ପରିଚାଳିତ ହେବା ଉଚିତ। କିନ୍ତୁ ଏହା ବୋଧିବିହାରରେ କାର୍ଯକାରୀ ହେଉନାହିଁ। ଏହା ଅସମ୍ବିଧାନିକ ଏବଂ ଅଗଣତାନ୍ତ୍ରିକ ବ୍ୟବସ୍ଥା ଅଟେ।ସେଥିପାଇଁ ଗତ ଫେବୃଆରୀ ମାସରୁ ବୌଦ୍ଧ ଧର୍ମର ଗୁରୁ, ଉପାସକ, ଉପାସିକା, ଆମ୍ବେଦକର ବାଦି, ବିଭିନ୍ନ ଶାଖା ତରଫରୁ ଏହାର ପ୍ରତିବାଦ କରାଯାଉଛି। କିନ୍ତୁ ବିହାର ସରକାର ଏହାକୁ ଅଣଦେଖା କରୁଛନ୍ତି। ଏ ଆନ୍ଦୋଳନକୁ ବିଫଳ କରିବା ପାଇଁ ବିହାର ସରକାର ଚେଷ୍ଟା କରୁଛନ୍ତି। ତେଣୁ ଏ ସ୍ମାରକପତ୍ର ଜରିଆରେ ରାଷ୍ଟ୍ରପତି ଏବଂ ବିହାର ମୁଖ୍ୟମନ୍ତ୍ରୀଙ୍କୁ ଏହାର ସୁବିଚାର ପାଇଁ ଅନୁରୋଧ କରାଯାଇଛି। କାର୍ଯ୍ୟକ୍ରମରେ ରାଷ୍ଟ୍ରିୟ ବୌଦ୍ଧ ମହାସଭା, କେନ୍ଦୁଝର ଜିଲ୍ଲାର ସଭାପତି ଇଂ ନିରୋଦ ଚନ୍ଦ୍ର ବେହେରା, ସମ୍ପାଦକ ସୋମନାଥ ଜେନା, ସୁଜଳ କୁମାର ସେଠି, ବାବାଜି ଚରଣ ପାତ୍ର, ଅଲେଖ ଚନ୍ଦ୍ର ପାତ୍ର, ପଞ୍ଚାନନ ସେଠି, ସୁରେଶ ଚନ୍ଦ୍ର ମହାନ୍ତ, ଦିପକ କୁମାର ପାତ୍ର, ଭୀମସେନ ମହାନ୍ତ, ପ୍ରଫୁଲ୍ଲ ନାଏକ, ଭିଷ୍ମ ମହାନ୍ତ, ପ୍ରସନ୍ନ କୁମାର ନାଏକ, ଶରତ ଚନ୍ଦ୍ର ବାରିକ, ନରସିଂହ ନାଏକ, ଫକିର ନାଏକ, ସରୋଜ କୁମାର ମହାନ୍ତ, ପ୍ରଫୁଲ୍ଲ ଜେନା, କ୍ଷିରୋଦ ଚନ୍ଦ୍ର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

# ଶିକ୍ଷକଙ୍କ ବିୟୋଗ



ପରଜଙ୍ଗ(ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଶିକ୍ଷାଧିନ ଆମ୍ବପଳାସ ପଞ୍ଚାୟତ ଜାମୁନାଳି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କାର୍ଯ୍ୟରତ ଶିକ୍ଷକ ସୁଶାନ୍ତ କୁମାର ଭୋଇ (୪୫ ବର୍ଷ )କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଦେହାନ୍ତ ହୋଇଥିବା ଜଣାପଡିଛି । ସେ ୨୦୦୫ ମସିହାରେ ନିଜର ଶିକ୍ଷକତା ଆରମ୍ଭ ଆରମ୍ଭ କରି ଜୁଲାଇ ମାସ ୨୦୨୨ ମସିହା ଠାରୁ ଅଦ୍ୟାବଧି ଆମ୍ବପଳାସ ପଞ୍ଚାୟତ ଅଧିନସ୍ଥ ଆଦିବାସୀ ଅଧୁଷିତ ଜାମୁନାଳି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ଶିକ୍ଷକତା କରୁଥିଲେ । ତାଙ୍କର ଦେହ ଅସୁସ୍ଥ ଥିବାରୁ ଦୀର୍ଘ ଦିନ ହେବ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ରହିଥିଲେ । ସ୍ୱର୍ଗତ ଭୋଇ ଅତି ଭଦ୍ର,ନମ୍ର ଶାନ୍ତ ସରଳ, କର୍ତ୍ତବ୍ୟନିଷ୍ଠା ଓ ମିଷ୍ଟଭାଷୀ ଶିକ୍ଷକ ହୋଇଥିବାବେଳେ, ବୁଧବାର ଦିନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ସେଠୀଙ୍କ ଅଧକ୍ଷତାରେ ଏକ ଶୋକସଭା ରେ ବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ, ପରିଚାଳନା କମିଟିର ସଭାପତି, ସଦସ୍ୟ , ଅଭିଭାବକ ଓ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ରହି ସ୍ୱର୍ଗତ ଭୋଇଙ୍କ ଅମର ଆତ୍ମାର ସଦଗତି କାମନା ଜଣାଇ ତାଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା ହୋଇଥିଲା ।

# ପ୍ରେମିକ ପରିବାର ଉପରେ ପ୍ରେମିକା ଘର ଲୋକଙ୍କ ଆକ୍ରମଣ

ମାଲକାନଗିରି (ଭାସ୍କର ନ୍ୟୁଜ୍): ଯୁବକ ଓ ଯୁବତୀଙ୍କ ପ୍ରେମକୁ ନେଇ ଉଭୟ ପରିବାର ମଧ୍ୟରେ ତୁମୁଳକାଣ୍ଡ ଘଟିଥିବା ଦେଖିବାକୁ ମିଳିଛି । ପ୍ରେମିକ ପରିବାର ଉପରେ ପ୍ରେମିକା ପରିବାର ଆକ୍ରମଣ କରିଛନ୍ତି। ପୁଅର ମା'ଙ୍କୁ ଝିଅ ପରିବାର ଲୋକେ ଅପହରଣର ଉଦ୍ୟମ କରିଛନ୍ତି। ଏନେଇ ଥାନାରେ ଏତଲା ଦେବା ପରେ ପୋଲିସ ହସ୍ତକ୍ଷେପ କରିଛି। ଉଭୟ ପକ୍ଷକୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିବା ଜଣାପଡ଼ିଛି । ଏଭଳି ଘଟଣା ଘଟିଛି ମାଲକାନଗିରି ଥାନା/ବ୍ଲକ ଅନ୍ତର୍ଗତ ଏମଭି-୪୮ ନମ୍ବର ଗ୍ରାମରେ। ପୋଲିସ ସୂତ୍ରରୁ ପ୍ରକାଶ, ଗୋଟିଏ ଗାଁର ଜଣେ ଯୁବତୀଙ୍କୁ ଜଣେ ଯୁବକ ଭଲ ପାଉଥିଲେ। ଉଭୟଙ୍କ ମଧ୍ୟରେ ନିବିଡ଼ ପ୍ରେମ ସମ୍ପର୍କ ଥିବାରୁ ଝିଅ ପରିବାରର ଅନିଚ୍ଛା ସତ୍ତ୍ୱେ କିଛିଦିନ ତଳେ ଯୁବକଜଣକ ଝିଅକୁ ତାଙ୍କ ଘରକୁ ନେଇ ଆସିଥିଲା। ଘଟଣାକୁ କେନ୍ଦ୍ର କରି ଉଭୟ ପରିବାର ମଧ୍ୟରେ ତିକ୍ତତା ଲାଗି ରହିଥିଲା। ଏହାର ସମାଧାନ ପାଇଁ ଗାଁ କମିଟି ପକ୍ଷରୁ ବୈଠକ ଡକାଯାଇଥିଲା। ବୈଠକରେ ଯୁବତୀ ଜଣଙ୍କ ବାପଘରକୁ ଫେରିବ ନାହିଁ ବୋଲି ରୋକଠୋକ ମନା କରିଦେଇଥିଲା। ଯାହାକୁ ଭଲ ପାଉଛି ତା' ଘରେ ରହିବ ବୋଲି କହିଥିଲା। ଗାଁ କମିଟିର ବୈଠକ ପରେ ଉଭୟ ପରିବାର ଲୋକେ କମିଟିର ସମାଧାନ ଶୁଣି ପରସ୍ପର ଘରକୁ ଫେରିଯାଇଥିଲେ। ଏହି ଘଟଣାକୁ ନେଇ ଦୁଇଦିନ ପୂର୍ବେ ରାତିରେ ଝିଅର ବାପା ଓ ତାଙ୍କର କିଛି ସମର୍ଥକ ଗ୍ରାମବାସୀ ଯୁବକଙ୍କ ଘରକୁ ଯାଇ ଝିଅକୁ ଫେରାଇ ଦେବା ପାଇଁ କହିଥିଲେ। ଏଥିରେ ପୁଅଘର ଲୋକେ ରାଜି ନହେବାରୁ ଝିଅର ବପା ପୁଅର ମା'ଙ୍କୁ ଟଣାଓଟରା କରି ନେଇଯିବାକୁ ଚେଷ୍ଟା କରିଥିଲେ। ଏପରିକି ମହିଳାଙ୍କ ପିନ୍ଧିଥିବା ଲୁଗାପଟା ଚିରି ଦେଇଥିଲେ। ଏହାକୁ ଅନ୍ୟ ଗ୍ରାମବାସୀ ବିରୋଧ କରି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଉଭୟ ପକ୍ଷରୁ ପରିସ୍ଥିତି ବୁଝି ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏନେଇ ଆଇଆଇସି ରିଗାନ କିଣ୍ଡୋ କହିଛନ୍ତି, ଉଭୟ ପରିବାରକୁ ବୁଝାଶୁଝା କରିବା ପରେ ଗଣ୍ଡଗୋଳ ବନ୍ଦ ହୋଇଥିଲା। ଏବେ ପରିସ୍ଥିତି ଶାନ୍ତ ରହିଛି। ଉଭୟଙ୍କ ମଧ୍ୟରେ ଆପୋଷ ବୁଝାମଣା ହୋଇଥିବାରୁ ଥାନାରେ କୌଣସି ଅଭିଯୋଗ ହୋଇନାହିଁ । ତଥାପି ଗାଁ ଉପରେ ପୋଲିସର ନଜର ରହିଥିବା କଥା ପ୍ରକାଶ କରିଛନ୍ତି ।

# ହାତୀ ଦଳାଚକଟାରେ ବ୍ୟାପକ ଧାନତଳି ନଷ୍ଟ



ପରଜଙ୍ଗ (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ବନଖଣ୍ଡ ମହାବିରୋଡ ରେଞ୍ଜ ଡିହଡୋଳ ଫରେଷ୍ଟ ସେକ୍ସନରେ ଦଳଗତ ହାତୀମାନଙ୍କ ଉପଦ୍ରବ ବଢ଼ି ଚାଲିଛି। ଏମାନଙ୍କ ଉପଦ୍ରବରେ ଧନ ଜୀବନ ହାନି ଘଟିବା ସହ ବର୍ତ୍ତମାନ ଧାନ ଫସଲ ତଳି ରୁଆ ଆରମ୍ଭରୁ ଚାଷୀ ମାନଙ୍କ ଚିନ୍ତା ବଢ଼ାଇ ଦେଇଛି । ବିଳମ୍ବିତ ରାତିରେ ବିଲରେ ପଶି ଧାନ ତଳି ଦଳାଚକଟା କରିବା ପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଲୋଧଣି ପଞ୍ଚାୟତ ମେଣ୍ଡାପଦା ଗ୍ରାମରେ । ଏହି ଗ୍ରାମର ହଟକିଶୋର ବିଶ୍ୱାଳ , ଛବି ନାରାୟଣ ପ୍ରଧାନ ଓ ଅରୁଣ ବିଶ୍ୱାଳଙ୍କର ହାତୀ ଉପଦ୍ରବରେ ବ୍ୟାପକ ଧାନ ତଳି ନଷ୍ଟ ହୋଇଥିବା ଜଣାପଡିଛି।ହାତୀ ଦିନରେ ପାଖ ଜଙ୍ଗଲରେ ଆଶ୍ରୟ ନେଇ ସନ୍ଧ୍ୟା ହେଲେ ଏଗାଁରୁ ସେଗାଁକୁ ଯାଇ ଘର ଭାଙ୍ଗିବା , ବାଡ଼ିରେ ପଶି ଫସଲ ନଷ୍ଟ କରିବା ,ଧାନ ବିଲରେ ପଶି ଦଳାଚକଟା କରିବା ପ୍ରଭୃତି ଦୃଶ୍ୟ ଦେଖିବାକୁ ମିଳିଥାଏ । ହାତୀ ଦଳଚକଟାରେ ଧାନ ତଳି ନଷ୍ଟ ହୋଇଥିବାରୁ ବିଭାଗୀୟ ସେମାନଙ୍କୁ ତୁରନ୍ତ ଚିହ୍ନଟ କରି ସରକାରୀ ସହାୟତା ଯୋଗାଇ ଦେବାକୁ କ୍ଷତିଗ୍ରସ୍ତ ଚାଷୀମାନେ ଦାବୀ ରଖିଛନ୍ତି ।

# ପାଣିରେ ବୁଡ଼ି ଯୁବଚାଷୀଙ୍କ ମୃତ୍ୟୁ

ମାଲକାନାଗିରି (ଭାସ୍କର ନ୍ୟୁଜ୍): ଚାଷ ସାରି ଗାଧୋଇବାକୁ ଯାଇ ଜଣେ ଯୁବଚାଷୀଙ୍କର ପାଣିରେ ବୁଡି ମୃତ୍ୟୁ ହୋଇଛି । ମୃତକ ହେଲେ ମାଲକାନାଗିରି ଜିଲ୍ଲା ପଡିଆ ବ୍ଲକ ଏମ୍ଭି ୭୯ ଥାନା ଅର୍ନ୍ତଗତ ଗିରକାନପଲ୍ଲୀ ପଞ୍ଚାୟତ ପେଦାଗୁଡା ଗ୍ରାମର ଆନ୍ଦା ମାଢି (୨୮)। ଗତକାଲି ଘରଠାରୁ ୫ କି.ମି.ଦୂରରେ ଥିବା ଜମିକୁ ଭୋରରୁ ଚାଷ କରିବାକୁ ଆନ୍ଦ ଯାଇଥିଲେ। ମଧ୍ୟାହ୍ନରେ କାମସାରି ଜମି ନିକଟରେ ଥିବା ଏକ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ସେହି ସମୟରେ ପ୍ରବଳ ବର୍ଷା ହୋଇ ପୋଖରୀର ପାଣି ବଢ଼ି ଯାଇଥିଲା । ହେଲେ ଆନ୍ଦ ପହଁରା ଶିଖି ନଥିବାର ପୋଖରୀରୁ ଉଠି ପାରି ନ ଥିଲେ ନିକଟରେ କେହି ଲୋକ ନ ଥିବାରୁ ଅପରାହ୍ନ ହୋଇ ଯାଇଥିଲା। ଘରକୁ ଫେରି ନ ଥିବାରୁ ପରିବାର ସହ ଗ୍ରାମବାସୀ ଖୋଜାଖୋଜି କରି ପୋଖରୀରେ ପଡି ଥିବା ଦେଖିବାକୁ ପାଇଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ପୋଲିସକୁ ଖବର ଦିଆଯାଇଥିଲା । ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବଦ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଗତକାଲି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣା ପଡ଼ିଛି।

# ଆର୍ଥିକ ସ୍ୱାକ୍ଷରତା ପ୍ରଶିକ୍ଷଣ ଶିବିର

ଖଇରପୁଟ(ଭାସ୍କର ନ୍ୟୁଜ୍):ଖଇରପୁଟ ବ୍ଲକ ଅନ୍ତର୍ଗତ ମୁଦୁଲିପଡ଼ା ଗ୍ରାମ ପଞ୍ଚାୟତରେ ରାଇଜ୍ ଏଗେନଷ୍ଟ ହଙ୍ଗର ଇଣ୍ଡିଆ ସଂସ୍ଥା ଏବଂ ଦେବୀ ସଂସ୍ଥାର ମିଳିତ ଆନୁକୂଲ୍ୟରେ ଏକ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇ ଥିଲା । ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ହେଲା କାରିଗର ଓ ଜଙ୍ଗଲ ଜାତ ସଂଗ୍ରହକାରୀଙ୍କୁ ବ୍ୟବସାୟିକ ଜ୍ଞାନ, ବର୍ଣ୍ଣବୋଧ, ମାତ୍ରା ଓ ସଂଖ୍ୟା ଗଣନା ଦକ୍ଷତାରେ ସୁଦୃଢ କରିବା। ଖଇରପୁଟ ବ୍ଲକ ର ମୁଦୁଲି ପଡ଼ା ଗ୍ରାମ ପଞ୍ଚାୟତ ରେ ସ୍କେଲ ସେଡ ପ୍ରକଳ୍ପ ର ତତ୍ୱାବଧନ ରେ ୩୨୦ କାରିଗର ଓ ଜଙ୍ଗଲ ଜାତ ସଂଗ୍ରହକାରୀ ମାନଙ୍କୁ ନେଇ ଗଠିତ ଏ.ପି.ଓ ର ବ୍ୟବସାୟିକ ଜ୍ଞାନ କୌଶଳ କୁ ସୁଦୃଢ କରିବା ଅର୍ଥାତ୍ ବର୍ଣ୍ଣବୋଧ , ମାତ୍ରା ଓ ସଂଖ୍ୟା ର ହିସାବ ଜାଣିବା ନିମନ୍ତେ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି ଶିବିର କୁ ରାଜେଶ କିଶୋର ଦିଗାଲ ପରିଚାଳନା କରିଥିବା ବେଳେ ମୁଦୁଲିପଡ଼ା ପଞ୍ଚାୟତ ଅନ୍ତର୍ଗତ ମୋଟ ୯ ଗୋଟି ଗ୍ରାମ ରୁ ପ୍ରାୟ ୨୧ ଜଣ ଶିକ୍ଷିତ ଯୁବକ ଓ ଯୁବତୀ ଅଂଶଗ୍ରହଣ କରିଥିଲେ ଏବଂ ଏହି କାର୍ଯ୍ୟକ୍ରମକୁ ଗ୍ରାଣ୍ଟ ପ୍ରୋଜେକ୍ଟ କୋର୍ଡିନେଟର ଆଶିଷ କୁମାର ସାଗର , କମ୍ୟୁନିଟି ଫେସିଲିଟର ରଞ୍ଜିତ ଅନୁଗୁଳିଆ ଉକ୍ତ କାର୍ଯ୍ୟକ୍ରମକୁ ଆୟାଜନ କରିଥିଲେଏବଂ ପ୍ରଶିକ୍ଷଣ ପାଇଥିବା ସମସ୍ତ ଯୁବକ ଯୁବତୀ ମାନେ ନିଜ ନିଜ ଗ୍ରାମ ରେ ଯାଇ ମହିଳା ମାନଙ୍କୁ ଏକତ୍ରିତ କରି ଶିକ୍ଷା ଦାନ କରୁଛନ୍ତି ।

# ସରକାରୀ ଜାଗାରୁ ଦୋକାନ ଘର ଉଚ୍ଛେଦ



ପରଜଙ୍ଗ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ତହସିଲ ପକ୍ଷରୁ ପରଜଙ୍ଗ ଠାରୁ ସାନ୍ଧା ଅଭିମୁଖେ ଯାଇଥିବା ପୂର୍ତ୍ତବିଭାଗ ରାସ୍ତାର ଭାଲୁମୁଣ୍ଡା ଛକରେ ସରକାରୀ ଜାଗାରେ ଗଢିଉଠିଥିବା ଦୋକାନ ବଜାର ଘରକୁ ବୁଧବାର ବିଭାଗୀୟ ଉଚ୍ଛେଦ କରିଥିବା ଜଣାପଡିଛି ।ଏହି ଉଚ୍ଛେଦ ପାଇଁ ପୂର୍ବରୁ ବିଭାଗୀୟ ନିର୍ଦ୍ଧିଷ୍ଟ ବ୍ୟକ୍ତି ମାନଙ୍କୁ ନୋଟିସ ଲଗେଇଥିବା ବେଳେ, ଅତିରିକ୍ତ ତହସିଲଦାର ମନୋରଞ୍ଜନ ସାହୁଙ୍କ ମାଜିଷ୍ଟ୍ରେଟ କ୍ଷମତାରେ ପରଜଙ୍ଗ ଥାନା ଅଧିକାରୀ ଧିରେନ କୁମାର ବେହେରା, କନ୍ଦରସିଂହା ଆର ଆଇ ଆଶୀଷ କୁମାର ଦେହୁରୀ, ଅମିନ ଅମ୍ବର ଦାସ ଓ ପୋଲିସ ବାହିନୀ ମୁତୟନ କରାଯାଇ ଜେସିବି ମେସିନ ଦ୍ୱାରା ଉଚ୍ଛେଦ କାର୍ଯ୍ୟ କରାଯାଇଛି । ଏହି ଛକ ଜାଗାଟି ଚାରିଦିଗକୁ ରାସ୍ତା ରହିଥିବାରୁ ଦୋକାନ ଗଢି ଉଠିବା ଫଳରେ ରାସ୍ତା ଗୁଡିକ ଅତି ସଂକୁଚିତ ଅବସ୍ଥାରେ ରହିଥିଲା ଫଳରେ ସର୍ବସାଧାରଣରେ ଅସୁବିଧା ଭୋଗୁଥିଲେ । ଉଚ୍ଛେଦ ସମୟରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନହୋଇଥିବା ବେଳେ, ଶୃଙ୍ଖଳା ର ସହ ଦୋକାନ ମାଲିକ ଏବଂ ପ୍ରଶାସନ ର ମିଳିତ ସହଯୋଗ ରେ ଉଚ୍ଛେଦ କାର୍ଯ୍ୟ ସମ୍ପନ୍ନ ହୋଇଥିଲା ।

# ଆଦର୍ଶ ବିଦ୍ୟାଳୟ ଯିବା ରାସ୍ତାରେ ପାଣି



ଖଡ଼ିଆଳ(ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ଓଡିଶା ଆଦର୍ଶ ବିଦ୍ୟାଳୟ ଯିବା ରାସ୍ତାରେ ଆଣ୍ଠୁଏ ପାଣି। ବିଦ୍ୟାଳୟକୁ ପାଠ ପଢି ଯାଉଥିବା ପିଲାମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ପିଲାମାନେ ସାଇକେଲ ରେ ବହି ବସ୍ତାନୀ ବ୍ୟାଗ ଧରି ବିଦ୍ୟାଳୟକୁ ପାଠ ପଢ଼ିଯାଉଥିବା ବେଳେ ରାସ୍ତା ମଝିରେ ଆଣ୍ଠୁଏ ପାଣିରେ ପଡ଼ି ଛୋଟ ବଡ ଦୁର୍ଘଟଣା ର ଶିକାର ହେଉଥିବା ଦେଖିବାକୁ ମିଳୁଛି। ଅନ୍ୟ ପଟେ ବିଜୁଳି ଟ୍ରାନ୍ସଫର୍ମର ପାଣିରେ ବିପଦ ସାଜି ଜଗି ରହିଛି। ପାଠ ପଢୁଆ ପିଲାମାନଙ୍କ ପ୍ରତି ବହୁତ ବିପଦ ସାଜି ରହିଛି ଏହି ମୁକୁଳା ବିଦ୍ୟୁତ ଟ୍ରାନ୍ସଫରମର ଓ ରାସ୍ତାର ପାଣି। ଅଳ୍ପ ବର୍ଷା ହେଲେ ମଧ୍ୟ ରାସ୍ତା ସାଜିଯାଏ ପୋଖରୀ। ପୂର୍ବରୁ ମଧ୍ୟ ଜିଲ୍ଲାପାଳ ଙ୍କୁ ଏହି ରାସ୍ତା ପାଣି ସମସ୍ୟାକୁ ନେଇ ନୂଆପଡା ଜିଲ୍ଲାପାଳ ଙ୍କୁ ଅଭିଭାବକ ମାନେ ଖଡ଼ିଆଳ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିଥିଲେ। ହେଲେ ରାସ୍ତା ରେ ଜମୁଥିବା ପାଣିର ସମସ୍ୟା ସମାଧାନ ଆଜିଯାଏଁ ହୋଇପାରି ନାହିଁ। ତେଣୁ ଅଭିଭାବକ ଓ ସାଧାରଣ ରେ ଦାବି ହେଉଛି ଯେ ଆଗକୁ ବଡ ଘଟଣା ନ ଘଟିବା ପୂର୍ବରୁ ଏହାର ସମାଧାନ କରିବାକୁ ଜିଲ୍ଲା ପ୍ରଶାସନ କୁ ଦାବି କରାଯାଉଛି।

# ଦୁର୍ଘଟଣାରେ ୨ ଛାତ୍ରୀ ଗୁରୁତର



ଛତ୍ରପୁର(ଭାସ୍କର ନ୍ୟୁଜ): ଛତ୍ରପୁର ଉପକଣ୍ଠ ତାମ୍ପରା ନିକଟ ୧୬ ନମ୍ବର ଜାତୀୟ ରାଜପଥରେ ମଙ୍ଗଳବାର ଟ୍ରକ-ସ୍କୁଟି ମୁହଁମୁହିଁ ଧକ୍କା ହୋଇଛି । ଫଳରେ ସ୍କୁଟିରେ ଥିବା ୨ ଛାତ୍ରୀ ଗୁରୁତର ଆହତ ହୋଇଛନ୍ତି । ସେମାନେ ହେଲେ କେନ୍ଦୁଝର ଜିଲ୍ଲାର ସୁଚିସ୍ମିତା ପହି(୨୪) ଓ ମୋନାଲିସା ସିଂ (୨୩) । ସେମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଛତ୍ରପୁର ହସ୍ପିଟାଲକୁ ପଠାଇଥିଲେ । ଏ ସମ୍ପର୍କରେ ଖବର ପାଇ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଛତ୍ରପୁର ହସ୍ପିଟାଲରେ ଚିକିତ୍ସା ସେବା ପାଇଁ ଡାକ୍ତରଙ୍କ ସହ ଆଲୋଚନା କରିବା ସହ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ମେଡ଼ିକାଲକୁ ପଠାଇବାରେ ବ୍ୟବସ୍ଥା କରିଥିଲେ । ସୂଚନାଯୋଗ୍ୟ ଉଭୟ ଛାତ୍ରୀ ୟୁନିଭରସିଟିକୁ ବିଇଡି ପରୀକ୍ଷା ଦେବାକୁ ଆସିଥିଲେ । ପରେ ସାଙ୍ଗଜଣଙ୍କ ସ୍କୁଟି ଓଡି୦୭ ଏପି-୩୬୧୪ ଯୋଗେ ଛତ୍ରପୁର ନିକଟ ତାମ୍ପରା ବୁଲିବାକୁ ଆସୁଥିଲେ । ତେବେ ଭୁଲ ରାସ୍ତାରେ ସେମାନେ ଯାଉଥିବା ବେଳେ ବେଳେ ତାମ୍ପରା ନିକଟ ୧୬ ନମ୍ବର ଜାତୀୟ ରାଜପଥରେ ବ୍ରହ୍ମପୁର ଅଭିମୁଖେ ଆସୁଥିବା ଟ୍ରକ୍ ଏପି୨୧ ଟିୱାଇ-୮୬୭୯ ସହ ମୁହାଁମୁହିଁ ଧକ୍କା ହୋଇ ଦୁର୍ଘଟଣା ଘଟିଥିଲା ।

# ସରକାରୀ ଜମି ଜବରଦଖଲକୁ ନେଇ ଉତ୍ତେଜନା

କଣାସ (ଭାସ୍କର ନ୍ୟୁଜ): କଣାସ ବ୍ଲକ୍ କଣାସ ଗ୍ରାମପଞ୍ଚାୟତ ଜଳିଆପଡ଼ା ଗ୍ରାମରେ ସରକାରୀ ଜମି ଜବରଦଖଲକୁ ନେଇ ଗ୍ରାମବାସୀ ମାନେ ଦୁଇଗୋଷ୍ଠୀ ହୋଇ ଦୀର୍ଘ ଏକ ମାସ ହେଲା କଣାସ ତହସିଲଦାର ହିମାଂଶୁ ଶେଖର ଗିରିଙ୍କ ନିକଟରେ ମାପ ଚୁପ କରି ସରକାରୀ ଜମି ବାହାର କରିବାପାଇଁ ଦୁଇଗୋଷ୍ଠୀ ପୃଥକ୍ ପୃଥକ୍ ଭାବେ ଲିଖିତ ଅଭିଯୋଗ କରିଛନ୍ତି , ଅଭିଯୋଗ ପାଇବାପରେ ତହସିଲଦାର ଶ୍ରୀ ଗିରି ଘଟଣା ସ୍ଥଳକୁ ଯାଇ ତଦନ୍ତକରୀ ଫେରି ଆସିଥିଲେ ମଧ୍ୟ ମାପଚୁପ ନକରିବାରୁ ଗ୍ରାମରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଉତ୍ତେଜନା କୁ କେନ୍ଦ୍ରକରି ଗୋଟିଏ ଗୋଷ୍ଠୀର କାରକୁ କେହି ପୋଡ଼ି ଦେଇଛନ୍ତି ।ଜବରଦଖଲ ସଂପର୍କରେ ଦୁଇପକ୍ଷ କଣାସ ତହସିଲଦାର ,ଉପଜିଲ୍ଲାପାଳ ପୁରୀ,ଜିଲ୍ଲାପାଳ ପୁରୀଙ୍କୁ ଜଣାଇବା ସହିତ ଗୋଟିଏ ଗୋଷ୍ଠୀ ଉପଜିଲ୍ଲାପାଳ ଓ ଜିଲ୍ଲାପାଳଙ୍କୁ ସାକ୍ଷାତ କରିଥିବା ଜଣାପଡିଛି ।



ବନ୍ଧୁଗାଁ, (ଭାସ୍କର ନ୍ୟୁଜ) : ବନ୍ଧୁଗାଁ ବ୍ଲକ ସଦର ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଲକ୍ଷ୍ମୀ କାଡ୍ରାକା ଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ଅଭିଯୋଗ ଶୁଣାଣିରେ ବିଡ଼ିଓ ଶ୍ରୀମତୀ ମିନତୀ ଜଗଦେବ ସଭାପତିତ୍ୱ କରିଥିଲେ। ଏଥିରେ ସ୍ଥାନୀୟ ପୋଲିସ ଥାନା ଆଇଆଇସି ପ୍ରସନ୍ନ କୁମାର ମିଶ୍ର, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେଉରିଆ, ସ୍ୱାସ୍ଥ୍ୟ ବିଭାଗ,ଅଙ୍ଗନୱାଡ଼ି ସୁପରଭାଇଜର, ଜଳ ଯୋଗାଣ ବିଭାଗ ଯନ୍ତ୍ରୀ,ଫରେଷ୍ଟ ଗାର୍ଡ, କୃଷି ବିଭାଗ ଅଧିକାରୀ ସି ଆର ସି ସି ସଞ୍ଜୟ କୁମାର ସିଂ, ଜଗାଣ ବିଭାଗ ଅଧିକାରୀ, ସମସ୍ତ ୱାର୍ଡ ମେମ୍ବର, ଅଙ୍ଗନୱାଡ଼ି କର୍ମୀ ଓ ସ୍ଥାନୀୟ ବୁଦ୍ଧିଜୀବୀ ମୁକୁନ୍ଦ ବେବରା ଉପସ୍ଥିତ ରହି ନିଜ ବିଭାଗର ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ଲୋକଙ୍କୁ ସଚେତନ କରିଥିଲେ। କିନ୍ତୁ ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ ବିଭାଗ, ପ୍ରାଣୀ ବିଭାଗ, ମତ୍ସ୍ୟ ବିଭାଗ, ଅଧିକାରୀ ମାନେ ଉପସ୍ଥିତ ରହି ନ ଥିଲେ। ଗୋଟିପୁଟ ଗାଁ ରେ ଆଜି ପର୍ଯ୍ୟନ୍ତ ପିଇବା ପାଣି ପାଇଁ ନଳ କୂପ ଖଣନ ନ ହେବା, ବ୍ଲକରେ ମ୍ୟାଲେରିଆ ଆକ୍ରାନ୍ତ ବଢୁ ଥିବା, ମାର୍ଦ୍ଧିଝୋଲା ଗାଁରେ ପୁନର୍ବାର ସ୍କୁଲ ଚାଲୁ କରିବା, ସାଇବର କ୍ରାଇମ, ରାସ୍ତାରେ ଗାଈ ଗୋରୁ ରହିବା ଓ ତୁରୁକୁପେଟା ଗାଁ ରୁ ପୋଖରୀ ପର୍ଯ୍ୟନ୍ତ ଗାଁ ମଇଳା ପାଣି ଯିବା ପାଇଁ କେନାଲ କରିବା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ପୁରୁଣା ପ୍ରଧାନ ମନ୍ତ୍ରୀ ଆବାସ ଗୃହ ନିର୍ମାଣ ଅତି ଶୀଘ୍ର ତ୍ୱରାନିତ କରିବା ପାଇଁ ବିଡ଼ିଓ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ପିଇଓ ବୃନ୍ଦାବନ କଲେକା ସଭା କାର୍ଯ୍ୟକୁ ପରିଚାଳନା କରିଥିଲେ।



# ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର





ମହାକାଳପଡ଼ା (ଭାସ୍କର ନ୍ୟୁଜ୍) : କେନ୍ଦ୍ରାପଡ଼ା ଜିଲ୍ଲା ଅମେଇପାଳ ପଞ୍ଚାୟତ ଅନ୍ତର୍ଗତ ମହାନଙ୍ଗଳା ଉନ୍ନୀତ ଉଚ୍ଚପ୍ରାଥମିକ ବିଦ୍ୟାଳୟ ବହୁବିଧ ସମସ୍ୟାରେ ପଡ଼ି ରହିଛି। ଏଠାରେ ଶିକ୍ଷାଦାନ କରୁଛନ୍ତି ୩ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ। ୭୫ ଛାତ୍ର-ଛାତ୍ରୀଙ୍କ ପାଇଁ ଶ୍ରେଣୀ ଗୃହଟିଏ ନାହିଁ। ଶ୍ରେଣୀଗୃହ କହିଲେ ବିଦ୍ୟାଳୟରେ କେବଳ ଗୋଟିଏ ନିଜସ୍ୱ ଅଫିସ ଗୃହ, ଯାହା ସଂନ୍ଧ୍ୟା ହେଲେ ନିଷାଡିଙ୍କର ଆଡ୍ଡାସ୍ଥଳୀ ପାଲଟିଯାଏ। ଆଉ ସେହି ଗୋଟିଏ ଶ୍ରେଣୀଗୃହରେ ପଢ଼ିବା କଷ୍ଟସାଧ ଥିବାରୁ ପିଲାମାନେ ବିଦ୍ୟାଳୟ ନିକଟସ୍ଥ ଏକ ବାତ୍ୟା ଆଶ୍ରୟସ୍ଥଳରେ ବିଦ୍ୟା ଅଧ୍ୟୟନ କରନ୍ତି। ବିଦ୍ୟାଳୟରେ ନା ଅଛି ନଳକୂପ, ଶୌଚାଳୟ ଗୃହ ଓ ରୋଷେଇଘର। ୧୯୬୪ ମସିହାରେ ନିର୍ମିତ ଏହି ବିଦ୍ୟାଳୟରେ ଶିଶୁ ବାଟିକାରୁ ଆରମ୍ଭ କରି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନର ବ୍ୟବସ୍ଥା ରହିଛି। ସେହିପରି ଉକ୍ତ ବିଦ୍ୟାଳୟରେ ରୋଷେଇ ଘର ନ ଥିବାରୁ ମଧ୍ୟାହ୍ନଭୋଜନ ପ୍ରସ୍ତୁତିରେ ବାଧା ସୃଷ୍ଟି ହେଉଛି। ବିଦ୍ୟାଳୟ ପରିସରରେ ଥିବା ନଳକୂପ ବହୁଦିନଧରି ଅଚଳ ଅବସ୍ଥାରେ ରହିଛି। ଶୌଚାଳୟ ନ ଥିବାରୁ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଦ୍ୟାଳୟ ନିକଟରେ ଥିବା ପଡ଼ିଆକୁ ଛାତ୍ରଛାତ୍ରୀ ଖେଳପଡ଼ିଆ ଭାବେ ବ୍ୟବହାର କରୁଥିଲେ। ହେଲେ, କିଛିଦିନ ହେବ ଗ୍ରାମ ପୋଖରୀରୁ ଦଳ କଢ଼ାଯାଇ ପଡ଼ିଆରେ ଗଦା ଯିବାରୁ ପିଲାଙ୍କ ଖେଳ ବନ୍ଦ ହୋଇଯାଇଛି। ଏଥିସହ ଦଳ ପଚି ପ୍ରବଳ ଦୁର୍ଗନ୍ଧ ହେଉଛି। ଏସବୁ ସମସ୍ୟାର ତୁରନ୍ତ ସମାଧାନ କରିବାକୁ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀ, ଓ ପଞ୍ଚାୟତର ସଭ୍ୟ ଦାବି କରିଛନ୍ତି।

# ଗାଁ ଦାଣ୍ଡ କାଦୁଅ : କଂକ୍ରିଟ୍ ରାସ୍ତା ସାତସପନ



ଝରୀଗାଁ, (ଭାସ୍କର ନ୍ୟୁଜ୍) : ଗତ ସରକାରକୁ ପଚିଶି ବର୍ଷ ବିତିଗଲା ବର୍ତ୍ତମାନ ସରକାରଙ୍କୁ ବର୍ଷେ, ହେଲେ ଗାଁରେ କେବେ ହେବ ରାସ୍ତା ଆଉ ଗାଁକୁ କେବେ ମିଳିବ ବିଶୁଦ୍ଧ ପିଇବା ପାଣି। ଏବେ ରାସ୍ତା ଆଉ ପାଣିକୁ ନେଇ ହଟହଟା ଏହି ଗ୍ରାମର ଗ୍ରାମବାସୀ। ପ୍ରତିଶୃତି ତ ମିଳିଛି ହେଲେ ଶୁଭ ଖୁଣ୍ଟି କେବେ ସ୍ଥାପନା ହେବ କାଦଭଟା ନା କୋଦଭଟା ଯୁଆଡେ ଆଖି ବୁଲେଇଦେଲେ କେବଳ କାଦୁଅ ପଚ ପଚ ରାସ୍ତା ଆଉ କାଦୁଅ ପଚ ପଚ ଗାଁ ଦାଣ୍ଡ। ନବରଙ୍ଗପୁର ଝରୀଗାଁ ବ୍ଲକ ଭିକ୍ଷା ଗ୍ରାମପଞ୍ଚାୟତ ଅନ୍ତର୍ଗତ କୋଦଭଟା ଗାଁ। ଏ ଗାଁକୁ ସଂଯୋଗ କରୁଥିବା ତିନୋଟି ଯାକ ରାସ୍ତା ଏବେ ବର୍ଷାରେ କାଦୁଅ ହୋଇପଡିଥିବା ବେଳେ ଗ୍ରାମବାସୀ ନାହିଁ ନଥିବା ସମସ୍ୟା ଭୋଗୁଥିବା କହିଛନ୍ତି। ବୃଦ୍ଧ ବୃଦ୍ଧାଙ୍କ ଠାରୁ ଆରମ୍ଭ କରି ପାଠ ପଢୁଥିବା ଛାତ୍ରଛାତ୍ରୀ ଏହି କାଦୁଅ ରାସ୍ତାକୁ ନେଇ ଚିନ୍ତିତ। ବର୍ଷକୁ ବର୍ଷ ପୁଳା ପୁଳା ମାଟି ଢାଳି ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚରେ ନିର୍ମାଣ ହେଉଛି ରାସ୍ତା କିନ୍ତୁ ଲୋକଙ୍କ ସ୍ଥାୟୀ ସମାଧାନ ଲାଗି ପିଚୁ କି କଂକ୍ରିଟ ରାସ୍ତା ଟିକେ ନିର୍ମାଣ ହୋଇପାରୁନାହିଁ। ଏହି ଗାଁ ହେଉଛି ଏକ ରାଜସ୍ୱ ଗ୍ରାମ। ଗାଁରେ ମୋଟ ତିନିଶହରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ଏହି ଗାଁ ହେଉଛି ଦୁଇଟି ୱାର୍ଡ ଆଠ ଏବଂ ନଅ ନମ୍ବର ୱାର୍ଡ ଏଠି ଦୁଇଜଣ ୱାର୍ଡ ମେମ୍ବର ରୁହନ୍ତି ସତ କିନ୍ତୁ କୌଣସି ପ୍ରକାର ବିକାଶ ମୂଳକ କାର୍ଯ୍ୟ ଏଠାରେ ପହଂଚି ପାରୁନାହିଁ। ବର୍ଷ ବର୍ଷ ଧରି ଗ୍ରାମବାସୀ ସରକାର ଆଗରେ ଦାବି ଜଣେଇ ଆସୁଥିଲେ ମଧ ଏଯାବତ କେହି ଏମାନଙ୍କ କଥାକୁ କର୍ଣ୍ଣପାତ କରୁନଥିବା ବେଳେ ବର୍ତ୍ତମାନ ନୂଆଁ ବିଧାୟକ ନରସିଂହ ଭତ୍ରା ରାସ୍ତା ଲାଗି ପ୍ରତିଶୃତି ଦେଇ ଏକ ବର୍ଷ ବିତିଯାଇଥିବା ନେଇ ଗ୍ରାମବାସୀ କୁହନ୍ତି। ଗାଁକୁ ସଂଯୋଗ କରୁଥିବା ରାସ୍ତା ବ୍ୟତୀତ ଗାଁ ଭିତରେ ମଧ କୁଢ଼ କୁଢ଼ ପଚାଶଢା କାଦୁଅ ଜମି ରହୁଥିବା କାରଣରୁ ଏକ ପ୍ରକାର ଅସ୍ୱାସ୍ଥ୍ୟ କର ପରିବେଶ ସୃଷ୍ଟି ହେଉଛି। ନିଜର ଜୀବନ ଜୀବିକା ଲାଗି ଯେଉଁ ସବୁ ରାସ୍ତା ଉପରେ ଗ୍ରାମବାସୀ ନିର୍ଭର କରିଥାନ୍ତି ଏହି ସବୁ ରାସ୍ତା ଏବେ କାଦୁଅ ଖସଡ଼ାରେ ଭର୍ତ୍ତି। ଗାଁକୁ ବେଳେ ବେଳେ ଆମ୍ବୁଲାନ୍ସ ଆସିବା ମଧ କଷ୍ଟ ସାଧ ହୋଇପଡୁଛି। ଗାଁକୁ ରାସ୍ତା କେବେ ହେବ ନିରୀହ ଗରିବ ଆଦିବାସୀ ପରିବାରଙ୍କ ସ୍ୱପ୍ନ କେବେ ପୂରଣ ହେବ ଜଣାନାହିଁ। ହେଲେ ନେତାଙ୍କ ପ୍ରତିଶୃତି ସବୁବେଳେ ଲୋକଙ୍କୁ ସାନ୍ତ୍ୱନା ଯୋଗାଉଛି। କିନ୍ତୁ ସୁବିଧା ଯୋଗେଇ ପାରିନାହିଁ। ଅପରପକ୍ଷ ଏହି ଗାଁକୁ ପିଇବା ପାଣିର ମଧ ଉତ୍କଟ ସମସ୍ୟା ଥିବା ଲୋକେ କୁହନ୍ତି। ସକାଳ ପାହିଲେ ଗାଁରେ ଥିବା ତିନୋଟି ନଳକୂପରେ ପ୍ରବଳ ଭିଡ ଜମିଥାଏ। ଏହି ନଳକୂପ ଗୁଡିକ ସଠିକ ଭାବେ କାମ କରୁନଥିବା ମଧ୍ୟ ଲୋକେ କୁହନ୍ତି। ସରକାରଙ୍କ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଫଳକରେ ସୀମିତ ଥିଲା ଏବେ ଫଳକ ମଧ ଉଭାନ ହୋଇଯାଇଛି। ବର୍ତ୍ତମାନର ଯୁଗରେ ଆଗାମୀ ପିଢ଼ିର ଭବିଷ୍ୟତ ଏଠି ଏମାନଙ୍କ ପାଇଁ ସ୍ୱପ୍ନ ହୋଇ ରହିଯାଇଛି। ଗ୍ରାମବାସୀ ବର୍ତ୍ତମାନର ବିଧାୟକଙ୍କ ପ୍ରତିଶୃତିକୁ ଆଶ୍ରା କରି ବର୍ଷେ ପୁରିଯାଇ ଥିବା ବେଳେ କେବେ ରାସ୍ତାର ଶୁଭ ଖୁଣ୍ଟି ସ୍ଥାପନା ହେବ ନା କିମ୍ବା ପୁଣି ଆଗାମୀ ନିର୍ବାଚନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ।

# ଯୋଡ଼ାମ୍ବ ସ୍ୱାସ୍ଥ୍ୟକେନ୍ଦ୍ରରେ ୪ ଫୁଟର ବର୍ଷାଜଳ



ମାଲକାନଗିରି, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ଯୋଡ଼ାମ୍ବ ପଞ୍ଚାୟତର ସଦର ସ୍ୱାସ୍ଥ୍ୟକେନ୍ଦ୍ରରେ ୪ ଫୁଟର ବର୍ଷାଜଳ ପ୍ରବେଶ କରିଛି। ଗତକାଲି ରାତିରେ ଯୋଡ଼ାମ୍ବ ଅଞ୍ଚଳରେ ପ୍ରବଳ ବର୍ଷା ହେବା ଯୋଗୁଁ ନିକଟ ପାହାଡ଼ରୁ ପାଣି ସ୍ୱାସ୍ଥ୍ୟକେନ୍ଦ୍ର ଭିତରେ ପଶିଥିଲା। ଫଳରେ ସ୍ୱାସ୍ଥ୍ୟକେନ୍ଦ୍ର ଭିତରେ ପ୍ରାୟ ୪ ଫୁଟ ଉଚ୍ଚର ଜଳ ପ୍ରବାହିତ ହେଉଥିବା ବେଳେ ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ସେଠାରେ ଥିବା ୧୦ ଚିକିତ୍ସାଧୀନ ରୋଗୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବା ସହ ଔଷଧ ଓ ଅନ୍ୟାନ୍ୟ ସାମଗ୍ରୀ ମଧ ବାହାର କରି ଆଣିଥିଲେ। ଏଥିସହ ଯୋଡ଼ାମ୍ବ ନିକଟରେ ଥିବା ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇ ନିକଟରେ ଥିବା ତିନିଟି ଗ୍ରାମ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଥିବା ଜଣାପଡ଼ିଛି।

# ବେକରେ ଫାସୀ ଲଗେଇ ଯୁବକ ମୃତ

ଝରିଗାଁ, (ଭାସ୍କର ନ୍ୟୁଜ୍) : ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଗୁରୁସିଙ୍ଗା ପଞ୍ଚାୟତ ଅନ୍ତର୍ଗତ କୁସୁମୀ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଗ୍ରାମର ଭଗତ ଭତରାଙ୍କ ସାନ ପୁଅ ମୁକୁନ୍ଦ ଭତରା (୩୮)ବେକରେ ଫାସୀ ଲଗେଇ ଆତ୍ମହତ୍ୟା କରିଥିବା ପୋଲିସ ସୂତ୍ରରୁ ସୂଚନା ମିଳିଛି। ସୂଚନା ପ୍ରକାରେ, ମୁକୁନ୍ଦ ଭତରା ଦୀର୍ଘ ୨୫ବର୍ଷ ହେବ ଉରୁମାଲ ସ୍ଥିତ ଏକ ଅଲେଖ ମହିମା ଟୁଙ୍ଗୀରେ ବୈରାଗୀ ଭାବେ ରହି ଆସୁଥିଲା। ତାଙ୍କ ଦେବାଳିଆ ମସ୍ତିଷ୍କ ଯୋଗୁଁ କିଛି ଦିନ ତଳେ ନିଜ ଗାଁକୁ ଆସିଥିଲେ। ମାନସିକ ବିକୃତି ଯୋଗୁଁ ଆଜି ଭୋର ସକାଳୁ ଘରୁ ବାହାରି ଯାଇଥିଲେ। ଗ୍ରାମର କିଛି ମହିଳା ଶୌଚ ହେବାକୁ ଯାଇ ଗ୍ରାମ ଠାରୁ ପ୍ରାୟ ୫୦୦ମିଟର ଦୂର ଏକ କାଜୁବାଡ଼ି ମଧରେ ମୁକୁନ୍ଦକୁ ଓହଳି ପଡ଼ିଥିବା ଦେଖି ପରିବାର ଲୋକଙ୍କୁ ଜଣେଇଥିଲେ। ପରିବାର ପକ୍ଷରୁ ଥାନାରେ ଏତଲା ଦେବା ପରେ ଏଏସ୍ଆଇ କେ ଲକ୍ଷ୍ମୀ ନାରାୟଣ ଦୋରା ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଝରିଗାଁ ଡାକ୍ତରଖାନାକୁ ପଠେଇଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବା ନେଇ ପୋଲିସ ସୂତ୍ରରୁ ସୂଚନା ମିଳିଥିବା ବେଳେ ଖବରଟି ପ୍ରସାରଣ ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ପୋଲିଂ ବୁଥ ସମ୍ପର୍କରେ ଜିଲ୍ଲାପାଳଙ୍କ ବୈଠକ



ବାରିପଦା, (ଭାସ୍କର ନ୍ୟୁଜ୍) : ଆଜି ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକଷ୍ଠରେ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ସଭାପତିତ୍ୱରେ ପୋଲିଂ ବୁଥ ମାନଙ୍କର ଯୁକ୍ତି ଯୁକ୍ତକରଣ ତଥା ନାମ, ସ୍ଥାନ ଓ ନୂତନ ବୁଥ ସୃଷ୍ଟି ସମ୍ପର୍କରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଜିଲ୍ଲାପାଳ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିବା ସହ ଆଜିର ବୈଠକର ମୂଳ ଲକ୍ଷ୍ୟ ହେଉଛି ଜିଲ୍ଲାରେ ୧୨୦୦ ରୁ ଊର୍ଦ୍ଧ୍ୱ ମତଦାତା ଥିବା ବୁଥ ଗୁଡିକର ଯୁକ୍ତିଯୁକ୍ତକରଣ ସହ ଆବଶ୍ୟକ ସ୍ଥଳେ ନୂତନ ବୁଥ ସୃଷ୍ଟି କରିବା ଓ ଗୋଟିଏ ମତଦାନ କେନ୍ଦ୍ର ଗୋଟିଏ ଗ୍ରାମ ପଞ୍ଚାୟତରେ ସୀମିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ଓ ଏଥିରେ ଜିଲ୍ଲାର ସମସ୍ତ ନିର୍ବାଚନ ପଞ୍ଜିକରଣ ଅଧିକାରୀ ମାନେ ବୁଥସ୍ତରୀୟ ଅଧିକାରୀ ଓ ସୁପଭାଇଜ଼ର ମାନଙ୍କୁ ସଂଶ୍ଲିଷ୍ଟ କରି ୧୨୦୦ ରୁ ଅଧିକ ମତଦାତା ଥିବା ୨୪୯ ଟି ବୁଥର ଯୁକ୍ତିଯୁକ୍ତକରଣ କରିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଅନୁଷ୍ଠିତ ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ ବାରିପଦା ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡା ଓ ଡେପୁଟି କଲେକଟର କ୍ରିସେନସିଆ ତୀର୍କୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗ ଦେଇଥିବା ବେଳେ ବିଜେପି ଦଳର କାନ୍ଦ୍ରା ସୋରେନ, ପ୍ରବୀଣ କୁମାର ପାତ୍ର, ଇଣ୍ଡିଆନ ନ୍ୟାସନାଲ କଂଗ୍ରେସ ଦଳରୁ ଅଶୋକ କୁମାର ଗିରି, ମୋତି ପ୍ରକାଶ ଦାଶ, ଆମ ଆଦମୀ ପାର୍ଟିରୁ ଶକର୍ଷଣ ମିଶ୍ର ଓ କମ୍ୟୁନିଷ୍ଟ ପାର୍ଟି, ଇଣ୍ଡିଆ (ଏମ୍) ରୁ ଗିରେନ୍ଦ୍ର କୁମାର ଗୋସ୍ୱାମୀ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ଏବଂ ଉକ୍ତ କାର୍ଯ୍ୟରେ ସହଯୋଗ କରିବା ପାଇଁ ସମସ୍ତ ରାଜନୈତିକ ଦଳ ପ୍ରତିନିଧି ମାନଙ୍କୁ ଅନୁରୋଧ କରାଯାଇଛି।

# ଚିକିଟି ଅବକାରୀ ବିଭାଗକୁ ବଡ଼ ସଫଳତା

ଚିକିଟି/ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍) : ଅବକାରୀ ଆରକ୍ଷୀ ଅଧିକ୍ଷକ ପ୍ରବୀଣ କୁମାର ପ୍ରଧାନ, ଅଧିକ୍ଷକ କୁମୁଦ ରଞ୍ଜନ କଂହରଙ୍କ ମିଳିତ ଉଦ୍ୟମରେ ଗତକାଲି ମଧ୍ୟରାତିରେ ପେଟ୍ରୋଲିଂ କରୁଥିବା ବେଳେ ଜରଡ଼ା ଥାନା ଇଲାକାରେ ଥିବା ଆମ୍ବପୁର ଠାରେ ଗୋଟିଏ ଟାଟା ଇଣ୍ଡିକା ସହ ବିପୁଳ ପରିମାଣରେ ନକଲି ଦେଶୀ ମଦ ଜବତ କରିଥିବା ସୂଚନା ପ୍ରକାଶ ପାଇଛି। ସୂଚନା ପ୍ରକାରେ ଗତକାଲି ମଧ ରାତିରେ ଚିକିଟି ଅବକାରୀ ଥାନା ଅଧିକାରୀ ସଞ୍ଜୟ କୁମାର ଭୁକ୍ତା ସୂଚନା ପାଇ ମିଳିତ ଚଢ଼ାଉ କରିବା ସମୟରେ ଏକ ଟାଟା ଇଣ୍ଡିକା ପ୍ରବଳ ବେଗରେ ଅତିକ୍ରମ କରୁଥିବା ଦେଖି ଚଢ଼ାଉ କରିଥିଲେ। ଏହି ଚଢ଼ାଉ ବେଳେ ଉକ୍ତ ଗାଡ଼ିରେ ୬୨୫ ଲିଟର ନକଲି ଦେଶୀ ରନ୍ଧା ମଦ ବୋଝଇ ହୋଇଥିଲା। ଉକ୍ତ ଗାଡିକୁ ଅଟକାଇବା ବେଳେ ଗାଡି ଚାଳକ ଫେରାର ହୋଇଯାଇଥିଲା। ଆଜି ମଦ ସହ ଗାଡ଼ିକୁ ଜବତ କରିବା ସହିତ ଅଭିଯୁକ୍ତକୁ କୋର୍ଟଚାଲାଣ କରିଥିବା ପ୍ରକାଶ ପାଇଛି। ଏହି ଚଢ଼ାଉ ବେଳେ ଏସାଇ ଲକ୍ଷ୍ମୀ ରେଡ୍ଡୀଙ୍କ ସହ ସମସ୍ତ ଅବକାରୀ କର୍ମଚାରୀ ଯୋଗ ଦାନ କରିଥିଲେ। ଘନ ଘନ ଅବକାରୀ ଚଢ଼ାଉ ହୋଇ ଆସୁଥିବା ବେଳେ ଆହୁରି ହଜାର ହଜାର ଲିଟର ମଦ ଜବତ କୌଣସି ନା କୌଣସି ଜାଗାରେ ସନ୍ଦେହ ସୃଷ୍ଟି ହେଉଥିବା ପ୍ରକାଶ ପାଉଛି।





# ଚୋରା ବାଲି ଜବତ, ଜୋରିମାନା ଛାଟ





କୋଷାଗୁମୁଡା, (ଭାସ୍କର ନ୍ୟୁଜ୍) : ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକର ପ୍ରାୟ ୨୨ଗୋଟି ବାଲି ସୌରତ ମଧ୍ୟରୁ କେବଳ କିଛି ବାଲି ସୌରତକୁ ବାଦ ଦେଲେ ୮୦% ବାଲି ଘାଟରୁ ଚୋରା ବାଲି ଦିନ ରାତି ଶହ ଶହ ଗାଡି ଜିଲ୍ଲା ଓ ରାଜ୍ୟ ବାହାରକୁ ବାଲି ମାଫିଆ ପଠାଉଥିବାକୁ ନେଇ ସାଧାରଣରେ ବାରମ୍ବାର ଅଭିଯୋଗକୁ ଭିତ୍ତି କରି ବିଭାଗ ପକ୍ଷରୁ ଜୋର ସୋରରେ ଚଢାଉ ଆରମ୍ଭ ହୋଇଥିବା ଜଣାପଡିଛି। ଏପଟେ କୋଷାଗୁମୁଡ଼ା ବ୍ଲକଟି ଉତ୍ତମ ବାଲି ଖୋଦନର ଏକ ଭୂସ୍ୱର୍ଗ ପାଲଟି ଯାଇଛି। କୋଟପାଡ଼ର ଜଣେ ବାଲି ମାଫିଆର ଏକ ବାଲି ବୋଝେଇ ଟିପ୍ପରଟି ପାପଡାହାଣ୍ଡି ପାଳପୁରର ଟିପି ଦେଖେଇ ଭଇଁସା ବେଡା ବାଲି ଘାଟରୁ ବାଲି ଚୋରା ଚାଲାଣ ହେଉଥିବା ବିଶେଷ ଖବର ପାଇ ମାଇନିଂ ବିଭାଗ ଓ କୋଡ଼ିଙ୍ଗା ତହସିଲଦାର ଚଢାଉ କରି ବାଲି ଗାଡିକୁ କୋଷାଗୁମୁଡା ଥାନାରେ ରଖି ପ୍ରାୟ ୫୦ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ଜଣା ପଡ଼ିଛି। ବର୍ତ୍ତମାନ କୋଷାଗୁମୁଡା ବ୍ଲକର ଅନେକ ବାଲି ସୌରତରୁ ଚୋରା ବାଲି ଚାଲାଣକୁ ରୋକିବା ପାଇଁ ମାଇନିଂ ବିଭାଗ ଓ ତହସିଲ ପକ୍ଷରୁ କଡ଼ାକଡ଼ି ଭାବରେ ଯାଞ୍ଚ ସହ ଟିପି ରସିଦ ସଠିକ ଅଛିନା ନାହିଁ ଦେଖି ବା ସହ ରାସ୍ତା, ଟେଣ୍ଡର କାଗଜପତ୍ର ନଥିବା ଚୋରା ବାଲି ଚାଲାଣକାରୀଙ୍କ ଠାରୁ ଜୋରିମାନା ଆଦାୟ କରାଯିବ ବୋଲି ସୂଚନା ମିଳିଛି। ଏପଟେ ଏହି ସପ୍ତାହ ମଧରେ ଦୁଇ ଦୁଇଟି ଚୋରା ବାଲି ଟିପରକୁ ଜୋରିମାନା ଆଦାୟ କରାଯାଇ ଥିବା ଥାନା ପକ୍ଷରୁ ଜଣାପଡିଛି।

# ରାଜେନ୍ଦ୍ରପୁର ଉପ୍ରା ବିଦ୍ୟାଳୟରୁ ଚୋରି

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍) : ଭଣ୍ଡାରିପୋଖରୀ ବ୍ଲକ ନିର୍ଗୁଣ୍ଡି ପଞ୍ଚାୟତ ଅନ୍ତର୍ଗତ ରାଜେନ୍ଦ୍ରପୁର ଉପ୍ରା ବିଦ୍ୟାଳୟରୁ ଗତ ସୋମବାର ରାତ୍ରରେ ଚୋରି ହୋଇଛି। ମଙ୍ଗଳବାର ସକାଳେ ବିଦ୍ୟାଳୟ ପାଚିକା ସ୍କୁଲ ରାସ୍ତାରେ ମନ୍ଦିରକୁ ଯାଉଥିବା ବେଳେ ସ୍କୁଲ ଦରଜା ଖୋଲାଥିବା ଦେଖି ପ୍ରଧାନଶିକ୍ଷକଙ୍କୁ ଜଣାଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟଙ୍କ



ସହ ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ଜେନା ବିଦ୍ୟାଳୟରେ ପହଞ୍ଚି ଅଫିସଘର, ରୋଷଘର, ପାଣିମୋଟର ଘର ଓ ଷ୍ଟିଲ ଆଲମିରା ତାଲା ଭଙ୍ଗାଯାଇଥିବା ଦେଖିଥିଲେ। ବିଦ୍ୟାଳୟରୁ ଅଡିଓ ସେଟ ଚୋରି ଯାଇଥିବା ଜାଣି ଧାମନଗର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ବିଦ୍ୟାଳୟକୁ ଆସି ତଦନ୍ତ କରିଥିଲା। ଥାନା ଏଥିନେଇ ମାମଲା ରୁଜୁ ହୋଇଛି। ଏଥି ପୂର୍ବରୁ ବିଦ୍ୟାଳୟରୁ ଅନୁରୂପ ଭାବେ ୮ବସ୍ତା ଚାଉଳ, ପାଣିମୋଟର ଓ ୨ଟି ଗ୍ୟାସ ସିଲିଣ୍ଡର ଚୋରି ଯାଇଥିଲା। ସେହି ଚୋରିରେ ମାମଲା ରୁଜୁ ହୋଇଥିଲେ ବି ଚୋରି ସାମଗ୍ରୀ ଉଦ୍ଧାର ହୋଇପାରିନଥିଲା କି ଚୋର ଧରାପଡିନଥିଲେ। ବିଦ୍ୟାଳୟରୁ କ୍ରମାଗତ ଚୋରି ପାଇଁ ନିଶାଡି ଗୋଷ୍ଠୀଙ୍କୁ ଗ୍ରାମବାସୀମାନେ ଦାୟୀ କରିଛନ୍ତି।

# ସରକାରୀ ସୁବିଧାରୁ ବଞ୍ଚିତ ବଡଗୁଡ଼ା ଗ୍ରାମବାସୀ





ରାମନାଗୁଡ଼ା, (ଭାସ୍କର ନ୍ୟୁଜ୍) : ରାମନାଗୁଡା ବ୍ଲକର ଗୋଗୁପାଡୁ ପଞ୍ଚାୟତ ର ସୁଲୁଡି ଗ୍ରାମର ଖ୍ରୀଷ୍ଟୀୟାନ ଚର୍ଚ୍ଚ ଛକ ଠାରୁ ୩କିମି ଏକ ମାଟି ରାସ୍ତା ଦେଇ ଗଲାପରେ ବଡଗୁଡା ଗ୍ରାମ ଅଛି। ଏହି ଗ୍ରାମଟି ଆନ୍ଧ୍ର ସିମାକୁ ଲାଗିଛି। ତେବେ ବର୍ଷାଦିନରେ ମାଟି ରାସ୍ତାଟି ବିଭିନ୍ନ ସ୍ଥାନରେ ବଡ଼ ବଡ ଗାତ ହୋଇ ପାଣି ଯିବା ଦ୍ୱାରା ଯିବା ଆସିବାରେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବଡଗୁଡା ଗ୍ରାମବାସୀ। ତେବେ ସେହି ଗ୍ରାମର ଜନସଂଖ୍ୟା ୧୧୪ ଜଣ ଏବଂ ଘର ସଂଖ୍ୟା ୨୫ ଥିବାବେଳେ ସ୍ୱାସ୍ଥ୍ୟ,ଜଳ ଓ ରାସ୍ତା ସବୁଥିରୁ ଆଜି ପର୍ଯ୍ୟନ୍ତ ଏହି ସବୁ ମୌଳିକ ସୁବିଧାରୁ ବଂଚିତ ଅଛନ୍ତି ବଡଗୁଡା ଗ୍ରାମବାସୀ।ସେମାନେ ସରପଞ୍ଚ, ସମିତି ସଭ୍ୟ,ବିଡ଼ିଓ, ତହସିଲଦାର ଙ୍କୁ ବାରମ୍ବାର ଅଭିଯୋଗ କରିବାପରେ ମଧ କୋ ?ଣସି ସୁଫଳ ମିଳିନଥିବା ଗ୍ରାମବାସୀ କହିଛନ୍ତି। ତେବେ ବର୍ଷାଦିନରେ ସେମାନଙ୍କୁ କିପରି ଏହି ସବୁ ମୌଳିକ ସୁବିଧା ମିଳିପାରିବ ଏବଂ ସେହି ଗ୍ରାମର ଲୋକମାନେ ସରକାରଙ୍କ ସମସ୍ତ ସୁବିଧା ପାଇପାରିବେ ତାହା ଦେଖିବାକୁ ବାକି ରହିଲା। ତାଙ୍କର ଗ୍ରାମର ଲୋକମାନେ ମୁଖ୍ୟମନ୍ତ୍ରୀଙ୍କୁ ନିଜର ଗ୍ରାମର ସମସ୍ୟା ଯଥା ଶିଘ୍ର ଦୁର କରିବା ପାଇଁ ଅଭିଯୋଗ ପତ୍ର ଦାଖଲ କରିଛନ୍ତି।

# ୧ରେ ଅବସର ନେବେ ବରିଷ୍ଠ ଶିକ୍ଷକ ପୀତବାସ



କାକଟପୁର, (ଭାସ୍କର ନ୍ୟୁଜ୍) : ପିମଶ୍ରୀ ସରକାରୀ କାକଟପୁର ଉଚ୍ଚ ବିଦ୍ୟାଳୟର ଆସନ୍ତା ଜୁଲାଇ ୩୧ତାରିଖ ଦିନ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପୀତବାସ ଦୀକ୍ଷିତଙ୍କ ଅବସର କାଳୀନ ନେଉଛନ୍ତି। ତାଙ୍କର ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅଗଷ୍ଟ ୧ତାରିଖ ଶୁକ୍ରବାର ଦିନ ଅନୁଷ୍ଠିତ ହେବ। ଶ୍ରୀ ଦୀକ୍ଷିତ ଏହି ବିଦ୍ୟାଳୟରେ ଚାକିରୀ ଆରମ୍ଭ କରି ଦୀର୍ଘ ୩୦ ବର୍ଷରୁ ଅଧିକ ସମୟ ଶିକ୍ଷା ଦାନକରି ତାଙ୍କର ଛାତ୍ରଛାତ୍ରୀ ରାଜ୍ୟ ଓ ଦେଶରେ ସୁନାମ ଅର୍ଜନ କରିଛନ୍ତି। ଅବସରପ୍ରାପ୍ତ ଶିକ୍ଷକଙ୍କ ଦୀର୍ଘ କାର୍ଯ୍ୟକାଳ ଓ ଶିକ୍ଷା ଜୀବନ ଉପରେ ସ୍ମୃତିଚାରଣ କରାଯିବ। ଏହି ସଭାରେ ତାଙ୍କୁ ଉପଢୌକନ ଫୁଲତୋଡ଼ା ଓ ମାନପତ୍ର ଦେବା ସହିତ ଏକ ବିରାଟ ଶୋଭାଯାତ୍ରାରେ ପୈତୃକ ବାସଭବନ କାକଟପୁରକୁ ନିଆଯିବ। ତେଣୁ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ତଥା ସାରଙ୍କ ଛାତ୍ରଛାତ୍ରୀ ଉକ୍ତ ବିଦ୍ୟାଳୟର ଏହି ଅବସର ସମ୍ବର୍ଧନା ଉତ୍ସବରେ ଯୋଗଦେବାକୁ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ/ଶିକ୍ଷିକା, ପରିଚାଳନା କମିଟି ଓ ଆଲୁମିନି ସଭ୍ୟ ଜଣାଇଛନ୍ତି।

# ବିଘ୍ନରାଜଙ୍କ ପୂଜା ସହ ସୁବର୍ଣ୍ଣ ଜୟନ୍ତୀ ପାଇଁ ବୈଠକ

ଉମରକୋଟ, (ଭାସ୍କର ନ୍ୟୁଜ୍) : ଅଗଷ୍ଟ ୨୭ରେ ଗଣେଶ ପୂଜା। ଏଥିପାଇଁ ଗାଁଠୁ ସହର ସବୁଠି ଚାଲିଛି ପ୍ରସ୍ତୁତି। ବିଘ୍ନରାଜ ପ୍ରଭୁ ଶ୍ରୀ ଗଣେଶଙ୍କ ମୂର୍ତ୍ତି ତିଆରିରେ ବ୍ୟସ୍ତ କାରିଗର। ଏହା ସହ ବିଭିନ୍ନ ପୂଜା ମଣ୍ଡପର କର୍ମକର୍ତ୍ତା ମାନେ ପୂଜା ପାଇଁ ପ୍ରସ୍ତୁତି ଜୋରଦାର କରିଛନ୍ତି। ଆସନ୍ତା ୨୭ ତାରିଖରେ ଧରାପୃଷ୍ଠକୁ ଅବତରଣ କରିବେ ବିଘ୍ନରାଜ ଗଜାନନ। ଉମରକୋଟ ସହରର ଟାଉନ ଗଣେଶ ପୂଜା ଗାନ୍ଧୀଛକ ଠାରେ ପାଳିତ ହେଉଥିବା ପୂଜାକୁ ଚଳିତବର୍ଷ ୫୦ ବର୍ଷ ପୂର୍ତ୍ତି ଅବସରରେ ସୁବର୍ଣ୍ଣ ଜୟନ୍ତୀ ବର୍ଷ ଉତ୍ସବ ପାଳନ ପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଛି। ପୂଜା କମିଟି ପକ୍ଷରୁ ଏଥିପାଇଁ ସ୍ୱତନ୍ତ୍ର ବୈଠକ ଆୟୋଜନ କରାଯାଇଥିଲା। ଏହି ବୈଠକରେ ନୂତନ ଓ ପୁରାତନ ସଭ୍ୟ ଉପସ୍ଥିତ ରହି କିଭଳି ଭାବରେ ଚଳିତ ବର୍ଷର ଶ୍ରୀ ଗଜାନନଙ୍କ ପୂଜାକୁ ମହା ଆଡମ୍ବର ରେ ପାଳନ କରାଯିବ ଏଥି ନିମନ୍ତେ ସର୍ବ ସମ୍ମତି କ୍ରମେ ସଭାପତି ଭାବେ ରାକେଶ ପାତ୍ର, ଉପ ସଭାପତି ଭାବେ ବିଶ୍ୱ ନାଥ ପ୍ରତାପ ସିଂ, ସମ୍ପାଦକ ଭାବେ ସନ୍ତୋଷ ପରିଛା, କୋଷାଧକ୍ଷ ସନ୍ତୋଷ ରାଓଙ୍କୁ ଚୟନ କରାଯାଇଛି। ପୂଜାକୁ କିପରି ଅଧିକ ଆକର୍ଷଣୀୟ କରାଯାଇପାରିବ ସେଥିପାଇଁ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା।

# ବୀରମିତ୍ରପୁର ତହସିଲ ଅଫିସରେ ଗୁଳିକାଣ୍ଡ

ରାଉରକେଲା (ଭାସ୍କର ନ୍ୟୁଜ୍): ବୀରମିତ୍ରପୁର ତହସିଲ ଅଫିସରେ ଗୁଳିକାଣ୍ଡ। ଜମି କିଣା ବିକା ନେଇ ଏହି ଗୁଳିକାଣ୍ଡ ହୋଇଥିବା ଜଣାପଡିଛି। ଜମି ବ୍ୟବସାୟୀ ଉତ୍ତମ କୁମାର ଘୋଷଙ୍କ ଉପରକୁ ଗୁଳି ମାଡ଼ ହୋଇଥିଲା। ସେ କାରରେ ବସିଥିବା ବେଳେ ଦୁଇଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ଗୁଳି ମାଡ଼ କରି ଫେରାର ହୋଇଯାଇଥିଲେ। ଗୁଳିଟି କାରର ସମ୍ମୁଖ କାଚରେ ବାଜିଥିବା ଜଣାପଡିଛି। ଘଟଣାସ୍ଥଳରେ ବିରମିତ୍ରପୁର ଏସ୍‌ଡିପିଓ ସୁଶାନ୍ତ କୁମାର ଦାସଙ୍କ ସମେତ ବିରମିତ୍ରପୁର ଥାନା ଅଧିକାରୀ ଓ ଅନ୍ୟାନ୍ୟ କର୍ମଚାରୀ ପହଞ୍ଚି ଅନୁସନ୍ଧାନ ଆରମ୍ଭ କରିଥିବା ଜଣାପଡିଛି। ଏହି ଘଟଣାକୁ ନେଇ ସଂପୃକ୍ତ ଅଞ୍ଚଳରେ ଭୟର ବାତାବରଣ ରହିଛି।





# ଚୋରାବାଲି ଜବତ ପାଇଁ ଜିଲ୍ଲାପାଳଙ୍କୁ ଗୁହାରି



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ଥାନା ଅଞ୍ଚଳରେ ସବୁଠି ବିପୁଳ ଚୋରା ବାଲି ମହଜୁଦ କରି ବାଲି ମାଫିଆମାନେ ରଖିଛନ୍ତି। ଖରାଦିନ ଅପେକ୍ଷା ବର୍ଷା ଦିନେ ବାଲିବେପାରରୁ ଅଧିକ ଲାଭ ମିଳେ। ଏହି ସୁଯୋଗକୁ ହାତଛଡା କରିନାହାନ୍ତି ବାଲି ମାଫିଆମାନେ। ସର୍ବସାଧାରଣ ପଡିଆ, ବ୍ୟକ୍ତିଗତ ଜମି, ରାସ୍ତାପାର୍ଶ୍ୱ ଆଦି ସ୍ଥାନରେ ଚୋରାବାଲିର ସମ୍ଭାର। ଖରାଦିନେ ଟ୍ରାକ୍ଟର ବାଲି ଟ୍ରିପକୁ ହଜାରେରୁ ୧୨ଶହ ନେଉଥିବା ବେଳେ ବାଲି ମାଫିଆମାନେ ବର୍ଷାଦିନେ ୩ ହଜାର ପର୍ଯ୍ୟନ୍ତ ନେଉଛନ୍ତି। କି ଖରା କି ବର୍ଷା ସବୁବେଳେ ବାଲିମାଫିଆମାନେ ବେପାର ଚଳାଇଛନ୍ତି। ଭଦ୍ରକର ତତ୍‌କାଳୀନ ଅତିରିକ୍ତ ଉପଜିଲ୍ଲାପାଳ ଶରତ ଚନ୍ଦ୍ର ବିଶ୍ୱାଳ ମୁଡାପଦା ଓ ମଣିନାଥପୁର ବାଲିକୁ ଜବତ କରିବା ସହ ନିଲାମ କରିଦେଇଥିଲେ। ତାହା ପରଠୁ ମହଜୁଦ ବାଲି ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ସୁରେଶ ଚନ୍ଦ୍ର ସାମଲ, ଆଶିଷ ରଞ୍ଜନ ପତି, ପ୍ରଫୁଲ୍ଲ ସାହୁ, ପ୍ରଶାନ୍ତ କୁମାର ସାହୁ, ନବକିଶୋର ବିଶ୍ୱାଳ, ପ୍ରକାଶ କୁମାର ସାହୁ ପ୍ରମୁଖ ଗତ ସୋମବାର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀ ପ୍ରକୋଷ୍ଠରେ ଏହି ଅଭିଯୋଗ ଆଗତ କରି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ପୁରିପଡା ଗ୍ରାମର ଖାନା ନଂ ୨୮୧/ ୨୨୭ ଓ ପ୍ଲଟ ନଂ ୧୪୨ରେ ବିପୁଳ ବାଲି ମହଜୁଦ ହୋଇଛି ବୋଲି ଉଦାହରଣ ରଖିଥିଲେ। ମହଜୁଦ ସମସ୍ତ ବାଲି ଜବତ କରିବା ସହ ନିଲାମ ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ଦିଲ୍ଲିପ ରାଉତରାୟ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଆଠ ଦଫା ଦାବିପତ୍ର ସହ ଏବିଡ଼ିଓଙ୍କ ଦ୍ୱାରସ୍ଥ

## ସାତଦିନରେ ଦାବି ପୂରଣ ନହେଲେ ଶାନ୍ତିପୂର୍ଣ୍ଣ ଗଣଧାରଣା ପାଇଁ ଆହ୍ୱାନ

କଣ୍ଟାପଡ଼ା, (ଭାସ୍କର ନ୍ୟୁଜ୍): କଣ୍ଟାପଡ଼ା ବିଜୁ ଜନତା ଦଳପକ୍ଷରୁ ଆଠ ଦଫା ଦାବି ପତ୍ର ବ୍ଲକ ବିଜେଡି ସଭାପତି କୈଳାସ ମହାରଣା ନେତୃତ୍ୱରେ ଶତାଧିକ ବିଜେଡ଼ି ଲୋକପ୍ରତିନିଧି ଉପସ୍ଥିତିରେ କଣ୍ଟାପଡା ବିଡ଼ିଓ ସୋପିନ୍ନିତା ନାଏକ ଅନୁପସ୍ଥିତ ରହିଥିବାରୁ ଅତିରିକ୍ତ ବିଡ଼ିଓ ରୁବି ତପସ୍ୱିନୀ ଦାସଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସାତଦିନ ମଧରେ ଯଦି ଆଠଦଫା କାଯ୍ୟକାରୀ ନହୁଏ ବ୍ଲକ କାଯ୍ୟଳୟ ଆଗରେ ଶାନ୍ତିପୂର୍ଣ୍ଣ ଗଣଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ଆଠ ଦଫା ଦାବି ମଧ୍ୟରେ ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନା ଜନପ୍ରତିନିଧିଙ୍କୁ ପରାମର୍ଶରେ ବିକଶିତ ଗାଁ ବିକଶିତ ଓଡିଶା ଯୋଜନା କାଯ୍ୟ କରିବା ସାମାଜିକ ସୁରକ୍ଷା ଅନ୍ତର୍ଗତ ବାର୍ଦ୍ଧକ୍ୟ ବିଧବା ଭତ୍ତା, ଭିନ୍ନକ୍ଷମ ଭତ୍ତା ଯୋଜନାରେ ସାମିଲ କରିବା ରାସନ ପ୍ରକୃତ ହିତାଧିକାରୀଙ୍କୁ ପ୍ରଦାନ କରିବା। ଏହିଭଳି ଆଠ ଗୋଟି ଦାବି ଚଉଦ ଗୋଟି ପଞ୍ଚାୟତର ଲୋକ ପ୍ରତିନିଧି ମାନେ ପ୍ରଦାନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ପିୟୁସ ମିଶ୍ର, କ୍ରିଷ୍ଣାରାଣୀ ବେହେରା, ସରପଞ୍ଚ ତୃପ୍ତିମୟୀ ରାଉତରାୟ, ସୁମିତ୍ରା ପାଢ଼ୀ, ସସ୍ମିତା ସାସେନି, ସୁପ୍ରିୟା ଭୋଇ, ସୁବ୍ରତଦାସ, ସମିତିସଭ୍ୟା, ସୁମିତ୍ରାପାଢୀ, ସରପଞ୍ଚ ମାନସୀ ମଲ୍ଲିକ, ନକୁଳ ରାଉତ, ସଂଧ୍ୟାରାଣୀ ଦାସ, ଶିତିକାନ୍ତ ପ୍ରଧାନଙ୍କ ସୀମିତ ଶହେରୁ ଊର୍ଦ୍ଧ୍ୱ ବିଜୁଜନତା ଦଳ ଲୋକପ୍ରତିନିଧି କାର୍ଯ୍ୟକର୍ତ୍ତା ଓ ସାଧାରଣ ଜନତା ଉପସ୍ଥିତ ରହିଥିଲେ।




ଟାଙ୍ଗୀ, (ଭାସ୍କର ନ୍ୟୁଜ୍) : ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ବ୍ଲକ ଅଧିନସ୍ଥ ନୂଆଗଡ ପଞ୍ଚାୟତ ପରିସରରେ ପ୍ରଶାସନ ପକ୍ଷରୁ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଖୋର୍ଦ୍ଧାର ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି ଏହି ଜନ ଶୁଣାଣି ଶିବିର। ଏହି ଶିବିରରେ ଖୋର୍ଦ୍ଧା ଜିଲ୍ଲାର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀନିବାସ ମହାନ୍ତି, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ , ଖୋର୍ଦ୍ଧା ଉପ-ଜିଲ୍ଲାପାଳ କିଶୋର କୁମାର ପଣ୍ଡା, ଟାଙ୍ଗୀ ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ରୁମାନା ଜାଫିର , ତହସିଲଦାର ନିଷ୍ଠା ମହାପାତ୍ର, ଡେପୁଟି କଲେକ୍ଟର(ଜରୁରୀ) ଶ୍ରୀତପା ମିଶ୍ର, ସହକାରୀ ଜିଲ୍ଲାପାଳ (ଅଭିଯୋଗ) ଭୁବନେଶ୍ୱରୀ କଅଁର ପ୍ରମୁଖ ଯୋଗ ଦେଇଥିଲେ। ଏହି ଜନ ଶୁଣାଣି ଶିବିରରେ ସର୍ବମୋଟ ୧୩୨ଟି ଅଭିଯୋଗ ଉପସ୍ଥାପନ ହୋଇଥିଲା । ସେଥିମଧ୍ୟରୁ ୧୧୯ ଗୋଟି ଅଭିଯୋଗ ବ୍ୟକ୍ତିଗତ ଏବଂ ୧୩ ଗୋଟି ଅଭିଯୋଗ ସାମୂହିକ ସମସ୍ୟା ବୋଲି ଜଣାପଡିଛି। ସମସ୍ତ ଅଭିଯୋଗ ଗୁଡ଼ିକୁ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କ ସହ ଆଲୋଚନା କରାଯାଇ ୪୦ ଗୋଟି ଅଭିଯୋଗର ତ୍ୱରିତ ସମାଧାନ କରାଯାଇଥିବା ବେଳେ ଅନ୍ୟ ସମସ୍ତ ଅଭିଯୋଗ ଗୁଡ଼ିକର ତୁରନ୍ତ ସମାଧାନ ପାଇଁ ସଂପୃକ୍ତ ଅଧିକାରୀମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ବେଉରା ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଇଲେକ୍ଟ୍ରି ବିଭାଗର ବରିଷ୍ଠ ଯନ୍ତ୍ରୀମାନେ ଏଥିରେ ସାମିଲ ହୋଇଥିଲେ।

## ମା'ରମା ଦେବୀଙ୍କ ଶ୍ରାଦ୍ଧ ଦିବସ ପାଳିତ

ବ୍ୟାସନଗର, (ଭାସ୍କର ନ୍ୟୁଜ୍) : ବ୍ୟାସନଗର ସ୍ଥିତ ଇନ୍ଦିରା ଗାନ୍ଧି ମହିଳା ଡିଗ୍ରୀ ମହାବିଦ୍ୟାଳୟର ଓଡ଼ିଆ ସମ୍ମାନ ବିଭାଗରେ ମା' ରମାଦେବୀଙ୍କର ୪୦ତମ ଶ୍ରାଦ୍ଧ ଶ୍ରଦ୍ଧାଞ୍ଜଳି ସଭା ମଙ୍ଗଳବାର ପାଳିତ ହୋଇଯାଇଛି । ବିଭାଗୀୟ ମୁଖ୍ୟଅଧ୍ୟାପିକା ସୁମିତ୍ରା ରାଉତ ପ୍ରଥମେ ମା'ରାମା ଦେବୀଙ୍କ ତୈଳଚିତ୍ରରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ସେ ଥିଲେ ମାତୃତ୍ୱ, ତ୍ୟାଗ, ସେବା ଓ ମୂର୍ତ୍ତିମନ୍ତର ପ୍ରତୀକ ଏବଂ 'ମହିୟସୀ'ତଥା ସମସ୍ତଙ୍କର ଆଦଣୀୟା ମା' ରମାଦେବୀ ବୋଲି ବକ୍ତବ୍ୟ ପ୍ରସଙ୍ଗରେ କହିଥିଲେ । ଅଧ୍ୟାପକ ମଳୟ କୁମାର ମଲ୍ଲିକ ଯୋଗଦେଇ ମା' ରମା ଦେବୀ ଥିଲେ ସ୍ୱାଧୀନତା ସଂଗ୍ରାମୀ, ନିଷ୍କପଟ ଦେଶ ସେବକ, ଅନନ୍ୟ ପ୍ରତୀକ ତଥା ଓଡ଼ିଶାର ଅସ୍ମିତା, ଗର୍ବ ଓ ଗୌରବ ବୋଲି ମତବ୍ୟକ୍ତ କରିଥିଲେ। ଅଧ୍ୟାପିକା ଝୁନୁମଣୀ ଜେନା ଯୋଗଦେଇ ମା' ରାମା ଦେବୀଙ୍କ ତ୍ୟାଗପୁତ ଜୀବନ ଧାରାରେ ଅନୁପ୍ରାଣିତ ହେବା ପାଇ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଛାତ୍ରୀ ତୁଳସୀ ସାମଲ, ସ୍ମୃତିସାରିକା ଜେନା, ସୋନାଲି ରଣା,ମାନିନୀ ବେହେରା, ପ୍ରିୟଙ୍କା ପ୍ରିୟଦର୍ଶିନୀ ମହାନ୍ତି, ମୋନାଲିସା ମଲିକ, ମୃଣ୍ମୟୀ ତରେଇ, ଏଲିଜା ପ୍ରିୟଦର୍ଶିନୀ ବ୍ରହ୍ମ, ବାସନ୍ତୀ ମଣ୍ଡଳ, ମମତା ମଲ୍ଲିକ, ରୂପାଲି କରଣ, ସୀତାମଣୀ ସୋରେନ, ଲିଜା ବିଶ୍ୱାଳ ପ୍ରମୁଖ ମା' ରମା ଦେବୀଙ୍କ ଉପରେ ବକ୍ତବ୍ୟ ରଖିଥିଲେ ।

## ୩ ପଞ୍ଚାୟତର ଚାଷୀ ପାଇନାହାନ୍ତି ବୀମା ଟଙ୍କା

### ପେଣ୍ଟପାଳ ସମବାୟ ସମିତିର ଚଞ୍ଚକତା

ପଟ୍ଟାମୁଣ୍ଡାଇ, (ଭାସ୍କର ନ୍ୟୁଜ୍) : ପଟ୍ଟାମୁଣ୍ଡାଇ ତହସିଲ ଅନ୍ତର୍ଗତ ପେଣ୍ଟପାଳ ସମବାୟ ସମିତି ନାଁ ରେ ଆସିଛି ସଙ୍ଗୀନ ଅଭିଯୋଗ। ୨୦୨୨ ମସିହା ରେ ଖରିଫ ଧାନ ଚାଷ ପାଇଁ ଋଣ ନେଇ ଇନସ୍ୟୁରାନ୍ସ ପଇସା ଏଚଡିଏଫସି କମ୍ପାନୀରେ ପୈଠ କରାଯାଇଥିଲା। ୨୦୨୨ ମସିହାରେ କୃଷି ବିଭାଗର ରିପୋର୍ଟ ଅନୁସାରେ ଅଳପୁଆ, ତରଡିପାଳ ଓ ପେଣ୍ଟପାଳ ପଞ୍ଚାୟତ ଇନସ୍ୟୁରାନ୍ସ ଟଙ୍କା ପାଇବା ପାଇଁ ଯୋଗ୍ୟ ବୋଲି ଘୋଷଣା କରାଯାଇଥିଲା। ପରିତାପର ବିଷୟ ପେଣ୍ଟପାଳ ସମବାୟ ସମିତିରୁ ଋଣ ନେଇ ଇନସ୍ୟୁରାନ୍ସ ଟଙ୍କା ପୈଠ କରିଥିବା ଚାଷୀ ମାନେ ବୀମା ଟଙ୍କା ରୁ ବଞ୍ଚିତ ଅଛନ୍ତି। ଉକ୍ତ ବିଷୟରେ ପଟ୍ଟାମୁଣ୍ଡାଇ ସମବାୟ ସମିତି ବ୍ୟାଙ୍କରେ ପଚାରିବାରୁ ମ୍ୟାନେଜର୍ ଙ୍କ ପାଖରେ ଖବର ନାହିଁ ବା ସେ ଜାଣି ନାହାନ୍ତି ବୋଲି କହିବା ଦୁର୍ଭାଗ୍ୟ ଜନକ ଅଟେ। ତେଣୁ ଏହି ତିନି ପଞ୍ଚାୟତର ଚାଷୀ ଭାଇ ମାନେ ନ୍ୟାୟ ପାଇବା ପାଇଁ ଜିଲାପାଳ କେନ୍ଦ୍ରାପଡ଼ାଙ୍କ ସହାୟତା ନିମନ୍ତେ ତରଡ଼ିପାଳ ସରପଞ୍ଚ ଦେବବ୍ରତ ନାୟକ, ଅଳପୁଆ ପୂର୍ବତନ ସରପଞ୍ଚ ରମେଶ ଦାସ, କୃଷକ ନେତା ଭରତ ଚନ୍ଦ୍ର ଦାଶ, ଗୁରୁଚରଣ ଶର୍ମା, ନୃସିଂହ ବିଶ୍ୱାଳ, ବସନ୍ତ ବିଶ୍ୱାଳ ନିରାକାର ବିଶ୍ୱାଳ, ଦେବେନ୍ଦ୍ର ବିଶ୍ୱାଳ, ଦେବବ୍ରତ ଶର୍ମା, ଅଜିତ ଶର୍ମା, ଦୀପକ ବିଶ୍ୱାଳ ପ୍ରମୁଖ ଶତାଧିକ ଚାଷୀ ଦାବି କରିଛନ୍ତି।



## ମକରା ନଦୀରେ କୁମ୍ଭୀର ଆତଙ୍କ

### କୁମ୍ଭୀରକୁ ଖୋଜି ଖୋଜି ନୟାନ୍ତ ବନ ବିଭାଗ ଓ ପୋଲିସ

କଣାସ, (ଭାସ୍କର ନ୍ୟୁଜ୍) : କଣାସ ବ୍ଲକରେ ପ୍ରବାହିତ ହେଉଥିବା ଦୟାନଦୀର ଶାଖା ନଦୀ ମକରା ନଦୀର ଅଡାଳ ଗ୍ରାମଠାରେ ଆଜି ଦିନ ଦୁଇଟା ସମୟରେ ନଦୀ ମଧ୍ୟରେ ଏକ କୁମ୍ଭୀର ଭାସୁଥିବା ୪ ଜଣ ଯୁବକ ଦେଖି ଫଟୋ ଉଠାଇ ସୋସିଆଲ ମିଡିଆରେ ଭାଇରାଲ କରିବା ସହିତ ବନ ବିଭାଗ ଏବଂ ଗଡିଶାଗୋଦା ପୋଲିସକୁ ଜଣାଇବାରେ ସେମାନେ ଘଟଣା ସ୍ଥଳରେ ପହଁଚି ଦୀର୍ଘ ଦୁଇ କିଲୋମିଟର ନଦୀ କୂଳେ କୂଳେ କୁମ୍ଭୀରର ସନ୍ଧାନରେ ବୁଲିଥିଲେ ମଧ୍ୟ କୁମ୍ଭୀରର କୌଣସି ସନ୍ଧାନ ପାଇନଥିଲେ । ଦୁଇ ପାର୍ଶ୍ୱ ନଦୀ ବନ୍ଧ ଓ ଅଡାଳ ସେତୁ ଉପରେ କୁମ୍ଭୀରକୁ ଦେଖିବା ପାଇଁ ଶହ ଶହ ଜନସାଧାରଣ ଦୀର୍ଘ ସମୟ ଧରି ଅପେକ୍ଷା କରି ରହିଥିଲେ ମଧ୍ୟ କୁମ୍ଭୀରକୁ ଦେଖିନଥିଲେ । ପ୍ରକାଶ ଥାଉକି ଦୀର୍ଘ ୮ ମାସ ତଳେ ଗୋଟିଏ କୁମ୍ଭୀର ଦୟା ଓ ମକରା ନଦୀରେ ବୁଲି ବୁଲି ଆତଙ୍କ ସୃଷ୍ଟି କରିଥିବାବେଳେ କେତେକ ମତ୍ସ୍ୟଜୀବୀ ଓ ଜନସାଧାରଣ ଜଙ୍କିଆ ନିକଟରେ ଦୟା ନଦୀରୁ କୁମ୍ଭୀରଟିକୁ ଧରି ବନ ବିଭାଗ କର୍ମଚାରୀମାନଙ୍କୁ ହସ୍ତାନ୍ତର କରିଥିଲେ ।

## ୨ ମଦ ବ୍ୟବସାୟୀ ଗିରଫ



ଟାଙ୍ଗୀ, (ଭାସ୍କର ନ୍ୟୁଜ୍): ଚୋରା ମଦ କାରବାରବେଳେ ଧରାପଡିଛନ୍ତି ୨ ଅଭିଯୁକ୍ତ। ଏ ଦୁହେଁ ଚୋରା ମଦ କାରବାର କରନ୍ତି। ହେଲେ ଧରାପଡନ୍ତି ନାହିଁ। ଏ ମାନଙ୍କୁ ଧରିବା ପାଇଁ ଟାଙ୍ଗୀ ଅବକାରୀ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଭିନ୍ନ ଭିନ୍ନ ସ୍ଥାନରେ ଲୁଚିଛପି ରହିଥିଲା। ନିଜ ନିଜ ବାଇକ ଯୋଗେ ଏ ଦୁହେଁ ଚୋରା ମଦ ନେଇ ବ୍ୟବସାୟ କରିବା ପାଇଁ ଯାଉଥିବା ବେଳେ ଅବକାରୀ ବିଭାଗ ହାବୁଡ଼ରେ ଧରାପଡିଛନ୍ତି। ଗିରଫ ୨ ଅଭିଯୁକ୍ତ ହେଉଛନ୍ତି ପଟିଆ-ମାଳ ଅଞ୍ଚଳର ଅନାମ ନାୟକ ଏବଂ କେରଣ୍ଡାଟାଙ୍ଗୀ ଗ୍ରାମର ବିଭୂତି ଭୂଷଣ ପ୍ରଧାନ।

## ଏନସିସି ପକ୍ଷରୁ ନୂତନ କେନ୍ଦ୍ରାପଡା କଲେଜ ଅଧ୍ୟକ୍ଷଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ୍) :କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ନୂତନ ଅଧ୍ୟକ୍ଷ ଭାବେ ପ୍ରଫେସର ଶାନ୍ତନୁ କୁମାର ଜେନା ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ କେନ୍ଦ୍ରାପଡା ମହାବିଦ୍ୟାଳୟର ଏନ୍‌ସିସି ବାଳିକା ବିଭାଗର ସମସ୍ତ କ୍ୟାଡେଟ ଓ କ୍ୟାପଟେନ ସୀମା ମହାନ୍ତିଙ୍କ ସହ ମାଇଁ ଏନ୍‌ସିସି ଆଲୁମିନି ଆସୋସିଏସନର ସମ୍ପାଦକ ଚିନ୍ମୟ କୁମାର ବିଶ୍ୱାଳ, ଶ୍ରୀକାନ୍ତ ପୋଥାଳ, ଅନୁପ କୁମାର ରାଉତ, ସେକ ରିଆଜୁଦ୍ଦିନ ଅହେମ୍ମଦଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ରହି ନୂତନ ଅଧ୍ୟକ୍ଷ ପ୍ରଫେସର ଜେନାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହି ଅବସରରେ କଲେଜର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯିବା ସହିତ ସେସବୁର ସମାଧାନ ସହ ବିଭିନ୍ନ ଗଠନ ମୂଳକ କାର୍ଯ୍ୟରେ ମାଇଁ ଏନସିସି ଆଲୁମିନି ଆସୋସିଏସନର ସଦସ୍ୟମାନେ ଆବଶ୍ୟକ ସହଯୋଗ ନୂତନ ଅଧ୍ୟକ୍ଷଙ୍କୁ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ଧରଣୀଧର ବିଶ୍ୱବିଦ୍ୟାଳୟରେ ନୂତନ କୁଳସଚିବଙ୍କ ଯୋଗଦାନ

କେନ୍ଦୁଝର, (ଭାସ୍କର ନ୍ୟୁଜ୍) : ଧରଣୀଧର ବିଶ୍ୱବିଦ୍ୟାଳୟରେ ନୂତନ କୁଳସଚିବ ଭାବରେ ଗତ ୨୧ ତାରିଖରେ ଯୋଗ ଦେଇଛନ୍ତି ସୁଶ୍ରୀ ପ୍ରତିଭା ପୃଷ୍ଟି (ଓଏସ୍ ସିନିୟର)। ସେ ଅସ୍ଥାୟୀ କୁଳସଚିବ ଡ. କ୍ଷୀରଶଶିକାନ୍ତ ଜେନାଙ୍କ ଠାରୁ ଦାୟିତ୍ୱ ନେଇଛନ୍ତି । ଏହା ପୂର୍ବରୁ ସେ ଆଚାର୍ଯ୍ୟ ହରିହର କ୍ୟାନ୍ସର୍ ଇନଷ୍ଟିଚ୍ୟୁଟରେ ପ୍ରଶାସନିକ ଦାୟିତ୍ୱରେ ଥିଲେ। ତାଙ୍କର ଯୋଗ ଦାନରେ ବିଶ୍ୱବିଦ୍ୟାଳୟର କାର୍ଯ୍ୟ ଆହୁରି ତ୍ୱରାନ୍ୱିତ ହୋଇ ପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।



## ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବିଗ୍ରହ ପ୍ରତିଷ୍ଠା

ଶୁଳିଆପଦା,(ଭାସ୍କର ନ୍ୟୁଜ୍): ଶୁଳିଆପଦାର ଶ୍ରୀଜଗନ୍ନାଥ ସେବା ସମିତି କାର୍ଯ୍ୟକର୍ତ୍ତାମାନଙ୍କ ଦ୍ୱାରା ସ୍ଥାନୀୟ ବ୍ଲକ୍ କଲୋନୀ ସାହି, ଭାଲିଆଶୋଳ ସ୍ଥିତ ଶ୍ରୀମନ୍ଦିରରେ ଜଗତର ନାଥ ଜଗନ୍ନାଥ, ମହାପ୍ରଭୁ ବଳଭଦ୍ର, ମାତା ସୁଭଦ୍ରା ଓ ସୁଦର୍ଶନ ମହାରାଜଙ୍କ ଦାରୁ ବିଗ୍ରହ ପ୍ରତିଷ୍ଠା ଅନୁଷ୍ଠିତ ହୋଇଯାଇଛି ।ଆଜି ପୂର୍ବାହ୍ନରେ ଶୁଳିଆପଦା ବଜାର ସ୍ଥିତ ଶ୍ରୀଜଗନ୍ନାଥ ସେବା ସମିତି, କାର୍ଯ୍ୟାଳୟ ଠାରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ନାମ ସଂକୀର୍ତ୍ତନ ସହିତ ହରିବୋଲ ହୁଳହୁଳି ଦେଇ ଏକ ଶୋଭାଯାତ୍ରାରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଅଣା ଯାଇଥିଲା ।ବିଗ୍ରହ ଶ୍ରୀମନ୍ଦିରରେ ପହଞ୍ଚିବା ପରେ ବିଧି ମୁତାବକ ପୂଜାର୍ଚ୍ଚନା, ହୋମ ଯଜ୍ଞ କରି ଦାରୁ ଦିଅଙ୍କୁ ପ୍ରତିଷ୍ଠା କରାଯାଇଛି ।ଏହି ପ୍ରତିଷ୍ଠା କର୍ମରେ ଶ୍ରୀଜଗନ୍ନାଥ ଗବେଷକ ଡଃ.ସଞ୍ଜୀବ କୁମାର ପାଣିଗ୍ରାହୀ, ଅଧ୍ୟାପକ ଜନ୍ମେଜୟ ଦାଶ୍, ରଞ୍ଜିତ କୁମାର ପତି ଓ ଅଜିତ କୁମାର ପତି ପୂଜକ ଭାବେ ଯୋଗଦେଇ ବିଗ୍ରହ ମାନଙ୍କୁ ପ୍ରତିଷ୍ଠା କରିଥିବା ବେଳେ କମିଟିର ଆଜିବନ ସଦସ୍ୟ ଗୌରାଙ୍ଗ ଚରଣ ଗିରି କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ ।ଏହି ପ୍ରତିଷ୍ଠା କାର୍ଯ୍ୟକ୍ରମ ରେ କମିଟି ତରଫରୁ ଖିରି ଭୋଗ ବଣ୍ଟନ କରାଯାଇଥିଲା ।ସୂଚନା ଥାଉକି କମିଟିର ନିଷ୍ପତ୍ତି କ୍ରମେ ଗତ ୧୨ ତାରିଖ ଦିନ ୩୫ ଜଣିଆ ଏକ ଟିମ୍ ଦାରୁବ୍ରହ୍ମ ଆଣିବା ପାଇଁ ଶ୍ରୀକ୍ଷେତ୍ର ଧାମ୍ ପୁରୀ କୁ ଯାଇଥିଲେ ।ଜଗନ୍ନାଥ ଧାମରେ ପହଞ୍ଚି ମୁକ୍ତି ମଣ୍ଡପ ର ପଣ୍ଡିତ ମାନଙ୍କ ସହିତ ଯୋଗାଯୋଗ ପରେ ଜଗତର ନାଥ ଜଗନ୍ନାଥଙ୍କ ଆଜ୍ଞା ମାଳ ପାଇବା ପରେ ଦାରୁଦିଅଁ କିଣାଯାଇ ଶୁଳିଆପଦା ପହଞ୍ଚି ଥିଲେ କମିଟିର ସଭାପତି ଜନ୍ମେଜୟ ଦାଶ୍, ଉପସଭାପତି ସୁମନ୍ତ କୁମାର ଗିରି, ସମ୍ପାଦକ ମିଥୁନ କୁମାର ସି,ସହ ସମ୍ପାଦକ ଜଗନ୍ନାଥ ଗିରି, କୋଷାଧ୍ୟକ୍ଷ ସନ୍ତୋଷ କୁମାର ସେଠୀ, ଉପଦେଷ୍ଟା ମଣ୍ଡଳୀରୁ ପୂର୍ଣ୍ଣଚନ୍ଦ୍ର ଗିରି, ତ୍ରିଲୋଚନ ବେହେରା, ଦିଲ୍ଲୀପ କୁମାର ମହାନ୍ତ, ନୀଳକଣ୍ଠ ମହାନ୍ତଙ୍କ ସହିତ ତିର୍ଥଙ୍କର ଜେନା,ଭବାନୀ ଶଙ୍କର ବାରିକ୍, ରଜନୀକାନ୍ତ ବାରିକ୍, ଟୁନୁ ଗିରିଙ୍କ ସହିତ ଅନ୍ୟାନ୍ୟ ସକ୍ରିୟ ସଦସ୍ୟ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ବିଗ୍ରହ ପ୍ରତିଷ୍ଠା ଅନୁଷ୍ଠିତ ହୋଇଯାଇଛି ।



## ବନ୍ୟା ବିପନ୍ନଙ୍କୁ ସାହାଯ୍ୟର ହାତ ବଢାଇଲା କଂଗ୍ରେସ

ଆଳି, (ଭାସ୍କର ନ୍ୟୁଜ୍) : ଦୀର୍ଘ ୧୨ ଦିନ ହେବ ଆଳି ନିର୍ବାଚନ ମଣ୍ଡଳୀର ଅଧିକାଂଶ ପଞ୍ଚାୟତ ବନ୍ୟା ପାଣିରେ ବୁଡି ରହିଥିବା ବେଳେ ଲୋକେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ସଧାରଣ ଲୋକଟିଏ ନିଜର ନିତ୍ୟ ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବା ପାଇଁ ଆବଶ୍ୟକୀୟ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯୋଗାଡ କରିବାରେ ଅସମର୍ଥ। ବନ୍ୟାପାଣି ଘର ମଧ୍ୟକୁ, ଗାଁ ଭିତରକୁ ପଶି ଯାଇଥିବା ବେଳେ, ଗାଁ ଦାଣ୍ଡରେ କୁମ୍ଭୀର ଭୟ ବାହାରକୁ ବାହାରିବା ପାଇଁ ଅନ୍ତରାୟ ସୃଷ୍ଟି କରୁଛି। ବିରୋଧି ଦଳର ନେତା ରାହୁଲ ଗାନ୍ଧୀଙ୍କ ଉକ୍ତି 'ବିପଦରେ ସାଥ ଦେବ କଂଗ୍ରେସ' ଉକ୍ତିକୁ ଆଧାର କରି ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ଇଚ୍ଛା ଓ ଜିଲ୍ଲା କଂଗ୍ରେସର ପରାଶର୍ମ କର୍ମେ ପୂର୍ବତନ ଜିଲ୍ଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ ଉକ୍ତ ଅଞ୍ଚଳରେ ଯୁବକମାନଙ୍କୁ ଏକାଠି କରିଥିଲେ। ଏହି ପରିପ୍ରେକ୍ଷୀରେ ଆଳିର ନରେନ୍ଦ୍ରପୁରୁ, ପତ୍ରପୁରୁ ପଦିନିପାଳ, କଳମଡା ଶାସନ, ଭୁଇଁପୁରୁ ଜେନା ସାହିରେ ରିଲିଫ୍ କାର୍ଯ୍ୟକର୍ମ କରା ଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଯୁବ ନେତା ରାଜେଶ ରାଉତ, ଯୁବ କଂଗ୍ରେସ ସଭାପତି ରାଜମୋହାନ ସ୍ୱାଇଁ, ବିଶ୍ୱଜିତ ତରାଇ ସୁଶାନ୍ତ ରାଉତ, ପ୍ରକାଶ ଜେନା, ମାନସ ନାୟକ, ସତ୍ୟରଞ୍ଜନ ରାଉତରାୟ, ସଦାଶିବ ନାୟକ, ସ୍ମୃତି ରଞ୍ଜନ ପାଢ଼ୀ, ବପ ନାୟକ, କିଶୋର କୁମାର ସାହୁ, ଦୀନବନ୍ଧୁ ସାହୁ, ରାନା ପ୍ରାସାଦ ରାଉତ, ବିକନ ନାୟକ, ଅଭି ନାୟକ ରିଲିଫ୍ ବଣ୍ଟନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



## ଧାମରା ବନ୍ଦରରୁ ପରିବହନ ସୁଯୋଗ ଦାବି

### ମା'କାଳିତ୍ରା ଟ୍ରକ୍ ମାଲିକ ସଂଘ ପକ୍ଷରୁ ଧାରଣା

ଭଣ୍ଡାରିପୋଖରୀ(ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥର ଭାଗଡା-ନାରାୟଣପୁର ଟୋଲଗେଟ ସମ୍ମୁଖରେ ମା'କାଳିତ୍ରା ଟ୍ରକ ମାଲିକ ସଂଘ ପକ୍ଷରୁ ଧାମରା ବନ୍ଦରରୁ ମାଲ ପରିବହନ ସୁଯୋଗ ଦାବିରେ ମଙ୍ଗଳବାର ଠାରୁ ଅବରୋଧମୂଳକ ଧାରଣା ଅନୁଷ୍ଠିତ ହୋଇଛି। ଭଣ୍ଡାରିପୋଖରୀ, ବନ୍ତ ଓ ଧାମନଗର ଟ୍ରକ ମାଲିକମାନଙ୍କ ଦ୍ୱାରା ଗଠିତ ଏହି ସଂଘରେ ଅନୁବନ୍ଧିତ ଟ୍ରକଗୁଡିକୁ ଧାମରା ବନ୍ଦରରୁ ପରିବହନ ସୁଯୋଗକୁ ଉଦ୍ଦେଶ୍ୟମୂଳକ ଭାବେ ବାଧା ଦିଆଯାଉଛି। ଜିଲ୍ଲା ଓ ଜିଲ୍ଲା ବାହାରର ଟ୍ରକ ମାଲିକ ସଂଘଗୁଡିକୁ ପରିବହନ ସୁଯୋଗ ମିଳୁଥିବା ବେଳେ ମା'କାଳିତ୍ରା ସଂଘକୁ ବୈମାତୃକ ମନୋଭାବ ଯୋଗୁଁ ଏଥିରୁ ବଞ୍ଚିତ କରାଯାଉଛି। ଏହି ସମସ୍ୟାର ସମାଧାନ ପାଇଁ ସଂଘ ପକ୍ଷରୁ ଜିଲ୍ଲାପାଳ, ଜିଲ୍ଲା ପୋଲିସ ଅଧିକ୍ଷକ, ଉଚ୍ଚଶିକ୍ଷାମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ହେଲେ ଏହାର ସମାଧାନ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାନଯିବା ଯୋଗୁଁ ସଂଘ ପକ୍ଷରୁ ଧାରଣା ଅନୁଷ୍ଠିତ ହୋଇଛି। ଧାମରା ବନ୍ଦରରୁ ମାଲ ପରିହନ କରି ଆସୁଥିବା ଟ୍ରକଗୁଡିକୁ ଏହି ରାସ୍ତା ଦେଇ ଛଡାଯିବ ନାହିଁ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ସଂଘ ସଭାପତି ଦିପ୍ତିନାରାୟଣ ରାଉତଙ୍କ ନେତୃତ୍ୱରେ ସୁରେନ୍ଦ୍ର ମହାପାତ୍ର, ଆକାଶ କୁମାର ପରିଡା, ଶକ୍ତିଧର ନାୟକ, ସୁଦାମ ଭାରତୀ, ଚିନ୍ମୟ ବେହେରା, ଗୋପାଳ ନାଥ, ଶିଶିର ପାତ୍ର, ଭରତ ଚନ୍ଦ୍ର ସାହୁ ପ୍ରମୁଖ ସଂଘର ଶତାଧିକ ସଦସ୍ୟମାନେ ଧାରଣା ଦେଇଥିଲେ। ଅବରୋଧ ମୂଳକ ଧାରଣା ଯୋଗୁଁ ଟୋଲଗେଟ ଦେଇ ରାସ୍ତା ଅତିକ୍ରମ କରୁଥିବା ଧାମରାର ମାଲ ପରିବହନ କରୁଥିବା ଟ୍ରକଗୁଡିକ ଅଟକି ଯାଇଥିଲେ। ସମସ୍ୟାର ସମାଧାନ ପାଇଁ ଆଲୋଚନା ହୋଇଥିଲେ ମଧ୍ୟ ସମାଧାନର ସୂତ୍ର ବାହାରି ପାରିନଥିଲା।




## ଧରଣୀଧର ବିଶ୍ୱବିଦ୍ୟାଳୟରେ ସଚେତନତା କର୍ମଶାଳା

କେନ୍ଦୁଝର, (ଭାସ୍କର ନ୍ୟୁଜ୍) : ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଯେଉଁଥିରେ ସଭାପତିତ୍ୱ କରିଥିଲେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର୍ ପ୍ରତାପ କୁମାର ମହାନ୍ତି। ସାମ୍ପ୍ରତିକ ସମୟରେ ନାରୀମାନଙ୍କ ଉପରେ ହେଉଥିବା ଅତ୍ୟାଚାର ତଥା ଶୋଷଣକୁ ଆଖିଆଗରେ ରଖି ରାଜ୍ୟ ସରକାର ସମସ୍ତ ଶିକ୍ଷାନୁଷ୍ଠାନଗୁଡିକୁ ଏଥିଲାଗି ଏକ ସଚେତନତା କର୍ମଶାଳା ଆୟୋଜନ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ବିଶ୍ୱ ବିଦ୍ୟାଳୟରେ ଆଜି 'କର୍ମକ୍ଷେତ୍ରରେ ମହିଳାଙ୍କୁ ଯୌନଶୋଷଣ ନିଷେଧ ଆଇନ – ୨୦୧୩' ବିଷୟ ପ୍ରସଙ୍ଗରେ ଆଲୋଚନା ଅନୁଷ୍ଠିତ ହୋଇଥିଲା। କୁଳପତି ମହାନ୍ତି ତାଙ୍କ ଅଭିଭାଷଣରେ ନାରୀ ଆଜି କିପରି ଅସୁରକ୍ଷିତ ଏବଂ ତାଙ୍କ ଉପରେ ହେଉଥିବା ଅତ୍ୟାଚାର କେତେ ନିନ୍ଦନୀୟ ତତ୍ ସଂପର୍କରେ ଆଲୋଚନା କରି । ଭବିଷ୍ୟତରେ କେବେ ଏପରି କଳଙ୍କିତ ଅଧ୍ୟାୟ ସୃଷ୍ଟି ନହେଉ ତତ୍ ସଂପର୍କରେ ମନ୍ତବ୍ୟ ରଖିଥିଲେ। ଏଥିସହ ସେ କହିଥିଲେ ଯେ, ଆମକୁ ମାନସିକ ସ୍ତରରେ ପ୍ରଥମେ ସ୍ଥିର ରହିବାକୁ ପଡ଼ିବ । ବଡ ବଡ ବିପଦରୁ କିପରି ଆମେ ବାହାରି ପାରିବା ସେ ସମ୍ପର୍କରେ ମଧ ଆଲୋଚନା ରଖିଥିଲେ। ସମାଜ ସେବକ ଭକ୍ତ ବତ୍ସଳ ମହାନ୍ତି ତାଙ୍କ ଅଭିଭାଷଣରେ କହିଥିଲେ ଯେ ସାମ୍ବିଧାନିକ ବିଧି ବ୍ୟବସ୍ଥାରେ କେତେକ ବ୍ୟକ୍ତିଙ୍କୁ ଦୁର୍ବଳ ବୋଲି କୁହାଯାଇଛି ସେଥିମଧ୍ୟରେ ନାରୀ ଅନ୍ୟତମ ତେଣୁ ତାଙ୍କ ପ୍ରତି ଆମର ଯଥେଷ୍ଟ ସମ୍ମାନ ରହିବା ଆବଶ୍ୟକ। କାରଣ ସେ ଆମର ସୃଷ୍ଟି କର୍ତ୍ତା ଆମକୁ ଏ ସଂସାରକୁ ଆଣିବାରେ ପ୍ରମୁଖ ଭୂମିକା ତୁଲାଇଥାନ୍ତି। ଆଜି ନାରୀମାନଙ୍କ ଉପରେ ହେଉଥିବା ଏପରି ଅତ୍ୟାଚାର ଆଗାମୀ ଦିନରେ ଆମ ସମସ୍ତଙ୍କ ପାଇଁ ଏହା ଏକ ବଡ ବିପଦ ସୃଷ୍ଟି କରିପାରେ। ତାଙ୍କ ପରେ ଆଡଭୋକେଟ ଦୁଷ୍ମନ୍ତ ଜେନା ନିଜର ଅଭିଭାଷଣ ରଖିଥିଲେ, ସେ କହିଥିଲେ ଯେ ଭରତୀୟ ସମ୍ବିଧାନ ଅନୁସାରେ ସମସ୍ତଙ୍କର ସମାନ ଅଧିକାର ରହିଛି। ଏବଂ ଯେଉଁ ଯେଉଁ ଆଇନ୍ ଜରିଆରେ ଜଣେ ମହିଳା ନିଜକୁ ସୁରକ୍ଷିତ କରିପାରିବ ତତ୍ ସଂପର୍କରେ ସମ୍ପୂର୍ଣ୍ଣ ଆଲୋଚନା ରଖିଥିଲେ। କୁଳସଚିବ ସୁଶ୍ରୀ ପ୍ରତିଭା ପୃଷ୍ଟି ତାଙ୍କ ଅଭିଭାଷଣରେ ଉପସ୍ଥାପନ କରିଥିଲେ ଯେ, ଝିଅଟିଏ ଜନ୍ମ ହେବା ପରେ ତା'ର ସୁରକ୍ଷାକୁ ନେଇ ପରିବାର ବର୍ଗ ବଡ ଚିନ୍ତା ପ୍ରକଟ କରୁଛନ୍ତି। ଏଣୁ ଆଜି ସେହି ସମୟ ଆସିଛି ଯେ ଆମ ସମସ୍ତଙ୍କୁ ଏଥିପ୍ରତି ସଚେତନ ହେବାକୁ ପଡ଼ିବ କାରଣ ଆମେ ପ୍ରଥମେ ନିଜର ମାନସିକତାକୁ ପରିବର୍ତ୍ତନ କରିବା ପଡ଼ିବ। ବାଲେଶ୍ୱର ଘଟଣାକୁ ଆଲୋଚନାରେ ରଖି ସେ କହୁଥିଲେ ଯେ ଗୁରୁ ଶିଷ୍ୟର ପରମ୍ପରା ଯଦି ସୁଦୃଢ଼ ହେବ ତେବେ ଏପରି ଅନୈତିକ କିମ୍ବା ଅଭାବନୀୟ ଘଟଣା ଘଟିବ ନାହିଁ। ସେହିପରି ବିଶ୍ୱବିଦ୍ୟାଳୟ ସ୍ନତକୋତ୍ତର ପରିଷଦ ମୁଖ୍ୟ ନିଜ ଭାଷଣରେ ଯୌନ ଶୋଷଣ କୁ ନେଇ ୨୦୧୩ ମସିହାରେ ଗଠନ ହେଇଥିବା ଏହି ଆଇନ୍ ସଂପର୍କରେ ବୀବରଣୀ ଉପସ୍ଥାପନ କରିଥିଲେ। ପରିଶେଷରେ ବିଶ୍ୱବିଦ୍ୟାଳୟର ଅନ୍ୟତମ ଅଧ୍ୟାପିକା ଡକ୍ଟର ସଂଗୀତା ସୁଶ୍ରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାଟିର ଆୟୋଜକ କରିଥିଲେ ଡକ୍ଟର ସୁମନ୍ତ ନାଏକ ଏବଂ ଆକାଲୁ ପୃଷ୍ଟି ଏଥି ସହିତ ସଭାରେ ଉଭୟ ଛାତ୍ରଛାତ୍ରୀ ଏବଂ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକା ମାନେ ଉପସ୍ଥିତ ରହି ଏହାକୁ ସାଫଲ୍ୟ ମଣ୍ଡିତ କରିଥିଲେ।



## ଅଞ୍ଚଳର ସମସ୍ୟା ନେଇ ନୂତନ ଏସ୍‌ପିଙ୍କୁ ଭେଟିଲା ସାମ୍ବାଦିକ ସଂଘ

ଫୁଲନଖରା, (ଭାସ୍କର ନ୍ୟୁଜ୍) : କମିଶନରେଟ୍ ପୋଲିସ ଜୋନ୍ -୪ ନୂତନ ଏସ୍‌ପି ଭାବେ ଶଶୀକାନ୍ତ ରାଉତ କାର୍ଯ୍ୟରେ ଯୋଗଦାନ କରି ଅଛନ୍ତି। ଏହି ଖବର ପାଇଁ ବରିଷ୍ଠ ସାମ୍ବାଦିକ ଲଳିତ କୁମାର ଦାଶ, ଅମିତ କୁମାର ପରିଜା, ଧୀରେନ୍ଦ୍ର ସାହୁ, ଚିନ୍ମୟ ମହାରଣା, ହେମନ୍ତ ମଲ୍ଲିକ, ଦୀପ୍ତିରଞ୍ଜନ ଶତପଥୀ,ସୁଧୀର କୁମାର ଶତପଥୀ, ଶଶିଭୂଷଣ ଦାଶ ଓ ବୁଲୁ ପାତ୍ର ପ୍ରମୁଖ ସାକ୍ଷାତ କରି ଉତ୍ତରୀୟ ଫୁଲତୋଡା ଦେଇ ସ୍ୱାଗତ କରିବା ସହିତ ସଦର ଥାନା ଅଞ୍ଚଳର ବରିଷ୍ଠ ନାଗରିକ ଓ ଆମ ପୋଲିସ ସମିତି ସମ୍ପର୍କରେ ଆଲୋଚନାମାନ କରିଥିଲେ। ଏହା ଖୁବ୍ ଶୀଘ୍ର ବୈଠକ ଡାକ କରାଯିବ ବୋଲି ପ୍ରତଶ୍ରୁତି ଦେଇଥିଲେ । ଏତତ୍ ବ୍ୟତୀତ ଅଞ୍ଚଳ ବିଭିନ୍ନ ସମସ୍ୟା ଓ ପ୍ରସଙ୍ଗରେ ନୂତନ୍ ଏସିପିଙ୍କୁ ଅବଗତ କରାଇଥିଲେ। ପୂର୍ବରୁ ଥିବା ଏସିପି ଅମିତାଭ ମହାପାତ୍ରଙ୍କୁ ଜୋନ୍ - ଫେଜ୍ ୩ ଏସିପି ଭାବେ କଟକ ବିଡାନାସୀ ଠାରେ ଅବସ୍ଥାପିତ ହୋଇଛନ୍ତି।

## ରାଶିଫଳ

ଗୁରୁବାର, ୨୪ ଜୁଲାଇ ୨୦୨୫



**ମେଷ:** ଚାକିରିରେ କାର୍ଯ୍ୟକୁ ପ୍ରଶଂସା କରାଯିବ। ନୂଆ ଚିନ୍ତାଧାରା ମନକୁ ଆସିବ। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ। ଛାତ୍ରଛାତ୍ରୀ ଶ୍ରେଣୀ ସଫଳତା ହାସଲ କରିବ। ବ୍ୟବସାୟ ବୃଦ୍ଧି ପାଇବ। ନୂତନ ଆୟର ଉତ୍ସ ମିଳିପାରିବ। ଆଜି ଟଙ୍କା ରହିବ।



**ବୃଷ:** ମୂଲ୍ୟବାନ ଜିନିଷକୁ ସୁରକ୍ଷିତ ରଖନ୍ତୁ। କାମ କରିବା ଭଳି ଅନୁଭବ କରିବେ ନାହିଁ। ଅନ୍ୟମାନେ ଆପଣଙ୍କଠାରୁ ଅଧିକ ଆଶା କରିବେ। ବ୍ୟବସାୟ ଲାଭଦାୟକ ହେବ। ଦୁଃଖଦ ଖବର ଗ୍ରହଣ କରାଯାଇପାରେ। ବକ୍ତବ୍ୟରେ ହାଲୁକା ଶବ୍ଦ ବ୍ୟବହାର କରିବା ଠାରୁ ଦୂରେଇ ରୁହନ୍ତୁ।



**ମିଥୁନ:** ତୁମେ ସମ୍ମାନ ପାଇବ। ବ୍ୟବସାୟ ବୃଦ୍ଧି ପାଇବ। ବିନିଯୋଗ ଭଲ ହେବ। ଚାକିରିରେ କାମକୁ ପ୍ରଶଂସା କରାଯିବ। ଦୂରରୁ ସୁସମାଚାର ଗ୍ରହଣ କରାଯିବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ରିସ୍କ ନେବାକୁ ସାହସ କର। ଆୟ ବୃଦ୍ଧି ପାଇବ। ତତ୍ପରତା ନାହିଁ। ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବ। ଉପକୃତ ହେବ।



**କର୍କଟ:** ଅତିଥିମାନେ ଘରେ ପହଞ୍ଚିବେ। ସୁଖ ଏବଂ ଉତ୍ସାହ ରହିବ। ବ୍ୟବସାୟ ଅନୁକୂଳ ଲାଭ ଦେବ। ଅଳସୁଆମି ରହିବ। ପ୍ରଲୋଭିତ ହୁଅ ନାହିଁ। ବିବେକ ବ୍ୟବହାର କରନ୍ତୁ। ଦୂରରୁ ସୁସମାଚାର ଗ୍ରହଣ କରାଯିବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ରିସ୍କ ନେବାକୁ ସାହସ କର।



**ସିଂହ:** ଚାକିରିରେ ପ୍ରାଧିକରଣର ବୃଦ୍ଧି ହୋଇପାରେ। ବ୍ୟବସାୟ ଯାତ୍ରା ସଫଳ ହେବ। ବିନିଯୋଗ ଅନୁକୂଳ ହେବ। ଅପ୍ରତ୍ୟାଶିତ ଲାଭ ହୋଇପାରେ। ରୋଜଗାର ପାଇବା ପାଇଁ ପ୍ରୟାସ ସଫଳ ହେବ। ଘର ବାହାରେ ଖୁସିର ପରିବେଶ ରହିବ। କିଛି କାମ ବିଷୟରେ ଚିନ୍ତା ହେବ। ଶାରୀରିକ ଯନ୍ତ୍ରଣା ସମ୍ଭବ।



**କନ୍ୟା:** ବ୍ୟବସାୟ ଭଲ କରିବ। ଆୟରେ ନିଶ୍ଚିତତା ରହିବ। ଅପ୍ରତ୍ୟାଶିତ ଖର୍ଚ୍ଚ ଆସିବ। ବିବାଦ ଆତ୍ମ ସମ୍ମାନକୁ କ୍ଷତି ପହଞ୍ଚାଇପାରେ। ଏକ ପୁରୁଣା ରୋଗ ପୁନର୍ବାର ହୋଇପାରେ। ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ।



**ତୁଳା:** ବ୍ୟବସାୟ ଯାତ୍ରା ସଫଳ ହେବ। ଲାଭ ସୁଯୋଗ ଆସିବ। ବ୍ୟବସାୟ ଲାଭଦାୟକ ହେବ। ଚାକିରିରେ ସୁସଙ୍ଗତତା ରହିବ। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ। କିଛି ମହତ୍ କାର୍ଯ୍ୟ କରିବାକୁ ଇଚ୍ଛା ଜାଗ୍ରତ ହେବ। ଚିନ୍ତା ଏବଂ ଟେନସନ ରହିବ। ପ୍ରଲୋଭିତ ହୁଅ ନାହିଁ। ଦେୟ ପୁନରୁଦ୍ଧାର ପାଇଁ ପ୍ରୟାସ ସଫଳ ହେବ।



**ବିଛା:** ତୁମେ ସମ୍ମାନ ପାଇବ। ନୂତନ ଆୟର ଉତ୍ସ ମିଳିପାରିବ। ବ୍ୟବସାୟରେ ଅନୁକୂଳ ଲାଭ ହେବ। ସେୟାର ବଜାର ଏବଂ ମ୍ୟୁଚୁଆଲ୍ ଫଣ୍ଡ ଇତ୍ୟାଦିରୁ ଲାଭ ହେବ। ଏକ ନୂତନ ଯୋଜନା ପ୍ରସ୍ତୁତ ହେବ। ସିଷ୍ଟମ୍ ଉନ୍ନତି କରିବ। ପ୍ରେମ କାର୍ଯ୍ୟରେ ତତ୍ପର ହୁଅନ୍ତୁ ନାହିଁ। ଥକ୍କା ଲାଗିବ। କିଛି କାମ ବିଷୟରେ ଚିନ୍ତା କର।



**ଧନୁ:** ଲାଭ ପାଇଁ ସୁଯୋଗ ଆସିବ। ବ୍ୟବସାୟ ଲାଭଦାୟକ ହେବ। ପରିବାର ସହାୟତା ଉପଲବ୍ଧ ହେବ। ଘର ବାହାରେ ସୁଖ ମିଳିବ। ଅନ୍ୟମାନଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରନ୍ତୁ ନାହିଁ। ଧାର୍ମିକ କାର୍ଯ୍ୟକଳାପରେ ଆଗ୍ରହ ରହିବ। କୋର୍ଟ ଏବଂ କୋର୍ଟ କାର୍ଯ୍ୟ ଅନୁକୂଳ ଲାଭ ଦେବ। କୌଣସି ବଡ କାମର ବାଧା ଦୂର ହେବ।



**ମକର:** ହସ ଏବଂ ଥଟ୍ଟାରେ ହାଲୁକା ହୁଅ ନାହିଁ, ଯତ୍ନ ନିଅ। ମୂଲ୍ୟବାନ ସାମଗ୍ରୀ ମିଳିବ, ସେଗୁଡିକ ସୁରକ୍ଷିତ ରଖ। ବ୍ୟବସାୟ ଭଲ ହେବ। ଆୟରେ ନିଶ୍ଚିତତା ରହିବ। ଭ୍ରମଣ କରିବାକୁ ତତ୍ପର ହୁଅନ୍ତୁ ନାହିଁ। ଶାରୀରିକ ଯନ୍ତ୍ରଣା ସମ୍ଭବ। ଏକ ପୁରୁଣା ରୋଗ ପୁନର୍ବାର ହୋଇପାରେ। ଯାନ ଏବଂ ଯନ୍ତ୍ରର ବ୍ୟବହାରରେ ସତର୍କ ରୁହନ୍ତୁ।



**କୁମ୍ଭ:** ବ୍ୟବସାୟ ଭଲ ରହିବ। ଚାକିରିରେ ଶାନ୍ତି ରହିବ। ଯାତ୍ରା ଉପଭୋଗ୍ୟ ହେବ। ପ୍ରେମ ସଂପର୍କରେ ସୁସଙ୍ଗତତା ରହିବ। ରାଜନୈତିକ ପ୍ରତିବନ୍ଧକକୁ ହଟାଇ ପରିସ୍ଥିତି ଅନୁକୂଳ ହେବ। ଘର ବାହାରେ ସୁଖ ମିଳିବ। ଟଙ୍କା ନଷ୍ଟ ହେବାର ସମ୍ଭାବନା ଅଛି। କାରବାରକୁ ଶୀଘ୍ର କର ନାହିଁ । ଥକ୍କା ଏବଂ ଦୁର୍ବଳତା ହୋଇପାରେ।



**ମୀନ:** ଆୟର ନୂତନ ଉତ୍ସ ମିଳିପାରିବ। ପଦୋନ୍ନତି ପାଇଁ ପ୍ରୟାସ ସଫଳ ହେବ। ଜୀବନ ଖୁସି ହେବ। ଘର ବାହାରେ ସୁଖ ମିଳିବ। ସ୍ଥାୟୀ ସମ୍ପତ୍ତି କାର୍ଯ୍ୟ ବିପୁଳ ଲାଭ ଦେଇପାରେ। ରୋଜଗାର ବୃଦ୍ଧି ପାଇବ। ସ୍ୱାସ୍ଥ୍ୟରେ ଆରାମ ମିଳିବ। ଚିନ୍ତା ଦୂର ହେବ। ଚାକିରି ସ୍ଥିତି ବୃଦ୍ଧି ପାଇବ।



ପ୍ରସ୍ତୁତିରେ

ଜ୍ୟୋର୍ତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯ , ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ମାଲକାନଗିରି (ଭାସ୍କର ନ୍ୟୁଜ): ପ୍ରଧାନମନ୍ତ୍ରୀ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ମାଲକାନଗିରି ପରିଚାଳନା ସମିତି (ଭି ଏମ ସି) ର ଗୁରୁତ୍ୱପୂର୍ଣ୍ଣ ବୈଠକ ବିଦ୍ୟାଳୟ ଅଧ୍ୟକ୍ଷ ଡ. କୈଳାଶ ମାନଙ୍କ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକର ଅଧ୍ୟକ୍ଷତା ଆଶିଷ ଈଶ୍ୱର ପାଟିଲ, ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ, ମାଲକାନଗିରି କରିଥିଲେ। ବୈଠକରେ ବିଶିଷ୍ଟ ସଦସ୍ୟମାନଙ୍କର ଉପସ୍ଥିତି ଥିଲା, ଯେଉଁମାନେ ହେଲେ-ଓ କୈଳାଶ ମାନ, ଅଧ୍ୟକ୍ଷ ପି ଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ମାଲକାନଗିରି ଚିରଞ୍ଜନ ପାଣିଗ୍ରାହୀ, ଜିଲ୍ଲା ଶିକ୍ଷା ଅଧିକାରୀ, ମାଲକାନଗିରି ଅଞ୍ଜନ ସ୍ୱାଇଁ, ଅଧ୍ୟକ୍ଷ, ମାଲକାନଗିରି କଲେଜ ଜେନା, ପ୍ରଧାନ ଶିକ୍ଷକ, ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମାଲକାନଗିରି ଦିନେଶ କୁମାର, ପ୍ରାଥମିକ ଶିକ୍ଷକ, ପି ଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ମାଲକାନଗିରି ବୈଠକରେ ମୁଖ୍ୟତଃ ନିମ୍ନଲିଖିତ ବିଷୟଗୁଡ଼ିକ ଉପରେ ଆଲୋଚନା ହେଲା। ବୋର୍ଡ ଗୁଡ଼ିକ ଫଳାଫଳକୁ ଉନ୍ନତି କରିବା ପାଇଁ କାର୍ଯ୍ୟଯୋଜନା ପ୍ରସ୍ତୁତ କରିବା, ଛାତ୍ରଛାତ୍ରୀଙ୍କ ସମଗ୍ର ବିକାଶ ଓ ମଙ୍ଗଳ ସହ ଜଡିତ ଅନ୍ୟାନ୍ୟ ମୁଖ୍ୟ ବିଷୟ ଅଧ୍ୟକ୍ଷ ମହୋଦୟଙ୍କ ଦ୍ୱାରା ପିଏମଶ୍ରୀ ଯୋଜନା ଅନୁଯାୟୀ ନିର୍ଦ୍ଧିଷ୍ଟ ଲକ୍ଷ୍ୟ ସାଧନ ପାଇଁ ସାମୂହିକ ଦାୟିତ୍ୱ ଓ ଦୃଢ଼ ପ୍ରତିବଦ୍ଧତା ଉପରେ ଜୋର ଦିଆଯାଇଥିଲା। ଏହି ବୈଠକକୁ ବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ଅମିତ ଦାସ, କାର୍ଯ୍ୟ ଅନୁଭବ ଶିକ୍ଷକ ରି. ଅଶୋକ କୁମାର ଏବଂ କଳା ଶିକ୍ଷକ ଆଦିତ୍ୟ କୁମାର ପରିଚାଳନା କରିଥିଲେ।



# ଖରିଫ ବିପଣନ ଋତୁ ପାଇଁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ସରଳୀକରଣ



ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ ଖାଦ୍ୟ ଯୋଗାଣ ଓ ଗ୍ରାହକ କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଖରିଫ ବିପଣନ ଋତୁ (କେଏମଏସ) ୨୦୨୫-୨୬ ପାଇଁ ଧାନ ସଂଗ୍ରହ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ସରଳୀକରଣ ପାଇଁ ଅନୁରୋଧ କରିଛନ୍ତି। ମାଲକାନଗିରି ଜିଲ୍ଲାରେ ଚାଷୀମାନେ ପଞ୍ଜୀକରଣରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ଯାହା ସେମାନଙ୍କ ଜୀବିକାକୁ ପ୍ରଭାବିତ କରିପାରେ। ଯେଉଁ ଚାଷୀଙ୍କ ଜମି ପଟ୍ଟା ସେମାନଙ୍କ ବାପା, ଜେଜେବାପା କିମ୍ବା ଅଜାଜେଜେବାପାଙ୍କ ନାମରେ ରହିଛି, ସେମାନଙ୍କୁ ପଞ୍ଜୀକରଣ ପାଇଁ ଆଇନଗତ ଉତ୍ତରାଧିକାରୀ ପ୍ରମାଣପତ୍ର ଦାଖଲ କରିବାକୁ ନିର୍ଦ୍ଦେଶ ରହିଛି। ପୂର୍ବରୁ ରେଭେନ୍ୟୁ ଇନ୍ସପେକ୍ଟର (ଆରଆଇ)ଙ୍କ ଲିଖିତ ଅନୁମୋଦନରେ ପଞ୍ଜୀକରଣ ହେଉଥିଲା। ବିଧାୟକ ଏହି ପଦ୍ଧତି ଚଳିତ ବର୍ଷ ପାଇଁ ପୁନଃପ୍ରଚଳନ କରିବାକୁ ଅନୁରୋଧ କରିଛନ୍ତି। ଏହାଛଡ଼ା, ଏକାଧିକ ଆଇନଗତ ଉତ୍ତରାଧିକାରୀଙ୍କ ନାମରେ ଥିବା ଏକ ପଟ୍ଟା ପାଇଁ ସମସ୍ତଙ୍କ ପଞ୍ଜୀକରଣ ସମୟରେ ଉପସ୍ଥିତ ରହିବାକୁ ବାଧ୍ୟତାମୂଳକ। ଏହା ଅସୁବିଧା ସୃଷ୍ଟି କରୁଛି। ପୂର୍ବରୁ ରେଭେନ୍ୟୁ ଇନ୍ସପେକ୍ଟର (ଆରଆଇ)ଙ୍କ ଲିଖିତ ଅନୁମୋଦନରେ ପଞ୍ଜୀକରଣ ହେଉଥିଲା। ବିଧାୟକ ଏହି ପଦ୍ଧତି ପୁନଃପ୍ରଚଳନ କରିବାକୁ ଅନୁରୋଧ କରିଛନ୍ତି।

# ଦୁଇ ପ୍ରକଳ୍ପର ଶିଳାନ୍ୟାସ ଓ ପୋଷଣ କିଟ୍ ବଣ୍ଟନ

ଖପ୍ରାଖୋଲ (ଭାସ୍କର ନ୍ୟୁଜ): ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଖପ୍ରାଖୋଲ ବ୍ଲକ୍ ଗସ୍ତ କରିଥିଲେ। ଏହି ଅବସରରେ ସ୍ଥାନୀୟ ପ୍ରାଥମିକ କୃଷି ସମବାୟ ସମିତି ଠାରେ ଗୋଦାମ ଘରର ଶିଳାନ୍ୟାସ କରିବା ସହିତ ବ୍ଲକ୍ ସଭା ଗୃହ ଉପର ମହଲାର ଶିଳାନ୍ୟାସ କରିଥିଲେ। ଏହି ଅବସରରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଙ୍କ କାର୍ଯ୍ୟାଳୟ ପରିସରରେ ପୋଷଣ କିଟ୍ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ସମ୍ମାନୀତ ଅତିଥି ରୂପେ ପାଟଣାଗଡ ଉପଜିଲ୍ଲାପାଳ ସୁନୀଲ କୁମାର ମେହେର, ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଅମିତା ପଣ୍ଡା, ପାଟଣାଗଡ ଉପଖଣ୍ଡ ପୋଲିସ ଅଧିକାରୀ ସଦାନନ୍ଦ ପୁଜାରୀ, ତହସିଲଦାର ସତ୍ୟ ସୁନ୍ଦର ରାଉତରାୟ, ଉପ ମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା ଯୋଗଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ପୋଷଣ ମୁକ୍ତ ଭାରତ ବର୍ଷର ସ୍ୱପ୍ନ



ସାକାର ପାଇଁ ପ୍ରୟାସ ଜାରି ରଖିଥିବା ବେଳେ ଖପ୍ରାଖୋଲ ବ୍ଲକ୍ ରେ ଆନି କେଆର ଫାଉଣ୍ଡେସନ ତରଫରୁ ଗର୍ଭବତୀ ମା', ପ୍ରସୂତି ମା', ସାମ, ମାମ ଓ ଏସ ୟୁ ଏମ ଶିଶୁ ୫୮୫୦ ଜଣକୁ ପୋଷଣ କିଟ୍ ବଣ୍ଟନ ପାଇଁ ଶୁଭାରମ୍ଭ କରାଯାଇଥିଲା। ସେହିପରି ୨୦ ଟି ଭୂମିହୀନ ପରିବାର ଓ ବିଦ୍ୟାଳୟକୁ ଉପମୁଖ୍ୟମନ୍ତ୍ରୀ ପଟ୍ଟା ବଣ୍ଟନ କରିଥିଲେ। ଏହି ଅବସରରେ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ, ଅଙ୍ଗନବାଡ଼ି କର୍ମୀ, ମା', ଶିଶୁ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଡ. ଅଭୟ ତ୍ରିପାଠୀ ପରିଚାଳନା କରିଥିଲେ।

# ହତ୍ୟାକାରୀଙ୍କ ଗିରଫ ଦାବିରେ ଏସ୍‌ଡିପିଓ ଅଫିସ ଘେରାଉ

କୋରାପୁଟ (ଭାସ୍କର ନ୍ୟୁଜ): ଅତିଗାଁ ହତ୍ୟା ମାମଲାରେ ହତ୍ୟାକାରୀଙ୍କ ଗିରଫ ଓ କ୍ଷତିପୂରଣ ଦାବି କରି ବୋରିଗୁମ୍ମା ଥାନା କାମରା ଗ୍ରାମର ହତ୍ୟା ଶିକାର ହୋଇଥିବା ପରିବାର ଓ ଗ୍ରାମବାସୀ ଜୟପୁର ଏସଡିପିଓଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି। କୋରାପୁଟ ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଜୟପୁର ଏସଡିପିଓ ପାର୍ଥ କଶ୍ୟପଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଜୁଲାଇ ୧୮ରେ ଭରତ ହରିଜନ ତାଙ୍କ ସାଙ୍ଗ ଘରକୁ ଯିବି କହି ଘରୁ ବାହାରି ଥିଲେ। ୧୯ ତାରିଖରେ କୁନ୍ଦୁରା ପୋଲିସ ଭରତଙ୍କ ମୃତ୍ୟୁ ହୋଇଥିବା ସୂଚନା ଦେଇଥିଲେ। ପରିବାର ଲୋକେ ଥାନାକୁ ଆସି ମୃତଦେହ ଚିହ୍ନଟ କରିବା ପରେ ପୋଲିସ ମୃତଦେହ ହସ୍ତାନ୍ତର କରିଥିଲେ। ପରିବାର ଲୋକେ ମୃତଦେହ ସତ୍କାର କରିଥିଲେ। ସ୍ୱାମୀଙ୍କୁ କୁନ୍ଦୁରା ଥାନା ଅନ୍ତର୍ଗତ ଆଟଗାଁ ଗ୍ରାମବାସୀ ସଂଗଠିତ ଭାବେ ଠେଙ୍ଗାରେ ପିଟିପିଟି ହତ୍ୟା କରିଥିବା ଭରତଙ୍କ ସ୍ତ୍ରୀ ପଦ୍ମା ହରିଜନ କହିଛନ୍ତି। ଘଟଣାର ଭିଡିଓ ରେକର୍ଡ ମୋବାଇଲରୁ ମୋବାଇଲ ଘୁରି ବୁଲୁଛି ବୋଲି କହିଥିଲେ। ପୋଲିସ ଭରତଙ୍କ ହତ୍ୟାରେ ଜଡିତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ତାଙ୍କ ସ୍ତ୍ରୀ ପଦ୍ମା ଓ ପରିବାର ଲୋକେ ଏସଡିପିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୂଚନା ଅନୁଯାୟୀ ୧୮ ତାରିଖ ଶୁକ୍ରବାର କୁନ୍ଦୁରା ବ୍ଲକ ଅଟଗାଁର ବ୍ୟବସାୟୀ ସନ୍ତୋଷ ଗୁପ୍ତାଙ୍କ ଘରକୁ ରାତି ୨ଟାରେ ଭରତଙ୍କ ସମେତ ୪ଜଣ ଚୋରି କରିବା ଉଦ୍ଦେଶ୍ୟରେ ଯାଇଥିଲେ। ୧ଲକ୍ଷ ଟଙ୍କା, ସୁନାଚେନ ଲୁଟ କରିବା ପରେ ହାତାହାତି ପରିସ୍ଥିତି ଉପୁଜିଥିବା ବେଳେ ଗ୍ରାମବାସୀ ପହଞ୍ଚିଥିଲେ। ୪ଜଣ ଚମ୍ପଟ ମାରିଥିଲେ। ଭରତଙ୍କୁ ଗ୍ରାମବାସୀ ମାଡ ମାରିବା ପରେ ପୋଲିସ କିମା ଦେଇଥିଲେ। ଅଭିଯୁକ୍ତଙ୍କୁ କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିବା ପରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ସୂଚନା ପାଇବା ପରେ ଜୟପୁର ଏସଡିପିଓ ପାର୍ଥ କଶ୍ୟପ, ସାଇଣ୍ଟିଫିକ ଟିମ୍, କୁନ୍ଦୁରା ପୋଲିସ ତଦନ୍ତ କରି ଫେରିଥିଲେ। ଏସ୍‌ଡିପିଓ କଶ୍ୟପ ଦାବିପତ୍ର ଗ୍ରହଣ କରିଥିଲେ। ଘଟଣାକୁ ନେଇ ଗୋଟିଏ ହତ୍ୟା ମାମଲା ଓ ଚୋରି ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଓ ସାଇଣ୍ଟିଫିକ ଟିମ୍ ରିପୋର୍ଟ ଆସିବା ପରେ ପଦକ୍ଷେପ ନିଆଯିବ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ନଙ୍ଗଳବୋର୍ଡରେ ଡାଇରିଆ ଆତଙ୍କ; ୧୬ ଆକ୍ରାନ୍ତ, ୬ ଗୁରୁତର



ନୂଆପଡା (ଭାସ୍କର ନ୍ୟୁଜ): ନୂଆପଡା ଜିଲ୍ଲା ସିନାପାଲି ବ୍ଲକର ପାର୍ବତ୍ୟ ଅଞ୍ଚଳ ନଙ୍ଗଲବୋର୍ଡ ରେ ଡାଇରିଆ ଆତଙ୍କ ଦେଖାଯାଇଛି। ଡାଇରିଆ ଯୋଗୁଁ ଗ୍ରାମର ୧୬ଜଣ ଆକ୍ରାନ୍ତ ହୋଇଥିବା ବେଳେ ୬ଜଣ ଗୁରୁତର ହୋଇଛନ୍ତି। ଗୁରୁତର ଆକ୍ରାନ୍ତ ଦୁଇ ଜଣଙ୍କୁ ନୂଆପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସମସ୍ତେ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି କ୍ଷ ନଙ୍ଗଲବୋର୍ଡ ରେ ତିନି ଦିନ ଧରି ଝାଡ଼ାବାନ୍ତି ବ୍ୟାପିଛି। ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଆମ୍ବୁଲାନ୍ସ ଦ୍ୱାରା ଆକ୍ରାନ୍ତଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଅଛି। ସ୍କୁଲ ଛାତ୍ରଛାତ୍ରୀ ମାନେ ମଧ୍ୟ ଆକ୍ରାନ୍ତ ହୋଇଥିବାବେଳେ ନଙ୍ଗଲବୋର୍ଡ ଗାଁର ତିନିଟି ସାହି ରେ ଝାଡ଼ା ବାନ୍ତି ବ୍ୟାପିଥିବା ଜଣାପଡିଛି। ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଗ୍ରାମକୁ ଯାଇ ସଚେତନ କରିବା ସହ ମାଗଣାରେ ଔଷଧ ବଣ୍ଟନ କରିଛନ୍ତି। ଏହି ସମ୍ପର୍କରେ ଡାକ୍ତର ପ୍ରତୀପ ପଣ୍ଡା ସିନାପାଲି ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରକାଶ କରିଛନ୍ତି।

# ଓଷ୍ଟା କର୍ମକର୍ତ୍ତା ଓ ନୂତନ ଅନୁଦାନପ୍ରାପ୍ତ ପ୍ରଧାନ ଶିକ୍ଷକମାନଙ୍କୁ ନେଇ ପ୍ରସ୍ତୁତି ବୈଠକ



ମୁରିବାହାଲ (ଭାସ୍କର ନ୍ୟୁଜ ): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ମଧୁସୂଦନ ହୃଷିକେଶ ମେହେର ଉଚ୍ଚ ବିଦ୍ୟାଳୟ କୁର୍ଲୁବାହାଲ ଠାରେ ମୁରିବାହାଲ ବ୍ଲକ ଓଷ୍ଟା ସଭାପତି ବିନୋଦ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ବ୍ଲକ ଓଷ୍ଟା କର୍ମକର୍ତ୍ତା ଓ ନୂତନ ଅନୁଦାନ ପ୍ରାପ୍ତ ପ୍ରଧାନ ଶିକ୍ଷକ ମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବଲାଙ୍ଗିର ଜିଲ୍ଲା ଓଷ୍ଟା ସଭାପତି ପ୍ରଦୀପ କୁମାର ପୁଟେଲ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଦାବି ସମୂହ ବିଷୟରେ ବିଶଦ ଆଲୋଚନା କରିଥିଲେ ଏବଂ ଆସନ୍ତା ଅଗଷ୍ଟ ୨ ତାରିଖ ଦିନ ଜିଲ୍ଲା ଶିକ୍ଷା ଅଧିକାରୀ ଓ ୮ ତାରିଖ ଦିନ ବଲାଙ୍ଗିର ଜିଲ୍ଲାପାଳଙ୍କୁ ଦାବି ପତ୍ର ଦେବା ନେଇ ପ୍ରସ୍ତୁତି ବୈଠକ ରେ ଆଲୋଚନା ହୋଇଥିଲା। ଆଲୋଚନାରେ ନିଷ୍କର୍ଷ ଦାବୀ ସମୂହ ହେଲା ଓଡିଶା ର ୧୯୪ ଯୋଗ୍ୟ ବିବେଚିତ ବିଦ୍ୟାଳୟକୁ ଯଥା ଶୀଘ୍ର ଅନୁଦାନ ପ୍ରଦାନ, ସମସ୍ତ ନୂତନ ଅନୁଦାନ ପ୍ରଦାନ ବିଦ୍ୟାଳୟ କୁ ଚାକିରି ସର୍ତ୍ତାବଳୀ ଓ ପେନସନ୍ ପ୍ରଦାନ ନେଇ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ ଓ କର୍ମକର୍ତ୍ତା ଏକତ୍ରିତ ହୋଇ ଦାବି ସମୂହ ପ୍ରଦାନ କରିବା ପାଇଁ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ବୈଠକରେ କୁର୍ଲୁବାହାଲ ବିଦ୍ୟାଳୟର ଶିକ୍ଷକ ଯଶୋବନ୍ତ ସାହୁ, ନରେନ୍ଦ୍ର ମେହେର, ରଘୁନାଥ ଗିରି, କ୍ଷମାନିଧି ପୁଟେଲ, ଚକ୍ରଧର ସାହୁ, ଡୋଲାମଣି ଚିନ୍ଦା, ବାସୁଦେବ ମେହେର ପ୍ରମୁଖ ସହଯୋଗ କରିଥିବା ବେଳେ ମୁରିବାହାଲ ବ୍ଲକ ଓଷ୍ଟା ସଂପାଦକ ଅଭିମନ୍ୟୁ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଆସନ୍ତା ଅଗଷ୍ଟ ମାସରେ ଦାବି ପ୍ରଦାନ ସମୟରେ ସମସ୍ତେ ଉପସ୍ଥିତ ରହି ସହଯୋଗ କରିବା ନେଇ ଜିଲ୍ଲା ଓଷ୍ଟା ସଭାପତି ଶ୍ରୀ ପୁଟେଲ ଅନୁରୋଧ କରିଥିଲେ।

# ଭାଲୁ ଆକ୍ରମଣରେ ଯୁବକ ଆହତ

ମାଥିଲି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍ ଅନ୍ତର୍ଗତ ବୁରୁଡ଼ିଗୁଡା ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ବୁରୁଡିଗୁଡା ଗ୍ରାମର ଚୈତନ୍ୟ ନାୟକ ନାମକ ଏକ ଯୁବକ ମଧ୍ୟ ରାତିରେ ଶୌଚ ହେବାକୁ ବାହାରକୁ ଯାଇଥିଲେ। ଶୌଚ ସାରି ଉଠିଲା ବେଳକୁ ହଠାତ୍ ଗୋଟିଏ ଭାଲୁ ଚୈତନ୍ୟଙ୍କ ଉପରକୁ ଆକ୍ରମଣ କରିଥିଲା। ଉଭୟଙ୍କ ମଧ୍ୟରେ ବହୁ ସଂଘର୍ଷ ହୋଇଥିଲା।ଯୁବକ ଜଣକ ଚିତ୍କାର କରିଥିଲେ ଯାହା ଫଳରେ ଭାଲୁଟି ଚିତ୍କାର ଶୁଣି ପାଖ ଜଙ୍ଗଲକୁ ଦୌଡ଼ି ପଳାଇଥିଲା। ପରିବାର ଲୋକ ଉଦ୍ଧାର କରି ତୁରନ୍ତ ମାଥିଲି ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ ଡାକ୍ତର ଦେଖିସାରିବା ପରେ ଦୁଇଟି ଆଖିରେ ଅଧିକ କ୍ଷତ ହୋଇଥିବା ଜଣାପଡ଼ିଛି। ତାଙ୍କ ସ୍ୱାସ୍ଥ୍ୟ ଅଧିକ ସଙ୍କଟାପନ୍ନ ହେବାରୁ ଉନ୍ନତ ମାନର ଚିକିତ୍ସା ପାଇଁ କୋରାପୁଟ ମେଡ଼ିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି।

# ବିଭିନ୍ନ ସ୍ଥାନରେ ବିଜେପି ଯୁବମୋର୍ଚ୍ଚାର ବିକ୍ଷୋଭ



ଉମରକୋଟ (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ଉମରକୋଟ ଠାରେ ବିଜେପି ଯୁବ ମୋର୍ଚା ତରଫରୁ କଂଗ୍ରେସ ବିରୋଧ ବିକ୍ଷୋଭ ପଦଯାତ୍ରା କରାଯାଇଛି। ଏହି ବିକ୍ଷୋଭ ପ୍ରଦର୍ଶନ ଏଥିପାଇଁ କରାଯାଇଥିଲା ଯେ ରାଜ୍ୟରେ ସମସ୍ତ ଗଣମାଧ୍ୟମ ରେ ପ୍ରସାର ଚାଲିଛିଜେ କଂଗ୍ରେସ ର ରାଜ୍ୟ ଛାତ୍ର ନେତା ଉଦିତ ପ୍ରଧାନ ଙ୍କ ବିରୋଧ ରେ ଦୁଷ୍କର୍ମ ଓ ଯୌନ କେଲେଙ୍କାରି ଦୃଶ୍ୟ ସାମ୍ନାକୁ ଆସିଛି। ଗତ ୧୭ ତାରିଖ ଗୁରୁବାର ଦିନ ଫକିର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟ ଶ୍ରୀ ଆତ୍ମଦାହ କରିଥିବା ଘଟଣାକ୍ରମକୁ ନେଇ ଉଭୟ କଂଗ୍ରେସ ଓ ବିଜେଡି ନିଜ ନିଜ ର ରାଜନୈତିକ ରୁଟିସେକା ଆରମ୍ଭ କରିଥିଲେ ଏବଂ ବନ୍ଦ ଡାକରା ରେ ସାଧାରଣ ଜନତା ହଇରାଣ ହୋଇଥିଲେ।ପ୍ରକୃତରେ ସୌମ୍ୟ ଶ୍ରୀ ଜଣେ ବହୁମୁଖୀ ପ୍ରତିଭା ଛାତ୍ରୀ ଥିଲେ ସେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ର ଜଣେ ସଦସ୍ୟ ମଧ୍ୟ ଥିଲେ କଲେଜ ପ୍ରଶାସନିକ ବିଭାଗକୁ ଏହା ସୁହାଇଲାନାହିଁ କାରଣ ବିଶ୍ୱ ବିଦ୍ୟାଳୟ ଟି ସଂମ୍ପୂର୍ଣ କଂଗ୍ରେସ ଓ ବିଜେଡି ର ଦବ୍ ଦବା ରେ ଅଛି।ସେଠାକାର ପ୍ରିନ୍ସିପାଲ ଓ ହେଚଓଡି ଏ ଦୁଇ ଦଳର ଏଜେଣ୍ଟ ରୂପେ କାମକରନ୍ତି ବିଭିନ୍ନ ପ୍ରକାର ର ମାନସିକ ଚାପ ପକାଇ ଛାତ୍ରୀ ଜଣଙ୍କୁ ଆତ୍ମହତ୍ୟା କରିବା କୁ ବାଧ୍ୟ କରାଇଥିଲେ। ଆଜି ସେହି କଂଗ୍ରେସ ର ଛାତ୍ର ନେତା ଚନ୍ଦକା ଅଞ୍ଚଳର ଜଣେ ଛାତ୍ରୀ କୁ ନିଜର ସାଙ୍ଗ ମାନଙ୍କ ସହ ମିଶି ମଦ୍ୟପାନ କରିବା ପାଇଁ ପ୍ରବର୍ତାଇଥିଲେ ଛାତ୍ରୀ ଜଣକ ମନକରିବାରୁ ମୃଦୁପାନିୟ ରେ ନିଶା ଦେଇ ଦୁଷ୍କର୍ମ କରିବା ଘଟଣା ସାମ୍ନାକୁ ଆସିଛି।ନିଜେ ଚର ଅନ୍ୟକୁ ଦଣ୍ଡ ଦେଲା ଭଳି ବର୍ତ୍ତମାନ ର ସରକାର କୁ ଦଶୋ ଆରୋପ କରୁଛି ବିରୋଧୀ ବିଜେଡି ଓ କଂଗ୍ରେସ ପୂର୍ବରୁ ଏ ଦୁଇ ଦଳଙ୍କ ସରକାରରେ ନାରୀକେଲେଙ୍କାରି ର ଇତିହାସ କମ ନାହିଁ ରାଜ୍ୟ ରେ ଏହା ରାଜ୍ୟ ବାସୀ ଆଜି ପର୍ଯ୍ୟନ୍ତ ଭୁଲି ପାରିନାହାନ୍ତି। ଏହାର ପ୍ରତିବାଦରେ ଆଜି ଉମରକୋଟ ବିଜେପି ଯୁବ ମୋର୍ଚା ତରଫରୁ ଏକ ରେଲି କରି ନୂଆ ବସ୍ ଷ୍ଟାଣ୍ଡ ଠାରେ ରାହୁଲ ଗାନ୍ଧି, ଭକ୍ତ ଦାସ ନିଜ ପଦରୁ ଇସ୍ତଫା ଦିଅନ୍ତୁ କହି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।ଏହି କାର୍ଯ୍ୟକ୍ରମ ଯୁବ ମୋର୍ଚା ସଭାପତି ସୁଦେବ ନନ୍ଦି ଙ୍କ ନେତୃତ୍ୱରେ କରାଯାଇଥିଲା ଏଥିରେ ବହୁ ବିଜେପି ନେତା ଓ କର୍ମୀ ଯୋଗଦେଇଥିଲେ।



କୋରାପୁଟ(ଭାସ୍କର ନ୍ୟୁଜ): କୋରାପୁଟ ଭାଜପା ଯୁବ ମୋର୍ଚା ପକ୍ଷରୁ କଂଗ୍ରେସ ସଭାପତିଙ୍କ ଇସ୍ତଫା ଦାବିକରି ବିରୋଧ ପ୍ରଦର୍ଶନ କରାଯାଇଛି। ଛାତ୍ର କଂଗ୍ରେସ ସଭାପତି ଉଦିତ୍ ପ୍ରଧାନ ବଳାତ୍କାର ଅଭିଯୋଗରେ ଗିରଫ ହେବା ପରେ ଭାଜପା କଂଗ୍ରେସ ରାଜ୍ୟ ସଭାପତି ଭକ୍ତ ଚରଣ ଦାସଙ୍କ ଇସ୍ତଫା ଦାବି କରିଛି। ଭାଜପା ପକ୍ଷରୁ ଶୋଭାଯାତ୍ରା କରାଯାଇ ରାହୁଲ ଗାନ୍ଧୀ ଓ ସଭାପତି ଦାସଙ୍କ ଫଟୋଚିତ୍ରକୁ ଧରି ମାଡିଯାଇଥିଲେ କର୍ମୀ। କୋରାପୁଟ ଆରଟିଓ ଅଫିସର ଠାରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା ପରେ ପୋଷ୍ଟ ଅଫିସ ନିକଟରେ ଶେଷ ହୋଇଥିଲା। ଶୋଭାଯାତ୍ରାରେ କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ ବିଧାୟକ ରୁପୁ ଭତ୍ରା, ଯୁବ ମୋର୍ଚ୍ଚା ସଭାପତି ବିଶ୍ୱ ତ୍ରିପାଠୀ, ରାଜ୍ୟ ଯୁବ ମୋର୍ଚ୍ଚା ଉପସଭାପତି ନୀଳାଦ୍ରୀ ପାତ୍ର ଓ ଏମ୍‌ପି ପ୍ରାର୍ଥୀ କାଳିରାମ ମାଝି ପ୍ରମୁଖ ଉପସ୍ଥିତ ଥିଲେ।



ସମ୍ବଲପୁର(ଭାସ୍କର ନ୍ୟୁଜ୍): ଛାତ୍ର କଂଗ୍ରେସ ରାଜ୍ୟ ସଭାପତି ଉର୍ଦ୍ଦିତ୍ ପ୍ରଧାନ ଙ୍କ ଘୃଣ୍ୟ କାର୍ଯ୍ୟକଳାପ ବିରୁଦ୍ଧରେ ସ୍ଥାନୀୟ ଗୋଲବଜାର ଛକ ଠାରେ ରାହୁଲ୍ ଗାନ୍ଧୀ ଙ୍କ କୁଶ ପୁଳିକା ଦାହ। ଯୁବ ମୋର୍ଚ୍ଚା ର କୋଷାଧକ୍ଷ କାହ୍ନୁରାମ ଶର୍ମା ଙ୍କ ନେତୃତ୍ୱରେ। ଅନୀଲ ବେହେରା, ସମୀର ରଞ୍ଜନ ବାବୁ, ମାନସ ରଞ୍ଜନ ବକ୍ସି, ରିକି ବେହେରା, କବିନ୍ଦ୍ର ମହାପାତ୍ର, ତାପସ ପଣ୍ଡା, ରାହୁଲ୍ ମୋଦକ୍, କ୍ରୀଷ୍ଣା ମହାକୁଡ, ସୌମିତ୍ର ଜତି , ସନ୍ତୋଷ ଡାଲୁଆ, ହରିହର ପଣ୍ଡା, ଅଜୟ ବେହେରା, ଅଜୟ ବଡ ଗେଇୟାନ, ତରୁଣ ଗାନ୍ଧୀ, ଶ୍ରୀଦେଶ ଝକ୍ରିଆ, ସୁଶାନ୍ତ ପ୍ରଧାନ, ରୁନୁ ପ୍ରଧାନ, ଅଞ୍ଜଳୀ ଦୀପ ସମେତ ଶତାଧିକ କର୍ମୀ ସାମିଲ ଥିଲେ।

# ଏକତରଫା ପ୍ରେମକୁ ନେଇ ଜୀବନ ଓ ମୃତ୍ୟୁର ଦୋଛକିରେ ଯୁବତୀ



ରାଇଘର(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଏହି ଅଞ୍ଚଳରେ ଜୀବନ ଓ ମୃତ୍ୟୁର ଦୋଛକିରେ ଜଣେ ଯୁବତୀ। ଯୁବତୀଙ୍କ ମୃତ୍ୟୁକୁ ସତେ ଯେମିତି ଅପେକ୍ଷା କରି ବସିଛନ୍ତି ପରିବାର ଲୋକ। ଯୁବତୀ ଜଣକ ପୋଲିସ ଆଗରେ ଦେଉଛନ୍ତି ଜମାନବନ୍ଦୀ,କାହିଁକି ସେ ଆତ୍ମହତ୍ୟା ଉଦ୍ୟମ କଲେ। ଟିକିନିଖି ବଖାଣିଛି ଝିଅ ଟି,ମାନସିକ ଓ ଶାରୀରିକ ନିର୍ଯାତନା ସହି ନପାରି ବିଷଖାଇ ଆତ୍ମହତ୍ୟା ଉଦ୍ୟମ କରିଛି। ବର୍ତ୍ତମାନ ସେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି, ପରିବାର ଲୋକ ନିଜ ଝିଅ କୁ ବଞ୍ଚାଇବାକୁ ଚେଷ୍ଟା କରି ବିଭିନ୍ନ ଚିକିତ୍ସାଳୟରେ ଚିକିତ୍ସା କରିବାକୁ ନେଇ ନିରାଶ ହୋଇ ଫେରିଛନ୍ତି ଯାହା ଏବେ ନବରଙ୍ଗପୁର ଜିଲ୍ଲାରେ ଚର୍ଚ୍ଚା ର ବିଷୟ ପାଲଟିଛି। ଏକ ତୋରଫା ପ୍ରେମ ର କରୁଣ ପରିଣତି ବୋଲି ସ୍ଥାନୀୟ ଅଂଚଳ ରେ ଆଲୋଚନା ହେଉଛି। ଘଟଣା ଘଟିଛି ନବରଙ୍ଗପୁର ଜିଲ୍ଲା ରାଇଘର ଥାନା ଅଂଚଳରେ। ରାଇଘର ଅଞ୍ଚଳ ର ଝିଅ ଜୟପୁର ଠାରେ ଏକ କଲେଜ ରେ ବିଏସସି ନର୍ସିଙ୍ଗ ଦ୍ୱିତୀୟ ବର୍ଷ ର ଛାତ୍ରୀ ଥିଲେଭଲ ହଷ୍ଟେଲ ରହି ପାଠ ପଢୁଥିଲେ, ଝିଅର ପୋଡ଼ଶୀ ଗ୍ରାମର ପୁଅ (ସତ୍ୟଜିତ ସରକାର)କୃଷି ବିଜ୍ଞାନ ଛାତ୍ର ପୀଡିତା ଛାତ୍ରୀ କୁ ଏକ ତୋରଫା ପ୍ରେମ କରୁଥିଲେ ପୀଡିତା ଙ୍କୁ ଏଥି ପାଇଁ ବାରମ୍ବାର ହଇରାଣ କରୁଥିଲେ।ଗତ ଜୁଲାଇ ୧୩ ତାରିଖ ଦିନ ଜୟପୁର ସହର ରେ ଛାତ୍ରୀ ଜଣକ ବଜାରକୁ ସଉଦା କିଣିବାକୁ ଯାଇଥିବା ବେଳେ ଏକ ତୋରଫା ପ୍ରେମ କରୁଥିବା ସତ୍ୟଜିତ ବିଚ ବଜାର ରେ ଛାତ୍ରୀଙ୍କୁ ମାରପିଟ କରିଥିଲେ ସତ୍ୟଜିତ ଛାତ୍ରୀଙ୍କୁ ଏତେ ମାଡ଼ ମାରିଥିଲେ ଆଖି ଓ ମୁହଁ ଫୁଲି ଯାଇଥିଲା ଯାହା ଜୟପୁର ଟାଉନ ଥାନା ପର୍ଯ୍ୟନ୍ତ କଥା ଗଲା କିନ୍ତୁ ପୋଲିସ ଉଭୟ ଙ୍କୁ ବୁଝାସୁଝା କରି ଛାଡିଦେଇ ଥିଲେ। ୧୫ ଜୁଲାଇ ରେ ଜୟପୁର ଟାଉନ ଥାନାରେ ପୀଡିତା ନିଜ ତରଫରୁ ଏକ ଏଫଆଇଆର ଦେଇଥିଲେ ଓ ନିଜ ଅଭିଭାବକ ଙ୍କ ସହ ଘରକୁ ଫେରି ଆସିଥିଲେ, ଜୟପୁର ପୋଲିସ କିନ୍ତୁ ଘଟଣା କୁ ଅତି ହାଲକା ରେ ନେଇଥିଲେ ସତ୍ୟଜିତ ଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିଲେ। ଅନ୍ୟ ପଟେ ସତ୍ୟଜିତ ପୀଡିତା ଓ ତାଙ୍କ ପୁରୁଷ ବନ୍ଧୁ ଙ୍କ କିଛି ଫୋଟ ଓ ଭିଡିଓ ସୋସିଆଲ ମିଡ଼ିଆ ରେ ଭାଇରଲ କରିଥିଲେ। ଏଥିରେ ପୀଡିତା ଲୋକାଲଜ୍ୟା ସହି ନ ପାରି ୧୭ ଜୁଲାଇ ରେ ଘରେ ଥିବା ଘାସମରା ବିଷ ଖାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ, ଘର ଲୋକ ଘାସମରା ବିଷ ଖାଇବା ଜାଣି ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ର, କୋଣ୍ଡାଗାଁ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ର ଓ ଅବସ୍ଥା ଗୁରୁତର ହେବାରୁ ରାୟପୁର ନେଇଥିଲେ କିନ୍ତୁ ସ୍ୱାସ୍ଥ୍ୟାବସ୍ଥା ରେ କୌଣସି ଉନ୍ନତି ନ ହେବା ଯୋଗୁଁ ୨୧ ଜୁଲାଇ ରେ ଚିକିତ୍ସାଳୟ ପକ୍ଷରୁ ଘର କୁ ନେଇଯିବା ପାଇଁ ପରାମର୍ଶ ଦେଇଥିଲେ, ପୀଡିତା ଙ୍କ ପରିବାର ଘରକୁ ନେଇ ଆସିଥିଲେ ବର୍ତ୍ତମାନ ପୀଡିତା ଜଣକ ଘରେ ମରଣ ସହ ଜୁଝୁଛନ୍ତି। ଆଜି ରାଇଘର ଥାନାରେ ପୀଡିତା ଙ୍କ ଦାଦା ଏକ ଲିଖିତ ଅଭିଯୋଗ କରିବା ପରେ ରାଇଘର ପୋଲିସ ପୀଡିତା ଙ୍କ ଷ୍ଟେଟମେଣ୍ଟ (ଜମାନବନ୍ଦୀ )ନେଇଛନ୍ତି। ବର୍ତମାନ ପର୍ଯ୍ୟନ୍ତ ଅଭିଯୁକ୍ତ ସତ୍ୟଜିତ ଙ୍କୁ ପୋଲିସ ଗିରଫ କରିନାହିଁ। ପୀଡିତା ଙ୍କ ପରିବାର ଅଭିଯୋଗ କରିଛନ୍ତି ଜୟପୁର ଠାରେ ସତ୍ୟଜିତ ପୀଡିତାଙ୍କୁ ବିଚ ବଜାର ରେ ଶାରୀରିକ ଓ ମାନସିକ ନିର୍ଯାତନା ଦେଲାପରେ ପୋଲିସ ସତ୍ୟଜିତଙ୍କ ବିରୋଧରେ କିଛି କାର୍ଯ୍ୟାନୁଷ୍ଠାନ ନ ନେବା ଯୋଗୁଁ ସତ୍ୟଜିତ ଗାଁ କୁ ଆସି ବାହାଦୁରି ମାରି ସୋସିଆଲ ମିଡ଼ିଆ ରେ ପୀଡିତା ଙ୍କ ଚରିତ୍ର ସଂହାର ପାଇଁ ଉଦ୍ୟମ କରିଥିଲା ଯାହା ଫଳରେ ପୀଡିତା ତାଙ୍କ ପ୍ରତି ହୋଇଥିବା ଅନ୍ୟାୟ ଓ ଅତ୍ୟାଚାର ର ନ୍ୟାୟ ନ ପାଇବା ଆଶଙ୍କା ରେ ଆତ୍ମହତ୍ୟା ଭଳି ଚରମ ନିଷ୍ପତି ନେଇଥିଲେ। ଜୟପୁର ପୋଲିସ ଯଦି ସତ୍ୟଜିତ ଙ୍କୁ ଅଟକ ରଖିଥାନ୍ତେ କିମ୍ବା ଗିରଫ କରିଥଲେ ଏହି ଘଟଣା ଆଜି ଆମ ଝିଅ ଅବସ୍ଥା ଏମିତି ହୋଇ ନଥାନ୍ତା ବୋଲି ପ୍ରକାଶ କରିଛନ୍ତି। ପରିବାର ଲୋକେ।

# ବେଧଡ଼କ ଚାଲିଛି ସଟ୍ଟାଖେଳ : ପୋଲିସ ହାତ ଖାଲି

ଖଡ଼ିଆଳ(ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲା ଖଡ଼ିଆଳ ସହରରୁ ଗ୍ରାମାଞ୍ଚଳ ଯାଏଁ ଲମ୍ବିଛି ସଟ୍ଟା ଖେଳ। ସକାଳ ୧୦ ଟାରୁ ସନ୍ଧ୍ୟା ୧୦. ୩୦ ପର୍ଯ୍ୟନ୍ତ ବେଧଡ଼କ ଚାଲିଛି ଏହି ଖେଳ। ଏହି ଖେଳ ଦଶ ବର୍ଷର ଛୁଆ ପିଲା ଠାରୁ ଯୁବକ, ଯୁବତୀ ସହ ଷାଠିଏ ବର୍ଷର ଲୋକ ମଧ୍ୟ ଖେଳୁ ଥିବା ଦେଖିବାକୁ ମିଳୁଛି। କେତେ ଯେ ଲୋକେ ସଟ୍ଟା ଖେଳ ରେ ହାରି କିଏ ଆତ୍ମହତ୍ୟା କରୁଛି ତ କିଏ ପିଲାଛୁଆ ଛାଡି ବିଦେଶ ପଳାୟନ କରୁଛି। ଟଙ୍କା ଲୋଭରେ ପାଠ ପଢୁଆ ପିଲାମାନେ ମଧ ଖେଳୁ ଥିବା ଲୋକ ଲୋଚନ ରେ ଦୋକାନ ବଜାର ରେ ଚର୍ଚ୍ଚା ହେଉଛି। ଭାରି କଷ୍ଟରେ ବାପା ମାଆ ରୋଜଗାର କରି ପିଲାଛୁଆଙ୍କୁ ବେସରକାରୀ ସ୍କୁଲ ରେ ପାଠ ପଢାଉଛନ୍ତି। ବହୁ କଷ୍ଟରେ ପିଲାର ମାସିକିଆ ଫିଜ ବାବଦକୁ ଏକ ଏକ ଟଙ୍କା ସାଇତି ରଖି ଥାନ୍ତି। ହେଲେ ମାସକୁ ଯେତେ ଟଙ୍କା ଦେବା କଥା ତାହା ଯୋଗାଡ ହେଇ ନ ପାରିବାରୁ ଆଶାରେ ଯୋଗାଡ଼ କରିଥିବା ଟଙ୍କା କୁ ସଟ୍ଟା ରେ ଖେଳି ଦିଅନ୍ତି.। ଯଦି ଆସିଯିବ ତାହାଲେ ପିଲାର ଫିଜ ଦେଇ ଦେବି। କିନ୍ତୁ ଦଶଟି ନୁମ୍ବର ରୁ ଗୋଟିଏ ନମ୍ବର ଆସିବ। ନିରାଶ ହୋଇ ଘରକୁ ଯାଇ ସଟ୍ଟା ଖେଳ ର ହାରିଥିବା ରାଗ ପରିବାରର ଲୋକଙ୍କ ଉପରେ ରାଗ କୁ ସୁଝିବା ଏପରି ଦୟନୀୟ ଘଟଣା ଏହି ସଟ୍ଟା ଖେଳ ରେ ଦେଖିବାକୁ ମିଳୁଛି। ଖଡ଼ିଆଳ ସହରରେ ଭିନ୍ନ ଭିନ୍ନ ସଟ୍ଟା ଖେଳ ଚାଲିଛି। ଏହି ଖେଳର ମେନ ଗଦି ଦାର ଥାନ୍ତି। କାଗଜ ଚିଟ ଲେଖା ଯାଏ। ସଟ୍ଟାରେ ଯିଏ ଟଙ୍କା ନେଇ ସଟ୍ଟା ଖେଳ କାଗଜରେ ଲେଖି ଚିଟ ଦିଅନ୍ତି ସେ ହେଲେ ଏଜେଣ୍ଟ। ଯିଏ ପଟି ଅର୍ଥାତ ସମସ୍ତ ଲେଖା ର ଟଙ୍କା ଓ ଲେଖା କାଗଜର ଜେରକ୍ସ ମୋବାଇଲ ମାଧ୍ୟମରେ ସଟ୍ଟା କାଗଜ ଓ ଫୋନ ପେ ରେ ଟଙ୍କା ନିଅନ୍ତି ସେ ହେଉଛନ୍ତି ଗଦିଦାର। ମେନ ସଟ୍ଟା ଖେଳ ଖଡ଼ିଆଳ ଠାରୁ ଟିଟିଲାଗଡ଼ ପର୍ଯ୍ୟନ୍ତ ଲମ୍ବିଛି। ଅଧିକ ମୋଟା ଅଙ୍କର ଅର୍ଥ ର ଓପନ, ଯୋଡି, କ୍ଲୋଜ ଖେଳ ହେଲେ ଟିଟିଲାଗଡ଼ କୁ ଏଠିକାର ଗଦି ଦାର କଟିଙ୍ଗ ଦେଇଥାନ୍ତି।ଖେଳ ଭିନ୍ନ ଭିନ୍ନ ଆକାରରେ ହୋଇଥାଏ। କଲ୍ୟାଣ ଡେ, ରାଜଧାନୀ ନାଇଟ୍, ଶ୍ରୀଦେବୀ ଡେ, ଶ୍ରୀଦେବୀ ନାଇଟ୍, ଭଳି ଖେଳ ଚାଲିଛି। ଓପନ, ଯୋଡି, ପତିନମ୍ବର ଓ କ୍ଲୋଜ ଖେଳ ହୋଇଥାଏ। ଯଦି ଏକ ଟଙ୍କା ଓପନ ଖେଳ ରେଲାଗି ଯାଏ ତେବେ ୧୦ ଟଙ୍କା ଏଜେଣ୍ଟ କୁ ମିଳେ। ସେହି ଦଶ ଟଙ୍କା ରୁ ଏକ ଟଙ୍କା କାଟି ନଅ ଟଙ୍କା ଖେଳିଥିବା ଲୋକଙ୍କୁ ଦିଅନ୍ତି ଓ ଏଜେଣ୍ଟ ଏକ ଟଙ୍କା ସେ ନିଜେ ରଖନ୍ତି। ଏପରି ଭାବେ ଖେଳ ହୁଏ। ଏକ ଟଙ୍କା ଯୋଡ଼ିରେ ନଅ ଟଙ୍କା, ଏକ ଟଙ୍କା ପତି ନମ୍ବର ରେ ଏକ ଶହ ଟଙ୍କା,ଏକ ଟଙ୍କା କ୍ଲୋଜ ରେ ନଅ ଟଙ୍କା ଭାବେ ଖେଳାଳି କୁ ମିଳିଥାଏ। ଏପରି ଭାବେ ଖେଳ ହୁଏ। ଜଣେ ଲୋକ ସପ୍ତାହକୁ ୫୦ ହଜାର ଟଙ୍କା ହାରିବ ତାହେଲେ ଦୁଇ ରୁ ତିନି ଥର ଜିତିବ ଯାହାକି ସେ ଲୋକ ୩୦ ହଜାର ଟଙ୍କା ଲସ ରେ ଥିବ। ଖଡ଼ିଆଳ ସହର ରୁ ଗ୍ରାମାଞ୍ଚଳ ଯାଏ ବେଧଡ଼କ ଚାଲିଛି ସଟ୍ଟା ଖେଳ। ପୋଲିସ ଟେର ପାଉନାହିଁ ଏହି ଖେଳର। ଓପନ ଚାଲିଛି ସଟ୍ଟା ଖେଳ। ବହୁ ଲୋକେ ଏହି ଖେଳରେ ବର୍ବାଦ ହେଲେଣି।କଥାରେ ଅଛି ଚୋରର ମାଇକିନା ଲାଜରେ କାନ୍ଦେ ନାହିଁ। ଅର୍ଥାତ ସଟ୍ଟା ଖେଳୁ ଥିବା ଲୋକ ବର୍ବାଦ ହୋଇ ଗଲେ ମଧ୍ୟ ଲାଜରେ କିଛି ନକହି ଜୀବନ ହରାଉଛନ୍ତି। ଏହି ଖେଳ ନାମିଦାମୀ ସରକାରୀଆ କର୍ମଚାରୀ ମାନେ ମଧ ଟଙ୍କା ଲୋଭେର ଖେଳୁଛନ୍ତି ଓ ନିଜସ୍ୱ ସବୁ ସମ୍ପତି ହରାଇ ଦାଣ୍ଡରେ ଭିକାରି ହୋଇ ବୁଲୁଛନ୍ତି। ଯୁବକ ମାନେ ସଟ୍ଟା ଖେଳରେ ହାରି ମଦୁଆ, ଗଞ୍ଜୁଆ ହୋଇ ସମାଜରେ ଅସାମାଜିକ କାମ ଲିପ୍ତ ରହୁଛନ୍ତି। ଖଡ଼ିଆଳ ସହରର ପୁରୁଣା ବସ୍ ଷ୍ଟାଣ୍ଡ,୩୫୩ ନୁମ୍ବର ଜାତୀୟ ରାଜପଥ ସାଇଡ, ବସ ଷ୍ଟାଣ୍ଡ, ବ୍ଲକ ଛକ, ବସ ଷ୍ଟାଣ୍ଡ ଛକରୁ ଲମ୍ବି ଗ୍ରାମାଞ୍ଚଳର ଭୂଲିଆ ସିକୁଆ ଗାଁ ରେ ମୋଟା ଅଙ୍କର ଖେଳ, ତୁକଲା ରେ ମୋଟା ଅଙ୍କର ଖେଳ, ଡୁଆଝର ରେ ମୋଟା ଅଙ୍କର ଖେଳ ଚାଲିଛି.। ଯଦି ଏହି ଖେଳକୁ ବନ୍ଦ କରା ନ ଯାଏ ତେବେ ଆଗାମୀ ଦିନରେ ଏହି ଖେଳରେ ଲୋକେ ସର୍ବସ୍ୱ ହରାଇ ସମାଜରେ ଅସାମାଜିକ କାର୍ଯ୍ୟ ବଢ଼ି ଚାଲିବ। ତେଣୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଧ୍ୟାନ ଦେବାକୁ ବୁଦ୍ଧିଜୀବି ମହଲରେ ଚର୍ଚ୍ଚା ହେଉଛି।



ନବରଙ୍ଗପୁର(ଭାସ୍କର ନ୍ୟୁଜ): ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ଦ୍ୱାରା ମହିଳା ମହାବିଦ୍ୟାଳୟ, ନବରଙ୍ଗପୁର ଠାରେ ମହାବିଦ୍ୟାଳୟର ଛାତ୍ରୀ ମାନଙ୍କୁ ନେଇ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁରର ଅଧକ୍ଷ ତଥା ଜିଲ୍ଲା ଦୌରାଜର୍ଜ ସୁବ୍ରତ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ସାଇ ଅଭିସ୍ୱା ଗୋଛାୟତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଓ କର୍ମକ୍ଷେତ୍ରରେ ମହିଳା ମାନଙ୍କ ଉପରେ ହେଉଥିବା ଯୌନ ନିର୍ଯାତନା ଏବଂ ଏହାର ପ୍ରତିରୋଧ, ନିଷେଧ ଓ ନିରାକରଣ ଆଇନ-୨୦୧୩ ଓ ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ଜନଜାତି ଉପରେ ହେଉଥିବା ଅତ୍ୟାଚାର ଓ ନିବାରଣ ସମ୍ପର୍କିତ ଆଇନ ବିଷୟରେ ସଚେତନତା ଶିବିରରେ ଆଲୋକପାତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିଭାବେ ସରୋଜ ପୁନମ କିସପୋଲତା, ପୋଲିସ ଉପ ଅଧିକ୍ଷକ, ନବରଙ୍ଗପୁର, ରାଜ କିଶୋର ନାଗ ଉପ ମୁଖ୍ୟ ଆଇନ ଗତ ସହାୟତା ପ୍ରତିରକ୍ଷା ପରାମର୍ଶଦାତା, ନବରଙ୍ଗପୁର, ମଲେଶ୍ୱରୀ ସାହୁ, ଅଧକ୍ଷ୍ୟ, ମହିଳା ମହାବିଦ୍ୟାଳୟ, ନବରଙ୍ଗପୁର, କିଶୋରୀ ପଟ୍ଟନାୟକ, ପାନେଲ ଲୟର, ନବରଙ୍ଗପୁର, ସଦାଶିବ ସାହୁ , ଉପ ଅଧକ୍ଷ, ଜିଲ୍ଲା ଆଇନଜୀବି ସଂଘ, ନବରଙ୍ଗପୁର, ରାଖୀ ଜୈନ, ସହାୟକ ଆଇନ ଗତ ସହାୟତା ପ୍ରତିରକ୍ଷା ପରାମର୍ଶଦାତା, ନବରଙ୍ଗପୁର, ସତ୍ୟନାରାୟଣ ନାୟକ, ଅଧକ୍ଷ, ବିଦ୍ୟାର୍ଥି ମହାବିଦ୍ୟାଳୟ, ଓ ପାରା ଲିଗାଲ ସଦସ୍ୟ ଓ ପାନେଲ ଲୟର ପ୍ରମୁଖ ଯୋଗ ଦେଇଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପ୍ରକ୍ରିୟା ଆରମ୍ଭ...

ଅସୁସ୍ଥ ଥିଲେ। ସେ ସୁସ୍ଥ ନେଇ କୌଣସି ସୂଚନା ଦେଇନଥିଲେ। ତେବେ ହଠାତ୍ ତାଙ୍କ ସ୍ୱାସ୍ଥ୍ୟାବସ୍ଥା କିପରି ବିଗିଡିଲା ସେ ନେଇ ସମସ୍ତେ ସଂଶୟରେ ରହିଛନ୍ତି। ଧନଖଡ଼ଙ୍କ ଇସ୍ତଫା ପରେ ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ ଅନ୍ତରୀଣଭାବେ ରାଜ୍ୟସଭା କାର୍ଯ୍ୟ କରିଚାଳନା କରୁଛନ୍ତି।

### କମିବ ସରକାର...

ବିରୋଧୀଦଳ ନେତା ଓ ବିରୋଧୀଦଳ ବିଧାୟକମାନଙ୍କୁ ଭେଟି ମଧ୍ୟ ବିକାଶ ସଂପର୍କରେ ଆଲୋଚନା କରିବେ ବୋଲି ସୂଚନା ମିଳିଛି। ପ୍ରତିମାସରେ ବିକାଶ କାର୍ଯ୍ୟର ରିପୋର୍ଟ କେନ୍ଦ୍ର ସରକାରଙ୍କ ନିକଟକୁ ପଠାଯିବ ବୋଲି ରାଜ୍ୟପାଳ କହିଛନ୍ତି।

### ଆସୁଛି ପ୍ରବଳ...

ପାଇଛି। ଅତ୍ୟନ୍ତ ପ୍ରବଳ ବର୍ଷା ନେଇ କେନ୍ଦୁଝର ଓ ମୟୂରଭଞ୍ଜକୁ ରେଡ ଆଲର୍ଟ ଜାରି କରାଯାଇଛି। ସେହିଭଳି ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ସୁନ୍ଦରଗଡ଼, ଅନୁଗୋଳ, ଢେଙ୍କାନାଳ, ଯାଜପୁର, ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାପାଇଁ ଅରେଞ୍ଜ ଆଲର୍ଟ ଜାରି ହୋଇଥିବାବେଳେ ଅବଶିଷ୍ଟ ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି ହୋଇଛି। ୨୮ ତାରିଖ ପର୍ଯ୍ୟନ୍ତ ସମୁଦ୍ର ଅଶାନ୍ତ ରହିବ ବୋଲି ସେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ସେ ଗତ କିଛିଦିନ ହେବ ରାଜ୍ୟରେ ବର୍ଷାର ପ୍ରଭାବ ଜାରି ରହିଛି। ବାରମ୍ବାର ଲଘୁଚାପ ସୃଷ୍ଟି ହେଉଛି। ଫଳରେ ଚାଷ ଜମିରେ ପାଣି ଜମି ରହିବା ସହ ପନିପରିବା ଫସଲ ନଷ୍ଟ ହେବାରେ ଲାଗିଛି। ଫଳରେ ବଜାରରେ ପନିପରିବାର ଦର ଆକାଶଛୁଆଁ ହୋଇଛି। ସେହିପରି ବନ୍ୟା ନ ହୋଇଥିଲେ ବି ବିଭିନ୍ନ ଅଞ୍ଚଳରେ ବର୍ଷାପାଣି ଜମି ଲୋକେ ଜଳବନ୍ଦୀ ଜୀବନ ବିତାଉଥିବା ଦେଖିବାକୁ ମିଳୁଛି।

### ଏକାମ୍ର କ୍ଷେତ୍ର...

ଯାତ୍ରୀ ନିବାସ, ୩୦୦ ସିଟ୍ ବିଶିଷ୍ଟ ବ୍ୟାଖ୍ୟାନ କେନ୍ଦ୍ର, ନଡ଼ିଆ ଗୋଦାମ, ୫୦୦ ଆସନ ବିଶିଷ୍ଟ ପ୍ରସାଦ ସେବନ ଗୃହ, ଫୁଡ୍ ପ୍ଲାଜା, ପାର୍କିଂ ସୁବିଧା, ମାର୍କେଟ କଂପ୍ଲେକ୍ସ, ଡ୍ରେନେଜ ସିଷ୍ଟମ, ପୁଷ୍କରିଣୀ ଓ ରାସ୍ତା ଉନ୍ନତିକରଣ ଆଦି କାର୍ଯ୍ୟ ରହିଛି। ମନ୍ଦିର କମିଟି ସହିତ ଆଲୋଚନା କରି ଏହିସବୁ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏଥିସହ ପୀଠ ଚତୁଃପାର୍ଶ୍ୱରେ ଥିବା ଦୋକାନଗୁଡ଼ିକୁ ମାର୍କେଟ କଂପ୍ଲେକ୍ସରେ ସୁବ୍ୟବସ୍ଥିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ପ୍ରସିଦ୍ଧ ଶକ୍ତିପୀଠ ଯାଜପୁରର ମା ବିରଜାଙ୍କ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଚାରୋଟି ପର୍ଯ୍ୟାୟରେ ଆରମ୍ଭ ହୋଇଛି। ଏଥିରେ ମନ୍ଦିର ପରିସରର ସୌନ୍ଦର୍ଯ୍ୟକରଣ, ଚତୁଃପାର୍ଶ୍ୱର ବିକାଶ, ବିରଜା ହାଟ ସ୍ଥାପନ, ବ୍ରହ୍ମାକୁଣ୍ଡର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ, ବ୍ୟାଖ୍ୟାନ କେନ୍ଦ୍ର, ଧର୍ମଶାଳା, ହାତୀ ପୋଖରୀର ପୁନରୁଦ୍ଧାର ଓ ଶ୍ରଦ୍ଧାଳୁଙ୍କ ପାଇଁ ସୁବିଧା ଉପଲବ୍ଧ କାର୍ଯ୍ୟ ରହିଛି। ସେହିପରି ପ୍ରଭୁ ଲିଙ୍ଗରାଜଙ୍କ ଏକାମ୍ର କ୍ଷେତ୍ରର ଉନ୍ନତିମୂଳକ କାର୍ଯ୍ୟ ସଂପର୍କରେ ବୈଠକରେ ଆଲୋଚନା ହୋଇଥିଲା। ପ୍ରଭୁ ଲିଙ୍ଗରାଜଙ୍କ କ୍ଷେତ୍ରରେ ଟ୍ରାଫିକ ବ୍ୟବସ୍ଥାର ସୁପରିଚାଳନା ସହ ପାର୍କିଂ ବ୍ୟବସ୍ଥା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ଏହାସହ ରାସ୍ତାର ଉନ୍ନତିକରଣ ପାଇଁ ମଧ୍ୟ କହିଥିଲେ। ଲିଙ୍ଗରାଜ ମନ୍ଦିର ଚାରିପାଖରେ ଅନେକ ଛୋଟବଡ଼ ମନ୍ଦିର ମଧ୍ୟ ଅବହେଳିତ ଅବସ୍ଥାରେ ରହିଛି। ଭାରତୀୟ ପତ୍ନତତ୍ତ୍ୱ ବିଭାଗ ସହିତ ଆଲୋଚନା କରି ଏହିସବୁ କାମ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ବୈଠକରେ ପୂର୍ତ୍ତ ଓ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ସାଶ୍ୱତ ମିଶ୍ର, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ, ପର୍ଯ୍ୟଟନ ବିଭାଗ କମିଶନର ବଲଓ୍ୱନ୍ତ ସିଂ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ବଲଙ୍ଗା ପୀଡ଼ିତା...

ଆଲୋଚନା ଜୋର ଧରିଛି । କ୍ରାଇମ୍ ବ୍ରାଞ୍ଚ ଓ ସ୍ପେଶାଲ୍ ଟିମ୍ ନାବାଳିକା ମାମୁଁଘରେ ଚଢ଼ଉ କରିଥିବା ବେଳେ କିଛି ତଥ୍ୟ କ୍ରାଇମ୍ ବ୍ରାଂଚ ହାତରେ ଲାଗିଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି । ତିନିଜଣ ଯୁବକଙ୍କୁ ଉଠାଇ ନେଇ ପୋଲିସ ଅନ୍ୟ ସ୍ଥାନରେ ଜେରା କରୁଥିବା ଜଣାପଡ଼ିଛି । ପୀଡ଼ିତାଙ୍କ ଅବସ୍ଥାରେ ସୁଧାର ଆସୁଥିବା ବେଳେ ପୂର୍ବତନ ମନ୍ତ୍ରୀ ତଥା ବିଜେପି ମୁଖପାତ୍ର ସମୀର ରଂଜନ ଦାଶ, ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଦିଲ୍ଲୀ ଏମ୍ସରେ ପହଂଚି ଥିବା ବେଳେ ଶ୍ରୀମତୀ ପରିଡ଼ା ଡ଼ାକ୍ତରଙ୍କ ଠାରୁ ପୀଡ଼ିତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଛନ୍ତି । ଏହି ଘଟଣା ବେଳକୁ ବେଳ ଭିନ୍ନମୋଡ଼ ନେଉଥିବା ବେଳେ ପୀଡ଼ିତାଙ୍କ ପରିବାରକୁ ନେଇ ଟିମ୍ ବିଭିନ୍ନ ତରିକାରେ ତଦନ୍ତ ଚଳାଇଛି । ପରିବାରର ସଦସ୍ୟମାନଙ୍କର ଭିନ୍ନ ଭିନ୍ନ ମତ ପୋଲିସକୁ ଅଡୁଆରେ ପକାଉଛି । ବର୍ତ୍ତମାନ କେବେ ଏହି ଘଟଣାରୁ ପରଦା ଉଠିବ ତାହାକୁ ନିମାପଡ଼ା ଅଂଚଳବାସୀ ନୁହେଁ ସାରା ରାଜ୍ୟର ଜନସାଧାରଣ ଅନାଇ ବସିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ ଗୋପିନାଥପୁର ପଂଚାୟତ ନୂଆଗୋପାଳପୁର ମୁସଲିମ୍ ବସ୍ତିର ନାବାଳିକାଙ୍କୁ ଭାର୍ଗବୀ ନଦୀ ପଠାରେ ଦୁର୍ବୃତ୍ତମାନେ ନିଆଁ ଲଗାଇ ଦେଇଥିବା ପ୍ରତ୍ୟେକ୍ଷଦର୍ଶୀ ଦୁଃଖୀଶ୍ୟାମ ସେନାପତି କହୁଛନ୍ତି । ଦୁଃଖୀଶ୍ୟାମ ସେନାପତିଙ୍କ କହିବା ଅନୁଯାୟୀ, ପୋଲିସ ତଦନ୍ତ ଜାରି ରଖିଛି । ଦୁଃଖୀଶ୍ୟାମ କେତେ ସତ କହୁଛନ୍ତି ତାହାକୁ ନେଇ ମଧ ପୋଲିସ ବିଭିନ୍ନ ଦିଗରୁ ବିଚାର କରୁଛି । ବେଳକୁ ବେଳ ପୀଡ଼ିତାଙ୍କ ପୋଡ଼ି ଘଟଣା ସସ୍ପେନ୍ସ ବଢ଼ାଇ ଥିବା ବେଳେ ଏହା ରାଜ୍ୟ ରାଜନୀତିରେ ହଲଚଲ ସୃଷ୍ଟି କରିଛି । ଗତ ମଙ୍ଗଳବାର ବିଳମ୍ବିତ ରାତ୍ରରେ ଗୋପ ଥାନା ନୟାହାଟ ଅଂଚଳରେ ଥିବା ପୀଡ଼ିତାଙ୍କ ମାମୁଘରେ କ୍ରାଇମ୍ ବ୍ରାଂଚ ଓ ସ୍ପେଶାଲ୍ ଟିମ୍ ଚଢ଼ଉ କରି ବୟାନ ରେକର୍ଡ଼ କରିଥିବା ଜଣାପଡ଼ିଛି । କେବେ ଉଠିବ ଏହି ରହସ୍ୟରୁ ପରଦା ତାହାକୁ ରାଜ୍ୟବାସୀ ଅନାଇ ବସିଛନ୍ତି ।

## ସଂଗ୍ରାମ ମାର୍ଥା ରାଜାରାଣୀ ମଣ୍ଡଳ ସଭାପତି

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଭାରତୀୟ ଜନତା ପାର୍ଟି ରାଜାରାଣୀ ମଣ୍ଡଳ ସଭାପତି ଭାବେ ସଂଗ୍ରାମ ମାର୍ଥା ମନୋନୀତ ହୋଇଛନ୍ତି ଓ ଭାରତୀୟ ଜନତା ପାର୍ଟିର ଭୁବନେଶ୍ୱର ସଂଗଠନ ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର ବୁଧବାର ଦିନ ଏହି ଘୋଷଣା କରିଛନ୍ତି ଓ ସଂଗ୍ରାମ ମାର୍ଥା ବଡ଼ଗଡ ଗ୍ରାମର ଯୁବ ନେତା ଓ ଭୁବନେଶ୍ୱର ବିଭିନ୍ନ କଲେଜ ଛାତ୍ର ସଂସଦ ନ୍ର୍ବାଚନରେ ପାର୍ଥୀ ମାନଙ୍କୁ ବିଜୟୀ କରିବାରେ ସଂଗ୍ରାମ ମାର୍ଥା ସକ୍ରିୟ ଭୂମିକା ତୁଲାଉଥିଲେ ଓ ଶ୍ରୀ ମାର୍ଥା ବଡ଼ଗଡ଼ ଗଣେଶ ମହୋତ୍ସବ କମିଟି ସଭାପତି, ବ୍ରାଇଟ ଷ୍ଟାର ୟୁଥ ଆସୋସିଏସନ ବଡ଼ଗଡ଼ର ସେ ସାଧାରଣ ସମ୍ପାଦକ ଓ ସେ ବାପୁଜୀ କ୍ଲବରେ ଜଣେ ସକ୍ରିୟ ସଭ୍ୟ ଅଛନ୍ତି ଓ ବି. ଜେ. ବି ନଗର, ବ୍ରହ୍ମେଶ୍ୱର ପାଟଣା, ବଡ଼ଗଡ଼ ବିଭିନ୍ନ ଯୁବ ସଂଗଠନ ଓ ସାଂସ୍କୃତିକ ସଂଗଠନର ସେ ଜଡିତ ରହି ଆସିଛନ୍ତି ଓ ଶ୍ରୀ ମାର୍ଥା ରାଜାରାଣୀ ମଣ୍ଡଳ ସଭାପତି ହେବା ପରେ ତାଙ୍କ ସମର୍ଥକ, ଶୁଭେଚ୍ଛୁ ମାନଙ୍କ ମଧରେ ଖୁସିର ଲହର ଖେଳି ଯାଇଛି ଓ ଶ୍ରୀ ମାର୍ଥାଙ୍କ ସଭାପତି ହେବା ପରେ ଶତାଧିକ ସମର୍ଥକ ମାନେ ବାଣ ଫୁଟାଇ, ପରସ୍ପର ମାନଙ୍କ ମଧରେ ଲଡୁ ବାଣ୍ଟି ଖୁସି ମନେଇ ଥିଲେ ଓ ସଂଗ୍ରାମ ମାର୍ଥା ତାଙ୍କ ନୂତନ ନିଯୁକ୍ତି ପାଇଁ ଭାରତୀୟ ଜନତା ପାର୍ଟି ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ବି. ଜେ. ପି ରାଜ୍ୟ ସଭାପତି ମନମୋହନ ସାମଲ, ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ,ଏକାମ୍ର ବିଧାୟକ ବାବୁ ସିଂହ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ଭୁବନେଶ୍ୱର ମଧ ନିର୍ବାଚନ ମଣ୍ଡଳୀ ବରିଷ୍ଠ ବି. ଜେ. ପି ନେତା ଜଗନ୍ନାଥ ପ୍ରଧାନ ଓ ଉତ୍ତର ନିର୍ବାଚନ ମଣ୍ଡଳୀ ବି. ଜେ. ପି. ନେତା, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ରଙ୍କୁ ଶ୍ରୀ ମାର୍ଥା କୃତଜ୍ଞତା ଜଣାଇଛନ୍ତି ।

## ବନ୍ଦ ରହିବ ସାଧାରଣ ଦର୍ଶନ

ପୁରୀ (ଭାସ୍କର ନ୍ୟୁଜ) : ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ଚିତାଲାଗି ନୀତି । ଏଥିପାଇଁ ଶ୍ରୀମନ୍ଦିରରେ ବନ୍ଦ ରହିବ ସାଧାରଣ ଦର୍ଶନ । ପ୍ରାୟ ୪ ଘଣ୍ଟା ବନ୍ଦ ରହିବ ସାଧାରଣ ଦର୍ଶନ । ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଖବର ଅନୁଯାୟୀ, ଗୁରୁବାର ଶ୍ରୀମନ୍ଦିରେ ପାଞ୍ଚ ଘଣ୍ଟା ବନ୍ଦ ରହିବ ଦର୍ଶନ। ଶ୍ରାବଣ କୃଷ୍ଣ ଅମାବାସ୍ୟା ତିଥି ଯୋଗୁ ଶ୍ରୀବିଗ୍ରହମାନଙ୍କ ଚିତାଲାଗି ନୀତି ଅନୁଷ୍ଠିତ ହେବ।ପ୍ରଥମ ଭୋଗମଣ୍ଡପ ଭୋଗ ଶେଷ ହେବାପରେ ନୀତି ଅନୁଷ୍ଠିତ ହେବ। ଆପାତତଃ ଅପରାହ୍ନ ୨ଟା ୩୦ ଠାରୁ ସନ୍ଧ୍ୟା ୬ଟା ୩୦ ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ।

## ମାଆ ବୁଢ଼ୀମା ପୀଠ ଉନ୍ନୟନ ସମିତି ପରିଚାଳନା ବୈଠକ

ପୁରୀ (ଭାସ୍କର ନ୍ୟୁଜ) : ପୁରୀ ସହରର ତଳନୂଆ ସାହି ବୋର୍ଡିଂ ଛକ ନିକଟସ୍ଥ ବହୁ ପୁରାତନ ଅଗ୍ରଣୀ ଆଧାତ୍ମିକ ଓ ସାଂସ୍କୃତିକ ଅନୁଷ୍ଠାନ ଶ୍ରୀ ଶ୍ରୀ ମା' ବୁଢ଼ୀମା ପୀଠ ଉନ୍ନୟନ ସମିତି ପରିଚାଳନା ସମିତି ପୁରୀର ରାଜ୍ୟସଭା ସାଂସଦ ତଥା ଅନୁଷ୍ଠାନର ପ୍ରାକ୍ତନ ସାଧାରଣ ସମ୍ପାଦକ ଶୁଭାଶିଷ ଖୁଣ୍ଟିଆଙ୍କ ଉଦ୍ୟମରେ ଓ ପ୍ରବୋଧ କୁମାର ଚାନ୍ଦଙ୍କ ସଭାପତିତ୍ୱରେ ପରିଚାଳନା କମିଟି ପୁନଃ ଗଠିତ ହୋଇଛି। ଏହି ଅନୁଷ୍ଠାନର ପରିଚାଳନା କମିଟିର ସଭାପତି ଭାବେ ନୃସିଂହ ଚନ୍ଦ୍ର ସିହ୍ନା, ଉପସଭାପତି ପ୍ରଭାସ ଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ଗୁରୁ ପ୍ରସାଦ ଦାସ,ଯୁଗ୍ମ ସମ୍ପାଦକ ରତେଶ ମହାନ୍ତି,ସହ ସମ୍ପାଦକ ଧର୍ମେନ୍ଦ୍ର କୁମାର ବରାଳ, କୋଷାଧକ୍ଷ ଦେବାଶିଷ ମହାନ୍ତି, ସମୀକ୍ଷକ ବିଜୟ କୁମାର ପାତ୍ର ଓ ଛଅଗୋଟି ସାହିର ପ୍ରତିନିଧି ଭାବେ ସର୍ବଶ୍ରୀ ସୌମ୍ୟରଞ୍ଜନ ମହାନ୍ତି,ଶରତ କୁମାର ମହାନ୍ତି,ସତ୍ୟ ନାରାୟଣ ସ୍ୱାଇଁ, ସୁଜିତ୍ କୁମାର ମହାନ୍ତି ଜ୍ଞାନେନ୍ଦ୍ର ପ୍ରସାଦ ଦାସ, ମହେଶ୍ୱର ସାହୁ,ଶିବ ପ୍ରସାଦ ମହାନ୍ତି ପ୍ରମୁଖ ନିର୍ବାଚିତ ହୋଇଛନ୍ତି ।


**AFFIDAVIT**

By virtue of an affidavit sworn before the Executive Magistrate, Anandapur, dated: 01.07.2025, I Dugi Jamuda, Address: At-Ghulughulia, Po-Satkosia, Ps- Mahuldiha, Dist- Mayurbhanj, Odisha, PIN-757038, declare that I have changed my name from Nirasa Tamuda to Dugi Jamuda. Henceforth, I shall be known as Dugi Jamuda for all purposes.
Sd/- Dugi Jamuda

**AFFIDAVIT**

By virtue of an affidavit sworn before the Executive Magistrate, Bhadrak, dated: 03.06.2025, I Ramesh Kumar Behera, Address: village- Madhiali, Po-Babalpur, Ps- Bhandari Pokhari, Dist- Bhadrak, Odisha, PIN-756121, declare that I have changed my son's name from Snahansu Behera to Shreyanshu Behera. Henceforth, He shall be known as Shreyanshu Behera for all purposes.
Sd/- Ramesh Kumar Behera

**PARADIP PORT AUTHORITY**
e-TENDER CALL NOTICE
No.EM/PED-20/2025
No.EM/PED/TECH-11/2024/619
Date : 21/07/2025

Name of the work : Vehicle Speed Detection System at Paradip Port Authority.
Estimated Cost : Rs.1,57,50,050/-.
Last Date & time of submission of bid : dt.12/08/2025 up to 18:00 Hrs.
Refer our website for details : https://eprocure.gov.in/eprocure/app.
Executive Engineer (E), PED-I.
PPA/PR/28/2025-2026, dt.23/07/2025

**AFFIDAVIT**

By virtue of an affidavit sworn before the Executive Magistrate: Bhawanipatna, Kalahandi, I Mamata Mahapatra,W/o- Saroj Kumar Mahapatra, At.Madanmohan Pada, Po. Bhawanipatna, Ps. BhawanipatnaTown, Dist.Kalahandi, Odisha, do here by solemnly affirm and state that I have changed my former and adopted name Mamata Panda to MAMATA MAHAPATRA. That I am the deponent of this affidavit and affixed my signature On this 22nd day of July,2025. Henceforth I shall be known as Mamata Mahapatra for all purposes.
Mamata Mahapatra
Deponent

**झारखण्ड़ सरकार**
**क्षेत्र सर्वेक्षण प्रमण्डल, अग्रिम योजना, पथ निर्माण विभाग, दुमका**

अल्पकालीन ई–प्रोक्योरमेंट सूचना (1st Call)
ई–निविदा प्रसंग सं0:–RCD/FSD/AP/DUM/08/2025-26
दिनांक:–23.07.2025

| | | |
|---|---|---|
| 1. | कार्य का नाम | Consultancy services for preparation of **Detailed Project Report For Widening, Strengthening & Reconstruction of Road from Mohanpur More (On Vidyasagar - Karamdah Road) To Kuruwa (Sibu Soren Chowk) Deoghar Border** including replacement of culverts and bridges, proposal for new culverts and bridges, complete Land Acquisition Proposal including ownership details all complete as per latest guidelines, Resettlement and Rehabilitation Proposal and Forest Diversion Proposal with clearance of all stages etc. as required Under Road Division **Jamtara** in the state of Jharkhand. **(Tentative Length -10.00 Km)** |
| 2. | अनुमानित लंबाई | 10.00 कि० मी० |
| 3. | कार्य समाप्ति की अवधि | 60 दिन |
| 4. | वेबसाईट पर निविदा प्रकाशित होने की तिथि एवं समय | 25.07.2025, 05.00 बजे अपराह्न |
| 5. | निविदा जमा करने की अंतिम तिथि एवं समय | 08.08.2025, 12.00 बजे अपराह्न तक |
| 6. | निविदा खोलने की तिथि एवं समय | 11.08.2025, 01.00 बजे अपराह्न |
| 7. | निविदा आमंत्रित करने वाले का नाम एवं पता | कार्यपालक अभियंता का कार्यालय, क्षेत्र सर्वेक्षण प्रमण्डल अग्रिम योजना, पथ निर्माण विभाग, दुमका। |
| 8. | प्रोक्योरमेंट पदाधिकारी का संपर्क नं0 | 8292901787 |
| 9. | ई–प्रोक्योरमेंट सेल को हेल्पलाईन नं0 | 0651–2401010 |

अतिरिक्त जानकारी के लिए वेबसाईट पर देखें :–http://jharkhand tenders.gov.in
कार्यपालक अभियंता,क्षेत्र सर्वेक्षण प्रमण्डल, अग्रिम योजना,
PR 357982 (Road)25-26*D पथ निर्माण विभाग, दुमका

**JHARIA REHABILITATION AND DEVELOPMENT AUTHORITY, DHANBAD**
e-Procurement Notice
Tender Reference No: JRDA/CIVIL/25-26/04/498
Date: 22-07-2025

| | | |
|---|---|---|
| 1. | Name of Work | Balance works of Development for Phase VI, VII and VIII at Belgaria Township. |
| 2. | Estimated Cost | Rs. 19,30,22,437.00 |
| 3. | EMD | Rs. 19,30,000.00 |
| 4. | Tender Document Cost | Rs. 10,000.00 |
| 5. | Time of Completion | 06 months |
| 6. | Date/Time from which bid is available for online bidding | 23.07.2025 at 03:00 PM |
| 7. | Last Date/Time for on-line submission of bids | 14.08.2025 at 5:00 PM |
| 8. | Date and Time of Bid Opening | 18.08.2025 at 11:30 AM |
| 9. | Name and Address of the Officer inviting tender | Head of Department (Civil), JRDA, Hatia More, Golf Ground Road, Hirapur, Dhanbad - 826001 Jharkhand, India Email: infojrda.dhn@gmail.com |

Note : 1. Only e-tenders will be accepted.
2. Further details can be seen on website – https://jharkhandtenders.gov.in
Head of Department (Civil),
PR 358019 Urban Development (25-26)_D JRDA, Dhanbad

**AFFIDAVIT**

[illegible] 408703744, 408703749, 408703752, 408703753, 408703763, 408703784, 408703807, 408703813, 408703820, 408703823, 408703824, 408703830, 408703831, 408703833, 408703838, 408703844, 408703846, 408703849, 408703856, 408703867, 408703876, 408703880, 408703890, 408703893, 408703903, 408703909, 408703910, 408703911, 408703915, 408703916, 408703923, 408703926, 408703928, 408703933, 408703937, 408703940, 408703948, 408703949, 408703967, 408703972, 408703979, 408703998, 408704003, 408704004, 408704007, 408704008, 408704023, 408704025, 408704028, 408704032, 408704033. **KORAPUT DISTRICT-JEYPORE-ODISHA:** 4418000213, 4418000225, 4418000234, 4418000248, 4418000271, 4418000295, 4418000296, 4418000301, 4418000306, 4418000323, 4418000392, 4418000458, 4418000474, 4418000488, 4418000507, 4418000515, 4418000530, 4418000533, 4418000536, 4418000538, 4418000540, 4418000544, 4418000546, 4418000547, 4418000560, 4418000565, 4418000575, 4418000579, 4418000580, 4418000616, 4418000622, 4418000640, 4418000642, 4418000648, 4418000655, 4418000664, 4418000665, 4418000666, 4418000667, 4418000668, 4418000673, 4418000681, 4418000682, 4418000692, 4418000695, 4418000699, 4418000709, 4418000716, 4418000719, 4418000724, 4418000737, 4418000741, 4418000750, 4418000751, 4418000754, 4418000758, 4418000763, 4418000766, 4418000771, 4418000774, 4418000778, 4418000785, 4418000798, 4418000807, 4418000820, 4418000824, 4418000825, 4418000834, 4418000841, 4418000861, 4418000869, 4418000879, 4418000883, 4418000901. **KORAPUT:** 4304000006, 4304000034, 4304000065, 4304000082, 4304000083, 4304000099, 4304000100, 4304000116, 4304000122, 4304000123, 4304000126, 4304000132, 4304000147, 4304000152, 4304000155, 4304000156, 4304000162, 4304000169, 4304000170, 4304000185, 4304000190, 4304000191, 4304000192, 4304000209, 4304000214, 4304000216, 4304000235, 4304000240, 4304000246, 4304000267, 4304000273, 4304000274, 4304000275, 4304000276, 4304000282, 4304000297, 4304000301, 4304000302, 4304000316, 4304000317, 4304000341, 4304000344, 4304000345, 4304000348, 4304000352, 4304000370, 4304000374, 430400759, 430400897, 430401025, 430401038, 430401040, 430401070, 430401072, 430401105, 430401111, 430401112, 430401113, 430401114, 430401117, 430401124, 430401163, 430401213, 430401221, 430401222, 430401255, 430401259, 430401270, 430401274, 430401275, 430401276, 430401288, 430401290, 430401291, 430401294, 430401295, 430401296, 430401300, 430401305. **SEMILIGUDA:** 4281000009, 4281000070, 4281000071, 4281000080, 4281000081, 4281000084, 4281000086, 4281000088, 4281000100, 4281000109, 4281000115, 4281000120, 4281000142, 4281000146, 4281000164, 4281000169, 4281000171, 4281000188, 4281000193, 4281000195, 4281000198, 4281000204, 4281000210, 4281000238, 4281000240, 4281000260, 4281000264, 4281000265, 428101100, 428101122, 428101176, 428101209, 428101277, 428101288, 428101315, 428101329, 428101378, 428101399, 428101410, 428101414, 428101464, 428101472, 428101473. **NABARANGAPUR DISTRICT-NABARANGAPUR:** 4219000011, 4219000033, 4219000037, 4219000106, 4219000124, 4219000138, 4219000142, 4219000164, 4219000178, 4219000179, 4219000182, 4219000194, 4219000202, 4219000206, 4219000207, 4219000216, 4219000221, 4219000222, 4219000248, 4219000260, 4219000265, 4219000276, 4219000279, 4219000282, 4219000292, 4219000296, 4219000298, 4219000299, 4219000306, 4219000311, 4219000326, 4219000329, 4219000334, 4219000338, 4219000364, 4219000368, 4219000372, 4219000375, 4219000386, 4219000391, 4219000396, 4219000398, 4219000408, 4219000414, 4219000416, 4219000421, 4219000429, 4219000431, 4219000435, 4219000466, 4219000470, 4219000477, 4219000486, 4219000493, 4219000501, 4219000523, 4219000527, 4219000540, 421901501, 421901608, 421901609, 421901629, 421901655, 421901689, 421901693, 421901696, 421901700, 421901712, 421901714, 421901739, 421901765, 421901831, 421901832, 421901853, 421901863, 421901866, 421901876, 421901877, 421901883, 421901902, 421901935, 421901946, 421901955, 421901975, 421901998, 421902012, 421902018, 421902023, 421902026, 421902030, 421902031, 421902034, 421902035, 421902039, 421902040, 421902041, 421902042, 421902046, 421902047. **RAYAGADA DISTRICT-RAYAGADA:** 4397000235, 4397000302, 4397000330, 4397000350, 4397000352, 4397000365, 4397000370, 4397000380, 4397000391, 4397000404, 4397000435, 4397000459, 4397000463, 4397000480, 4397000488, 4397000510, 4397000523, 4397000534, 4397000549, 4397000554, 4397000586, 4397000587, 4397000594.

ନିଲାମ ସମ୍ବନ୍ଧିତ ଆୟୋଜନ ଶାଖାରେ କରାଯିବ, ଯଦି କୌଣସି କାରଣ ବଶତଃ ନିଲାମୀ ହୋଇନପାରିଲା, ତେବେ 30.08.2025 ଏବଂ 01.09.2025 ସକାଳ 10 **ASKA ROAD-BERHAMPUR:** Ground Floor, Raza Plaza, Aska Road, Aska Road, Besidesbi Aska Road Branch, Berhampur, Orissa, 760002. **PARLAKHEMUNDI:** Ground Floor, No. Khata No 875/158, Plot No 327, Khata No 875/158, Ground Floor, Plot No 327, Palace Road, Parlakhemundi, Gajapati, Orissa, Pin 761200. **KORAPUT:** Muthoot Fincorp Ltd, Koraput Branchnh-26 Main Road, Koraput, Odishanear Traffic Square Pin - 764020. **NABARANGAPUR:** First Floor, No. 1047/2159, Khata No 1341/868, Plot No 1047/2159, Khata No 1341/868, First Floor, Mauza Sadasibapur, Nabarangapur, Orissa - 764059. **RAYAGADA:** Rayagada First Floor, Plot No. 354/1598Khata No- 1002, Rayagada Nagarrayagada, Odisha-765001. **ASKA ROAD-BERHAMPUR:** Ground Floor, Raza Plaza,Aska Road, Aska Road, Besidesbi Aska Road Branch, Berhampur, Orissa, 760002. ରେ ଆୟୋଜନ କରାଯିବ। ନିଲାମୀଦାତାଙ୍କୁ ଅନୁରୋଧ ସେମାନେ ନିଜ ଫଟୋ ଆଇଡି କାର୍ଡ, ପ୍ୟାନ୍ କାର୍ଡ ଜମା କରନ୍ତୁ। ସଫଳ ନିଲାମୀଦାତା ଆର୍‌ଟିଜିଏସ୍ ମାଧ୍ୟମରେ ରାଶି ହସ୍ତାନ୍ତର କରିବାକୁ ଅନୁରୋଧ।

ମୁଥୁଟ୍ ଫିନ୍‌କର୍ପ ଲିମିଟେଡ୍



ଏବେ ଚାଲିଛି ଶ୍ରାବଣ ମାସ। ଯାହାକି ଭଗବାନ ଶିବଙ୍କ ଅତି ପ୍ରିୟ ମାସ। ବିଶ୍ୱାସ ଅଛି, ଏହି ମାସରେ ଭଗବାନ ଶିବ କୈଳାସ ପର୍ବତ ଛାଡ଼ି ମର୍ତ୍ତ୍ୟପୁରକୁ ଆସିଥାନ୍ତି। ଆଉ ଭକ୍ତମାନେ ଯାହା ମାନସିକ କରିଥାନ୍ତି ତାହା ସଙ୍ଗେ ସଙ୍ଗେ ପୂରଣ କରିଥାନ୍ତି। ବିଶେଷକରି ଏହି ମାସରେ କାଉଡ଼ି ଯାତ୍ରା ଆରମ୍ଭ ହୋଇଥାଏ। ଶ୍ରଦ୍ଧାଳୁମାନେ ପାଣିଭାର ନେଇ ଶିବଙ୍କୁ ଜଳାଭିଷେକ କରନ୍ତି। ବିଶ୍ୱାସ ରହିଛି ଶ୍ରାବଣ ମାସର ବୁଧବାର ଭଗବାନ ଶିବଙ୍କୁ ଅପରାଜିତା ଫୁଲ ଅର୍ପଣ କଲେ ଅନେକ ସମସ୍ୟା ଦୂର ହୋଇଥାଏ। କାରଣ ଏହି ଫୁଲ ଶିବଙ୍କର ପ୍ରିୟ ଫୁଲମାନଙ୍କ ମଧ୍ୟରୁ ଗୋଟିଏ। ଏହି ଫୁଲ ଗୋକର୍ଣ୍ଣ ଏବଂ ଶଙ୍ଖପୁଷ୍ପ ନାମରେ ମଧ୍ୟ ଜଣାଶୁଣା। ବୁଧବାର ଏହି ଫୁଲ ଶିବଙ୍କୁ ଅର୍ପଣ କଲେ ବୁଦ୍ଧି ଏବଂ ଏକାଗ୍ରତା ବଢ଼ିଥାଏ। ବେପାର ବଣିଜ ପାଇଁ ନୂଆ ମାର୍ଗ ଖୋଲିଯାଏ। ଭଗବାନ ଭୋଳାନାଥଙ୍କ କୃପା ପାଇବା ପାଇଁ ଅପରାଜିତା ଫୁଲ ଅର୍ପଣ କରିବାକୁ ଆଦୌ ଭୁଲନ୍ତୁ ନାହିଁ।

## ଲିପ୍ ଫିଲର କରି ଫସିଲେ ଉର୍ଫି



ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ଉର୍ଫି ଜାଭେଦ। ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଏକ ଭିଡିଓ ସେୟାର କରିଛନ୍ତି। ଯେଉଁଥିରେ ସେ ତାଙ୍କ ଲିପ୍ ଫିଲର ଗୁଡ଼ିକୁ ତରଳାଇବା ପ୍ରକ୍ରିୟାକୁ ଡକ୍ୟୁମେଣ୍ଟେସନ୍ କରିଛନ୍ତି। ଯାହାକୁ ସେ ନିଜ ଓଠରେ ଆଉ ଥରେ ଲିପ ଫିଲର କରିଛନ୍ତି। ଯାହା ତାଙ୍କ ଓଠରେ ଦେଖାଦେଇଛି। ଏଥିରେ ସେ କିପରି ନିଜର କସମେଟିକ୍ ବ୍ୟବହାର କରିଛନ୍ତି। ତାହା ସୋସିଆଲ ମିଡିଆରେ ଭାଇରାଲ କରିଛନ୍ତି। କସମେଟିକ୍ ପ୍ରକ୍ରିୟା ପାଇଁ ଆବଶ୍ୟକ ସମସ୍ତ ଗାଇଡଲାଇନ ବିଷୟରେ ଉଲ୍ଲେଖ କରିଛନ୍ତି କାରଣ ତାଙ୍କର ଲିପ୍ ଫିଲର ଗୁଡ଼ିକ ଭୁଲ ହୋଇଯାଇଥିଲା। ସେ ରିଲ୍‌ର କ୍ୟାପସନ୍ ଦେଇ କହିଛନ୍ତି, 'ନା, ଏହା ଏକ ଫିଲ୍ଟର ନୁହେଁ, ମୁଁ ମୋର ଫିଲର ଗୁଡ଼ିକୁ ଦ୍ରବୀଭୂତ କରିବାକୁ ନିଷ୍ପତ୍ତି ନେଇଛି କାରଣ ସେଗୁଡ଼ିକ ବହୁତ ଭୁଲ ସ୍ଥାନରେ ଥିଲା। ମୁଁ ସେଗୁଡ଼ିକୁ ପୁଣି ପାଇବି କିନ୍ତୁ ସ୍ୱାଭାବିକ ଭାବରେ। ମୁଁ ଫିଲର୍‌ଗୁଡ଼ିକୁ ମନା କରୁନାହିଁ । କିନ୍ତୁ କେମିତି କରିବେ ତାହାର ପ୍ରକିୟା ବିଷୟରେ ମଧ୍ୟ ଜାଣନ୍ତୁ । ଏହା ମଧ୍ୟ ବହୁତ ଗୁରୁତ୍ୱପୂର୍ଣ୍ଣ ଯେ ଆପଣ ଫିଲର୍ ପାଇଁ ଜଣେ ଭଲ ଡାକ୍ତରଙ୍କ ପାଖକୁ ଯାଆନ୍ତୁ, ଫ୍ୟାନ୍ସି କ୍ଲିନିକ୍ ଥିବା ଏହି ସମସ୍ତ ଡାକ୍ତର କିଛି ଜାଣନ୍ତି ନାହିଁ ।' 'ଫୁଲିଯାଇଥିବା ଓଠ ଭିଡିଓଟି ଏକ କାମର ଅଧା କାହାଣୀ ଯାହା ଖରାପ ହୋଇଯାଇଥିଲା ଏବଂ ସତ୍ୟ ଅପେକ୍ଷା ଯନ୍ତ୍ରଣା ଏବଂ ଆଘାତର ମିଥ୍ୟାକୁ ଆହୁରି ଦୃଢ଼ କରେ। କିନ୍ତୁ ଜଣେ ଦକ୍ଷ ଚର୍ମତ୍ତ୍ୱବିତ୍ ଦ୍ୱାରା କରାଯାଇଥିବା ଲିପ୍ ଫିଲର ଗୁଡ଼ିକ ନିରାପଦ। ସେମାନେ ଫିଲରର କେତେ ପରିମାଣ ଲଗାଇବେ ତାହା ଠିକ୍ ଭାବରେ ଜାଣନ୍ତି ଏବଂ ଏହା ଅପେକ୍ଷାକୃତ ଯନ୍ତ୍ରଣାହୀନ ଭାବରେ କରିପାରିବେ। ଭିଡିଓରେ ଦେଖାଯାଇଥିବା ପରି ଫିଲର ନିଷ୍କାସନ ମଧ୍ୟ ଯନ୍ତ୍ରଣାଦାୟକ ନୁହେଁ।



## ଏସିଆନ୍ ପ୍ରୋଜେକ୍ଟ ମାର୍କେଟ୍‌ରେ ଆଲିଆଙ୍କ 'ଡିଫିକଲ୍ଟ ଡଟର୍ସ'
### ତାଲିକାରେ ସାମିଲ ୪୪ ଦେଶର ୩୦ ଫିଲ୍ମ



ବୁସାନ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ଚଳିତ ବର୍ଷର ଏସିଆନ୍ ପ୍ରୋଜେକ୍ଟ ମାର୍କେଟ୍ ପାଇଁ ସୋନି ରାଜଦାନଙ୍କ ନିର୍ଦ୍ଦେଶିତ ଏବଂ ଆଲିଆ ଓ ଶାହୀନ ଭଟ୍ଟଙ୍କ ପ୍ରଯୋଜିତ ଫିଲ୍ମ 'ଡିଫିକଲ୍ଟ ଡଟର୍ସ'କୁ ଚୟନ କରାଯାଇଛି। ପାୟଲ କପାଡିଆ, କନି କୁସରୁତି ଓ ଜୋ ବେବିଙ୍କ 'ଦ ଲାଷ୍ଟ ଅଫ୍ ଦେମ୍ ପ୍ଲାଗ୍ସ'କୁ ମଧ୍ୟ ଏଥିରେ ଚୟନ କରାଯାଇଛି। କୁଞ୍ଜିଲା ମସ୍ସିଲାମନି ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଭାରତର ଅନ୍ୟତମ ପ୍ରୋଜେକ୍ଟ ମଧ୍ୟରେ ସୌରଭ ରାୟଙ୍କ ନିର୍ଦ୍ଦେଶିତ 'ଲଙ୍କା (ଦ ଫାୟାର)' ଓ 'ପ୍ରଦୀପ କୁରବାହଙ୍କର 'ମୁନ୍'ର ମଧ୍ୟ ଏଣ୍ଟ୍ରି ହୋଇଛି। ଫିଲ୍ମର କାମ ଚାଲିଥିବାରୁ ଅଧିକ ସୂଚନା ଦେବାକୁ ସୋନି ରାଜଦାନ ମନା କରିଛନ୍ତି। ତେବେ ଚଳିତ ବର୍ଷ ଏସିଆନ୍ ପ୍ରୋଜେକ୍ଟ ମାର୍କେଟ ଚୟନ ପାଇଁ ୪୪ ଦେଶର ୪୫୫ ଫିଲ୍ମ ଆବେଦନ କରିଥିବା ବେଳେ ତନ୍ମଧ୍ୟରୁ ୩୦ ଫିଲ୍ମକୁ ଚୂଡ଼ାନ୍ତ ତାଲିକାରେ ସାମିଲ କରାଯାଇଛି। ଉଦୀୟମାନ ପ୍ରତିଭାମାନଙ୍କୁ ଖୋଜି ବୈଶ୍ୱିକ ନିବେଶକ, ପ୍ରଯୋଜକ ଓ ବିତରକଙ୍କ ସହ ଯୋଡ଼ିବା ଏସିଆନ୍ ପ୍ରୋଜେକ୍ଟ ମାର୍କେଟର ଉଦ୍ଦେଶ୍ୟ।

## ୪ ଦିନରେ ୧୦୦କୋଟି ପାର୍ କଲା 'ସୈୟାରା'

'ସୈୟାରା' ଝଡ଼ରେ ଫିକା ପଡ଼ିଲେ ସୁପରଷ୍ଟାର। ରିଲିଜ୍ ହେଉ ହେଉ ଅନେକ ବଡ଼ ବଡ଼ ସୁପରଷ୍ଟାର ଓ ସେମାନଙ୍କ ଫିଲ୍ମକୁ ପଛରେ ପକାଇଲେ ବଲିଉଡ କଳାକାର ଆହାନ ପାଣ୍ଡେ ଓ ଅନୀତ୍ ପଡ୍ଡା। ନାମରେ ଖାନ୍ ବା କପୁର ନଥାଇ ବି ପ୍ରେକ୍ଷାଳୟକୁ ଭିଡ଼ ଆଣିବାରେ ସଫଳ ହେଲେ ଆହାନ। ଫିଲ୍ମଟି ଦେଖିବା ପରେ ପ୍ରଶଂସକମାନେ ଭାବପ୍ରବଣ ହୋଇପଡୁଥିବାର ଅନେକ ଭିଡିଓ ସାମ୍ନାକୁ ଆସୁଛି। ଫିଲ୍ମର କାହାଣୀ କେତେ ମାତ୍ରାରେ ପ୍ରଭାବ ପକାଇଛି, ଏହାର ଫିଲ୍ମର ଆୟରୁ ସ୍ପଷ୍ଟ ହୋଇଛି। ମାତ୍ର ୪ଦିନରେ ୧୦୦କୋଟି କ୍ଲବରେ ପ୍ରବେଶ କରିଛି ଏହି ଫିଲ୍ମ। ଯାହା ଅନ୍ୟ ବଡ଼ ବଜେଟ ଫିଲ୍ମ ବେଳେ ବେଳେ କରିପାରେ ନାହିଁ, ତାହା କରି ଦେଖାଇଛି 'ସୈୟାରା'। ଫିଲ୍ମର ବଜେଟ ୬୦କୋଟି ଥିବାବେଳେ ଏବେ ଫିଲ୍ମ ୧୦୦କୋଟିରୁ ଅଧିକ ଆୟ କରି ସୁପରହିଟ୍ ସାବ୍ୟସ୍ତ ହୋଇଛି। ଏହି ଫିଲ୍ମଟି ଅକ୍ଷୟ କୁମାରଙ୍କ କେଶରୀ ୨ର ଘରୋଇ ବକ୍ସ ଅଫିସ ସଂଗ୍ରହକୁ ପଛରେ ପକାଇସାରିଛି। ଏବେ ଏହା ଆଲିଆ ଭଟ୍ଟ ଏବଂ ବରୁଣ ଧୱନଙ୍କ ପ୍ରଥମ ଚଳଚ୍ଚିତ୍ର 'ଷ୍ଟୁଡେଣ୍ଟ ଅଫ୍ ଦି ଇୟର' (୭୦କୋଟି) ଏବଂ ଜାହ୍ନବୀ କପୁରଙ୍କ 'ଧଡ଼କ' (୭୩କୋଟି)କୁ ମଧ୍ୟ ପଛରେ ପକାଇଛି।



## ସତେଜ ତ୍ୱଚା ପାଇଁ ପୁଦିନା ପତ୍ର

ପୁଦିନା ପତ୍ରର ବ୍ୟବହାର ପ୍ରତି ଘରେ କରାଯାଇଥାଏ। ଖାସ୍ କରି ଅନେକେ ଚଟଣି ତିଆରି କରିବା ପାଇଁ ପୁଦିନା ପତ୍ରକୁ ବ୍ୟବହାର କରିଥାନ୍ତି। ଖାଲି ସ୍ୱାଦ ପାଇଁ ନୁହେଁ, ପେଟ ଜନିତ ସମସ୍ୟାକୁ ମଧ୍ୟ ପୁଦିନାର ଜୁସ୍ ଦୂର କରିଥାଏ। ଏଥିରେ ପୋଟାସିୟମ, ମ୍ୟାଗ୍ନେସିୟମ, ଆଇରନ୍, କ୍ୟାଲ୍‌ସିୟମ, ଫସ୍‌ଫରସ୍ ଏବଂ ଭିଟାମିନ୍-ସି ଭଳି ପୋଷକ ତତ୍ତ୍ୱ ରହିଥାଏ। ଯାହା ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବା ସହ ସୁସ୍ଥ ରଖିଥାଏ। କିନ୍ତୁ ଆପଣ ଜାଣିଛନ୍ତି ପୁଦିନା ପତ୍ର ଶରୀରକୁ ସୁସ୍ଥ ରଖିବା ସହ ତ୍ୱଚାକୁ ମଧ୍ୟ ସତେଜ ରଖିଥାଏ। ଏହାସହ ତ୍ୱଚା ଜନିତ ଅନେକ ସମସ୍ୟାକୁ ମଧ୍ୟ ଦୂର କରିଥାଏ। ଆସନ୍ତୁ ଜାଣିବା ପୁଦିନା ପତ୍ରରୁ ତ୍ୱଚାକୁ କେଉଁ ସବୁ ଲାଭ ମିଳିଥାଏ ...



- ଯଦି ଧୂଳି ଏବଂ ପ୍ରଦୂଷଣ ପାଇଁ ଆପଣଙ୍କ ବେକ କଳା ହୋଇ ଯାଇଛି, ତେବେ ଏହି କଳା ଦାଗକୁ ଦୂର କରିବା ପାଣି ପୁଦିନା ପାଣି ବ୍ୟବହାର କରନ୍ତୁ। ଏହା ନ୍ୟାଚୁରାଲ ଟୋନର କାମ କରିଥାଏ। ପୁଦିନା ପାଣିକୁ ତୁଳା ସାହାଯ୍ୟରେ ବେକରେ ଲଗାଇ କିଛି ସମୟ ପର୍ଯ୍ୟନ୍ତ ରଖନ୍ତୁ। ପରେ ଏହାକୁ ଥଣ୍ଡା ପାଣିରେ ଧୋଇ ନିଅନ୍ତୁ। ଦୁଇ ସପ୍ତାହ ଏପରି କରିବା ଦ୍ୱାରା ଆପଣମାନେ ଫରକ୍ ଜାଣିପାରିବେ।



- ପୁଦିନାରେ ଆଣ୍ଟି-ଅକ୍ସିଡ଼ାଣ୍ଟର ଗୁଣ ଭରପୂର ପରିମାଣରେ ରହିଥାଏ। ଯଦି ଆପଣ ପୁଦିନାକୁ କିଛି ସମୟ ଫୁଟାଇ ତାହାର ପାଣିକୁ କେଶ ଧୋଇବାରେ ବ୍ୟବହାର କରନ୍ତି। ତେବେ ଆପଣଙ୍କ କେଶ ଝଡ଼ିବା ସମସ୍ୟା ଦୂର ହୋଇଯିବ।
- ଯଦି ଆପଣଙ୍କ ଶରୀରରୁ ଅଧିକ ଝାଳ ବାହାରି ସେଥିରୁ ଦୁର୍ଗନ୍ଧ ବାହାରୁଛି, ତେବେ ଗାଧୋଇବା ସମୟରେ ପୁଦିନାର ପତ୍ର ସେଥିରେ ପକାଇ ଗାଧାନ୍ତୁ। ଏପରି କରିବା ଦ୍ୱାରା ଆପଣଙ୍କ ଶରୀରରୁ ଦୁର୍ଗନ୍ଧ ନ ବାହାରିବା ସହ ସାରା ଦିନ ଆପଣ ସତେଜ ଅନୁଭବ କରିବେ।



## ଉପକାରୀ ହଳଦୀ

**ସକାଳେ ଖାଲି ପେଟରେ ଖାଉଥିବା କିମ୍ବା ପିଉଥିବା ଖାଦ୍ୟ ଆପଣଙ୍କ ସ୍ୱାସ୍ଥ୍ୟ ପ୍ରତି କିପରି ହେବ ତାହା ନିର୍ଣ୍ଣୟ କରେ। ଯଦି ଆପଣ ଖାଲି ପେଟରେ ସୁସ୍ଥ ଖାଦ୍ୟ ଖାଆନ୍ତି, ତେବେ ଆପଣ ସାରା ଦିନ ଆକ୍ଟିଭ୍ ରହିବେ। ଯଦି ଜଙ୍କଫୁଡ୍ କିମ୍ବା ଅସ୍ୱାସ୍ଥ୍ୟକର ଖାଦ୍ୟ ସହିତ ଆପଣ ଦିନଚର୍ଯ୍ୟା ଆରମ୍ଭ କରନ୍ତି, ତେବେ ତୁରନ୍ତ ରୋଗ ମାଡ଼ିଆସିବ। ଏପରି ସ୍ଥିତିରେ ଖାଲି ପେଟରେ ହଳଦୀ ପାଣି ପିଇବା ବହୁତ ଲାଭଦାୟକ ହୋଇଥାଏ।**

ହଳଦୀ ହେଉଛି ଭାରତୀୟ ରୋଷେଇ ଘରେ ବ୍ୟବହୃତ ହେଉଥିବା ଏକ ସାଧାରଣ କିନ୍ତୁ ବହୁତ ଶକ୍ତିଶାଳୀ ମସଲା। ଏଥିରେ ଥିବା କରକ୍ୟୁମିନ ଏକ ଆଣ୍ଟିଅକ୍ସିଡାଣ୍ଟ, ପ୍ରଦାହ-ରୋଧକ ଏବଂ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିକାରୀ ବୋଲି ବିବେଚନା କରାଯାଏ। ବିଶେଷକରି ଯେତେବେଳେ ହଳଦୀକୁ ସକାଳେ ଖାଲି ପେଟରେ ଉଷୁମ ପାଣି ସହିତ ପିଇଥାନ୍ତି ଏହାର ଲାଭ ଆହୁରି ବଢ଼ିଯାଏ। ଆୟୁର୍ବେଦ ଏବଂ ବିଜ୍ଞାନ ଉଭୟ କୁହନ୍ତି ଯେ, ହଳଦୀ ପାଣି ସ୍ୱାସ୍ଥ୍ୟ ପାଇଁ ଅନେକ ଉପାୟରେ ଲାଭଦାୟକ ହୋଇପାରେ। ଆୟୁର୍ବେଦ ବିଭାଗର ମୁଖ୍ୟ ଡାକ୍ତର ଏହାର ଉପାଦେୟ ବିଷୟରେ କହିଛନ୍ତି। ହଳଦୀ ସହିତ ଉଷୁମ ପାଣି ଶରୀରରୁ ବିଷାକ୍ତ ଉପାଦାନ ବାହାର କରିବାରେ ସାହାଯ୍ୟ କରେ। ଏହା ଲିଭରକୁ ସଫା କରିବାରେ ସାହାଯ୍ୟ କରେ ଏବଂ ମେଟାବୋଲିଜିମକୁ ମଧ୍ୟ ସକ୍ରିୟ ରଖେ। ସକାଳେ ଏହାକୁ ପିଇବା ଦ୍ୱାରା ଆପଣ ସାରା ଦିନ ହାଲୁକା ଅନୁଭବ କରନ୍ତି। ହଳଦୀରେ ଥିବା ଗୁଣ ପାଚନ ଏନ୍‌ଜାଇମକୁ ସକ୍ରିୟ କରେ, ଯାହା ଖାଦ୍ୟକୁ ଶୀଘ୍ର ଏବଂ ସଠିକ ଭାବରେ ହଜମ କରିବାରେ ସାହାଯ୍ୟ କରେ। ଏହା ଗ୍ୟାସ, କୋଷ୍ଠକାଠିନ୍ୟ, ଏସିଡିଟି ଭଳି ସମସ୍ୟାରେ ଆରାମ ପ୍ରଦାନ କରେ ଏବଂ ଅନ୍ତନଳୀକୁ ସଫା କରିବାରେ ମଧ୍ୟ ସାହାଯ୍ୟ କରେ। ହଳଦୀରେ ଥିବା କରକ୍ୟୁମିନ ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରେ। ଏହା ବ୍ୟାକ୍ଟେରିଆ ଏବଂ ଭାଇରସ ସହିତ ଲଢ଼ିବାରେ ସାହାଯ୍ୟ କରେ। ପ୍ରତିଦିନ ହଳଦୀ ପାଣି ପିଇବା ଥଣ୍ଡା ଏବଂ କାଶ ଭଳି ଋତୁକାଳୀନ ରୋଗକୁ ରୋକେ। ହଳଦୀ ମେଟାବୋଲିଜିମକୁ ତ୍ୱରାନ୍ୱିତ କରେ ଏବଂ ଚର୍ବି କୋଷଗୁଡ଼ିକୁ ଜମା ହେବାରୁ ରୋକେ। ଉଷୁମ ପାଣି ଏବଂ ଲେମ୍ବୁ ସହିତ ସେବନ କଲେ, ଏହା ପେଟର ଚର୍ବି ହ୍ରାସ କରିବାରେ ମଧ୍ୟ ସାହାଯ୍ୟ କରିପାରେ। ହଳଦୀର ଆଣ୍ଟିଅକ୍ସିଡାଣ୍ଟ ଗୁଣ ଶରୀରରେ ମୁକ୍ତ ରାଡିକାଲ୍ସ ସହିତ ଲଢ଼ିଥାଏ, ଯାହା ଚର୍ମକୁ ଚମକଦାର ରଖେ। ଏହା ବ୍ରଣ ଏବଂ ଦାଗ ଦୂର କରିବାରେ ମଧ୍ୟ ସାହାଯ୍ୟ କରେ। ଚର୍ମ ପ୍ରାକୃତିକ ଭାବରେ ଚମକଦାର ହେବାରେ ଲାଗେ। କିଛି ଗବେଷଣାରୁ ଜଣାପଡ଼ିଛି ଯେ, ହଳଦୀର ନିୟମିତ ସେବନ ବ୍ଲଡ୍ ସୁଗାର ଲେବଲକୁ ସନ୍ତୁଳିତ କରେ ଏବଂ ଖରାପ କୋଲେଷ୍ଟରଲ (LDL) ହ୍ରାସ କରିବାରେ ସାହାଯ୍ୟ କରେ। ଏହା ଡାଇବେଟିସ୍ ରୋଗୀଙ୍କ ପାଇଁ ଲାଭଦାୟକ ହୋଇପାରେ।



### କିପରି ପ୍ରସ୍ତୁତ କରିବେ ହଳଦୀ ପାଣି



ଏକ କପ୍ ଉଷୁମ ପାଣିରେ ଅଧ ଚାମଚ ହଳଦୀ ପାଉଡର (ଜୈବିକ) ମିଶାନ୍ତୁ। ଯଦି ଆପଣ ଚାହାନ୍ତି, ତେବେ ଆପଣ ଲେମ୍ବୁ ରସ୍ ଏବଂ ଚିମୁଟାଏ କଳା ଗୋଲମରିଚ ମଧ୍ୟ ମିଶାଇ ପାରିବେ (କଳା ଗୋଲମରିଚ କରକ୍ୟୁମିନର ପ୍ରଭାବକୁ ବୃଦ୍ଧି କରେ)। ଏହା ବ୍ୟତୀତ, କଞ୍ଚା ହଳଦୀକୁ ପାଣିରେ ଭଲ ଭାବରେ ମିଶାନ୍ତୁ। ଏହାକୁ କିଛି ମିନିଟ ପାଇଁ ଫୁଟାନ୍ତୁ ଏବଂ ଥଣ୍ଡା କରନ୍ତୁ। ଏହାକୁ ଛାଣି ପିଅନ୍ତୁ। ସକାଳେ ଖାଲି ପେଟରେ ଏହାକୁ ଧିରେ ଧିରେ ପିଇବା ଉଚିତ୍। ଖାଇବାର ଅତି କମ୍‌ରେ ୩୦ ମିନିଟ୍ ପୂର୍ବରୁ ପିଅନ୍ତୁ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik

ଓଡ଼ିଶା ଭାସ୍କର
ODISHA BHASKAR
# ରାଜ୍ୟ ଖବର



ନିଆଳି, (ଭାସ୍କର ନ୍ୟୁଜ୍): ଦେବୀ- କଦଳ ଦ୍ୱୀପାଞ୍ଚଳ ଅନ୍ତର୍ଗତ ପଟ୍ଟକଣାଠାରେ ଥିବା ଆଇଡ଼େକ୍ ଆଇଟିଆଇର ଦ୍ୱିତୀୟ ବର୍ଷର ଫିଟର ଏବଂ ଇଲେକ୍ଟ୍ରିସିଆନ ବିଭାଗର ମୋଟ ୧୮ ଜଣ ଛାତ୍ରଙ୍କୁ ମହାରାଷ୍ଟ୍ରର ଏଷ୍ଟରାନ୍ସ ଟେକନୋଲୋଜି ଲିମିଟେଡ୍ କମ୍ପାନୀରେ ଚାକିରୀ କରିବା ପାଇଁ ନିଯୁକ୍ତି ପତ୍ର ମିଳିଛି। ପୂର୍ବଦିନ ତଳେ ଅନଲାଇନ ମାଧ୍ୟମରେ କମ୍ପାନୀ ତରଫରୁ ଇଣ୍ଟରଭିଉ କରାଯାଇଥିଲା। ନିଯୁକ୍ତି ପାଇଥିବା ସମସ୍ତ ଛାତ୍ରମାନଙ୍କୁ ଆଇଟିଆଇର ନିର୍ଦ୍ଦେଶକ ପ୍ରଫେସର ଗାତିକା ମୁଦାଲି, ଟ୍ରଷ୍ଟ ସଭାପତି ଚକ୍ରଧର ପ୍ରଧାନ, ପ୍ରଶାସନିକ ଅଧିକାରୀ ମିହିରକାନ୍ତ ମହାପାତ୍ର ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି। ପୂର୍ବରୁ ମଧ୍ୟ ତିନୋଟି କମ୍ପାନୀ ଆଇଟିଆଇ ଛାତ୍ରମାନଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରି ସାରିଛନ୍ତି। ଚୟନ ହୋଇଥିବା ଛାତ୍ରମାନେ ଶେଷ ବର୍ଷ ପରୀକ୍ଷା ପରୀକ୍ଷା ଦେଇ ଅଗଷ୍ଟ ମାସ ୧୮ ତାରିଖରେ କମ୍ପାନୀରେ ଯୋଗ ଦେବେ ବୋଲି ଆଇଟିଆଇ ପ୍ରିନ୍ସିପାଲ ଇଞ୍ଜିନିୟର ସନ୍ନ୍ୟାସୀ ଜୀ ସୂଚନା ଦେଇଛନ୍ତି। ଏହି ନିଯୁକ୍ତି ପତ୍ର ବଣ୍ଟନ କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ଇଞ୍ଜିନିୟର ବିପୁଳ ଦାସ, ଅଧ୍ୟାପକ ମଦନ ମାଝୀ, ସୌମ୍ୟରଂଜନ ଶତପଥୀ, ତରଣୀସେନ ମହାନ୍ତି, ସୁଧୀର କୁମାର ଜେନା, ଉପେନ୍ଦ୍ର ସେଠୀ, ବିଶ୍ୱରଂଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶେଷବର୍ଷ ପରୀକ୍ଷା ପୂର୍ବରୁ ହାତରେ ତିନି ତିନିଟା କମ୍ପାନୀର ନିଯୁକ୍ତିପତ୍ର ଥିବାରୁ ଛାତ୍ରମାନେ ବିଶେଷ ଖୁସି ଏବଂ କୃତଜ୍ଞତା ପ୍ରକାଶ କରିଥିବାର ଜଣାପଡିଛି।



## ଚୋରକୁ ଧରି ପୋଲିସକୁ ଜିମାଦେଲେ ଗ୍ରାମବାସୀ

ଜଲେଶ୍ୱର, (ଭାସ୍କର ନ୍ୟୁଜ୍): ଜଲେଶ୍ୱର ବ୍ଲକ୍ ରାଇବଣିଆ ଥାନା ଅନ୍ତର୍ଗତ ଉପରକୁଣ୍ଡି ଗ୍ରାମରେ ମଙ୍ଗଳବାର ରାତି ୮ଟା ସମୟରେ ଗାନ୍ଧି ବାବୁଙ୍କ ଦୋକାନ ନିକଟରେ ଏକ ହୋଣ୍ଡା ସାଇନ୍ ବାଇକ ଛିଡ଼ା ହୋଇଥିଲା। କିଛି ସମୟ ପରେ ସେହି ବାଇକଟି ସେହି ଜାଗାରେ ନ ଥିଲା। ପରେ ବହୁ ଖୋଜାଖୋଜି କରି ପାଇ ନଥିଲେ ଏବଂ ବହୁ ଜାଗାକୁ ଖବର ମଧ୍ୟ ଦେଇଥିଲେ। ଅଞ୍ଚଳ ଲୋକ ଖବର ପାଇ ସେହି ବାଇକଟି ନେଇ ଯୁବକ ଚାପଲା ଛକ ପାର୍ ହେବା ସମୟରେ ଉକ୍ତ ବାଇକ ବାଲାଙ୍କୁ ଗ୍ରାମବାସୀ ଘେରାଉ କରି ରାଇବଣିଆ ପୋଲିସକୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ରାଇବଣିଆ ପୋଲିସ ଅଧିକାରୀଣୀ ସୋମାମୁଦ୍ରା ପଣ୍ଡା ପହଞ୍ଚି ଉକ୍ତ ଚୋରକୁ କାବୁ କରିବା ସହ ଚୋରୀ ହୋଇଥିବା ବାଇକକୁ ଜବତ କରି ଥାନା ଆଣି ତଦନ୍ତ ପାଇଁ ରାଇବଣିଆ ଥାନାକୁ ନେଇଛନ୍ତି। ଚୋରି କରିଥିବା ଉକ୍ତ ଯୁବକର ପରିଚୟ ନାଳଗିରି ଅଞ୍ଚଳର ଜାମଡିହା ପଞ୍ଚାୟତ ସ୍ଥିତ ବଡବିଲ ଗ୍ରାମର ହୃଷୀକେଶ ନାୟକ। ଉକ୍ତ ଯୁବକଙ୍କ ନାମରେ ରାଇବଣିଆ ପୋଲିସ ମାମଲା ରୁଜୁ କରି କୋର୍ଟଚାଲାଣ କରିଛି। ରାଇବଣିଆ ପୋଲିସ ଏହାର ଏକ ରାକେଟ ରହିଥିବା ସହିତ କେତୋଟି ବାଇକ୍ ଚୋରି ହୋଇଛି ଏବଂ ଉକ୍ତ ରାକେଟରେ କେତେଜଣ ଲିପ୍ତ ତାହା ରାଇବଣିଆ ପୋଲିସ ତଦନ୍ତ କରୁଛି।

## ଦୁର୍ଘଟଣାରେ ସାଇକେଲ ଆରୋହୀ ମୃତ

କନ୍ଧମାଳ, (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା ମନମୁଣ୍ଡା-କନ୍ଧମାଳ ରାଜ୍ୟ ରାଜପଥର ସୁଲିଆ ନିକଟରେ ଏକ ଅଜଣା ଗାଡି ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ହୋଇଛି। ସୂଚନା ମତେ ବୁଧବାର ରାତି ୮ ଘଣ୍ଟା ସମୟରେ ବଡ଼କୁସିଙ୍ଗ ଗ୍ରାମର ଦୟାନିଧି ରଣା ପଲସାଗୋରା ଅଞ୍ଚଳରୁ ସାଇକେଲ ସଜାଡି ଘରକୁ ଫେରୁଥିବା ସମୟରେ ସୁଲିଆ ନିକଟରେ ଏକ ଅଜଣା ଗାଡି ଧକ୍କା ଦେଇଥିଲା। ଫଳରେ ସାଇକେଲ ଆରୋହୀ ରାସ୍ତା କଡ଼କୁ ଛିଟିକି ପଡିଥିଲେ। ଘଟଣା ସ୍ଥଳରେ କନ୍ଧମାଳ ପୋଲିସ ପହଂଚି ଗୁରୁତର ଆହତଙ୍କୁ କନ୍ଧମାଳ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏପଟେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି।

## ବୃକ୍ଷେରାପଣ ଓ ସେଚତନତା କାର୍ଯ୍ୟକ୍ରମ



କଣାସ, (ଭାସ୍କର ନ୍ୟୁଜ୍): ପୁରି ଜିଲ୍ଲା କଣାସ ବ୍ଲକ ଅନ୍ତର୍ଗତ ତ୍ରିଲୋଚନପୁର ଗ୍ରାମପଞ୍ଚାୟତର ତ୍ରିଲୋଚନପୁର ଗ୍ରାମେର ପ୍ରତିଷ୍ଠିତ ତ୍ରିଲୋଚନପୁର ଉଚ୍ଚବିଦ୍ୟାଳୟ ପରିସରରେ ଏକ ମେଗା ବୃକ୍ଷ ରୋପଣ ସହ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଣାସ ବ୍ଲକ ଶିକ୍ଷା ଅଧିକାରୀ ରାମ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉତ୍ସବର ଉଦ୍ଘାଟନ କରିବାସହ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରିଥିଲେ। ଏହି ଅବସରରେ ଅତିଥି ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ମାନେ ଶତାଧିକ ବୃକ୍ଷ ରୋପଣ କରିବା ସହ ଛାତ୍ରଛାତ୍ରୀମାନେ ସେହି ବୃକ୍ଷ ଗୁଡ଼ିକୁ ନିଜ ମା'ଙ୍କ ପରି ରକ୍ଷଣାବେକ୍ଷଣ କରିବାର ଶପଥ ନେଇଥିଲେ। ସହ ଶିକ୍ଷା ଅଧିକାରୀ ନାରାୟଣ ପ୍ରଧାନ, ପ୍ରଧାନ ଶିକ୍ଷକ ରଘୁନାଥ ବେହେରା, ଆଲୁମୁନି ପ୍ରତିନିଧି ଭୂପତି ତ୍ରିପାଠୀ, ସରପଞ୍ଚ ପ୍ରତିନିଧି ଗୁଣନିଧି ପାତ୍ର, ସମାଜସେବୀ ରବିନାରାୟଣ ଦାଶ, ଶ୍ୟାମ ସୁନ୍ଦର ଦାସ, ଓ ପ୍ରମାଦ କୁମାର ତ୍ରିପାଠୀ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।

# ବନ୍ଧୁ ସାଜିଲା ପିଶାଚ, ନାବାଳିକା ଗର୍ଭବତୀ



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ବନ୍ଧୁ ସାଜିଲା ବଇରୀ। ଘରକୁ ଯିବା ଆସିବା କରି ପରିବାର ସହିତ ସୁସମ୍ପର୍କ ରଖି ଯୁବକ ବିଶ୍ୱାସ ଘାତକ କଲା। କେଷରେ ବାପା ସହିତ ବନ୍ଧୁ ହୋଇ ୧୭ ବର୍ଷୀୟ ନାବାଳିକା ଝିଅ ସହ ସମ୍ପର୍କ ରଖି ଗର୍ଭବତୀ କରିବା ପରେ ନାବାଳିକା ବାପା ଅସ୍ତରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଖବର ମୁତାବକ ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅଞ୍ଚଳରେ ଜଣେ ଗାଡି ଚାଳକଙ୍କ ଘରେ ତାଙ୍କ ସହିତ ଭାଡ଼ିପୁର ଅଞ୍ଚଳ ବେଲେଶ୍ୱର ଗ୍ରାମର ବନମାଳୀ ନାୟକ (୩୩)ଗାଡିରେ ହେଲ୍ପର ଭାବେ କାମ କରିବା ପରେ ଗାଡି ଚାଳକଙ୍କ ସହିତ ସୁସମ୍ପର୍କ ହୋଇଥିଲା। କିନ୍ତୁ ବନ୍ଧୁ ହୋଇ ବଇରୀ ସାଜିଲା। ଅସ୍ତରଙ୍ଗ ଥାନା ଅଞ୍ଚଳ ୧୭ବର୍ଷୀୟ ନାବାଳିକା ସୋମବାର ସନ୍ଧ୍ୟା ସମୟରେ ପେଟ ଯନ୍ତ୍ରଣା ହେବାରୁ ପରିବାର ଲୋକେ ନିକଟସ୍ଥ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। କିନ୍ତୁ ଚିକିତ୍ସାଧୀନ ଡକ୍ଟର ନାବାଳିକା ଗର୍ଭବତୀ ଅଛି ବୋଲି ଜାଣିବା ପରେ ନାବାଳିକା ବାପାଙ୍କୁ ଜଣାଇଥିଲେ। ଯାହାଫଳରେ ନାବାଳିକା ବାପା ଅସ୍ତରଙ୍ଗ ଥାନାରେ ମଙ୍ଗଳବାର ଅଭିଯୋଗ ଦେବା ସହ ଦର୍ଶାଇଛନ୍ତି ବନମାଳି ନାୟକ ଦୀର୍ଘଦିନ ହେବ ବନ୍ଧୁ ହେବା ସହ ଗାଡି ଚଳାଚଳ କାମ କରିଥାନ୍ତି। କିନ୍ତୁ ବନ୍ଧୁତ୍ୱ ପୂର୍ଣ୍ଣ ସମ୍ପର୍କ ଭିତରେ ବନମାଳି ନାୟକ ଘରକୁ ସଦାବର୍ବଦା ଯିବା ଆସିବା କରେ। ଯାହା ଫଳରେ ନାବାଳିକା ଗର୍ଭବତୀ ବୋଲି ବାପା ବନମାଳି ନାୟକଙ୍କୁ ସନ୍ଦେହ ହେଉଅଛି ବୋଲି ଲିଖିତ ଅଭିଯୋଗ ଦେବା ପରେ ଅସ୍ତରଙ୍ଗ ପୋଲିସ ଘଟଣାକୁ ତଦନ୍ତ ସହ ନେଇ ବନମାଳୀ ନାୟକଙ୍କୁ ଅସ୍ତରଙ୍ଗ ଥାନାରେ ଅଟକ ରଖିବା ସହ ଥାନାରେ ମାମଲା ରୁଜୁ କରିବା ସହ ବୁଧବାର ଅପରାହ୍ନ ସମୟରେ ଉଭୟ ନାବାଳିକା ଓ ବନମାଳିଙ୍କୁ ବୟାନ ରେକର୍ଡ ପାଇଁ ପୁରୀ ସିଡବ୍ଲୁସିକୁ ନିଆଯାଇଛି। ଅନ୍ୟ ପଟେ ନାବାଳିକା ଝିଅର ମା' ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ତାଙ୍କ ପରିବାରକୁ ଉପଯୁକ୍ତ ନ୍ୟାୟ ଦେବାକୁ। ଅସ୍ତରଙ୍ଗ ପୋଲିସ ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ ଜାରି ରଖିଛି।

## କାର ଧକ୍କାରେ ଯୁବକ ମୃତ
## ସାହାଯ୍ୟ ଦାବିରେ ଗ୍ରାମବାସୀଙ୍କ ରାସ୍ତାରୋକ



ରଘୁନାଥପୁର, (ଭାସ୍କର ନ୍ୟୁଜ୍): ରଘୁନାଥପୁର ଥାନା ଅନ୍ତର୍ଗତ କଟକ ପାରାଦୀପ ରାସ୍ତାର ଖଣ୍ଡତରି ଠାରେ ଏକ କାର ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ମୃଷ ରାଉତଙ୍କ ପୁଅ ଗୁରୁଚରଣ ରାଉତ (୪୫)। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ଅପରାହ୍ନ ୨ଟା ୩୦ମିନିଟରେ ଗୁରୁଚରଣ ନିଜ ଚଳି କିଆରିକୁ ଯାଉଥିବାବେଳେ କଟକ ଆଡ଼ୁ ଦୃତଗତିରେ ଆସୁଥିବା କାର ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଦୁର୍ଘଟଣାର ମାତ୍ରା ଏତେ ଜୋରରେ ଥିଲା ଯେ ଗୁରୁଚରଣ ପ୍ରାୟ ୧୦ଫୁଟ ଉପରକୁ ଉଠି ତଳେ ପଡିଯାଇଥିଲେ। କାରଟି ଗୁରୁଚରଣଙ୍କୁ ଧକ୍କା ଦେଇ ରାସ୍ତାପାଖ ହୋଟେଲ ନିକଟରେ ଥିବା ଅନ୍ୟ ଏକ କାରରେ ପିଟି ହୋଇଥିଲା। ଫଳରେ ଥିଆ ହୋଇଥିବା ଉକ୍ତ କାରର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ଗୁରୁଚରଣଙ୍କ ପଛମୁଣ୍ଡ ଫାଟି ରକ୍ତାକ୍ତ ହେବାରେ ଦୁଇଗୋଡ ଭାଙ୍ଗିଯାଇଥିଲା। ତୁରନ୍ତ ତାଙ୍କୁ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ଗୁରୁଚରଣଙ୍କୁ ମୃତ ଘୋଷଣା କରିଥିଲେ। କାରଟି ଗୁରୁଚରଣଙ୍କୁ ଧକ୍କା ଦେଇ ପାରାଦୀପ ଆଡ଼କୁ ଯାଉଥିଲା। ମୃତ୍ୟୁଖବର ପାଇ ସ୍ଥାନୀୟ ଗ୍ରାମବାସୀ ସାହାଯ୍ୟ ଦାବିରେ କଟକ ପାରାଦୀପ ରାସ୍ତା ଅବରୋଧ କରିଥିଲେ। ଆଇଆଇସି ସୁଶାନ୍ତ କୁମାର ସେଠୀ, ଏଏସଆଇ ଯୋଗେଶ୍ୱର ବେହେରା ପୋଲିସ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ରଘୁନାଥପୁର ତହସିଲଦାର, ବିଡିଓ ବିରଞ୍ଚି ନାରାୟଣ ବେହେରା ଓ ଅତିରିକ୍ତ ତହସିଲଦାର ତପନ କୁମାର ପରିଡା ପହଞ୍ଚି ଲୋକଙ୍କୁ ବୁଝାସୁଝା କରି ରେଡକ୍ରସ ପକ୍ଷରୁ ୨୦ ହାଜର ଟଙ୍କା ସାହାଯ୍ୟ ଯୋଗାଇ ଦେବାର ପ୍ରତିଶ୍ରୁତି ଦେବାପରେ ଉତ୍ୟକ୍ତ ଲୋକେ ଅବରୋଧରୁ ହଟିଥିଲେ। ଏ ସମ୍ପର୍କରେ ମୃତ ଗୁରୁଚରଣଙ୍କ ସ୍ତ୍ରୀ ମୋନାଲିସା ରାଉତ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରିରଖିଛି। ଦୁର୍ଘଟଣା ଘଟାଇଥିବା କାରଚାଳକ ସୁସଭାନୁ ନାୟକଙ୍କୁ ପୋଲିସ ନିଜ ହେପାଜତକୁ ନେଇଛି।

# ଗଛ କଟା ବେଳେ ବନ ବିଭାଗର ଚଢାଉ, ୨ ଗାଡି ଜବତ









କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ସଦର ରେଞ୍ଜ ଜଡିପଦା ବିଟ୍ ଅନ୍ତର୍ଗତ ସାହାଡାପୁର ଗ୍ରାମ୍ୟ ଜଙ୍ଗଲରୁ ବେଆଇନ ଗଛ କଟାବେଳେ ବନ ବିଭାଗ ଅତର୍କିତ ଚଢାଉ କରି ଗୋଟିଏ ଟ୍ରକ ଏବଂ ଲୋଡିଂ କାର୍ଯ୍ୟରେ ନିୟୋଜିତ ଏକ ହାଇଡ୍ରା ଗାଡି ଅଟକ ରଖି ତଦନ୍ତ କରୁଛି। ବନ ବିଭାଗକୁ ସ୍ଥାନୀୟ ଅଞ୍ଚଳରୁ ସୂଚନା ମିଳିବା ପରେ ଟାଉନ ଫରେଷ୍ଟର ଅକ୍ଷୟ କୁମାର ମହାନ୍ତି,ଜଡିପଦା ବିଟ୍ ପରେଷ୍ଟ ଗାର୍ଡ ପ୍ରଣୟିନୀ ଅମାନ୍ତ ଏବଂ ସ୍କ୍ୱାର୍ଡ କର୍ମଚାରୀ ଗତକାଲି ସନ୍ଧ୍ୟାରେ ଅତର୍କିତ ଚଢାଉ କରିଥିଲେ। ବନବିଭାଗ ଗାଡିକୁ ଦେଖି ଗଛ କାଟୁଥିବା ସଂଖ୍ୟାଲଘୁ କାଠ ମାଫିଆ ଏବଂ କିଛି ସ୍ଥାନୀୟ ଲୋକ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ସାହାଡାପୁର ଗ୍ରାମ୍ୟ ଜଙ୍ଗଲରେ ବହୁ ସଂଖ୍ୟାରେ ୟୁକାଲିପଟାସ ଗଛ ରହିଛି। ଗତ କିଛିଦିନ ହେବ କାଠ ମାଫିଆମାନେ ବହୁ ୟୁକାଲିପଟାସ ଗଛ କାଟି ଟ୍ରକରେ ବାହାର ରାଜ୍ୟକୁ ଚାଲାଣ କରିଥିବା ବେଳେ ଗତକାଲି ଚଢାଉ ବେଳେ ୨ଟି ଗାଡି ଜବତ୍ ହୋଇଛି। ଏକ ହାଇଡ୍ରା ଏବଂ ୟୁକାଲିପଟାସ କାଠ ଲୋଡ ଥିବା ୧୬ ଚକିଆ ଟ୍ରକକୁ ବନ ବିଭାଗ ଆଣି ସାହାଡାପୁର ଗ୍ରାମ୍ୟ ଜଙ୍ଗଲରୁ ଆଣି ପଦ୍ମପୁର ମେଗା ନର୍ସରୀ ପରିସରରେ ରଖିଛି। ଏ ନେଇ ସଦର ରେଞ୍ଜର ଅଜିତ୍ ଦାସଙ୍କୁ ପଚାରିବାରୁ ବିନା ଅନୁମତିରେ ଗଛ କାଟୁଥିବାରୁ ୨ଟି ଗାଡି ଅଟକ ରଖାଯାଇ ତଦନ୍ତ ଚାଲିଛି। ବେଆଇନ ଗଛ କଟାରେ ସମ୍ପୃକ୍ତ ଥିବା କାଠ ମାଫିଆଙ୍କୁ ଧରିବା ପାଇଁ ଚେଷ୍ଟା ଚାଲିଛି। ସଂଖ୍ୟାଲଘୁ କାଠ ମାଫିଆ ଧରା ପଡିଲେ ଏହି କାର୍ଯ୍ୟରେ ଅନ୍ୟ କେଉଁମାନେ ସମ୍ପୃକ୍ତ ଅଛନ୍ତି ତାହା ଜଣାପଡିବ ବୋଲି ଦାସ କହିଛନ୍ତି।

## ଚଳିତ ଖରିଫ ଋତୁ ପାଇଁ ଚାଷୀ ପଞ୍ଜିକରଣ ଆରମ୍ଭ

କରଞ୍ଜିଆ, (ଭାସ୍କର ନ୍ୟୁଜ୍): ଚଳିତ ଖରିଫ ଋତୁପାଇଁ ଚାଷୀପଞ୍ଜି କରଣ ନିମନ୍ତେ ବିଧିବୋଧ ଭାବେ ୧୯ ତାରିଖ ଠାରୁ ଆରମ୍ଭ ହୋଇଯାଇଛି। ଚାଷୀ ଲେମ୍ପସରୁ ମାଗଣାରେ ପଞ୍ଜିକରଣ ଫର୍ମ ପାଇପାରିବେ ଚାଷୀ ସଠିକ ତଥ୍ୟ ପୂରଣ କରି ୨୦ଅଗଷ୍ଟ ସୁଦ୍ଧା ପଞ୍ଜିକରଣ ନିମନ୍ତେ ଲେଂପସରେ ଦାଖଲ କରିବେ। ଲେମ୍ପସ କାର୍ଯ୍ୟାଳୟରେ ଚାଷୀ ପଞ୍ଜିକରଣ ନିମନ୍ତେ ପଞ୍ଜିକରଣ ଫର୍ମ ପ୍ରଦାନ କରାଯାଉଛି ଏହା ସମ୍ପୂର୍ଣ୍ଣ ନିଃଶୁଳ୍କ। ଚଳିତବର୍ଷ ପଞ୍ଜୀକରଣକୁ ସରକାର କଡ଼ାକଡି କରିଛନ୍ତି। ଜମି ମାଲିକଙ୍କ ମୃତ୍ୟୁ ହେଇଥିଲେ ଚାଷ କରୁଥିବା ଚାଷୀ ଯଦି ପୁଓ, ପୁତୁରା ହୋଇଥିବେ ତେବେ ଲିଗାଲହେୟାର କାଢିବେ ବା ନିଜ ସର୍କଲର ଆରଆଇ କୃଷି ନାମ ଲେଖିଲେ ଯାଇ ପଞ୍ଜୀକରଣ ହୋଇ ପାରିବ ଅନ୍ୟ କ୍ଷେତ୍ରରେ ଭାଗଚାଷୀ ହୋଇଥିଲେ ଜମି ମାଲିକଦେଇଥିବା ସହମତି ପତ୍ର ଦାଖଲ କରିବେ ତେବେ ଯାଇ ପଞ୍ଜିକରଣ ହୋଇପାରିବ ବୋଲି କରଞ୍ଜିଆ ଲେମପସର ଏମଡି ପ୍ରଦୀପ ଗିରି ସୂଚନା ଦେଇଛନ୍ତି। ଚଳିତ ବର୍ଷ ଅଧିକରୁ ଅଧିକ ଚାଷୀ କିପରି ଲେମ୍ପସ ମାଧ୍ୟମରେ ନିଜ ଧାନ ବିକ୍ରୟ କରି ଉପକୃତ ହେବେ ସେଥିପାଇଁ ସରକାର ଲେମ୍ପସଗୁଡିକୁ ସୂଚନା ଦେଇଛନ୍ତି। ଚାଷୀଙ୍କ ତଥ୍ୟ ନିର୍ଭୁଲ କରିବା ପାଇଁ ମଧ୍ୟ ଚିଠି ମାଧ୍ୟମରେ ସୂଚନା ପ୍ରଦାନ କରିଛନ୍ତି। ସମସ୍ତ ଚାଷୀ ନୂତନ ଭାବେ ପଞ୍ଜିକରଣ କରିବେ କୌଣସି ପଞ୍ଜିକରଣ ନବୀକରଣ ହେବ ନାହିଁ। ପଞ୍ଜିକରଣ ସମୟରେ ଚାଷୀ ସମସ୍ତ ତଥ୍ୟ ଦେବାକୁ ହେବ। ଏହି ପଞ୍ଜିକରଣ ପ୍ରକ୍ରିୟା ଅଗଷ୍ଟ ୨୦ ପର୍ଯ୍ୟନ୍ତ ଚାଲିବ।

# ବିଶ୍ୱ ମୂଳନିବାସୀ ଦିବସ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ



ମାଲକାନଗିରି, (ଭାସ୍କର ନ୍ୟୁଜ୍): ବିଶ୍ୱ ମୂଳନିବାସୀ ଦିବସ ଉତ୍ସବ ଅଗଷ୍ଟ ୦୯ରେ ଧୁମଧାମରେ ପାଳନ କରିବା ସକାଶେ ବୁଧବାର ମାଲକାନଗିରି ସଦର କୁମୁଟିଗୁଡା ସ୍ଥିତ ଆଦିବାସୀ କମ୍ୟୁନିଟି ଗୃହରେ ଜିଲ୍ଲା ମୂଳନିବାସୀ ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟିର ଏକ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି ଜାରାଶବର ମାଡି ଏଥିରେ ଅଧକ୍ଷତା କରିଥିଲେ। ଦେଶ ସ୍ୱାଧୀନ ହେଇକରି ୭୮ ବର୍ଷପରେ ମଧ୍ୟ ସ୍ଥାନୀୟ ମୂଳନିବାସୀମାନେ ସାମ୍ବିଧାନିକ ଅଧିକାର ଓ ଆତ୍ମ ସମ୍ମାନରୁ ବଞ୍ଚିତ। ତେଣୁକରି ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଜମିଜମା ବିଷୟ, ଜୈବ ବିଭିଧାତା ଓ ବିସ୍ଥାପନ ସକାଶେ ଥଇଥାନ ପ୍ରଭୃତି ବିଷୟ ସମ୍ବନ୍ଧରେ ମହାମହିମ ରାଷ୍ଟ୍ରପତି, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିବା ସମ୍ବନ୍ଧରେ ଆଲୋଚନା ହୋଇଥିଲା। ହାଟପଦା ଠାରୁ ବିଶାଳ ରାଲିରେ ପାରମ୍ପରିକ ବେଶଭୁଷା ଓ ନାଚଗୀତରେ ବାହାରି ବ୍ଲକ ପଡିଆରେ ପହଞ୍ଚିବା ପରେ ସଭାକର୍ଯ୍ୟ ଆରମ୍ଭ ହେବ ବୋଲି ସ୍ଥିର କରାଯାଇଛି। ଆଉମଧ୍ୟ ଜିଲ୍ଲା ମୂଳନିବାସୀ ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ଆଜି ସମ୍ପ୍ରସାରଣ କରାଯାଇଥିବା ସଭାପତି ମାଡି ସୂଚନା ଦେଇଛନ୍ତି। ସର୍ବସମ୍ମତି କ୍ରମେ ଆଜି ସଭାରେ ଉପଦେଷ୍ଟା କମିଟିରେ ଶ୍ରୀନିବାସ ମୁଦୁଲି, ଉପ ସଭାପତି ଭାବେ ସର୍ବ କୁମାର ବିଶୋଇ, ସହ ସମ୍ପାଦକ ଇର୍ମା କୁରାମି, ସାଙ୍ଗଠନିକ ସମ୍ପାଦକ ରାଜେନ୍ଦ୍ର କୁଲଦୀପ ଓ ମିଡ଼ିଆ ସେଲର ସମ୍ପାଦକ ଭାବେ କେ. ଦେଶୀରାଜୁ ଆଚାରି କମିଟିରେ ସ୍ଥାନ ପାଇଛନ୍ତି। କ୍ରିୟାନୁଷ୍ଠାନ କମିଟିର ମାଲକାନଗିରି ବ୍ଲକ ସଭାପତି ଭାବେ ଭଗବାନ ସୀସା ଓ ସମ୍ପାଦକ କିଷାନ ଦୁରୁଆ, କୋରୁକୋଣ୍ଡା ବ୍ଲକର ସଭାପତି ଭାବେ ସୋମନାଥ ବାର୍ସେ ଓ ସମ୍ପାଦକ ରାଜେନ୍ଦ୍ର ପଲାସି, ଖଇରପୁଟ ବ୍ଲକର ସଭାପତି ଭାବେ ଜିତେନ୍ଦ୍ର ଖିଲ ଓ ସମ୍ପାଦକ ବିନୋଦ ମୁଦୁଲି ଏବଂ ମାଲକାନଗିରି ପୌର ପରିଷଦର ସଭାପତି ଭାବେ ଜାମକୁ ବାଘ ଓ ସମ୍ପାଦକ ଭାବେ ଜ୍ୟୋତିରଞ୍ଜନ ପାଣିଗ୍ରାହୀ ଚୟନ ହୋଇଛନ୍ତି। ସେହିପରି ଜିଲ୍ଲା ଯୁବ ମୂଳ ନିବାସୀ ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟିର ସଭାପତି ଭାବେ ସଞ୍ଜୟ କୁମାର ମାଡକାମୀ ଓ ମୁକା ମାଡ଼ିଙ୍କୁ ସାଧାରଣ ସମ୍ପାଦକ ଭାବେ ଚୟନ କରାଯାଇଛି। ଏ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କ୍ରିୟାନୁଷ୍ଠାନ କମିଟିର ସଭାପତି ଜାରାଶବର ମାଡି, ସାଧାରଣ ସମ୍ପାଦକ ହରିବନ୍ଧୁ ଗଲୋରୀ, ମୁଖ୍ୟ ଉପଦେଷ୍ଟା ପ୍ରଭାକର ହନ୍ତାଳ, ଉପ ସଭାପତି ଇର୍ମା ପଡ଼ିଆମୀ, ଘେନୁ ମୁଦୁଲି ଓ ମୁକ୍ତା ହନ୍ତାଳ, ଜିଲ୍ଲା ସଂଯୋଜକ ଡମ୍ବରୁ ବାଘ, କୋଷାଧ୍ୟକ୍ଷ କଣ୍ଟେଶ୍ୱର ପୋଟଲା, ଯୁଗ୍ମ ସମ୍ପାଦକ କୁମାର ଜାଲିଆ ସାଂଗଠନିକ ସମ୍ପାଦକ ସନାତନ କବାସୀ ଓ ପୂର୍ବତନ ଜିଲ୍ଲା ପରିଷଦ ଉପାଧକ୍ଷ୍ୟା ପୁଷ୍ପା କବାସୀ, ସୋମେସ ବାଘ ପ୍ରମୁଖ ଉପସ୍ଥିତ ଥିଲେ। ହରିବନ୍ଧୁ ଗଲୋରୀ ସଭା ପରିଚାଳନା କରିଥିଲେ।

## ମୃତ ଦୁଇ ଯୁବକଙ୍କ ପରିବାରକୁ ଆର୍ଥିକ ସହାୟତା

ବଡ଼ଚଣା, (ଭାସ୍କର ନ୍ୟୁଜ୍): ବଡ଼ଚଣା ବ୍ଲକ ଅନ୍ତର୍ଗତ ଧାନମଣ୍ଡଳ ଗ୍ରାମର ଅନିଲ କୁମାର ସାହୁ ଓ ଧନେଶ୍ୱର ନାୟକଙ୍କର ଅକାଳ ବିୟୋଗାତ୍ମକ ଖବର ପାଇ ଆଜି କେନ୍ଦ୍ରାପଡା କ୍ରେଡିଟ କୋଅପରେଟିଭ ସୋସାଇଟ, ବାଲିଚନ୍ଦ୍ରପୁର ଶାଖା ପକ୍ଷରୁ ଉଭୟ ପରିବାରକୁ ୧୦ ହଜାର ଟଙ୍କାଏ ଲେଖାଏଁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ସୋସାଇଟର ପ୍ରତିଷ୍ଠାତା ସଭାପତି ପ୍ରମୋଦ କୁମାର ସାହୁ ଆଜି ଉଭୟଙ୍କ ବାସଭବନରେ ପହଞ୍ଚି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହିତ ଅକାଳ ମୃତ୍ୟୁ ବରଣ କରିଥିବା ଉଭୟ ମୃତ ଯୁବକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଅମର ଆତ୍ମାର ସଦଗତି କାମନା କରିଥିଲେ। ତେବେ ଉଭୟଙ୍କ ପରିବାରକୁ ସମବେଦନା ଜଣାଇବା ପାଇଁ ଆସିଥିବା ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ କେନ୍ଦ୍ରାପଡା କ୍ରେଡିଟ କୋ ଅପରେଟିଭ ସୋସାଇଟର ଏଭଳି ସହାୟତା ପାଇଁ ସୋସାଇଟକୁ ସାଧୁବାଦ ଜଣାଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ନବଦ୍ୱୀପ ନାୟକ, ସୋସାଇଟିର ବାଲିଚନ୍ଦ୍ରପୁର ଶାଖାର ମୁଖ୍ୟ ପରିଚାଳିକା ସନ୍ତୋଷୀ ସାମଲ, ସୋସାଇଟର ଦୈନିକ ଜମା ସଂଗ୍ରହକାରୀ ଚିନ୍ମୟ କୁମାର ଜେନା ଓ ଭୂପେଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ମଞ୍ଜୁରୀରୋଡ-ଚୁଆଗଡିଆ ପୂର୍ତ୍ତ ରାସ୍ତା ବିପର୍ଯ୍ୟସ୍ତ



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ମଞ୍ଜୁରୀରୋଡ-କେନ୍ଦୁଆପଦା ଗ୍ରାମ୍ୟ ଉନ୍ନୟନ ରାସ୍ତାର ଚୁଆଗଡିଆ (ଫୋର-ଟି)ଛକ ପର୍ଯ୍ୟନ୍ତ ଏକ କିଲୋମିଟର ରାସ୍ତା ଯାତାୟତ କାରୀଙ୍କ ପାଇଁ ଅତ୍ୟନ୍ତ ବିପଦସଙ୍କୁଳ ପାଲଟିଛି। ସମ୍ପୃକ୍ତ ରାସ୍ତା ସାନଶାସନ ପଞ୍ଚାୟତର ବିମ୍ବଳବର ଓ ଶାସନ ମଧ୍ୟଦେଇ ମଞ୍ଜୁରୀରୋଡକୁ କେନ୍ଦୁଆପଦା ସହ ସଂଯୁକ୍ତ କରୁଛି। ଏହି ରାସ୍ତାର ଚୁଆଗଡିଆ ଛକ ଠାରୁ ଭଣ୍ଡାରୀପୋଖରୀ, କୁଲଣା ଓ ଛତାବର ସହ ମଞ୍ଜୁରୀରୋଡକୁ ମଧ୍ୟ ସଂଯୁକ୍ତ କରୁଛି। ସ୍କୁଲ କଲେଜ ପିଲା, ରୋଗୀ ଓ ଦୂରଯାତ୍ରୀମାନେ ଏହି ଛକ ମଧ୍ୟଦେଇ ମଞ୍ଜୁରୀରୋଡ ବଜାର, ମେଡିକାଲ, କଲେଜ ଓ ରେଳଷ୍ଟେସନକୁ ଯାତାୟତ କରିଥାନ୍ତି। ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ଗତ ୪ବର୍ଷ ପୂର୍ବେ ନିର୍ମିତ ହୋଇଥିଲା। ଏହି ରାସ୍ତାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଛି। ରାସ୍ତାର ଦୁରାବସ୍ଥା ପାଇଁ ଗତ ବର୍ଷ କେବଳ କ୍ରସର ଡଷ୍ଟ ବିଛାଣ କରାଯାଇ ଅସ୍ଥାୟୀ ଭାବେ ମରାମତି କରାଯାଇ ଥିଲା। ହେଲେ ରାସ୍ତାର ପୁନଃନିର୍ମାଣ କରାଯାଇନଥିଲା। ଫଳରେ ବହୁସଂଖ୍ୟକ ଯାନବାହନ ଯାତାୟତ ସହ ଲଗାଣ ବର୍ଷାରେ ରାସ୍ତା ଭାଙ୍ଗିରଜି ଯାଇ ଅତ୍ୟନ୍ତ ବିପଦସଙ୍କୁଳ ହୋଇଛି। ରାସ୍ତାର ପ୍ରତି ଏକଫୁଟ ଦୂରତାରେ ଗୋଟିଏ ବଡ ଗାଡ ସୃଷ୍ଟି ହୋଇଛି। ବର୍ଷାରେ ରାସ୍ତାର ଖାଲଅଂଶ ଜଳପୂର୍ଣ୍ଣ ହୋଇ ଯାତାୟତ କାରୀଙ୍କ ପାଇଁ ଭ୍ରମ ସୃଷ୍ଟି କରି ଦୁର୍ଘଟଣା ଘଟୁଛି। ଏ ସମ୍ପର୍କରେ ବିଭାଗର ଦୃଷ୍ଟି ଆକର୍ଷ ବହବାର କରାଯାଇଥିଲେ ମଧ୍ୟ ବିଭାଗୀୟ ଯନ୍ତ୍ରୀମାନେ ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି ବୋଲି ସ୍ଥାନୀୟ ସମାଜସେବୀ ଦେବେନ୍ଦ୍ର ସାହୁ ପ୍ରମୁଖ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ତୁରନ୍ତ ରାସ୍ତା ମରାମତି କରିବାକୁ ଜିଲ୍ଲାପାଳ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

## ଆରଡିସି ସଂଗ୍ରାମ କେଶରୀ ମହାପାତ୍ରଙ୍କ ନିଯୁକ୍ତି ନେଇ ପ୍ରଶ୍ନ

ବିଞ୍ଝାରପୁର, (ଭାସ୍କର ନ୍ୟୁଜ୍): ଲୋକଙ୍କ ସରକାର ବୋଲି ଡିଣ୍ଡିମ ପିଟୁଛି ମୋହନ ସରକାର। ମାତ୍ର ବାସ୍ତବ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଗୋଟିଏ ପରେ ଗୋଟିଏ ପଦକ୍ଷେପ ବିବାଦୀୟ। ବୁଦ୍ଧିଜୀବୀ, ସେବା ନିବୃତ୍ତ ପ୍ରଶାସନିକ ଅଧିକାରୀ ଏପରିକି ସାଧାରଣ ଲୋକ ସରକାରଙ୍କ ନିଯୁକ୍ତି ଓ ବଦଳିକୁ ନେଇ ଅଙ୍ଗୁଳି ନିର୍ଦ୍ଦେଶ କଲେଣି। ନଗଦା ନଗଦ ରାଜ୍ୟ ସରକାର ୪୯ ଜଣ ଆଇଏଏସ ଏବଂ ଓଏଏସଙ୍କ ବଦଳି କରିଛନ୍ତି। ଶାସନ ବ୍ୟବସ୍ଥାକୁ ଅଧିକ ଉତ୍ତରଦାୟୀ ଓ ପାରଦର୍ଶୀ କରିବା ପାଇଁ ଏଭଳି ବଡ ଧରଣର ଅଦଳ ବଦଳ କରାଯାଇଛି ବୋଲି ସରକାର କୁହନ୍ତି। ତେବେ ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ବ୍ରହ୍ମପୁର ଆରଡିସି ଭାବେ ନିଯୁକ୍ତି ଦେବାକୁ ସହଜରେ ହଜମ କରିପାରିନାହାନ୍ତି ରାଜ୍ୟର ବହୁ ବୁଦ୍ଧିଜୀବୀ, ରାଜନେତା ଓ ପ୍ରାଶାସନିକ ଅଧିକାରୀ। ସେମାନଙ୍କ କହିବା କଥା ହେଲାଯେ ରାଜସ୍ୱ ଆୟୁକ୍ତ ଏକ ବୈଧାନିକ ପଦବୀ। ଜଣେ ଭାରତୀୟ ପ୍ରଶାସନିକ ଅଧିକାରୀ (ଆଇଏସ) ଅତିକମରେ ୧୬ ବର୍ଷ ପରେ ରାଜସ୍ୱ ଆୟୁକ୍ତ ହେବା କଥା। ମାତ୍ର ସଂଗ୍ରାମ କେଶରୀ ମହାପାତ୍ରଙ୍କ କ୍ଷେତ୍ରରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ମହାପାତ୍ର ୨୦୧୨ ମସିହାରେ ଓଏଏସରୁ ଆଇଏଏସ ହୋଇଥିଲେ। ବିଦ୍ୟାଳୟ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ମହାପାତ୍ର ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ପଦରେ ସରକାର ନିଯୁକ୍ତି ଦେବାର ବୈଧତା ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ସରକାର ଚେତିବେ ଓ ଏ ଦିଗରେ ପଦକ୍ଷେପ ନେବେ, ଉଚିତ ମାନିଲେ ପୁନର୍ବିଚାର କରିବେ ବୋଲି ସାଧାରଣରେ ଆଶା ଓ ବିଶ୍ୱାସ। ନିର୍ମଳ ଗ୍ରାମ ପଞ୍ଚାୟତ ବିଞ୍ଝାରପୁର ର ପ୍ରାକ୍ତନ ସରପଞ୍ଚ ଉତ୍କଳ ସୋସିଆଲ ୱେଲ୍ ଫେୟାର ସୋସାଇଟିର ସଭାପତି ଅବଦୁଲ୍ଲା କାଦିର ଖାଁ ଏନେଇ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ଅବହେଳିତ ଅବସ୍ଥାରେ ରୁଣ୍ଡିମହୁଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

କନ୍ଧମାଳ, (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ଅନ୍ତର୍ଗତ ରୁଣ୍ଡିମହୁଲ ଗ୍ରାମରେ ଶିକ୍ଷାର ମୂଳଦୁଆ ପକାଇବା ପାଇଁ ପ୍ରାଥମିକ ବିଦ୍ୟାଳୟ ୧୯୦୪ମସିହାରେ ସ୍ଥାପନ କରାଯାଇଥିଲା। ବିଦ୍ୟାଳୟରୁ ଶିକ୍ଷାଗ୍ରହଣ କରି ଏବେ ହଜାର ହଜାର ଛାତ୍ର ଛାତ୍ରୀ ଦେଶର କୋଣ ଅନୁକୋଣରେ କାର୍ଯ୍ୟରତ। ହେଲେ ଆଜିବି ଏ ବିଦ୍ୟାଳୟର ଭିତ୍ତିଭୂମିରେ କୌଣସି ଆଖି ଦୃଶିଆ ପରିବର୍ତ୍ତନ ହୋଇନାହିଁ। ପୁରୁଣା ଆଜବେଷ୍ଟ, ଛାତ ଘରେ ଆଜିବି ଛାତ୍ର ଛାତ୍ରୀ ଖରା, ବର୍ଷା, ଶୀତରେ ପାଠ ପଢୁଛନ୍ତି। ପ୍ରଥମେ ଶିକ୍ଷାର ବିକାଶ ପାଇଁ ୧୯୦୪ ମସିହାରେ ଏକ ଝାଟି ମାଟି ଘରେ ଉକ୍ତ ପ୍ରାଥମିକ ବିଦ୍ୟାଳୟ ଆରମ୍ଭ କରାଯାଇଥିଲା। ପରେ ଶ୍ରେଣୀ କୋଠରୀ ଗୁଡିକ ଝାଟିମାଟି, ନଡା ଛପରରୁ ଟିଣ, ଆଜବେଷ୍ଟ ଛାତରେ ପରିବର୍ତ୍ତିତ ହୋଇଥିଲା। ଦେଶ ସ୍ୱାଧୀନ ହେବାର ଦୀର୍ଘ ବର୍ଷ ପରେ ମଧ୍ୟ ଛାତ୍ର ଛାତ୍ରୀଙ୍କ ପାଇଁ ୨ଟି ପକ୍କା ଶ୍ରେଣୀ କୋଠରୀ ନିର୍ମିତ ହୋଇଥିଲା। ହେଲେ ଏବେ ଏହାର ଅବସ୍ଥାରେ କୌଣସି ପରିବର୍ତ୍ତନ ହୋଇନାହିଁ। ବର୍ଷା ହେଲେ ଛାତରୁ ପାଣି ଝରୁଛି। ବିଦ୍ୟାଳୟରେ ଥିବା ଆଜବେଷ୍ଟ ଗୃହ ଗୁଡିକ ଜରାଜୀର୍ଣ୍ଣ ତଥା ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ପୁରୁଣା ଆଜବେଷ୍ଟ ଛାତ କୋଠରୀରେ ଛାତ୍ର ଛାତ୍ରୀ ପାଠ ପଢୁଛନ୍ତି। ବର୍ତ୍ତମାନ ଏହି ବିଦ୍ୟାଳୟରେ ୧୦୮ଜଣ ଛାତ୍ରଛାତ୍ରୀ ଅଧ୍ୟୟନ ରତ ଥିବାବେଳେ ବିଦ୍ୟାଳୟର ଅବସ୍ଥା ଦେଖିଲେ ଶିକ୍ଷାର ବିକାଶ କେଉଁ ଦିଗକୁ ଗତି କରୁଛି।

## ଚୋରି କରି ଯୁବକ ଗିରଫ

କଣ୍ଟାପଡା, (ଭାସ୍କର ନ୍ୟୁଜ୍): ଅଡସପୁର ବଛସାଇଲୋ ଭାୟା ସିଠାଳ ରାସ୍ତା ବିମ ସେଣ୍ଟର ପାଖରେ ଥିବା ଫ୍ଲିପକାର୍ଟ ଅଫିସରେ କାମ କରୁଥିବା ଗୋବିନ୍ଦପୁର ଥାନା ଉର୍ଦ୍ଧାଡ ପଂଚାୟତ ତଣ୍ଡୀକଣା ଗ୍ରାମର ଅଜୟ ରାଉତ ଓରଫ ଅଜୁକୁ କୌଣସି କାରଣରୁ ବାହାର କରିଦେଇଥିଲା ସଂସ୍ଥା ଯାହାଫଳରେ ପ୍ରତିଶୋଧ ପାରାୟଣ ହୋଇ ଟଙ୍କା ରଖାଯାଉଥିବା ଜାଗାକୁ ସଠିକ ଭାବରେ ଜାଣିଥିଲା ଅଜୁ। ୨୦ ତାରିଖରେ ସ୍କାଏଲାଇଟ ଭାଙ୍ଗି ଉକ୍ତ ସଂସ୍ଥାର ଅଫିସରେ ପଶି ୨ଲକ୍ଷ ୯ହଜାର ୮ଶହ ଟଙ୍କା ଚୋରିକରି ନେଇଥିଲା। ଏଠାରେ ସୂଚନା ଥାଉ କି ଏହି ସଂସ୍ଥାରୁ ଟଙ୍କା ଚୋରି ହୋଇଥିବା ସୁପରଭାଇଜର ଜୀବନଜ୍ୟୋତି ପାଇଟାଳ ଓଲଟପୁର ଥାନାରେ ଅଭିଯୋଗ କରିଥିଲେ। ଓଲଟପୁର ପୋଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା। ଅଭିଯୁକ୍ତ ଚୋରି ହୋଇଥିବା ଟଙ୍କାକୁ ଘର ପଛପଟେ ଏକ ମାଠିଆ ଭିତରେ ରଖିଥିଲେ। ଚୋରି ହୋଇଥିବା ଟଙ୍କାକୁ ଜବତ କରିବା ସହ ପୋଲିସ ଅଜୁକୁ କୋର୍ଟଚାଲାଣ କରିଛି।

# ଚୋରା ମଦ ଜବତ, ଜଣେ ଗିରଫ



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ପୁଲିସ ବୁଧବାର କଣମଣ ଛକ ନିକଟରେ ପାଟ୍ରୋଲିଂ କରୁଥିବା ସମୟରେ ଅଚାନକ ଚଢ଼ାଉ କରି ୪୨ଲିଟର ଦେଶୀ ମଦ ଜବତ କରିବା ସହ ଏହି ଘଟଣାରେ ବିଜୟ ରଞ୍ଜନ ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ମୁତାବକ ବୁଧବାର ସକାଳ ୧୦.୩୦ମିନିଟ ସମୟରେ ଅସ୍ତରଙ୍ଗ ଥାନା ଏଏସଆଇ ପ୍ରଶାନ୍ତ କୁମାର ସାମନ୍ତରାୟ, ଥାନା କର୍ମଚାରୀ ବନବିହାରୀ ଦାସ, ଏସକେ ରାଉତ ପାଟ୍ରୋଲିଂ କରୁଥିବା ସମୟରେ ବିଶେଷ ସୂତ୍ରରୁ ଖବର ପାଇଁ ଅଚାନକ ଚଢ଼ାଉ କରିଥିଲେ। କିନ୍ତୁ ବେଆଇନି ମଦ ବିକ୍ରୟ କିମ୍ବା ପରିବହନ ପାଇଁ କୌଣସି ବୈଧ ଲାଇସେନ୍ସ କିମ୍ବା ଆଇନିଗତ ଅଧିକାର ପ୍ରଦାନ କରି ପାରିନଥିଲେ ଚୋରା ମଦ ବ୍ୟବସାୟୀ। ଯାହାଫଳରେ ଅସ୍ତରଙ୍ଗ ଥାନା ପୋଲିସ ଅଭିଯୁକ୍ତ ବିଜୟ ରଞ୍ଜନ ନାୟକ (୬୨) ଗିରଫ କରିବା ସହ ତାଙ୍କ ନିକଟରୁ କଣମଣ ଘର ସାମ୍ନାରୁ ୯ଟି କାଗଜ କାଟୁନ ଆସ୍କା ୪୦ମଦ, ପ୍ରତ୍ୟେକ କାଟୁନ ୮ଟି କାଟୁନ ରେ ୨୫ଟି ବୋତଲ ଏବଂ ଗୋଟିଏ କାଟୁନୁ ୧୦ଟି ଆସ୍କା ୪୦ବୋତଲ ଜବତ କରିଥିଲେ। ଖୋଜା ଖୋଜି କରିବା ସମୟରେ ୨୧୦ଟି ଦେଶୀ ମଦ ବୋତଲ (୨ଶହ ମିଲି ପ୍ରତ୍ୟେକ) ପାଇଥିଲେ ଯାହା ବୋତଲ ରେ ଆସ୍କା ୪୦ ପେପର ଷ୍ଟିକର ଲାଗିଥିଲା। ମୋଟ ୪୨ଲିଟର ଜବତ କରାଯାଇଥିଲା। ଅସ୍ତରଙ୍ଗ ଥାନା କେଶ ନମ୍ବର ୧୪୯/ ୨୫ରେ ମାମଲା ରୁଜୁ କରିବା ଶହ ଓଡିଶା ଅବକାରୀ ବିଭାଗ ଆକ୍ଟ ୨୦୦୮ ଅନୁଯାୟୀ ୫୨ (ଏ)ରେ ଚୋରା ମଦ ବ୍ୟବସାୟୀ ବିଜୟ ରଞ୍ଜନ ନାୟକଙ୍କୁ ଗିରଫ କରିବା ସହ ସ୍ୱାସ୍ଥ୍ୟ ପରୀକ୍ଷା ପରେ କୋର୍ଟ ଚାଲାଣ କରାଯାଇଛି ବୋଲି ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶ ବଳିୟାର ସିଂ ସୂଚନା ଦେଇଛନ୍ତି।

## ରକ୍ତ ଭଣ୍ଡାର ଖୋଲିବା ପାଇଁ ଦାବିପତ୍ର

ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍): ମୋହନା ଶ୍ରୀ ହରିଚନ୍ଦନ ବେହେରାଙ୍କ ନେତୃତ୍ୱରେ ମୋହନା ବ୍ଲକର ପାଣ ଖ୍ରୀଷ୍ଟିୟାନ ଯୁବ ସମାଜ ତରଫରୁ ଗଜପତି ଜିଲ୍ଲାପାଳଙ୍କ ଜରୀଆରେ ମୋହନା ବ୍ଲକରେ ଏକ ରକ୍ତ ଭଣ୍ଡାର ସ୍ଥାପନ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ଦରଖାସ୍ତ ପ୍ରଦାନ କରାଯାଇଛି। ଉକ୍ତ ସମାଜର ସଭାପତି ଶ୍ରୀ ହରି ଚନ୍ଦନ କହିଛନ୍ତି। ସେମାନେ ଆଜକୁ ପ୍ରାୟ ୭ ମାସ ପୂର୍ବେ ଇଉଡଙ୍କ ଙ୍କ ଜରିଆରେ ଗଜପତି ଜିଲ୍ଲାପାଳଙ୍କୁ ଦରଖାସ୍ତ କରିଥିଲେ। ବର୍ତ୍ତମାନ ସେହି ସମ୍ପର୍କରେ ଜିଲ୍ଲାପାଳ ଏକ କ୍ଷୁଦ୍ର ରକ୍ତ ଭଣ୍ଡାର କରିବା ନିମନ୍ତେ ନିଷ୍ପତ୍ତି କରାଯାଇଛି ବୋଲି କରିବା ହେତୁ, ତାହାର ବ୍ୟାପକ ଅର୍ଥାତ୍ ରକ୍ତ ଭଣ୍ଡାର ସ୍ଥାପନ ଦାବିକରି ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ବୁଧବାର ଦରଖାସ୍ତ ପ୍ରଦାନ କରିଛନ୍ତି। ଏହି ସମାଜ ପରବର୍ତ୍ତୀ ସମୟରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ ହେବ ବୋଲି କହିଛନ୍ତି ଓ ସମସ୍ତଙ୍କୁ ଏହି ପ୍ରଚେଷ୍ଟାରେ ସହଯୋଗ କରିବା ନିମନ୍ତେ ଆହ୍ୱାନ କରିଛନ୍ତି। ଉକ୍ତ କାର୍ଯ୍ୟରେ ଆଜି ଏହି ସମାଜର ସମ୍ପାଦକ, କୋଷାଧ୍ୟକ୍ଷ, ଉପଦେଷ୍ଟା ସହ ସମସ୍ତ କର୍ମକର୍ତ୍ତା ଏବଂ ଅନ୍ୟାନ୍ୟ ସମାଜ ପ୍ରେମୀ ମାନେ ମଧ୍ୟ ଯୋଗ ଦେଇଥିଲେ।



# ଆମ କଳାହାଣ୍ଡି



ପୃଷ୍ଠା-୧୦
Page-10
ଗୁରୁବାର, ୨୪ ଜୁଲାଇ ୨୦୨୫
ଓଡ଼ିଶା ଭାସ୍କର, ଭୁବନେଶ୍ବର




### ରୋଗୀ କଲ୍ୟାଣ ସମିତି ବୈଠକ

## ଡ଼ାକ୍ତରଙ୍କ ଡ୍ୟୁଟିକୁ ନେଇ ଅସନ୍ତୋଷ




ଧର୍ମଗଡ଼, (ଭାସ୍କର ନ୍ୟୁଜ୍): ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ମଙ୍ଗଳବାର ଦିନ ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ରୋଗୀ କଲ୍ୟାଣ ସମିତି ଅଧ୍ୟକ୍ଷ ତଥା ଧର୍ମଗଡ ବିଧାୟକ ସୁଧିର ରଞ୍ଜନ ପଟ୍ଟଯୋଶୀଙ୍କ ସଭାପତିତ୍ୱ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଧର୍ମଗଡ ଉପଜିଲ୍ଲାପାଳ ଅଜୟ ତିର୍କି, ବୈଠକର ଆବାହକ ତଥା ଉପଖଣ୍ଡ ଚିକିତ୍ସାଧିକାରୀ ଡା.ସଦାନନ୍ଦ ପାଣିଗ୍ରାହୀ, ରୋଗୀ କଲ୍ୟାଣ ସମିତି ସଦସ୍ୟ ବିଷ୍ଣୁ ପ୍ରସାଦ ଅଗ୍ରୱାଲ, ଇଙ୍ଗିତ କୁମାର ପଣ୍ଡା, ବିଡ଼ିଓ ସଦାଶିବ ନାୟକ, ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଶୀ, ଏନଏସି ଅଧ୍ୟକ୍ଷ ଅଶୋକ ମହାନ୍ତିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ । ଡ଼ାକ୍ତରଖାନାର ବିଭିନ୍ନ ସମସ୍ୟା, ଅଭାବ ଅସୁବିଧା ସମ୍ପର୍କରେ ଉପଖଣ୍ଡ ଚିକିତ୍ସାଧିକାରୀ ସମିତିକୁ ଅବଗତ କରାଇଥିଲେ । ଗୋଟିଏ ଶବ ବ୍ୟବଚ୍ଛେଦ ଗୃହ ନିର୍ମାଣ, ଚିକିତ୍ସାଳୟର ବାଉଣ୍ଡରୀ ୱାଲ ନିର୍ମାଣ, ଡ୍ରେନଜ ବ୍ୟବସ୍ଥା, ଶବ ବାହାକ ଗାଡ଼ିର ବ୍ୟବସ୍ଥା ସହ ଚିକିତ୍ସାଳୟ ହତାରେ ଦଲାଲ ରାଜକୁ ହଟାଇବା ସହ ସୁରକ୍ଷା ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା । ଖୁବଶୀଘ୍ର ଏକ ଶବ ବାହକ ଗାଡ଼ି ଯୋଗାଇ ଦିଆଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ । ତେବେ ଡାକ୍ତର ମାନେ ହସ୍ପିଟାଲରେ ରୋଗୀଙ୍କୁ ଚିକିତ୍ସା କରିବା ପରିବର୍ତ୍ତେ ବାହାରେ ନିଜେ ସମ୍ପୃକ୍ତ ଥିବା କ୍ଲିନିକକୁ ରୋଗୀଙ୍କୁ ପଠାଇ ଚିକିତ୍ସା କରୁଥିବା ଅଭିଯୋଗ କରିଥିଲେ ସଦସ୍ୟ ବିଷ୍ଣୁ ପ୍ରସାଦ ଅଗ୍ରୱାଲ ଏଥି ସହ ବିଶେଷଜ୍ଞ ଡାକ୍ତର ମାନେ ଓପିଡି ସମୟ ରେ ନିଜ ନିଜ ଚାମ୍ବରରେ ବସୁ ନ ଥିବାରୁ ରୋଗୀ ମାନେ ହଇରାଣ ହେଉ ଥିବା ଶ୍ରୀ ଅଗ୍ରୱାଲ ଅସନ୍ତୋଷ ପ୍ରକାଶ କରି ଥିଲେ । ସକାଳ ଓପିଡି ସମୟରେ ବିଶେଷଜ୍ଞ ଡାକ୍ତର ମାନେ ଚାମ୍ବର ରେ ବସିବା ନେଇ ସୁନିଶ୍ଚିତ କରିବା ପାଇଁ ସେ ଉପଖଣ୍ଡ ଚିକିତ୍ସାଧିକାରୀଙ୍କୁ ଅନୁରୋଧ କରିଥିଲେ । ହସ୍ପିଟାଲ ମେନେଜର ସୋମେଶ୍ୱର ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ବର୍ଷାରେ ବେହାଲ ଧର୍ମଗଡ ଏସ୍‌ଟି ସ୍କୁଲ ଛକ




ଧର୍ମଗଡ଼ (ଭାସ୍କର ନ୍ୟୁଜ୍) : ଟିକେ ବର୍ଷାରେ ବି ବେହାଲ ହୋଇପଡ଼େ ଧର୍ମଗଡ଼ ଏସଟି ସ୍କୁଲ ଛକ । ଦୀର୍ଘଦିନରୁ ଏଭଳି ସମସ୍ୟା ଥିଲେ ହିଁ ନା ବୁଝୁଛି ଏନ୍‌ଏସି ନା ଏନ୍‌ଏଚ୍ । ଯାହାର ପରିଣାମ ଭୋଗୁଛନ୍ତି ସାଧାରଣ ଲୋକ ଓ ଛକ ଦୋକାନୀ । ଜାତୀୟ ରାଜ ପଥ ଅଧିନରେ ଥିବା ଏହି ଜାତୀୟ ରାଜପଥ ୧୩୦ସିରେ ଥିବା ଏସ୍‌ଟି ସ୍କୁଲ ଛକରେ ବର୍ଷା ଜଳ ନିଷ୍କାସିତ ହୋଇ ନ ପାରିବା ଯୋଗୁଁ ସ୍ଥାନୀୟ ବାସିନ୍ଦାମାନେ ବର୍ଷ ବର୍ଷ ଧରି ଦୁର୍ଦ୍ଦଶା ଭୋଗୁଛନ୍ତି । ସାମାନ୍ୟ ବର୍ଷାରେ ରାସ୍ତାରେ ଆଣ୍ଠୁଏଁ ପାଣି ଚାଲିବା ସହ ମଇଳା ଡ୍ରେନ ପାଣି ଦୋକାନ ଗୁଡ଼ିକରେ ପଶି ଯାଉଛି । ଯାହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ବର୍ଷା ମାସରେ ଏଭଳି ପରିସ୍ଥିତି ପ୍ରତିବର୍ଷ ସୃଷ୍ଟି ହେବା ଓ ସ୍ଥାନୀୟ ବ୍ୟବସାୟୀ ଓ ବାସିନ୍ଦା ମାନେ ବାରମ୍ବାର ସ୍ଥାନୀୟ ପ୍ରଶାସନକୁ ଜଣାଇବା ପରେ ମଧ ଏପର୍ଯ୍ୟନ୍ତ କୌଣସି ସମାଧାନ ହୋଇପାରି ନ ଥିବା ଅଭିଯୋଗ ହେଉଛି । ଏହାରି ଭିତରେ ଏନ୍‌ଏସି ଦାୟିତ୍ୱରୁ ଓହରି ଏନ୍‌ଏଚ କର୍ତ୍ତୃପକ୍ଷଙ୍କ ଉପରେ କାଦୁଅ ଫୋପାଡୁଥିବା ବେଳେ ଏନ୍‌ଏଚ୍ କର୍ତ୍ତୃପକ୍ଷ ନିରବ ସାଜିଥିବା ନୀତିକୁ ସ୍ଥାନୀୟ ଲୋକେ ଘୋର ନିନ୍ଦା କରିବା ସହ ସମାଲୋଚନା କରୁଛନ୍ତି । ରାସ୍ତା ଏନ୍‌ଏଚ୍ ହୋଇଥିଲେ ହିଁ ଡ୍ରେନ ଦାୟିତ୍ୱ ଏନ୍‌ଏସି୍‌ର ଥିବାବେଳେ ଧର୍ମଗଡ଼ ଏନ୍‌ଏସି ପ୍ରତିବର୍ଷ ସମସ୍ୟାକୁ ଏଡ଼ାଇ ଦେଉଥିବା ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି । ବର୍ଷା ଋତୁ ପୂର୍ବରୁ ଡ୍ରେନ ର ସଫେଇ କାର୍ଯ୍ୟ ଏନଏସି କରିବା କଥା ।ଡ୍ରେନ ସଫେଇ କାମ ହୋଇଥିଲେ ହୁଏ ତ ଏଭଳି ସମସ୍ୟା ଉଠି ନ ଥାନ୍ତା ବୋଲି ଛକ ବାସିନ୍ଦା ଓ ଦୋକାନୀ ମାନେ ପ୍ରକାଶ କରନ୍ତି । ହେଲେ ବିଭାଗୀୟ କର୍ତ୍ତୃପକ୍ଷ ନିରବ ସାଜିବା ନେଇ ସମସ୍ତଙ୍କ ଭିତରେ କ୍ଷୁବ୍ଧ ପ୍ରକାଶ ପାଇଛି । ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଡ୍ରେନ ସଫେଇ କରଣ କରିବା ସହ ଏହାର ସ୍ଥାୟୀ ସମାଧାନ ପାଇଁ ସାଧାରଣରେ ଦାବି ହେଉଛି ।

## ଧର୍ମଗଡରେ ନୂତନ ଉପଖଣ୍ଡ ପୋଲିସ ଅଧିକାରୀଙ୍କ ଯୋଗଦାନ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଧର୍ମଗଡ ଉପଖଣ୍ଡ ପୋଲିସ ଅଧିକାରୀଙ୍କ କାର୍ଯ୍ୟାଳୟରେ ସୋମବାର ନୂତନ ଉପଖଣ୍ଡ ପୋଲିସ ଅଧିକାରୀ ଭାବରେ ଦୋଲମଣି ଭୋଇ ଯୋଗ ଦେଇଛନ୍ତି । ପୂର୍ବରୁ ସେ କେଉଁଝରରେ ଉପଖଣ୍ଡ ପୋଲିସ ଅଧିକାରୀ ରହିଥିଲେ । ପୂର୍ବତନ ଉପଖଣ୍ଡ ପୋଲିସ ଅଧିକାରୀ ମନୋଜ କୁମାର ବେହେରାଙ୍କ ଅନ୍ୟତ୍ର ବଦଳି ହୋଇଥିବା ବେଳେ ଦୀର୍ଘ ଦିନ ଧରି ଏହି ପଦବୀ ଖାଲି ପଡ଼ିଥିଲା । ନୂତନ ଉପଖଣ୍ଡ ପୋଲିସ ଅଧିକାରୀ ଶ୍ରୀ ଭୋଇ ଯୋଗ ଦେବା ପରେ ଧର୍ମଗଡ ଥାନା ଅଧିକାରୀ ପ୍ରଶାନ୍ତ କୋଲାହରସ, ଏଆଇ ସନ୍ତୋଷ କୁମାର ସେଠୀ, ଏଏସ୍‌ଆଇ ସନ୍ତୋଷ ସିର୍କା, ପ୍ରବୀଣ କୁମାର ରଥ, ବୀରେନ୍ଦ୍ର ପଣ୍ଡା ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ ।

## ଯାଦବ ସମିତିର ପୁନଃ ଗଠିତ



ନର୍ଲା, (ଭାସ୍କର ନ୍ୟୁଜ୍) : ନର୍ଲା ବ୍ଲକ ଯାଦବ ସମିତି ପୁନଃଗଠନ ନେଇ ଏକ ସାଧାରଣ ସଭା ସ୍ଥାନୀୟ ଯାଦବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ନର୍ଲା ବ୍ଲକ୍ ଯାଦବ ସମିତି ସଭାପତି ଯୁଧିଷ୍ଠିର ଗଉଡଙ୍କ ଅଧ୍ୟକ୍ଷତାରେ ଏନେଇ ଆୟୋଜିତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ କଳାହାଣ୍ଡି ଜିଲ୍ଲା ଯାଦବ ମହାସଭା ଅଭ୍ୟର୍ଥନା କମିଟି ସଭାପତି ଗିରିଧାରୀ ଗଉଡ ଓ ସାଧାରଣ ସମ୍ପାଦକ ତ୍ରିପୁରା ଗଉଡ, ପର୍ଯ୍ୟବେକ୍ଷକ ଭାବେ ଜିଲ୍ଲା ଅଭ୍ୟର୍ଥନା କମିଟିର ମାଧବ ଲହଜଲ ଓ ଅରଖିତ ଭଇଁସାଲ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲ୍ଲା ଯାଦବ ମହାସଭା ସଭାପତି ନୃପରାଜ ଯାଦବ, ସମ୍ମାନିତ ଅତିଥି ଭାବେ ଭବାନୀପାଟଣା ଯାଦବ ସମିତିର ସତ୍ୟ ନାରାୟଣ ବିଶି ଓ ନଳିନୀକାନ୍ତ ରାଉତ, କେସିଙ୍ଗା ବ୍ଲକ ଯାଦବ ସମିତିର ଜଗନ୍ନାଥ ବାଗ ଓ ମହିପାଲ ନାଏକ, ଧର୍ମଗଡ଼ ଏନ୍‌ଏସି ଯାଦବ ସମିତିର ଅନିରୁଦ୍ଧ ଲହଜଲ, ଶିକ୍ଷାବିତ ପ୍ରଶୁନ୍ନ କୁମାର ଜାଲ, କଳାହାଣ୍ଡି ଜିଲ୍ଲା ଯାଦବ ମହାସଭାର ଉପ ସଭାପତି ଦୁଲ୍ଲଭ ମାହାର, ବରିଷ୍ଠ ଯାଦବ ନେତା ହୃଷିକେଶ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ । ମଞ୍ଚ ପରିଚାଳନା କରିଥିଲେ ଭାଗବତିଆ କବି ମଧୁସୂଦନ ରାଉତ । ଏହି ଅବସରରେ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ନର୍ଲା ବ୍ଲକ ଯାଦବ ସମିତିର ନୂତନ ସଭାପତି ଭାବେ ଲିଙ୍ଗରାଜ କରୁଆଁ, ଉପସଭାପତି ଭାବରେ ଦୁଲ୍ଲଭ ମାହାର, ସୁନୀଲ କୁମାର ଧଙ୍ଗଡାମାଝୀ ଓ ମାର୍କଣ୍ଡ ଜାଲ, ସାଧାରଣ ସମ୍ପାଦକ ଭାବେ ମଧୁସୂଦନ ରାଉତ, ଯୁଗ୍ମ ସମ୍ପାଦକ ଭାବରେ ଅଜିତ କରୁଆଁ, କୋଷାଧ୍ୟକ୍ଷ ଭାବେ ଗିରିଧାରୀ ଗଉଡ, ବ୍ଲକ ଯୁବ ଯାଦବ ସଭାପତି ଭାବେ ପ୍ରଶୁନ୍ନ କୁମାର ଜାଲ ନିର୍ବାଚିତ ହୋଇଛନ୍ତି । ଏହି କାର୍ଯ୍ୟକ୍ରମରେ ୨୫ ଗୋଟି ଆଞ୍ଚଳିକ ଯାଦବ ସମିତିର କର୍ମକର୍ତ୍ତାଙ୍କ ସମେତ ବହୁ ଯାଦବ ପୁରୁଷ ଓ ମହିଳାମାନେ ଉପସ୍ଥିତ ଥିଲେ ।

## ସ୍ୱର୍ଗତଃ ମାନସ ରଞ୍ଜନଙ୍କ ପରିବାରକୁ ସହାୟତା



ନର୍ଲା (ଭାସ୍କର ନ୍ୟୁଜ୍) : ବିଶାଖାପାଟଣା ସ୍ଥିତ କେଜିଏଚ୍ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁବରଣ କରିଥିବା ଶିକ୍ଷକ ମାନସ ରଞ୍ଜନ ମାଝୀଙ୍କ ପରିବାର ବର୍ଗଙ୍କୁ ଭେଟି ସହଯୋଗର ହାତ ବଢ଼ାଇଲା ନର୍ଲା ପ୍ରାଥମିକ ଶିକ୍ଷକ ସଂଘ । ସଂଘର ସାଧାରଣ ସମ୍ପାଦକ ଅମିତ୍ କୁମାର ଶର୍ମାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଦହଲ ସ୍ଥିତ ତାଙ୍କ ବାସ ଭବନକୁ ଆସି ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ସହ ଶାନ୍ତନା ପ୍ରଦାନ କରିଥିଲେ ଓ ସରକାରଙ୍କ ତରଫରୁ ମିଳୁଥିବା ମୃତ୍ୟୁକାଳୀନ ସହାୟତା ଅନ୍ୟାନ୍ୟ କାଗଜ ପତ୍ର କିପରି ସୁରୁଖୁରୁରେ ହୋଇ ପାରିବ ସେ ବିଷୟରେ ପରାମର୍ଶ ଦେଇଥିଲେ । ଏଥିରେ ଅମିତ ଶର୍ମାଙ୍କ ସହ ସିଆରସିସି ଜଗଦୀଶ ପ୍ରସାଦ ସାହୁ, ପୂର୍ବତନ ସିଆରସିସି ଅଚ୍ୟୁତ ବାରିକ, କ୍ଷିତିଶ ଚନ୍ଦ୍ର ମାଝୀ, ଗୁଣନିଧି ପଧାନ୍, ହରିଶ୍ଚନ୍ଦ୍ର ଧଙ୍ଗଡା ମାଝୀ, ଅଭୟ ନାଏକ, ଯୁଧିଷ୍ଠୀ ମାଝୀ, ବିକାଶ ରଞ୍ଜନ ନାଏକ ପ୍ରମୁଖ ଯୋଗ ଦେଇଥିଲେ । ପରେ ସ୍ୱର୍ଗତ ମାଝୀ ଶିକ୍ଷକତା କରୁଥିବା ରୂପ୍ରା କ୍ଲଷ୍ଟର ସିଆରସିସିଙ୍କ ନେତୃତ୍ୱ ରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଆସି ସେମାନେ ମଧ ସ୍ୱତନ୍ତ୍ର ଭାବେ ଆର୍ଥିକ ସହଯୋଗ କରିଥିଲେ ଓ ପରିବାରକୁ ଶାନ୍ତନା ଦେଇ ଥିଲେ ।

## ପିଡୀତା ପରିବାରକୁ ଭେଟିଲେ କଂଗ୍ରେସ ଓ ବିଜେପି ପ୍ରତିନିଧି ଦଳ



କୋକସରା, (ଭାସ୍କର ନ୍ୟୁଜ୍) : କୋକସରା ବ୍ଲକ ଆମପାଣି ଥାନା ଅଞ୍ଚଳର ଜଣେ ନାବାଳିକାକୁ ଦୁଷ୍କର୍ମ ହୋଇଥିବା ନେଇ ଅଭିଯୋଗ ହୋଇଛି । ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଏହି ସମ୍ବେଦନଶୀଳ ଘଟଣାକୁ ନେଇ କଂଗ୍ରେସର ୫ ଜଣିଆ ଏକ ମହିଳା ପ୍ରତିନିଧି ଦଳ ମଙ୍ଗଳବାର ପିଡୀତାର ଗାଁକୁ ଯାଇ ନାବାଳିକା ପିଡୀତା ଓ ତାଙ୍କ ପରିବାର ଲୋକଙ୍କୁ ସାକ୍ଷାତ କରିଛନ୍ତି । ଏହି ପ୍ରତିନିଧି ଦଳରେ କଂଗ୍ରେସ ସାଂସଦ ପ୍ରାର୍ଥୀନି ଦ୍ରୌପଦୀ ମାଝୀଙ୍କ ଅଧକ୍ଷତାରେ ଜ୍ୟୋସ୍ନାମୟୀ ବଗର୍ତ୍ତୀ, ମାଣିକ୍ୟ ସୁନା, ମନ୍ଦାକିନୀ ବାଣୁଆ, ପ୍ରଗତି ନାଏକ ପ୍ରମୁଖ ସାମିଲ ହୋଇଥିଲେ । ଏବଂ ପୀଡ଼ିତ ଓ ତାଙ୍କ ପରିବାର ସହିତ ଆଲୋଚନା କରିବା ସହ ତଥ୍ୟ ସଂଗ୍ରହ କରିଛନ୍ତି । ଏହା ସହିତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ପାଇଁ ଜିଲ୍ଲା କଂଗ୍ରେସ କମିଟିକୁ ଏକ ବିସ୍ତୃତ ସୂଚନା ଦେବା ସହିତ ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଏହି ୫ ଜଣିଆ ପ୍ରତିନିଧି ଦଳ ସହିତ ବ୍ଲକ କଂଗ୍ରେସ ସଭାପତି ଲିଙ୍ଗରାଜ ବେହେରା, ତ୍ରିଭୁବନ ନାଏକ, ଅରୁଣ ମାଝୀ, ହରିଶ୍ଚନ୍ଦ୍ର ନାଏକ, ବେନୁପାଣି ଦୁର୍ଗା, ଟିକିଚନ୍ଦ୍ର ଧଙ୍ଗଡ଼ାମାଝୀ, ଅଜୟ ପଣ୍ଡା, ମନୋରଞ୍ଜନ ବାଣୁଆ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ବିଜେପି ପକ୍ଷରୁ ମଧ ଏକ ପ୍ରତିନିଧି ଦଳ ମଧ ପୀଡ଼ିତା ଓ ତାଙ୍କ ପରିବାର ଲୋକଙ୍କୁ ସାକ୍ଷାତ କରିବା ସହ ଏହି ଘଟଣା ପ୍ରତି ରାଜ୍ୟ ସରକାର ପିଡୀତା ପରିବାର ପ୍ରତି ସହାନୁଭୂତି ପ୍ରକାଶ କରିଛନ୍ତି ଓ ଦୋଷୀ ପ୍ରତି ତୁରନ୍ତ ପଦକ୍ଷେପ ନିଆଯାଇଛି, ଅଭିଯୁକ୍ତକୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

## ଜାତିଆଣ ଆକ୍ଷେପ ନେଇ ୟୁଟ୍ୟୁବରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ଭବାନୀପାଟଣା,(ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଧର୍ମଗଡ ବ୍ଲକ ଖଇର ପଦର ଅଞ୍ଚଳର ଜଣେ ୟୁଟ୍ୟୁବର ପଶ୍ଚିମ ଓଡିଶାର ଲୋକପ୍ରିୟ କଳାକାର ରୁକୁ ସୁନାଙ୍କ ନାମରେ ଜାତିଆଣ ଆକ୍ଷେପ କରିଥିବା ଅଭିଯୋଗ ହୋଇଛି । ସେହିପରି ଅନୁସୂଚିତ ଜାତି ଓ ଜନଜାତିଙ୍କ ନାମରେ ଅଶାଳୀନ ମନ୍ତବ୍ୟ ଓ ସାମ୍ବିଧାନିକ ଅଧିକାର ଉପରେ କୁଠାରଘାତ କରିଥିବା ନେଇ ଥାନାରେ କୋକସରା ବ୍ଲକ ଅଲ ଓଡିଶା ସିଡ୍ୟୁଲ କାଷ୍ଟ ଫେଡେରେସନ ଅଭିଯୋଗ କରିଛି । ଶୀଘ୍ର ଦୋଷୀ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରାଯାଇଛି । କୋକସରା ବ୍ଲକ ଅଲ ଓଡିଶା ସିଡ୍ୟୁଲ କାଷ୍ଟ ଫେଡେରେସନ ପକ୍ଷରୁ ବ୍ଲକ ସଭାପତି କୌଶିକ ଦୁରିଆ, ସାଧାରଣ ସମ୍ପାଦକ ଖଗେଶ୍ୱର ପାଣିଗ୍ରାହୀ, କୋଷାଧ୍ୟକ୍ଷ ରମେଶ ଚନ୍ଦ୍ର ଦୁର୍ଗା, ସାମାଜିକ ମୁଖ୍ୟ ଧବଳେଶ୍ୱର ନାଗ, ଉପ ସଭାପତି ଅଜୟ କୁମାର ଦୀପ, ପରମେଶ୍ୱର ପାଣିଗ୍ରାହୀ, ଧ୍ୱଜ ମହାନନ୍ଦ, ଆଇନଜୀବୀ ଉଗ୍ରେସନ ବାଗ, ସଦନ ନାଏକ, ଦେବିଶ୍ୱର ପାଣିଗ୍ରାହୀ,ସଭାପତି ଗଣ୍ଡ ସମାଜ କୋକସରା ବ୍ଲକ କ୍ଷୀରସିନ୍ଧୁ ମାଝୀ, ନିରଞ୍ଜନ ମାଝୀ, ଭୁବନେ ମାଝୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ । କୋକସରା ଥାନା ଅଧିକାରୀଙ୍କ ଅନୁପସ୍ଥିତି କାରଣରୁ ଏସ୍‌ଆଇ ମମତା ଶବରଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଥିଲେ ।

## ‘ବୃକ୍ଷ ଜୀବଜଗତକୁ ସଂରକ୍ଷଣ କରେ’



କୋକସରା, (ଭାସ୍କର ନ୍ୟୁଜ୍) : ସଦଗୁରୁଦେ ସ୍ୱାମୀ ସତ୍ୟାନନ୍ଦ ସରସ୍ୱତୀ ମହାରାଜଙ୍କ ପବିତ୍ର ୮୩ତମ ଧରାବତରଣର ପାଞ୍ଚଦିନ ବ୍ୟାପି କାର୍ଯ୍ୟକ୍ରମରେ ଚାରାରୋପଣ ଓ ସତସଙ୍ଗ କନ୍ଦାଗଡ, ଆମପାଣି ଠାରେ ଅନୁଷ୍ଠିତ ହୋଇଯାଇଛି । ସଂଘ ପରିଚାଳକ ପୂଜ୍ୟଶ୍ରୀ ଜଗଦାନନ୍ଦଜୀ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାଞ୍ଚଦିନ ବ୍ୟାପି ବିଭିନ୍ନ ସାମାଜିକ ସେବା ଓଡ଼ିଶା ଓ ଓଡ଼ିଶା ବାହାରେ ୧୦୦୮ବୃକ୍ଷ ରୋପଣ କରି ବଞ୍ଚାଇବା, ଦୃଷ୍ଟି ବାଧିତ ବିଦ୍ୟାଳୟ କୋରାପୁଟ ଓ ବିଭିନ୍ନ ଅନାଥାଶ୍ରମ ଅନ୍ତେବାସୀଙ୍କ ନିତ୍ୟବ୍ୟବହାର୍ଯ୍ୟ ଜିନିଷ ପ୍ରଦାନ, ଶାବର ଶ୍ରୀକ୍ଷେତ୍ରର, ଭୁବନେଶ୍ୱର ଓ ବିଭିନ୍ନ ସ୍ଥାନରେ ଅନ୍ନ ପ୍ରସାଦ ବଣ୍ଟନ, ଡାକ୍ତରଖାନା ମାନଙ୍କରେ ଚିକିତ୍ସିତ ରୋଗୀଙ୍କୁ ଫଳ ବଣ୍ଟନ, ବିଦ୍ୟାର୍ଥୀମାନଙ୍କୁ ପାଠ୍ୟ ଉପକରଣ ବଣ୍ଟନ, ବିଭିନ୍ନ ସ୍ଥାନରେ ଅନ୍ନ, ବସ୍ତ୍ର ସେବା, ଧର୍ମଗଡ଼ ରକ୍ତଦାନ ଶିବିର ଓ ବ୍ୟକ୍ତିଗତ ଭାବରେ ରକ୍ତଦାନ, ଆଧ୍ୟାତ୍ମିକ ପରିକ୍ରମା ଓ ସତସଙ୍ଗ ମାଧ୍ୟମରେ ସାମାଜିକ ସଚେତନତା ଆୟୋଜନ, ଜୟପୁର କାଳୀକୃଷ୍ଣ ମନ୍ଦିରରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର ସଂଘ ପରିଚାଳକ ପୂଜ୍ୟଶ୍ରୀ ଜଗଦାନନ୍ଦଜୀ ମାର୍ଗଦର୍ଶନରେ ଆୟୋଜିତ ପ୍ରତ୍ୟେକ କାର୍ଯ୍ୟକ୍ରମ ସଫଳ ହେବା ପଛରେ ସଦଗୁରୁଦେବ ସତ୍ୟାନନ୍ଦ ସରସ୍ୱତୀ ମହାରାଜ, ବନ୍ଦନୀୟା ଗୁରୁମାତା ସରୋଜିନୀ ଦେବୀ ଓ ଶ୍ରୀ ବଳଦେବାନନ୍ଦଙ୍କର କୃପା ଆଶୀର୍ବାଦରେ ରହିଅଛି । କନ୍ଦାଗଡ ସ୍ଥିତ ମେଳା ଓ ପ୍ରାର୍ଥନା କେନ୍ଦ୍ର ଠାରେ ଦିବ୍ୟ ସତସଙ୍ଗ ମାଧ୍ୟମରେ ପୂଜ୍ୟ ଶ୍ରୀ ଜଗଦାନନ୍ଦଜୀ ମହାରାଜ କହିଥିଲେ: ଚଳିତ ବର୍ଷ କାଳୀକୃଷ୍ଣ ସଂଘ ଓଡିଶା ସହିତି ଭାରତର ବିଭିନ୍ନ ରାଜ୍ୟ ଓ ବିଦେଶରେ ଚାରାରୋପଣ କରି ପରିବେଶ ବଞ୍ଚାଇବା ପାଇଁ ପ୍ରାୟସ କରାଯାଇଛି । ପରିବେଶ ପ୍ରଦୂଷଣ ରୋକିବା ପାଇଁ ଥରେ ବ୍ୟବହାର ପ୍ଲାଷ୍ଟିକ ବ୍ୟବହାର ନକରିବା ପାଇଁ ପରାମର୍ଶ ଦେଇଥିଲେ । ପରେ ପରେ ସ୍ଥାନୀୟ ଶିଶୁ ମନ୍ଦିର ଓ ସିଉନୀ ମାଧ୍ୟମିକ ବିଦ୍ୟାଳୟ ଠାରେ ପୂଜ୍ୟ ଶ୍ରୀ ଜଗଦାନନ୍ଦଜୀ ବୃକ୍ଷରୋପଣ କରି ଛାତ୍ରଛାତ୍ରୀଙ୍କୁ ବୃକ୍ଷର ଉପକାରିତା ସଂପର୍କରେ ଅବଗତ କରାଇଥିଲେ । ଏହି ଅବସରରେ ମିଡିଆ ଜଗତରେ କାଳୀକୃଷ୍ଣ ସଂଘ ଫେସବୁକର ନବବର୍ଷ ପୂରଣର ସଫଳତା ପାଳନ କରାଯାଇଥିଲା । ଉକ୍ତ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ରହିଥିବାବେଳେ କନ୍ଦାଗଡ ଶାଖା ସଂଘର କର୍ମକର୍ତ୍ତା ଓ ଭାଇ ଭଉଣୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଝାଟି, ଚିରାଶାଢ଼ୀ ଦେଉଛି ଛାତ୍ରୀନିବାସକୁ ସୁରକ୍ଷା

- ଅଧା ମୁକୁଳା ପାଚେରୀ
- ଭାଲୁ ଓ ଅସାମାଜିକ ଲୋକଙ୍କ ଭୟରେ ଛାତ୍ରୀ



କୋକସରା, (ଭାସ୍କର ନ୍ୟୁଜ୍) : ବର୍ତ୍ତମାନର ବିଜେପି ସରକାର ସମୟରେ ଛାତ୍ରୀ ଓ ନାରୀମାନେ ସୁରକ୍ଷିତ ରହୁ ନଥିବା ବିରୋଧିଦଳ ଅଭିଯୋଗ ଆଣିଛନ୍ତି । ପ୍ରଶାସନିକ କଳ ଆଗରୁ ସଜାଗ ରହୁ ନଥିବା ତଥା ଦୂରଦୃଷ୍ଟିହୀନତା କାରଣରୁ ଅଘଟଣମାନ ଘଟୁଥିବା କୁହାଯାଉଛି । କୋକସରା ବ୍ଲକର ଆମପାଣିରୁ ଏପରି ଏକ ଚିତ୍ର ସାମ୍ନାକୁ ଆସିଛି । ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ହେଉଛି ଆମପାଣି ସରକାରୀ ଆବାସିକ ବିଦ୍ୟାଳୟ । ଏଠାରେ ଥିବା ଛାତ୍ର ଓ ଛାତ୍ରୀନିବାସର ଅନ୍ତେବାସୀମାନେ ଅସୁରକ୍ଷିତ ଭାବେ ରହୁଥିବା ଅବିଭାବକମାନେ ଅଭିଯୋଗ କରିଛନ୍ତି । ଆମପାଣି ସୀମାନ୍ତ ଜଙ୍ଗଲିଆ ସ୍ଥାନରେ ରହିଥିବା ଏହି ଛାତ୍ରୀନିବାସର ପାଚେରୀ ଅନେକ ଦିନ ହେଲା ଭାଙ୍ଗି ଯାଇଛି, ଯାହାକୁ ମରାମତି କରିବା ଦିଗରେ କୌଣସି ଦୃଷ୍ଟି ଦିଆଯାଉ ନାହିଁ । କିଛି ଚିରାଫଟା ଶାଢ଼ୀ, କାଠି ସାହାଯ୍ୟରେ ଭୁଷୁଡ଼ି ପଡ଼ିଥିବା ପାଚେରୀକୁ ଘୋଡାଇ ଦିଆଯାଇଛି । ଯାହା ଫଳରେ ଦିର୍ଘ ମାସ ହେବ ଅଧ ମୁକୁଳା ହୋଇ ପଡ଼ିରହିଛି । ଅନ୍ୟପଟେ ଜଙ୍ଗଲ ଇଲାକାବର୍ତ୍ତୀ ଅଞ୍ଚଳ ହୋଇଥିବାରୁ ଏଠାରେ ସନ୍ଧ୍ୟା ହେଲେ ଭାଲୁ ଉପଦ୍ରବ ଏକ ସାଧାରଣ କଥା । ତେଣୁ ଛାତ୍ରୀମାନେ ଭୟଭୀତ ଅବସ୍ଥାରେ ରହୁଛନ୍ତି । ଜାତୀୟ ରାଜପଥ ଏବଂ ଘାଟି ଅଞ୍ଚଳ ହୋଇଥିବାରୁ ଅନେକ ଅସାମାଜିକ ଲୋକଙ୍କ ଗତିବିଧି ମଧ ରହୁଛି, ତେଣୁ ପ୍ରତ୍ୟେକ ମୁହୁର୍ତ୍ତରେ ମୁକୁଳା ପାଚେରୀ ଯୋଗୁଁ ଅସାମାଜିକ ଲୋକ ଛାତ୍ରୀନିବାସ ଭିତରକୁ ପଶି ଯିବା ମଧ ଅସମ୍ଭବ ନୁହେଁ । ତେଣୁ କିଛି ଅଘଟଣ ଘଟିବା ପୂର୍ବରୁ ପ୍ରଶାସନ ସଜାଗ ରହିବା ଉଚିତ ବୋଲି ବୁଦ୍ଧିଜୀବୀ ମହଲରୁ ମତ ପ୍ରକାଶ ପାଇଛି । ଏ ବିଷୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ ସାହୁଙ୍କୁ ଫୋନ୍ ଯୋଗେ ପଚାରିବାରୁ ଆମେ ଖରା ଛୁଟି ଆଗରୁ ପାଚେରୀ ଭାଙ୍ଗି ଯାଇଥିବା ନେଇ ଡିଡବ୍ଲୁ ଏବଂ ଟିଆରଡିଙ୍କୁ ବୈଠକରେ ଜଣାଇବା ସହ ଲିଖିତ ଭାବେ ମଧ ଦେଇଥିଲୁ, ସେମାନେ ଯଦି ଦୃଷ୍ଟି ଦେଉ ନାହାନ୍ତି ଆମେ କଣ କରିବୁ, ଆମ କାମ ଜଣେଇବା, ପାଚେରୀ ମରାମତି କରିଦେବୁ କି, ତାହା କଂଟ୍ରାକ୍ଟର କରିବ କହି କଥାକୁ ଅତି ଆହୁକା ଭାବରେ ନେଇ ନିଜର ପ୍ରତିକ୍ରିୟା ରଖିଛନ୍ତି ।

## କୋକୋମୁଣ୍ଡା ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଉକଲୋ କ୍ଲଷ୍ଟର ଅଧୀନରେ ଥିବା କୋକୋମୁଣ୍ଡା ପ୍ରାଥମିକ ବିଦ୍ୟାଳୟର ପ୍ରଦାନ ଶିକ୍ଷୟିତ୍ରୀ ସୁଚିତ୍ରା ଦେଇଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଏକ ଭାବଗମ୍ଭୀର ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଧାନ ଶିକ୍ଷୟିତ୍ରୀ ଦୀପ୍ତିପ୍ରଭା ପାତ୍ର ଏଥିରେ ସଭାପତିତ୍ୱ କରିଥିଲେ ।ଏହି କାର୍ଯ୍ୟକ୍ରମରେ କେସିଙ୍ଗା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସମ୍ପତି ଛୁରା ଏବଂ କେସିଙ୍ଗା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ସୁରେନ୍ଦ୍ର ଦୋରା ଅତିଥି ଭାବେ ଯୋଗଦେଇ ଅବସର ଗ୍ରହଣ କରୁଥିବା ପ୍ରଧାନ ଶିକ୍ଷୟିତ୍ରୀଙ୍କ ଉତ୍ତମ ଗୁଣ, ଛାତ୍ରଛାତ୍ରୀମାନଙ୍କୁ ଭଲପାଇବା ଓ ଶିକ୍ଷାଦାନ ପଦ୍ଧତିର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ସିଆରସିସି ଭୀଷ୍ମରଥି ସାହୁ, ଶୁଭଶ୍ରୀ ମିଶ୍ର, ଗୀତାଞ୍ଜଳି ସାହୁ, ସ୍ୱପ୍ନାମୟୀ କର୍ଷ, ଭୋଦେବ ମାଝୀ, ବିପିନ ମାଝୀ, ମିନତୀ ଲେଙ୍କା, ଭାର୍ଗବୀ ମାଝୀ, ମୋହନ ଭୋଇ, ଲୋଚନ ଭାଟି ପ୍ରମୁଖ ଏହି ବିଦାୟକାଳୀନ ସଭାରେ ଉପସ୍ଥିତ ଥିଲେ ।



## ରାଶିଫଳ

ଗୁରୁବାର, ୨୪ ଜୁଲାଇ ୨୦୨୫



**ମେଷ:** ଚାକିରିରେ କାର୍ଯ୍ୟକୁ ପ୍ରଶଂସା କରାଯିବ । ନୂଆ ଚିନ୍ତାଧାରା ମନକୁ ଆସିବ । ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ । ଛାତ୍ରଛାତ୍ରୀ ଶ୍ରେଣୀ ସଫଳତା ହାସଲ କରିବ । ବ୍ୟବସାୟ ବୃଦ୍ଧି ପାଇବ । ନୂତନ ଆୟର ଉତ୍ସ ମିଳିପାରିବ । ଆଜି ଟଙ୍କା ରହିବ ।



**ବୃଷ:** ମୂଲ୍ୟବାନ ଜିନିଷକୁ ସୁରକ୍ଷିତ ରଖନ୍ତୁ । କାମ କରିବା ଭଳି ଅନୁଭବ କରିବେ ନାହିଁ । ଅନ୍ୟମାନେ ଆପଣଙ୍କଠାରୁ ଅଧିକ ଆଶା କରିବେ । ବ୍ୟବସାୟ ଲାଭଦାୟକ ହେବ । ଦୁଃଖଦ ଖବର ଗ୍ରହଣ କରାଯାଇପାରେ । ବକ୍ତବ୍ୟରେ ହାଲୁକା ଶବ୍ଦ ବ୍ୟବହାର କରିବା ଠାରୁ ଦୂରେଇ ରୁହନ୍ତୁ ।



**ମିଥୁନ:** ତୁମେ ସମ୍ମାନ ପାଇବ । ବ୍ୟବସାୟ ବୃଦ୍ଧି ପାଇବ । ବିନିଯୋଗ ଭଲ ହେବ । ଚାକିରିରେ କାମକୁ ପ୍ରଶଂସା କରାଯିବ । ଦୂରରୁ ସୁସମାଚାର ଗ୍ରହଣ କରାଯିବ । ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ରିସ୍କ ନେବାକୁ ସାହସ କର । ଆୟ ବୃଦ୍ଧି ପାଇବ । ତତ୍ପରତା ନାହିଁ । ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବ । ଉପକୃତ ହେବ ।



**କର୍କଟ:** ଅତିଥିମାନେ ଘରେ ପହଞ୍ଚିବେ । ସୁଖ ଏବଂ ଉତ୍ସାହ ରହିବ । ବ୍ୟବସାୟ ଅନୁକୂଳ ଲାଭ ଦେବ । ଅଳସୁଆମି ରହିବ । ପ୍ରଲୋଭିତ ହୁଅ ନାହିଁ । ବିବେକ ବ୍ୟବହାର କରନ୍ତୁ । ଦୂରରୁ ସୁସମାଚାର ଗ୍ରହଣ କରାଯିବ । ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ରିସ୍କ ନେବାକୁ ସାହସ କର ।



**ସିଂହ:** ଚାକିରିରେ ପ୍ରାଧିକରଣର ବୃଦ୍ଧି ହୋଇପାରେ । ବ୍ୟବସାୟ ଯାତ୍ରା ସଫଳ ହେବ । ବିନିଯୋଗ ଅନୁକୂଳ ହେବ । ଅପ୍ରତ୍ୟାଶିତ ଲାଭ ହୋଇପାରେ । ରୋଜଗାର ପାଇବା ପାଇଁ ପ୍ରୟାସ ସଫଳ ହେବ । ଘର ବାହାରେ ଖୁସିର ପରିବେଶ ରହିବ । କିଛି କାମ ବିଷୟରେ ଚିନ୍ତା ହେବ । ଶାରୀରିକ ଯନ୍ତ୍ରଣା ସମ୍ଭବ ।



**କନ୍ୟା:** ବ୍ୟବସାୟ ଭଲ କରିବ । ଆୟରେ ନିଶ୍ଚିତତା ରହିବ । ଅପ୍ରତ୍ୟାଶିତ ଖର୍ଚ୍ଚ ଆସିବ । ବିବାଦ ଆତ୍ମ ସମ୍ମାନକୁ କ୍ଷତି ପହଞ୍ଚାଇପାରେ । ଏକ ପୁରୁଣା ରୋଗ ପୁନର୍ବାର ହୋଇପାରେ । ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ ।



**ତୁଳା:** ବ୍ୟବସାୟ ଯାତ୍ରା ସଫଳ ହେବ । ଲାଭ ସୁଯୋଗ ଆସିବ । ବ୍ୟବସାୟ ଲାଭଦାୟକ ହେବ । ଚାକିରିରେ ସୁସଙ୍ଗତତା ରହିବ । ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ । କିଛି ମହତ୍ କାର୍ଯ୍ୟ କରିବାକୁ ଇଚ୍ଛା ଜାଗ୍ରତ ହେବ । ଚିନ୍ତା ଏବଂ ଟେନସନ ରହିବ । ପ୍ରଲୋଭିତ ହୁଅ ନାହିଁ । ଦେୟ ପୁନରୁଦ୍ଧାର ପାଇଁ ପ୍ରୟାସ ସଫଳ ହେବ ।



**ବିଛା:** ତୁମେ ସମ୍ମାନ ପାଇବ । ନୂତନ ଆୟର ଉତ୍ସ ମିଳିପାରିବ । ବ୍ୟବସାୟରେ ଅନୁକୂଳ ଲାଭ ହେବ । ସେୟାର ବଜାର ଏବଂ ମ୍ୟୁଚୁଆଲ୍ ଫଣ୍ଡ ଇତ୍ୟାଦିରୁ ଲାଭ ହେବ । ଏକ ନୂତନ ଯୋଜନା ପ୍ରସ୍ତୁତ ହେବ । ସିଷ୍ଟମ୍ ଉନ୍ନତି କରିବ । ପ୍ରେମ କାର୍ଯ୍ୟରେ ତତ୍ପର ହୁଅନ୍ତୁ ନାହିଁ । ଥକ୍କା ଲାଗିବ । କିଛି କାମ ବିଷୟରେ ଚିନ୍ତା କର ।



**ଧନୁ:** ଲାଭ ପାଇଁ ସୁଯୋଗ ଆସିବ । ବ୍ୟବସାୟ ଲାଭଦାୟକ ହେବ । ପରିବାର ସହାୟତା ଉପଲବ୍ଧ ହେବ । ଘର ବାହାରେ ସୁଖ ମିଳିବ । ଅନ୍ୟମାନଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରନ୍ତୁ ନାହିଁ । ଧାର୍ମିକ କାର୍ଯ୍ୟକଳାପରେ ଆଗ୍ରହ ରହିବ । କୋର୍ଟ ଏବଂ କୋର୍ଟ କାର୍ଯ୍ୟ ଅନୁକୂଳ ଲାଭ ଦେବ । କୌଣସି ବଡ କାମର ବାଧା ଦୂର ହେବ ।



**ମକର:** ହସ ଏବଂ ଥଟ୍ଟାରେ ହାଲୁକା ହୁଅ ନାହିଁ, ଯତ୍ନ ନିଅ । ମୂଲ୍ୟବାନ ସାମଗ୍ରୀ ମିଳିବ, ସେଗୁଡିକ ସୁରକ୍ଷିତ ରଖ । ବ୍ୟବସାୟ ଭଲ ହେବ । ଆୟରେ ନିଶ୍ଚିତତା ରହିବ । ଭ୍ରମଣ କରିବାକୁ ତତ୍ପର ହୁଅନ୍ତୁ ନାହିଁ । ଶାରୀରିକ ଯନ୍ତ୍ରଣା ସମ୍ଭବ । ଏକ ପୁରୁଣା ରୋଗ ପୁନର୍ବାର ହୋଇପାରେ । ଯାନ ଏବଂ ଯନ୍ତ୍ରର ବ୍ୟବହାରରେ ସତର୍କ ରୁହନ୍ତୁ ।



**କୁମ୍ଭ:** ବ୍ୟବସାୟ ଭଲ ରହିବ । ଚାକିରିରେ ଶାନ୍ତି ରହିବ । ଯାତ୍ରା ଉପଭୋଗ୍ୟ ହେବ । ପ୍ରେମ ସଂପର୍କରେ ସୁସଙ୍ଗତତା ରହିବ । ରାଜନୈତିକ ପ୍ରତିବନ୍ଧକକୁ ହଟାଇ ପରିସ୍ଥିତି ଅନୁକୂଳ ହେବ । ଘର ବାହାରେ ସୁଖ ମିଳିବ । ଟଙ୍କା ନଷ୍ଟ ହେବାର ସମ୍ଭାବନା ଅଛି । କାରବାରକୁ ଶୀଘ୍ର କର ନାହିଁ । ଥକ୍କା ଏବଂ ଦୁର୍ବଳତା ହୋଇପାରେ ।



**ମୀନ:** ଆୟର ନୂତନ ଉତ୍ସ ମିଳିପାରିବ । ପଦୋନ୍ନତି ପାଇଁ ପ୍ରୟାସ ସଫଳ ହେବ । ଜୀବନ ଖୁସି ହେବ । ଘର ବାହାରେ ସୁଖ ମିଳିବ । ସ୍ଥାୟୀ ସମ୍ପତ୍ତି କାର୍ଯ୍ୟ ବିପୁଳ ଲାଭ ଦେଇପାରେ । ରୋଜଗାର ବୃଦ୍ଧି ପାଇବ । ସ୍ୱାସ୍ଥ୍ୟରେ ଆରାମ ମିଳିବ । ଚିନ୍ତା ଦୂର ହେବ । ଚାକିରି ସ୍ଥିତି ବୃଦ୍ଧି ପାଇବ ।



ପ୍ରସ୍ତୁତି


ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯